# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୨୬/୨୦୨୩ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 26/2023 | Page 20 ₹ 7.00 | SAMBALPUR

୫୦ଶ ଭାଗ ୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 3 | ମୂଲ୍ୟ ₹୭/-






**Carens**
From a different world

Take all the great things the Kia Carens has to offer and get ready to be transported to a different world. Right from the Xclusive Matte Graphite Exterior to the Space-age Cockpit with Sage Green Upholstery, Walk-in Lever and Rear Seat Entertainment Screen, the Carens X-Line is crafted to immerse you into a different world of style and comfort.

**Stylish matte graphite exterior and black glossy grille**




make you stand out in the world.

**G1.5 Turbo Petrol engine with 117.5 kW (160 ps) power**




delivers unmatched power for all your family trips.

**Rear seat entertainment screen and walk-in lever**




give the freedom to choose your entertainment and adjust your space.

**Futuristic interiors with spacious 3-rows and comfortable captain seats**




offer more legroom and comfort, which is class-leading.

**Kia Connect# skill with Amazon Alexa**




lets you control your Kia from the comfort of your home.

**Robust 15 Hi-Safety Package**
STANDARD ACROSS ALL VARIANTS

6 Airbags, ESC (Electronic Stability Control), VSM (Vehicle Stability Management), BAS (Brake Assist), HAC (Hill-start Assist Control), DBC (Downhill Brake Control), ABS (Anti-lock Brake System), All Wheel Disc Brakes, Highline Tyre Pressure Monitoring System, Rear Parking Sensors, ISOFIX Child Anchor, High Mount Stop Lamp with Emergency Stop Signal, All Seat 3-point Seat Belts with Reminder, Speed Sensing Door Lock and Impact Sensing Door Unlock

**Kia Service**
Connected • Adaptive • Responsive • Engage

| 3 Years Unlimited Km Warranty | Extended Warranty Up to 5 Years | My Convenience Plus Best-in-class Cost of Ownership^ | IoT Based Smart Services^^ | 24x7 \| 3 Years Nationwide RSA** |
|---|---|---|---|---|

**Book Now** | **Call** 1800 108 5000 | 093195 91407 | Look for "Kia India" @ | **Visit** www.kia.com/in | Book Kia Carens

T&C Apply. *Ex-showroom price all India. The product shown is for representation purpose only. Actual features, color and specifications as shown may not be part of standard fitment and may vary. The color shown is subject to availability and may not be available across all variants and may slightly differ from those shown in the ad. Class is defined as 3-row seater car with overall length less than 4 550 mm & height more than 1 680 mm. ^Computed cumulatively with all benefits from comprehensive coverage. ^^IOT based workshops for live vehicle tracking for digital experience.**RSA Coverage across India except Andaman & Nicobar Islands and Lakshadweep Visit your nearest Kia dealership for more details. #Kia Connect comes with 3-year free subscription. Amazon Alexa device is not a standard car accessory and the customer needs to purchase from a third party. Kia Connect skill features may vary depending on the variant, device compatibility, software and network availability both in the vehicle and Alexa device. Kia Connect skill is only available in India and can be interacted with in English and Hindi. Smartwatch and mobile phone are not provided with the vehicle. Kia India Pvt. Ltd. (Formerly known as Kia Motors India Pvt. Ltd.) reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads. No liability accepted for errors and printing errors.

**FOR INFORMATION CONTACT: SAMBALPUR: CENTRAL KIA,** PH: 7440004263, **ROURKELA: KRISHNA KIA,** PH: 7852941115, **BALASORE: BASANTI KIA,** PH: 7077732182, **BHUBANESHWAR: CENTRAL KIA,** PAHAL, PH: 7440004288, **TRUPTI KIA,** PATRAPADA, PH: 7064414001/7064414004/ 7064414005, **ANGUL: CENTRAL KIA,** PH: 7440002918

INNOCEAN-078/22

SAGARMALA
PORT-LED PROSPERITY

Ministry of Ports, Shipping & Waterways
Government of India

PM GatiShakti
National Master Plan for Multi-Modal Connectivity

G20

# PARADIP PORT AUTHORITY CELEBRATES THE GLORIOUS JOURNEY OF ODISHA'S MARITIME HERITAGE

ON

# BOITA BANDANA UTSAV

## PORT DAY-2023

**27th November 2023 (Monday) at 10 AM**



**Chief Guest**

## Smt. Droupadi Murmu
Hon'ble President of India

**Guest of Honour**

### Shri Raghubar Das
Hon'ble Governor of Odisha

**In august presence of**

**Shri Shripad Yesso Naik**
Hon'ble Minister of State for Ports, Shipping and Waterways & Tourism, Govt. of India

**Shri Bishweswar Tudu**
Hon'ble Union Minister of State for Tribal Affairs and Jal Shakti

**Shri Shantanu Thakur**
Hon'ble Minister of State for Ports, Shipping and Waterways Govt. of India

**Smt. Tukuni Sahu**
Hon'ble Minister of Water Resources Commerce & Transport Govt. of Odisha

**Dr. Rajashree Mallick**
Hon'ble Member of Parliament Lok Sabha, Jagatsinghpur

**Shri Sambit Routray**
Hon'ble Member of Legislative Assembly, Paradip

**Venue: Paradip Port, Paradip**



ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର,ରବିବାର, ନଭେମ୍ବର ୨୬/୨୦୨୩ | Bhubaneswar, Sunday, November 26/2023 

# ପ୍ରେମିକାଙ୍କୁ ୩୧ ଖଣ୍ଡ

- ମାଟି ତଳୁ ମିଳିଲା ଯୁବତୀଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ
- ବିବାହିତ ପ୍ରେମିକ, ତାଙ୍କ ସ୍ତ୍ରୀ ଅଟକ

**ବିବାହିତ ପୁରୁଷ, ୫ ସନ୍ତାନଙ୍କ ଜନକ। ୨ ବର୍ଷ ହେଲା ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ତାଙ୍କ ସ୍ତ୍ରୀ ଏହା ଜାଣିବା ପରେ ଘରେ ଝଗଡ଼ା ହେଉଥିଲା। ଶେଷରେ ସ୍ତ୍ରୀଙ୍କ ସହ ମିଶି ପ୍ରେମିକାଙ୍କୁ ହତ୍ୟା କଲେ। ପରେ ତାଙ୍କ ମୃତଦେହକୁ ୩୧ ଖଣ୍ଡ କରି ଜଙ୍ଗଲରେ ପୋତିଦେଲେ। ନବରଙ୍ଗପୁର ଜିଲା ରାଇଘର ଥାନା ପୋଲିସ ବାଘବେଢ଼ା ଗ୍ରାମର ତିଲା ଗଣ୍ଡ ନିଖୋଜ ମାମଲାର ତଦନ୍ତ କରି ଶନିବାର ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆଣିଛି। ୨୦୨୨ରେ ଅଫ୍‌ତାଫ୍ ପୁନାୱାଲା ତାଙ୍କ ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧା ୱାଲକରଙ୍କୁ ତଣ୍ଟିଚିପି ହତ୍ୟା ପରେ ୩୫ ଖଣ୍ଡ କରିବା ସହ ଦିଲ୍ଲୀର ମେହରୁଲି ଜଙ୍ଗଲରେ ଫୋପାଡ଼ି ଦେବା ଭଳି ବର୍ବରତାକୁ ସଦ୍ୟ ଘଟଣା ମନେପକାଇ ଦେଉଛି।**

ନବରଙ୍ଗପୁର/ରାଇଘର,୨୫।୧୧
(ସଦାଶିବ ପ୍ରହରାଜ/କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ମୃତଦେହ ଶନିବାର ମାଟିତଳୁ


ମୃତ ତିଲା ଗଣ୍ଡ

ପୋଲିସ ଜବତ କରିଛି। ଯୁବତୀ ଜଣକ ହେଲେ ବାଗବେଢ଼ା ଗ୍ରାମର ତିଲା ଗଣ୍ଡ (୨୨)। ତିଲା ବୁଧବାର ଅପରାହ୍ନରେ ବାହାରେ କାମ ଥିବା କହି ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଇତିମଧ୍ୟରେ ଶନିବାର ମୁରୁମଡ଼ିହି ଜଙ୍ଗଲରେ ରକ୍ତଛିଟା ଦେଖି କେତେଜଣ ଲୋକ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତିଲାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାଇଘର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଜଙ୍ଗଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମାଟି ତଳୁ ତିଲାଙ୍କ ମୃତଦେହର ଖଣ୍ଡବିଖଣ୍ଡିତ ଅଂଶ ପୋଲିସ ଜବତ କରିଥିଲା। ଘଟଣାସ୍ଥଳରୁ କଟୁରି, କାଠଖଣ୍ଡ ଓ ଶାଢ଼ି ମଧ୍ୟ ଜବତ କରାଯାଇଥିବା ପୋଲିସ କହିଛି। ନମ୍ବର ୨୦୬/୨୩ରେ ମାମଲା ରୁଜୁକରି ତଦନ୍ତ ଚଳାଇବା ସହ ପ୍ରେମିକ ଚନ୍ଦ୍ର ରାଉତ ଓ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ତଦନ୍ତରୁ ଜାଣିବାକୁ ☞ପୃଷ୍ଠା-୨

# ଆଜି ଓଡ଼ିଶା ଆସିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୫।୧୧(ପି.ଟି.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ଭବନ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ସୋମବାର ରାଷ୍ଟ୍ରପତି ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବାକୁ ଥିବାବେଳେ ଭର୍ଚୁଆଲି ସେ ଏକ ମଲ୍ଟି-ମଡେଲ୍ ଲଜିଷ୍ଟିକ୍ସ ପାର୍କ ଉଦ୍‌ଘାଟନ କରିବେ। ଏଥିସହିତ ରାଷ୍ଟ୍ରପତି ପାରାଦୀପ ସହର ପାଇଁ ଏକ ନୂଆ ରିଜର୍ଭୟର ଏବଂ ଜଳ ବିଶୋଧନ ପ୍ଲାଣ୍ଟର ଶିଳାନ୍ୟାସ କରିବେ। ପରବର୍ତ୍ତୀ ପିଢ଼ିର ଜାହାଜ ଟ୍ରାଫିକ୍ ପରିଚାଳନା ଏବଂ ସୂଚନା ସିଷ୍ଟମକୁ ମଧ୍ୟ ରାଷ୍ଟ୍ରପତି ଶିଳାନ୍ୟାସ କରିବେ ବୋଲି ରାଷ୍ଟ୍ରପତି ଭବନ ସୂତ୍ରରୁ କୁହାଯାଇଛି। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ପାରାଦୀପର ମତ୍ସ୍ୟଜୀବୀମାନଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

## କୋଚି ବିଶ୍ୱବିଦ୍ୟାଳୟରେ ଦଳାଚକଟା: ୪ ମୃତ, ୬୦ ଆହତ

କୋଚି,୨୫।୧୧

କେରଳର କୋଚି ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ସିୟୁଏସ୍‌ଏଟି) ପରିସରରେ ଶନିବାର ଏକ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ପ୍ରବଳ ଗହଳି ଯୋଗୁ ଦଳାଚକଟା ହୋଇଛି। ଏଥିରେ ୪ ଜଣ ଛାତ୍ର ପ୍ରାଣ ହରାଇଥିବାବେଳେ ୬୦ ଆହତ ହୋଇଥିବା ଜଣାପଡ଼ିଛି। ଟେକ୍ ଫେଷ୍ଟ ଅବସରରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ସୀମା ପୁନଃ ନିର୍ଦ୍ଧାରଣ କେବେ

# ଘାଟିରେ ଓଲଟିଲା ଟିପ୍ପର: ୬ ମୃତ

## ୭ ଶ୍ରମିକ ଗୁରୁତର

**ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଲେଖାଏ ସହାୟତା**

ଚିତ୍ରକୋଣ୍ଡା/ମାଲକାନଗିରି/ଭୁବନେଶ୍ୱର, ୨୫।୧୧(କ୍ଷୀରୋଦ ବେହେରା/ ଦୁର୍ଯ୍ୟୋଧନ ପାତ୍ର/ଅନିଲ ଦାସ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ହନ୍ତାଳଗୁଡ଼ା ଘାଟିରେ ଶନିବାର ଏକ ସିମେଣ୍ଟ ବୋଝେଇ ଟିପ୍ପର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୬ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ମୋତିଗାଁର ସୁନାଧର ଭତ୍ରା(୩୫), ପୂର୍ଣ୍ଣ ଭତ୍ରା(୨୭),ଜୀବର୍ଦ୍ଧନ ଭତ୍ରା(୨୨), ସୁନାଧର ଭତ୍ରା(୨୫), ପୁଲସିଙ୍ଗ ଭତ୍ରା(୨୭) ଓ ଦୁର୍ଯ୍ୟୋଧନ ଭତ୍ରା(୨୫)।

ସ୍ୱାଭିମାନ ଅଞ୍ଚଳରେ ପ୍ରମୋଦ ସ୍ୱାଇଁ ନାମକ ଜଣେ ଠିକାଦାରଙ୍କର ପୋଲ କାମ ପାଇଁ ଏକ ଟିପ୍ପର ସିମେଣ୍ଟ ଓ ରଡ୍ ବୋଝେଇ କରି ହନ୍ତାଳଗୁଡ଼ା ଘାଟି ଦେଇ ଯାଉଥିବାବେଳେ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ୍ ☞ପୃଷ୍ଠା-୨

# ରାୟଗଡ଼ାରେ ଗଡ଼ିଲା 'ଲକ୍ଷ୍ମୀ'

## ୧୮୨ ପଞ୍ଚାୟତକୁ ଯୋଡ଼ିବ ୫୨ ବସ୍


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରୁଛନ୍ତି। ନିକଟରେ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ୍ ଉପସ୍ଥିତ।

ଭୁବନେଶ୍ୱର/ରାୟଗଡ଼ା,୨୫।୧୧
(ଅନୀଲ ଦାସ/ ଆଶିଷ ରଞ୍ଜନ ପଣ୍ଡା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାୟଗଡ଼ା ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଜିଲାରେ ୫୨ଟି ବସ୍ ୧୮୨ ପଞ୍ଚାୟତକୁ ଚାଲିବ। ଏଥିପାଇଁ ୩୦୦ ବସ୍ ଷ୍ଟପେଜ ମଧ୍ୟ କରାଯାଇଛି। ଅନ୍‌ଲାଇନ ଜରିଆରେ କାର୍ଯ୍ୟକ୍ରମ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ଘରେ ଘରେ ଖୁସି ଓ ଆନନ୍ଦ ଆଣିବ। ଏହା ଗ୍ରାମାଞ୍ଚଳର ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆଣିବ। ଗାଁ ଲୋକଙ୍କ ଜୀବନରେ ଗତି ଓ ପ୍ରଗତି ଆଣିବ। ମୋ ପାଇଁ ଲୋକଙ୍କ ମତାମତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ବସ୍ ସେବା ଗାଁକୁ ଗାଁ ସହିତ ଯୋଡ଼ିବ। ସାମାଜିକ ସମ୍ପର୍କ ସୁଦୃଢ଼ କରିବା ସହିତ ଗ୍ରାମାଞ୍ଚଳର ଅର୍ଥନୀତିକୁ ମଧ୍ୟ ମଜଭୁତ କରିବ। ଲକ୍ଷ୍ମୀ ବସ୍ ପିଲାମାନଙ୍କୁ ସ୍କୁଲ ଓ କଲେଜ ସହିତ, ଚାଷୀଙ୍କୁ ମାର୍କେଟ ସହ ଯୋଡ଼ିବା ସହିତ ରୋଗୀକୁ ହସ୍ପିଟାଲ ମଧ୍ୟ ନେବ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ପର୍ଯ୍ୟଟନ ତଥା ଆଞ୍ଚଳିକ ଆର୍ଥିକ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବ।

## ପଞ୍ଚାୟତ ଆମ ବିକାଶ କାର୍ଯ୍ୟକ୍ରମର ମୁଖ୍ୟ ଫୋକସ୍: ମୁଖ୍ୟମନ୍ତ୍ରୀ

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାରେ ୯୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୨୬୦୦ରୁ ଅଧିକ ପ୍ରକଳ୍ପ କରାଯାଉଛି। ପଞ୍ଚାୟତଗୁଡ଼ିକ ହେଉଛି ବିକାଶ କାର୍ଯ୍ୟକ୍ରମର ମୁଖ୍ୟ ଫୋକସ୍। ସବୁ ପଞ୍ଚାୟତରେ ରୂପାନ୍ତର ଆଣି ସାରା ଓଡ଼ିଶାର ରୂପାନ୍ତର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ରାୟଗଡ଼ାରେ ଲକ୍ଷ୍ମୀ ବସ ଯୋଜନା ଆରମ୍ଭ କରି ଘରେ ଘରେ ଲକ୍ଷ୍ମୀ ପହଞ୍ଚାଇଛନ୍ତି। ଆଜି ଓଡ଼ିଶାରେ ନାରୀମାନେ ସବୁ କ୍ଷେତ୍ରରେ ଆଗରେ ରହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଓଡ଼ିଶାରେ ନାରୀ ସଶକ୍ତୀକରଣ ହୋଇପାରିଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ☞ପୃଷ୍ଠା-୨



**ମହୁମାଛି ଆକ୍ରମଣରେ ବାପ-ପୁଅ ଗୁରୁତର**

ଘସିପୁରା,୨୫।୧୧(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ସରେଇଁ ଗ୍ରାମରେ ମହୁମାଛି ଆକ୍ରମଣରେ ବାପ, ପୁଅ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ଗ୍ରାମର ଧରିଆ ସାହୁ ଓ ପୁଅ ସୁରେନ୍ଦ୍ର। ଧାନ କାଟିବାକୁ ନିଜ ଚାଷ ଜମିକୁ ଆସିବା ସମୟରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥାଉ ମାନ,**
**ଯାଉ ଧନ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନ ସମ୍ମାନ। ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ।ଏହାକୁ ଯିଏ ଥରେ ହରାଏ ସିଏ ଆଉ ତାହା ଫେରିପାଏନା। ଧନସମ୍ପି ଥରେ ଚାଲିଗଲେ ତାହା ହୁଏତ ଫେରି ଆସିବାର ସମ୍ଭାବନା ରହିଥାଏ, କିନ୍ତୁ ମାନସମ୍ମାନ ପୁନଶ୍ଚ ଫେରି ଆସି ନ ଥାଏ। ମାନସମ୍ମାନ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ।ତେଣୁ ଏଥି ପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଥାଉ ଚିରାକନା ଯାଉ ମାଠ;**
**ଏଥିପାଇଁ କିଆଁ କାଠ କାଠ।**

ମଣିଷର ଆଭିଜାତ୍ୟ ଟିକିଏ ବଞ୍ଚି ରହିଲେ ସିଏ ସେଇ ଅନୁଭବରେ ହିଁ ଆନନ୍ଦ ପାଇଥାଏ। ଚଳନ୍ତି ବହୁ ମୂଲ୍ୟର ସାମଗ୍ରୀ ସେଇ ସେତକ ଆନନ୍ଦ ତୁଳନାରେ କିଛି ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମସ୍ଥ ବୁଧ ଓ ମଙ୍ଗଳଜନିତ ଭ୍ରାତୃ ବିରୋଧ, ପାରିବାରିକ ସମସ୍ୟା, ସହକର୍ମୀଙ୍କ ସହ ଝଗଡ଼ା ବିଷୟକୁ ନେଇ ଚିନ୍ତିତ ରହିବେ। ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ।

**ବୃଷ** ନୀଚସ୍ଥ ରାଶ୍ୟାଧିପ କାରଣରୁ ଘର ସକାଶେ, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ପ୍ରଶାସନ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ରାଜନୀତି, ଆଇନ ଓ ଅଦାଲତ କ୍ଷେତ୍ରରେ ଦୃଢ଼ ସମର୍ଥନ ଅବ୍ୟାହତ ଯୋଗୁ ଆଗେଇ ଯିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇ ପାରନ୍ତି।

**ମିଥୁନ** ପାପଯୁକ୍ତ ଚନ୍ଦ୍ର ହେତୁ ମାନସିକ ବ୍ୟସ୍ତତା କାରଣରୁ କୌଣସି କାମ ଶୃଙ୍ଖଳିତ ହୋଇପାରିବ ନାହିଁ। ଯାହାକିଛି ବିଚାର କରିବେ, ତାହା ଶେଷ ସମୟରେ ଓଲଟପାଲଟ ହୋଇଯିବ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିପାରନ୍ତି। କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମମାନଙ୍କରେ ଉପଯୁକ୍ତ ଭାବେ ଫଳ ପାଇପାରନ୍ତି।

**କର୍କଟ** ଗୁରୁଚାଣ୍ଡାଳ ଯୋଗ ହେତୁ କର୍ମକ୍ଷେତ୍ରରେ ସତର୍କରେ କାମ କରନ୍ତୁ। ପାରିବାରିକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ରହିଲେ ପରିସ୍ଥିତି ବଦଳିଯିବ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ବାଣିଜ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି କରିବେ। ବନ୍ଧୁ ମେଳରେ ଅପ୍ରିୟ ସତ କହି ବିରୋଧୀ ହେବେ।

**ସିଂହ** ଆଜି ଚତୁର୍ଥସ୍ଥ ଧନାଧିପ କାରଣରୁ ଅର୍ଥଲାଭର ଯୋଗ ରହିଛି, ଅବଶ୍ୟ ଏହା ଆପଣଙ୍କର ବହୁତ ପୂର୍ବରୁ ହିଁ ପାଇବାର ଥିଲା। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। କର୍ମକ୍ଷେତ୍ରରେ ଅପରାହ୍ନ ସମୟରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ।

**କନ୍ୟା** ପାପପ୍ରଭାବ ଯୁକ୍ତ ଗୁରୁ ଯୋଗୁ ଆପଣଙ୍କ ପାରିବାରିକ କ୍ଷେତ୍ରକୁ ପଡ଼ୋଶୀମାନେ ସମସ୍ୟା ବହୁଳ କରିପାରନ୍ତି। ଯାନବାହନରେ ସତର୍କ ରହିବା ଭଲ ନଚେତ୍ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ପିଲାଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିବେ। ବନ୍ଧୁମାନଙ୍କ ସହ ଦୀର୍ଘ ଦିନରୁ ଭାଙ୍ଗି ଥିବା ଅମେଳ ପୁଣି ଯୋଡ଼ି ହୋଇଯିବ।

**ତୁଳା** ଦ୍ୱିତୀୟସ୍ଥ ମଙ୍ଗଳ ଓ ବୁଧ ହେତୁ କାହାର ମିଠା କଥାରେ ଭାସିଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁ ସ୍ୱରୂପ ହୋଇପାରେ। ବନ୍ଧୁଙ୍କ ପ୍ରାୟୋଜିତ ଚକ୍ରାନ୍ତ କର୍ମକ୍ଷେତ୍ରରେ ଆତଙ୍କିତ କରିପାରେ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟହାନି ଘଟିବାର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ବିଛା** ସ୍ୱଗୃହୀ ମଙ୍ଗଳଜନିତ ଆପଣଙ୍କ ପ୍ରତ୍ୟେକ ଅଭାବନୀୟ ପରିସ୍ଥିତି ଆଜିହିଁ ସୁଧୁରିଯିବ। ଲେଖାପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** ରାହୁଯୁକ୍ତ ବୃହସ୍ପତି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ ବିଷାଦିତ କରିପାରେ। ଆପଣଙ୍କ ଲୋକପ୍ରିୟତା ପଡ଼ୋଶୀଙ୍କ ଈର୍ଷାପରାୟଣତାକୁ ବୃଦ୍ଧି କରିବ। କେତେକ ନୂତନ କାମର ପରିକଳ୍ପନା କରିବେ, କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**ମକର** ଆଜି ଶନିଙ୍କ ଦୃଷ୍ଟି ପ୍ରଭାବରେ ପାରିବାରିକ ସ୍ତରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ଆଶା ରହିଛି। ଅର୍ଥ ସମ୍ପର୍କିତ ଆଲୋଚନାରେ ଟେନସନ୍ କିଛି ମାତ୍ରାରେ କମିଯିବ। ହଠାତ୍ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ** ସ୍ୱଗୃହୀ ଶନି ହେତୁ ପ୍ରତ୍ୟେକ ଦିଗରୁ ଆଜି ଦିନଟି ଭଲ। ପ୍ରତି କ୍ଷେତ୍ରରେ ଜୟଯୁକ୍ତ ହେବେ। ପିଲାଙ୍କର କିଛି ସମସ୍ୟା ମନକୁ ବିଚଳିତ କରିବାର ଆଶଙ୍କା ଦେଖାଦେବ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ପଡ଼ି କଠିନ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ଭୁଲ୍ ବୁଝାମଣାଜନିତ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**ମୀନ** ଆଜି ସକାଳୁ ସକାଳୁ ବନ୍ଧୁ କିମ୍ବା ପରିଜନଙ୍କ ସହିତ ଭ୍ରମଣ କରିପାରନ୍ତି। କିନ୍ତୁ ରେବତୀ ନକ୍ଷତ୍ର କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇ ପାରନ୍ତି। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରି ଦେଇ ପାରନ୍ତି। କୋର୍ଟ କାମ ସୁରୁଖୁରୁରେ ହେବ।

ଆଜି କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା ରବିବାର, ଶ୍ରୀମନ୍ଦିରରେ ଡାଳକିଆ ବେଶ, କେଦାର ବ୍ରତ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ନଭେମ୍ବର ୨୬ ତାରିଖ, ରାଶିନକ୍ଷତ୍ର–ଦ୍ୱିଜା/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୪୯ ଗତେ ଘ.୦୯।୦୦ ମଧ୍ୟେ, ଘ.୧୨।୫୫ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୦ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।




ଭୁବନେଶ୍ୱରସ୍ଥିତ ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟରେ ଶନିବାର ଆୟୋଜିତ ୬ଷ୍ଠ ସମାବର୍ତ୍ତନ ଉତ୍ସବରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରାଯାଉଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବାଲୁକା କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଟ୍ଟନାୟକଙ୍କୁ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷା ଜୟଶ୍ରୀ ମୋହତା ଏହି ଉପାଧି ଦେଉଛନ୍ତି।

# ୨ ଦିନ ପରେ ମିଳିଲା ମୃତଦେହ

### ପଶ୍ଚିମବଙ୍ଗ ଛାତ୍ର ନଦୀରେ ପଡ଼ି ନିଖୋଜ ଘଟଣା

ବଡ଼ବିଲ, ୨୫।୧୧ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଲାଣୀ ଥାନା ଅଧୀନ ପୁଣ୍ଡୁଲ ଜଳପ୍ରପାତରେ ସେଲ୍ଫି ନେବା ବେଳେ ନଦୀକୁ ଖସିପଡ଼ି ନିଖୋଜ ଥିବା ପଶ୍ଚିମବଙ୍ଗ ଛାତ୍ରଙ୍କ ମୃତଦେହ ଶନିବାର ଜବତ ହୋଇଛି। ଷ୍ଟଡିଟୁର୍‌ରେ ଆସିଥିବା ଦୁଇଜଣ ଛାତ୍ର ନଦୀରେ ବୁଡିଯାଇଥିବା ବେଳେ ଜଣଙ୍କୁ ଉପସ୍ଥିତ ଲୋକେ ଉଦ୍ଧାର କରିଥିଲେ। ମୃତ ଛାତ୍ର ହେଲେ ପଶ୍ଚିମବଙ୍ଗ କୋଲକାତାସ୍ଥିତ ହୁଗୁଳି ଆରାମବାଗ ଅଞ୍ଚଳର ତାରାଶଙ୍କର ସରକାର(୨୩)। ସୂଚନା ଅନୁଯାୟୀ, ଗତ ବୁଧବାର କୋଲକାତାସ୍ଥିତ ଆଶୁତୋଷ କଲେଜର ପରିବେଶ ବିଜ୍ଞାନ ସ୍ନାତକୋତ୍ତର ବିଭାଗରୁ ୩୮ ଛାତ୍ରଙ୍କ ସହ ୫ ଜଣ ଅଧ୍ୟାପକ ଷ୍ଟଡିଟୁରରେ କେନ୍ଦୁଝର ଆସିଥିଲେ। ଗୁରୁବାର ବଲାଣୀ ଥାନା କୋହ୍ଲପାଣ୍ଡୁଲିସ୍ଥିତ ପୁଣ୍ଡୁଲ ଜଳପ୍ରପାତ ଦେଖିବାକୁ ଯାଇଥିଲେ। ଜଳପ୍ରପାତ ନିକଟରେ ତାରାଶଙ୍କର ଓ ନୀଲାବ ଜୀ ହାତ ଧରାଧରି ହୋଇ ସେଲ୍ଫି ନେବାବେଳେ ଗୋଡ଼ ଖସିଯାଇଥିଲା। ଫଳରେ ଉଭୟ ନଦୀଗର୍ଭକୁ ଖସିପଡ଼ିଥିଲେ। ଗାଡ଼ି ଚାଳକମାନେ ଜଣଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। ତାରାଶଙ୍କରଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ବଲାଣୀ ପୋଲିସ, ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଓଡ୍ରାଫ୍ ଟିମ୍।

# ପର୍ଯ୍ୟଟକଙ୍କ କାର୍‌କୁ ଧକ୍କା ଦେଲା ଟ୍ରକ୍

### ୨ ଶିଶୁ ସମେତ ୬ ଗୁରୁତର

ପାଟଣା, ୨୫।୧୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ୨୨୦ ନମ୍ବର ଜାତୀୟ ରାଜପଥର ଧାନବେଣୀ ସ୍କୁଲ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍‌କୁ ମିନିଟ୍ରକ୍ ସମ୍ମୁଖରୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାର୍‌ରେ ଥିବା ୨ପରିବାରର ୬ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ୩ ଶିଶୁଥିବା ଜଣାପଡ଼ିଛି। ଗୁରୁତରମାନେ ଖୋର୍ଦ୍ଧା ଅଞ୍ଚଳର ଆଦ୍ୟାରଶ୍ମି ରାଉତ(୪୫) ଓ ତାଙ୍କ ଝିଅ ଭାବ୍ୟା ପାଇକରାୟ(୩), ଭଦ୍ରକ କୁପାରୀର ଅତୁଲ୍ୟ ମହାପାତ୍ର (୪୫), ତାଙ୍କ ସ୍ତ୍ରୀ ନମିତା ମହାପାତ୍ର (୩୫), ଝିଅ ଅନନ୍ୟା ମହାପାତ୍ର(୫), ଏ. ମହାପାତ୍ର (୧୨)। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଅଞ୍ଚଳର ଅମୂଲ୍ୟ ପାଇକରାୟଙ୍କ ସ୍ତ୍ରୀ ଆଦ୍ୟାରଶ୍ମି ରାଉତ ବର୍ଦ୍ଧମାନରେ ରେଲ୍‌ୱେରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ଆଦ୍ୟାରଶ୍ମିଙ୍କ ଭାଉଜ ନମିତା ଓ ନମିତାଙ୍କ ଭାଇ ଅତୁଲ୍ୟ ମହାପାତ୍ର ବିହାର ବୁଲିବାକୁ ଯାଇଥିଲେ। ଶନିବାର ସେଠାରୁ ଘଟଗାଁକୁ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସୁଥିଲେ। ଧାନବେଣୀ ନିକଟରେ ପାଟଣା ପାର୍ଶ୍ୱରୁ ଯାଉଥିବା କୋଲକାତାର ଏକ ୪୦୭ ଟ୍ରକ୍ ସହ ତାଙ୍କ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ କାର୍ ସମ୍ମୁଖ ଭାଗ ଭାଙ୍ଗିଯାଇଥିଲା। କାର୍‌କୁ ଅତୁଲ୍ୟ ଚଳାଉଥିବା ବେଳେ ସମ୍ମୁଖ ସିଟ୍‌ରେ ତାଙ୍କ ସ୍ତ୍ରୀ ନମିତା ବସିଥିଲେ। ପଛ ସିଟ୍‌ରେ ଅନ୍ୟମାନେ ବସିଥିଲେ। ସମସ୍ତେ ଗୁରୁତର ହୋଇଥିବା ବେଳେ ପାଟଣା ଅଗ୍ନିଶମବାହିନୀ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ କଟକ ପଠାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ୪୦୭ର ଚାଳକ ଓ ଖଲାସୀ ଗାଡ଼ି ଛାଡି ଫେରାର ହୋଇଯାଇଛନ୍ତି। ୨ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରହିଥିବା ପାଟଣା ଥାନା ଏସ୍‌ଆଇ ମନୋରମା ସ୍ୱାଇଁ କହିଛନ୍ତି।




ଦୁର୍ଘଟଣାଗ୍ରସ୍ତ କାର୍ ଓ ୪୦୭ ଟ୍ରକ୍।

### ତ୍ରୁଟି ସଂଶୋଧନ

ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ୟୁଥ୍ କନ୍‌କ୍ଲେଭ–୨୦୨୩ ଆୟୋଜିତ ହୋଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ୩ଟି ସଂସ୍ଥା ଏବଂ ୨ ବ୍ୟକ୍ତିବିଶେଷଙ୍କୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ପ୍ରଦାନ କରାଯାଇଥିଲା। ପୁରସ୍କୃତ ବ୍ୟକ୍ତିଙ୍କ ମଧ୍ୟରୁ ଜଳେନ୍ଦ୍ର ମହାଳିକଙ୍କ ସ୍ଥାନରେ ରାଜେନ୍ଦ୍ର ମହାଳିକ ପ୍ରକାଶ ପାଇଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖ ପ୍ରକାଶ କରୁଛୁ।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ପ୍ରଥମ ପୃଷ୍ଠାରୁ...

## ପ୍ରେମିକାଙ୍କୁ ୩୧ ...

ପାଇଛି ଯେ, ମୁରୁମଡିହି ଗ୍ରାମର ଚନ୍ଦ୍ର ରାଉତ ଓ ତିଲାଙ୍କର ପ୍ରେମ ସମ୍ପର୍କ ଥିଲା। ପୂର୍ବରୁ ବିବାହିତ ଓ ୫ ସନ୍ତାନ ଥିବା ଚନ୍ଦ୍ରଙ୍କ ଘରେ ଏନେଇ ଅସନ୍ତୋଷ ଲାଗି ରହୁଥିଲା। ତେଣୁ ତିଲାଙ୍କୁ ଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ଯାଇ ଉଭୟେ ତାଙ୍କ ମୃତଦେହକୁ ୩୧ ଖଣ୍ଡ କରି ଜଙ୍ଗଲରେ ପୋତି ଦେଇଥିଲେ। ଚନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବାବେଳେ ନ୍ୟାୟ ଦାବିରେ ଲୋକେ ଅଭିଯୁକ୍ତଙ୍କ ଘର ସାମ୍ନାରେ ପୋଡ଼ି ସତ୍କାର କରିଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଉମରକୋଟରୁ ଅଧିକ ଫୋର୍ସ ମଗାଯାଇଥିବା ପୋଲିସ ସୂଚନା ଦେଇଛି। ଥାନାଧିକାରୀ ରଘୁନାଥ ମାଝି ଓ ଏସ୍‌ଡିପିଓ ଆଦିତ୍ୟ ସେନ ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି।

## ରାୟଗଡ଼ାରେ ଗଡ଼ିଲା...

ଲକ୍ଷ୍ମୀ ବସ୍ ଯୋଗୁ ଚାଷୀ, ବ୍ୟବସାୟୀ ଓ ମା'ମାନେ ଉପକୃତ ହେବେ। ଏହି କାର୍ଯ୍ୟକ୍ରମକୁ ୫–ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ଏହି ଅବସରରେ ପାଣ୍ଡିଆନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ଜିଲା ଗସ୍ତ କରିଥିଲେ। ରାୟଗଡ଼ାରେ ଲୋକଙ୍କଠାରୁ ପ୍ରସ୍ତାବ ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପରେ ଜିଲାରେ ଅନେକ ମଠ ମନ୍ଦିର ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁମୋଦନ ଦେଇଥିଲେ। ଲୋକଙ୍କ ମତକୁ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦିଅନ୍ତି ବୋଲି ସେ କହିଛନ୍ତି।

ରାୟଗଡ଼ାସ୍ଥିତ ଜିସିଡି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗୋ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ପ୍ରମୁଖ ଯୋଗଦେଇ ଓଡ଼ିଶାର ବିକାଶ ପାଇଁ, ରାଜ୍ୟର ଗରିବ, ଆଦିବାସୀ ଓ ମହିଳାମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସାରା ଜୀବନ ସମର୍ପିତ କରିଛନ୍ତି। ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ କହିଥିଲେ ଯେ, ଏହାଦ୍ୱାରା ଗରିବ, ଆଦିବାସୀ ଓ ମହିଳା ମାନେ ବହୁତ ଉପକାର ପାଇବେ। ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝୀ ସ୍ୱାଗତ ଭାଷଣ ଦେଇଥିଲେ।

## ଘାଟିରେ ଓଲଟିଲା ...

ସମୟରେ ଓଭରଲୋଡ୍ ଯୋଗୁ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲା। ଗାଡ଼ିରେ ଥିବା ୧୩ ଶ୍ରମିକଙ୍କ ଉପରେ ସିମେଣ୍ଟ ଓ ରଡ୍ ଚାପି ହୋଇ ରହିଯାଇଥିଲା। ଏଥିରେ ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭ ଜଣ ହୋଇଥିଲେ। ଗୁରୁତରଙ୍କୁ ଯୋଡ଼ାମ୍ବ ମେଡିକାଲକୁ ନେଇ ପ୍ରାଥମିକ ଚିକିତ୍ସା ପରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଯୋଡ଼ାମ୍ବ ଥାନାରେ ନଂ.୧୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ୬ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଛି। ଦୁର୍ଘଟଣାରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ପ୍ରମୁଖ ଉପଖଣ୍ଡ ଚିକିତ୍ସାଳୟରେ ଭେଟି ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଘୋଷଣା କରିବା ସହିତ ଆହତ ୭ ଜଣଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଘୋଷଣା କରିଛନ୍ତି।

## କୋଚି ବିଶ୍ୱବିଦ୍ୟାଳୟରେ ...

ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଥିବା ଏକ ଖୋଲା ପ୍ରେକ୍ଷାଳୟରେ ପ୍ରଚ୍ଛଦପଟ ଗାୟିକା ନିଖିତା ଗାନ୍ଧୀ ଓ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରୁଥିବାବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି। ଆହତମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଚିକିତ୍ସା ପାଇଁ କାଲାମସେରି ମେଡିକାଲ କଲେଜରେ ବ୍ୟବସ୍ଥା କରାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ବର୍ଷା ହେବାରୁ ପଛରେ ଛିଡ଼ାହୋଇଥିବା ଛାତ୍ରୀଛାତ୍ର ହଠାତ୍ ଷ୍ଟେଜ୍ ଆଡ଼କୁ ମାଡ଼ିଯିବାରୁ ଦଳାଚକଟା ସ୍ଥିତି ଉପୁଜିଥିଲା।

# ଯାଜପୁରରେ ଦନ୍ତାହାତୀ ଆତଙ୍କ

## ଟ୍ରାଙ୍କୁଲାଇଜ୍ କରି କାବୁକଲା ବନ ବିଭାଗ



ଯାଜପୁର/ବିଞ୍ଝାରପୁର/ପ୍ରୀତିପୁର (ହର୍ଷବର୍ଦ୍ଧନ ବେହେରା/ରାମକୃଷ୍ଣ ଦାସ/ସୁଶାନ୍ତ ବେହୁରିଆ),୨୫।୧୧

ଯାଜପୁର ଜିଲା ଦଶରଥପୁର ଓ ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ଶନିବାର ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଛି। ହାତୀଟି କେନ୍ଦୁଝର ଜିଲା ଆନନ୍ଦପୁର ରେଞ୍ଜ ଅଞ୍ଚଳରୁ ଶୁକ୍ରବାର ରାତିରେ ବୈତରଣୀ ନଦୀ କୂଳ ରାସ୍ତାରେ ଦଶରଥପୁର ବ୍ଲକ ଅଞ୍ଚଳକୁ ପ୍ରବେଶ କରିଥିଲା। ସକାଳୁ ଦଶରଥପୁର ବ୍ଲକର ବିରଜାପୁର, ପାଲଟପୁର, ନନ୍ଦିପୁର ଅଞ୍ଚଳ ଦେଇ ବିଞ୍ଝାରପୁର ବ୍ଲକର ଉତ୍ତଙ୍ଗରା, ପ୍ରୀତିପୁର ଅଞ୍ଚଳର ଧାନ ବିଲରେ ପଶି ଉପଦ୍ରବ କରିବା ସହ ଜନବସତି ମୁହାଁ ହୋଇଥିଲା। ବିରଜାପୁରର ଆତଙ୍କିତ ଲୋକମାନେ ପୋଲିସ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ବିଞ୍ଝାରପୁର ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ଅଲକୁଣ୍ଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଦାସଙ୍କ ସମେତ ବନ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ କାବୁ କରିବାକୁ ଯୋଜନା କରିଥିଲେ। ହାତୀକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ମଧ୍ୟ ଜମିଥିଲା। ଫଳରେ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ହାତୀ ନିକଟକୁ ନ ଯିବା ଓ ଭୟଭୀତ ନ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ହାତୀଟି ମନ୍ଦାରଖଣ୍ଡ ଛକ ଅତିକ୍ରମ କରି ନନ୍ଦିପୁର ପଞ୍ଚାୟତର ଚଣ୍ଡିଗୋଳ ହାଟ ପଡ଼ିଆ ନିକଟରେ କିଛି ସମୟ ରହିଥିଲା। ଏହାପରେ ବିଞ୍ଝାରପୁର ବ୍ଲକ ଅଧୀନ ଉତ୍ତଙ୍ଗରା ପଞ୍ଚାୟତର ବରିକୁଳ ଗ୍ରାମରେ ପହଞ୍ଚିବା ପରେ ପିଛା କରୁଥିବା ଜଙ୍ଗଲ ବିଭାଗ କର୍ମଚାରୀ ଓ ନନ୍ଦନକାନନରୁ ଆସିଥିବା ବିଶେଷଜ୍ଞ ଦଳ ଅପରାହ୍ନ ସାଢ଼େ ୪ଟାରେ ଟ୍ରାଙ୍କୁଲାଇଜ୍ କରି ହାତୀକୁ କାବୁ କରିଥିଲେ। କଟକ ଡିଏଫ୍ଓ ଅଜିତ କୁମାର ଶତପଥୀଙ୍କ ନେତୃତ୍ୱରେ ହାତୀକୁ କ୍ରେନ୍‌ରେ ଉଠାଯାଇ ସୁରକ୍ଷିତ ଭାବେ ହାଇୱା ଟ୍ରକରେ ସ୍ଥାନାନ୍ତର କରାଯିବାକୁ ପଦକ୍ଷେପ ନିଆଯାଉଛି। ହାତୀଟି କେଉଁ ପଲରୁ ବିଚ୍ଛେଦ ହୋଇଛି ତାହାର ଅନୁଧ୍ୟାନ ଚାଲିଛି। ଏହା ସ୍ପଷ୍ଟ ହେବା ପରେ ହାତୀକୁ ସ୍ଥାନାନ୍ତର କରାଯିବ ବୋଲି ଡିଏଫ୍ଓ ଶତପଥୀ କହିଛନ୍ତି।

ହାତୀ ଚଲାପଥ (ଏଲିଫ୍ୟାଣ୍ଟ କରିଡର) ଏବଂ ହାତୀ ସଂରକ୍ଷିତ ଅଞ୍ଚଳ (ଏଲିଫ୍ୟାଣ୍ଟ ରିଜର୍ଭ) ଯୋଜନା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଗ୍ରାମାଞ୍ଚଳରେ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି।

## ଶିମିଳିପାଳ ଅସ୍ଥାୟୀ ଭାବେ ବନ୍ଦ

ବାରିପଦା, ୨୫।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ଅସ୍ଥାୟୀ ଭାବେ ପର୍ଯ୍ୟଟକଙ୍କ ପ୍ରବେଶକୁ ବନ୍ଦ କରାଯାଇଛି। ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ଶିମିଳିପାଳ ବନ୍ଦ ରହିବ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ଜଣାଇଛନ୍ତି। ସେହି ଅନୁଯାୟୀ ପର୍ଯ୍ୟଟକମାନେ ସେମାନଙ୍କର ପରିଦର୍ଶନ ଯୋଜନା କରିବାକୁ ପରାମର୍ଶ ଦେଇଛନ୍ତି। ଅଧିକ ଅନୁଧ୍ୟାନ ପାଇଁ ପର୍ଯ୍ୟଟକମାନେ ଶିମିଳିପାଳର ଅଫିସିଆଲ ୱେବ୍‌ସାଇଟ କିମ୍ବା ଇକୋଟୁର ଓଡ଼ିଶାର ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିପାରିବେ।




## ଶ୍ରମିକ ପରିବାର ସଦସ୍ୟଙ୍କୁ ନେଇ ଉତ୍ତରକାଶୀ ଗଲେ ଶ୍ରମମନ୍ତ୍ରୀ

ଭୁବନେଶ୍ୱର,୨୫।୧୧(ଅନିଲ ଦାସ)

ଉତ୍ତରାଖଣ୍ଡର ଉତ୍ତରକାଶୀ ସୁଡ଼ଙ୍ଗରେ ଫସିରହିଥିବା ୪୧ ଶ୍ରମିକଙ୍କ ମଧ୍ୟରେ ୫ ଜଣ ଓଡ଼ିଆ ଅଛନ୍ତି। ଟନେଲ ଭିତରେ ଥିବା ଶ୍ରମିକଙ୍କ ମନୋବଳ ବଢ଼ାଇବା ପାଇଁ ଶନିବାର ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ନାୟକ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ ବିମାନରେ ସେଠାକୁ ଯାତ୍ରା କରିଛନ୍ତି। ତେବେ ଫସିଥିବା ସମସ୍ତ ଓଡ଼ିଆ ଶ୍ରମିକ ସୁସ୍ଥ ଥିବା ସୂଚନା ମିଳିଛି। ଉତ୍ତରକାଶୀ ଯିବା ପୂର୍ବରୁ ଶ୍ରମ ମନ୍ତ୍ରୀ ସାରଦା ନାୟକ କହିଛନ୍ତି, ୧୩ ତାରିଖରେ ଓଡ଼ିଶାରୁ ୨ବରିଷ୍ଠ ଅଧିକାରୀ ଉତ୍ତରକାଶୀ ଯାଇଛନ୍ତି। ବର୍ତ୍ତମାନ ସେମାନେ ସେଠାରେ ଅଛନ୍ତି। ସେମାନେ ଫସି ରହିଥିବା ଶ୍ରମିକ ସହ କଥାବାର୍ତ୍ତା କରୁଛନ୍ତି। ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଚାଲିଛି। କୌଣସି କାରଣବଶତଃ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଉଛି। ଶ୍ରମିକମାନଙ୍କୁ ଖୁବଶୀଘ୍ର ଟନେଲରୁ ଉଦ୍ଧାର କରାଯିବ ବୋଲି ଆଶା କରାଯାଉଛି। ଜଗନ୍ନାଥଙ୍କ ଆର୍ଶୀବାଦରୁ ୪୧ ଜଣ ଶ୍ରମିକ ଉଦ୍ଧାର ହୋଇ ନିଜ ନିଜ ଘରକୁ ଫେରିବେ।

## ଆଇଆଇଡି ନିଷ୍କ୍ରିୟ କଲେ ଯବାନ



ମାଲକାନଗିରି, ୨୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲା ଆୱାପଲ୍ଲୀ ଥାନା ଅଞ୍ଚଳରେ ଦୁଇଟି ଆଇଇଡି ବୋମା ଜବତ କରି ଯବାନମାନେ ନିଷ୍କ୍ରିୟ କରିଥିଲେ। ସୂଚନା ଅନୁଯାୟୀ, ବିଜାପୁର ଜିଲା ଆୱାପଲ୍ଲୀ ଥାନା ଅନ୍ତର୍ଗତ ବାସାଗୁଡା ରାସ୍ତାରେ ମାଓବାଦୀ ଦମନ ପାଇଁ ସିଆରପିଏଫ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଉଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡିକୁ ଠାବ କରିଥିଲେ। ରାସ୍ତାରେ ପ୍ରାୟ ୪ ଫୁଟ ତଳେ ଏହି ବୋମା ଥିବା ବେଳେ ତୁରନ୍ତ ରାସ୍ତାତଳୁ ଉକ୍ତ ବୋମା ଜବତ କରି ସୁରକ୍ଷା ବାହିନୀ ଯବାନମାନେ ଘଟଣାସ୍ଥଳରେ ନିଷ୍କ୍ରିୟ କରିଛନ୍ତି। ଯବାନମାନଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀ ସଂଗଠନ ଦ୍ୱାରା ଏହି ଦୁଇଟି ୨୫କିଲୋ ଆଇଡି ଖଞ୍ଜା ଯାଇଥିଲା।

DADLS-56
ଓଡ଼ିଶା ସରକାର



ଜନଗଣର ନେତା ବୀରେନ୍ ମିତ୍ରଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୬ ନଭେମ୍ବର, ୨୦୨୩
ସକାଳ ୯ ଘଟିକା– ଭୁବନେଶ୍ୱରସ୍ଥିତ ଜୟଦେବ ବିହାର ଛକଠାରେ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ,
ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ
ବିଶିଷ୍ଟ ବକ୍ତା
ଶ୍ରୀଯୁକ୍ତ ତଥାଗତ ସତପଥୀ, ପୂର୍ବତନ ସାଂସଦ ତଥା ସଂପାଦକ , ଧରିତ୍ରୀ
ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଅମର ପ୍ରସାଦ ଶତପଥୀ, ମାନ୍ୟବର ବିଧାୟକ,ବଡଚଣା
ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ,ବଡ଼ମ୍ବା
ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର, ସଭାପତି, ବୀରେନ୍ ମିତ୍ର ଫାଉଣ୍ଡେସନ
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ବୀରେନ ମିତ୍ର ଫାଉଣ୍ଡେସନ, କଟକର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0204/2324

With Best Compliments From:
GURUKUL INTERNATIONAL PUBLIC SCHOOL(GIPS)
Affiliated to CBSE New Delhi, Affiliation No. 1530283
ADMISSION OPEN
FROM NURSERY to STD - XII (Science,Arts,Commerce)
for the Session 2023-2024
Forms are available in office
From 7 a.m. to 2 p.m.
GOODS SHED ROAD, LANJIPALLI, BERHAMPUR, GANJAM, ODISHA, PIN - 760008
CONTACT No. - 9937885234 ; 8093003766
email : info.gurukulinternational@gmail.com, Website : www.gurukulinternational.net



> ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। – ଶ୍ରୀଅରବିନ୍ଦ

# ସୀମା ପୁନଃ ନିର୍ଦ୍ଧାରଣ କେବେ



ଆକାର ପଟେଲ

ପଚାଶ ବର୍ଷ ହେଲାଣି ଭାରତ ସୀମା ପୁନଃ ନିର୍ଦ୍ଧାରଣ(ଡିଲିମିଟେଶନ) ଦ୍ୱାରା ଲୋକ ସଭା ଆସନ ସଂଖ୍ୟା ପରିବର୍ତ୍ତନ କରିନାହିଁ। ଡିଲିମିଟେଶନ ଲାଗି ସାମ୍ବିଧାନିକ ଆଇନର ବ୍ୟବସ୍ଥା ଓ ଏଥିପାଇଁ ଜଣେ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ବାଛିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା ହୋଇପାରୁନାହିଁ। ଏବକାର ମହିଳା ସଂରକ୍ଷଣ ବିଲ୍ ପାସ୍ ହେବା ଏବଂ ଲୋକ ସଭା ଓ ବିଧାନସଭାଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ପରେ ତାହାକୁ କାର୍ଯ୍ୟକାରୀ କରାଯିବ ବୋଲି ଘୋଷଣା କରାଯିବା ପରେ ପୁନର୍ବାର ଡିଲିମିଟେଶନ ବିଷୟ ସାମ୍ନାକୁ ଆସୁଛି। ତେବେ ବର୍ତ୍ତମାନ କେଉଁ ବ୍ୟକ୍ତି ଏହାର କେନ୍ଦ୍ରରେ ଅଛନ୍ତି ତାହା ଅସ୍ପଷ୍ଟ। ଡିଲିମିଟେଶନ କମିଶନର ଶେଷ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ବିଚାରପତି ରଞ୍ଜନା ଦେଶାଇ ୨୦୨୨ରେ ଦାୟିତ୍ୱ ଛାଡ଼ିଥିଲେ। କିନ୍ତୁ ତାଙ୍କ ନାମ ଏବେ ସୁଦ୍ଧା ଇଲେକ୍ଶନ କମିଶନ ୱେବ୍ସାଇଟ.ଇନ୍ରେ ରହିଛି। ତେବେ ଆସନ୍ତୁ ସୀମା ନିର୍ଦ୍ଧାରଣ ସମ୍ବନ୍ଧିତ ମୁଖ୍ୟ ବିଷୟ ଅର୍ଥାତ୍ ଆମ ରାଜ୍ୟଗୁଡ଼ିକର ଜନସଂଖ୍ୟାରେ ଥିବା ପ୍ରଭେଦ ବିଷୟରେ ସମୀକ୍ଷା କରିବା। ଆନ୍ଧ୍ରପ୍ରଦେଶର ଜଣେ ମହିଳା ଜନ୍ମ ଦେଉଥିବା ହାରାହାରି ସଂଖ୍ୟକ ସନ୍ତାନ (ଫର୍ଟିଲିଟି ରେଟ୍) ୧.୭ ହୋଇଥିବାବେଳେ ବିହାରରେ ଏହା ୩। ଭାରତର ରିପ୍ଲେସ୍ମେଣ୍ଟ ରେଟ୍ (ଏକ ଦମ୍ପତିଙ୍କ ପ୍ରଜନନକ୍ଷମ ବର୍ଷଗୁଡ଼ିକ ମଧ୍ୟରେ ଜନ୍ମିତ ପିଲା) ପାଖାପାଖି ୨ରେ ଅଛି ଏବଂ ଆଉ କିଛି ଦଶନ୍ଧିରେ ଆମ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିବ। ତେବେ ୨୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଏହା ୨ରୁ କମ୍ ହୋଇଗଲାଣି। ୫୦ ବର୍ଷ ପୂର୍ବେ ଉତ୍ତରପ୍ରଦେଶର(ଉତ୍ତରାଖଣ୍ଡ ସହ) ୮୫ ଲୋକ ସଭା ସଦସ୍ୟ(ଏମ୍ପି) ପ୍ରତ୍ୟେକ ୧୦ ଲକ୍ଷ ଲୋକଙ୍କର ପ୍ରତିନିଧିତ୍ୱ କରୁଥିଲେ। ସେହିଭଳି କେରଳର ୨୦, ତାମିଲନାଡୁର ୪୦, କର୍ନାଟକର ୨୮ ଓ ରାଜସ୍ଥାନର ୨୫ ଏମ୍ପିଙ୍କ କ୍ଷେତ୍ରରେ ଏହା ସମାନ ଥିଲା। ପ୍ରଥମ ଥର ଲୋକ ସଭା ଆସନ ବୃଦ୍ଧି ହେବା ପରଠାରୁ ୫୦ ବର୍ଷ ମଧ୍ୟରେ କେରଳର ଜନସଂଖ୍ୟା ୫୬%, ରାଜସ୍ଥାନର ୧୬୬%, ତାମିଲନାଡୁର ୭୫% ଏବଂ ହରିୟାଣାର ୧୫୭% ବୃଦ୍ଧି ଘଟିଛି। ତେବେ ଉତ୍ତରାଞ୍ଚଳକୁ ଅଧିକ କ୍ଷମତା ଦେଇ ପରିବାର ନିୟୋଜନ କ୍ଷେତ୍ରରେ ପ୍ରଭାବୀ କାର୍ଯ୍ୟ କରିଥିବା ଦାକ୍ଷିଣାତ୍ୟ ଲୋକଙ୍କୁ କାହିଁକି ଦଣ୍ଡିତ କରାଯିବ। କିନ୍ତୁ ଏହା ସତ ଯେ, ଜଣେ ଉତ୍ତରାଞ୍ଚଳ ଏମ୍ପି ଦକ୍ଷିଣାଞ୍ଚଳର ଏମ୍ପିଙ୍କ ତୁଳନାରେ ଅଧିକ ସଂଖ୍ୟକ ଲୋକଙ୍କର ପ୍ରତିନିଧିତ୍ୱ କରନ୍ତି, ଯାହା ଅନୁଚିତ ମନେହୁଏ। ବିହାରର ୩୦ ଓ ଉତ୍ତରପ୍ରଦେଶର ୮୦ ଏମ୍ପି ପ୍ରତ୍ୟେକେ ହାରାହାରି ୩୦ ଲକ୍ଷ ଲୋକଙ୍କର ପ୍ରତିନିଧିତ୍ୱ କରନ୍ତି। କିନ୍ତୁ କେରଳର ଜଣେ ଏମ୍ପି ହାରାହାରି ୧୭ ଲକ୍ଷ ଏବଂ ତାମିଲନାଡୁର ହାରାହାରି ୧୯ ଲକ୍ଷ ଲୋକଙ୍କର ପ୍ରତିନିଧିତ୍ୱ କରିଥାନ୍ତି। ଜନସଂଖ୍ୟାର ପ୍ରଭେଦ ଯୋଗୁ ରାଜ୍ୟଗୁଡ଼ିକରେ ଲୋକ ସଭା ଆସନ ସଂଖ୍ୟା ମଧ୍ୟରେ ପ୍ରଭେଦ ରହିଥିଲେ ବି ପ୍ରତ୍ୟେକ ଏମ୍ପି ହାରାହାରି ପ୍ରାୟ ସମାନ ସଂଖ୍ୟକ ନାଗରିକଙ୍କର ପ୍ରତିନିଧିତ୍ୱ କରିଥିଲେ। ଏବେ କିନ୍ତୁ ସ୍ଥିତି ସେଭଳି ନାହିଁ। ଡିଲିମିଟେଶନ କମିଶନ ଗଠନ ହେଲେ ତାହା ଚାପରେ ରହିବ। ସମ୍ଭବତଃ ଏହି ପ୍ରକ୍ରିୟା ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିଳମ୍ବ ହେବ, କାରଣ ଏହାପାଇଁ ପ୍ରଥମେ ଜନଗଣନାର ଆବଶ୍ୟକତା ରହିଛି। ହେଲେ ଏହାକୁ ବନ୍ଦ ରଖାଯାଇଛି। ଏହାର ଆଉ ଏକ କାରଣ ହେଉଛି, ସମସ୍ତ ଲୋକ ସଭା ଆସନରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ଆଇନ ପ୍ରଣୟନ, ଯାହା ପାଇଁ ସୀମା ପୁନଃ ନିର୍ଦ୍ଧାରଣର ଅଧିକ ଆବଶ୍ୟକତା ଅଛି।

କୌଣସି ପଦକ୍ଷେପ ନ ନେବା ସମ୍ବିଧାନ ଉଲ୍ଲଂଘନ ବୋଲି ଜଣାପଡୁଛି। ଅନୁଚ୍ଛେଦ ୮୨ (ପ୍ରତ୍ୟେକ ଜନଗଣନା ପରେ ପୁନଃ ସମାୟୋଜନ) କହେ, ପ୍ରତ୍ୟେକ ଜନଗଣନା ଶେଷ ହେବା ପରେ ତାହାକୁ ଆଧାରକରି ଦେଶରେ ଲୋକ ସଭା ଆସନ ଆବଣ୍ଟନ ଏବଂ ପ୍ରତ୍ୟେକ ରାଜ୍ୟରେ କ୍ଷେତ୍ରୀୟ ନିର୍ବାଚନ କ୍ଷେତ୍ରଗୁଡ଼ିକର ବିଭାଜନ ଏଭଳି ଅଧିକାରୀଙ୍କ ଦ୍ୱାରା ପୁନଃ ସମାୟୋଜନ କରାଯିବା ଦରକାର ଯେଭଳି ସଂସଦୀୟ ଆଇନ ଦ୍ୱାରା ତାହାକୁ ନିର୍ଦ୍ଧାରିତ କରାଯାଇପାରିବ। ଏଠାରେ ଉଲ୍ଲେଖ କରାଯାଇଥିବା 'ପ୍ରତ୍ୟେକ ଜନଗଣନା' ଶବ୍ଦକୁ ଲକ୍ଷ୍ୟ କରନ୍ତୁ ଏବଂ ଏହା ଉପରେ ବିଗତ ୫୦ବର୍ଷର ପଦକ୍ଷେପକୁ ଦେଖନ୍ତୁ। ପ୍ରକୃତରେ ଏହା ଉପରେ ସଫଳତାପୂର୍ବକ କୌଣସି ପଦକ୍ଷେପ ନିଆଯାଇନାହିଁ। ୧୯୭୨ ପର୍ଯ୍ୟନ୍ତ ପ୍ରକ୍ରିୟା ନିୟମାନୁସାରେ ଠିକ୍ ଚାଲିଥିଲା। ୧୯୫୦ ଦଶନ୍ଧିରେ ଲୋକ ସଭା ଆସନ ସଂଖ୍ୟା ୪୯୪ ଥିଲାବେଳେ ୧୯୬୦ ଦଶନ୍ଧିରେ ଏହା ୫୨୨କୁ ଏବଂ ୧୯୭୦ ଦଶନ୍ଧିରେ ପହଞ୍ଚିଲା ୫୪୩ରେ। ସେହି ସମୟରେ ଉପରେ ଦର୍ଶାଯାଇଥିବା ସଦସ୍ୟମାନେ ସବୁ ରାଜ୍ୟରେ ହାରାହାରି ସମାନ ସଂଖ୍ୟକ ଲୋକଙ୍କର ପ୍ରତିନିଧିତ୍ୱ କରୁଥିଲାବେଳେ ଦକ୍ଷିଣ ଭାରତର ସ୍ଥିତି ଭଲ ଥିଲା। ଏହି ସମୟରେ ବିଶେଷକରି ଉତ୍ତରାଞ୍ଚଳରେ ପରିବାର ନିୟୋଜନକୁ ଦେଶ ଉତ୍ସାହିତ କରିବାର ଆବଶ୍ୟକତା ରହିଥିଲା।

ଦେଶରେ ଜରୁରୀ ପରିସ୍ଥିତି ସମୟରେ ଇନ୍ଦିରା ଗାନ୍ଧୀ ସରକାର ନେଇଥିବା ପଦକ୍ଷେପ ଏବଂ ୧୯୮୦ ଦଶନ୍ଧିର ଶେଷ ପର୍ଯ୍ୟନ୍ତ ଦୂରଦର୍ଶନ ଓ ଛାପା ଗଣମାଧ୍ୟମରେ ପରିବାର ନିୟୋଜନ ଯୋଜନାର ବ୍ୟାପକ ବିଜ୍ଞାପନ ସମ୍ପର୍କରେ ଅନେକେ ଜାଣିଥିବେ। ଏଥିରୁ ସ୍ପଷ୍ଟ ଯେ, ସୀମା ନିର୍ଦ୍ଧାରଣକୁ ଦୃଷ୍ଟିରେ ରଖି ସବୁ ରାଜ୍ୟ ମଧ୍ୟରେ ସମାନତା ଆଣିବା ଲାଗି ଏହି ଦୀର୍ଘ ପ୍ରଚାର ଅଭିଯାନର ଉଦ୍ଦେଶ୍ୟ ଥିଲା। କିନ୍ତୁ ଜନଗଣନା ଏବଂ ସୀମା ପୁନଃ ନିର୍ଦ୍ଧାରଣ ମଧ୍ୟରେ ସମ୍ପର୍କ ଛିନ୍ନ ହୋଇଗଲା। ୧୯୮୦ ଓ ୧୯୯୦ ଦଶକରେ ଜନଗଣନା କଲାବେଳକୁ ସଂଖ୍ୟାରେ ଅସମାନତା ବୃଦ୍ଧି ହୋଇଥିବା ଜଣାପଡ଼ିଲା ଏବଂ ସୀମା ପୁନଃ ନିର୍ଦ୍ଧାରଣ ହୋଇପାରିଲା ନାହିଁ। ୨୦୦୨ରେ ବାଜପେୟୀ ସରକାର କିଛି ସମସ୍ୟାକୁ ଆଳକରି ଏଥିରେ ବିଳମ୍ବ କଲେ। ଏହା କେବେ ହେବ ତାହା କେହି ଜାଣନ୍ତି ନାହିଁ। ୨୦୨୧ ଜନଗଣନାକୁ ବନ୍ଦ କରାଗଲା । ଏହାର କାରଣ କୋଭିଡ୍ ମହାମାରୀ ବୋଲି ଦର୍ଶାଗଲା। କିନ୍ତୁ ମହାମାରୀ ଚାଲିଗଲା ପରେ ଏଯାବତ୍ ଜନଗଣନାର କୌଣସି ସଙ୍କେତ ନାହିଁ।

ଆଶା କରିବା, ଜନଗଣନା ଶୀଘ୍ର ହେଉ। କିନ୍ତୁ ଏଥିପାଇଁ ସରକାର କିଛି ତ୍ୱରିତ ତଥା ସ୍ପଷ୍ଟ ପଦକ୍ଷେପ ନେବାକୁ ହେବ। କିନ୍ତୁ ଦୀର୍ଘ ୫୦ ବର୍ଷ ମଧ୍ୟରେ ହୋଇଥିବା ବ୍ୟାପକ ପରିବର୍ତ୍ତନ ଓ ଅସମାନତାର ବାସ୍ତବତାକୁ ବିଚାରକଲେ ଏହା କରିବା ସହଜ ନୁହେଁ। କିନ୍ତୁ ତାହା ପାଇଁ କାର୍ଯ୍ୟ ଆରମ୍ଭ କରିବା ଦରକାର, ଯାହା ଏଯାବତ ହୋଇନାହିଁ। ଆମ ନେତାଙ୍କ ଢଙ୍ଗକୁ ଦେଖିଲେ ଏହା ଆରମ୍ଭ ହେବା ସମ୍ଭାବନା ନ ଥିବା ଜଣାପଡୁଛି।

Email:aakar.patel@gmail.com

# ଆମେ ଆମର ଗାତ ଖୋଳୁଛୁ



ସହଦେବ ସାହୁ

ତାତି ଆଉ ଧୂଆଁ ମଣିଷର କାଳ ହେଲାଣି। ଆମେ କ୍ଲାଇମେଟ୍ ଚେଞ୍ଜ ଉପରେ ଏତେ ସତର୍କ ହେଲା ପରେ ବି ଏବେ ପ୍ରତି ସେକେଣ୍ଡରେ ୧୩୩୭ ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଛାଡୁଛୁ। ଏଭଳି ପ୍ରଦୂଷଣ ବୃଦ୍ଧିକୁ ରୋକିବାକୁ ଆମେ ଯେତେ ଡେରି କରୁଛୁ ମଣିଷ ଜୀବନ ପ୍ରତି ବିପଦ ସେତେ ବେଶି ବଢ଼ାଉଛୁ। ୨୦୨୩ରେ ଜାଗତିକ ତାପ ଯେତେ ଗରମ ଜଣାଯାଇଛି ତାହା ଗତ ଲକ୍ଷେ ବର୍ଷ ଭିତରେ ଦେଖାଯାଇନାହିଁ। ଆମେ ନିୟନ୍ତ୍ରଣ କରିବାରେ ଯେତେ ମୁହୂର୍ତ୍ତ ଡେରି କରୁଛୁ, ବଞ୍ଚିରହିବାଟା ସେତେ କଷ୍ଟକର ହେଉଛି ଓ ମୁକାବିଲା କରିବାର ଖର୍ଚ୍ଚ ସେତେ ବେଶି ବଢୁଛି। ଧନୀମାନେ ଥଣ୍ଡା ଓ ସହନଶୀଳ ପ୍ରଦୂଷଣରେ ରହିବା ଲାଗି ଯେତେ ବେଶି ଖର୍ଚ୍ଚ କରୁଥିବେ, ପୃଥିବୀର ଜଳବାୟୁ ସେତେ ଅଧିକ ଗରମ ଓ ପ୍ରଦୂଷିତ ହେଉଥିବ। ଗରିବମାନେ ସେତେ ବେଶି ସଂଖ୍ୟାରେ ଜୀବନ ହରାଇବେ। ଗରମ ପରିବେଶ ଯୋଗୁ ୨୦୫୦ ବେଳକୁ ମୃତ୍ୟୁହାର ୪.୭ ଗୁଣ ବଢ଼ିଯିବ ବୋଲି ଲଣ୍ଡନସ୍ଥ ୟୁନିଭର୍ସିଟି କଲେଜଠାରେ 'ଲାନ୍ସେଟ୍ କାଉଣ୍ଟଡାଉନ୍'ର ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ମାରିନା ରୋମାନେଲୋ କହୁଛନ୍ତି। ଧନୀମାନଙ୍କ ଉପରେ ଗରିବର ହିଂସାତ୍ମକ କାରବାର ବଢ଼ିଯିବ, ସଂଖ୍ୟାଲଘୁ ଥିଲାବାଲାଙ୍କ ଉପରେ ସଂଖ୍ୟାଧିକ ଦୁଃଖୀଙ୍କ ଆକ୍ରମଣ ବଢ଼ିବ, ଗଣତନ୍ତ୍ର ବିପନ୍ନ ହେବ, ଧନୀଙ୍କ ସମର୍ଥିତ ନେତାଙ୍କ (ବା ନେତାଗୋଷ୍ଠୀର) ଡିକ୍ଟେଟରଶିପ୍ ଚାଲିବ। ଲୋକେ ପୋକ ମାଛି ଭଳି ସୁକୁଟି ମରିବେ। ଆଗେ ଆମେ କହୁଥିଲୁ ସରକାର, ଶିଳ୍ପପତି, କମ୍ପାନୀ, ବ୍ୟବସାୟୀ ଓ ବ୍ୟାଙ୍କ୍ମାନେ ଫସିଲ୍ ତେଲ ଓ ଗ୍ୟାସ୍ ଉପରେ ପୁଞ୍ଜି ଖଟାଇ ସଙ୍କଟକୁ ବଢ଼ାଉଛନ୍ତି। ଏବେ ଆମେ କହିଲୁଣି ଆମ ଚାଷୀମାନେ ପ୍ରଦୂଷଣ ବଢ଼ାଉଛନ୍ତି। ପାଖଆଖ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶର ଚାଷୀମାନେ କ୍ଷେତରେ ଅମଳ ପରେ ରହିଯାଉଥିବା ଧାନ ଖୁଣ୍ଟି ଓ ବଳି ପଡୁଥିବା ନଡ଼ାକୁ ଜାଳି ପାଉଁଶ କରୁଥିବାରୁ ଦିଲ୍ଲୀରେ ବାୟୁପ୍ରଦୂଷଣ ମାରାତ୍ମକ ହେଉଛି; ସେଠାକାର ଅଧିବାସୀମାନଙ୍କ ଆୟୁଷ ୧୦ ବର୍ଷ କମିଯାଉଛି ବୋଲି ଗବେଷକମାନେ କହିଲେଣି। ବାୟୁ ଗୁଣ ସୂଚନାଙ୍କ (ବାଗୁସୂ), ଇଂରାଜୀରେ ଏଆର୍ କ୍ୱାଲିଟି ଇଣ୍ଡେକ୍ସ, (ଏକ୍ୟୁଆଇ,) ୧୦୦ ତଳକୁ ରହିଲେ ସୁସ୍ଥ ବୋଲି ଧରାଯାଏ, କିନ୍ତୁ ନଭେମ୍ବରରେ ୪୦୦ ଉପରକୁ ରହୁଛି। ଗବେଷକମାନେ ମୁଖ୍ୟତଃ ପଞ୍ଜାବରେ ଧାନଚାଷକୁ ଦାୟୀ କରୁଛନ୍ତି।

ସ୍କୁଲରେ ପଢ଼ିଲା ବେଳଠୁଁ ଆମେ ଜାଣୁ ପଞ୍ଜାବ ଗହମ ଚାଷ ପାଇଁ ପ୍ରକୃଷ୍ଟ, ଗହମ ଅଳ୍ପ ବୃଷ୍ଟି ଦରକାର କରେ, ଅମଳପରର ଗହମ ବୁଦାମୂଳ ବା ଖୁଣ୍ଟି ପତଳା, ଗହମ ଗଛ ଛୋଟ ଓ ପତଳା। ଖୁଣ୍ଟି ଜାଳି ପାଉଁଶ କଲେ ଖତ ହୁଏ। କିନ୍ତୁ ଧାନଗଛ ବହଳିଆ ବୁଦା, ମଳା ହୋଇଥିବା ଛଣବିଣ୍ଡା ବା ଛଣଗଦା ବେଶ୍ କିଛି ଧୂଆଁ ଛାଡ଼େ। ସେସବୁ ପଶ୍ଚିମା ପବନରେ ପଞ୍ଜାବ ଓ ହରିୟାଣାରୁ ଦିଲ୍ଲୀ ଆଡ଼େ ବହେ। ଧୂଆଁ ଏଡ଼ାଇବା ଲାଗି ଖୁଣ୍ଟା ଓ ନଡ଼ା ପୋତିଦେବା ଉଚିତ ହେବ, କିନ୍ତୁ ତାହା ଖର୍ଚ୍ଚବହୁଳ। ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଦିଲ୍ଲୀ ଓ ଉତ୍ତରପ୍ରଦେଶର ପ୍ରଦୂଷଣ ତନଖି (ମନିଟର୍) କରୁଥିବା ସେଣ୍ଟ୍ରାଲ୍ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ (ସିପିସିବି) ଉପଗ୍ରହ ଜରିଆରେ ସର୍ବେକ୍ଷଣ କରି ଦେଖିଛି ଯେ ଗତ ନଭେମ୍ବର ୧୪ ଦିନ ହରିୟାଣାରେ ୪୪ ଗଦାରେ, ଉତ୍ତରପ୍ରଦେଶରେ ୧୭୬ ଗଦାରେ ନିଆଁ ହୁତୁହୁତୁ ହୋଇ ଜଳୁଥିଲା। ରାଜନୀତି-କାରଣରୁ ସେ ପଞ୍ଜାବର ତଥ୍ୟ ଦେଇନାହାନ୍ତି, କିନ୍ତୁ ଗବେଷକମାନେ କହିଲେଣି ପଞ୍ଜାବରେ ଅତିରିକ୍ତ ଧାନଚାଷ ବେଶି ପରିମାଣରେ ଦାୟୀ। ଦିଲ୍ଲୀର ପଡ଼ୋଶୀ ରାଜ୍ୟମାନଙ୍କୁ ନଡ଼ା ଓ ଖୁଣ୍ଟା ଜାଳିବାରୁ ନିବୃତ୍ତ ରହିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଲାବେଳେ ଧାନଚାଷ ଉପରେ ଉପଦେଶ ଦେଇଥିଲେ। ଗହମ ଚାଷଠାରୁ ଧାନଚାଷକୁ ଉତ୍ସାହିତ କରୁଛନ୍ତି ସରକାର। ଚାଉଳର ନ୍ୟୂନତମ କ୍ରୟମୂଲ୍ୟ ଚାଷୀକୁ ଲାଭଜନକ ହେଉଛି, ପଞ୍ଜାବୀ ଚାଷୀ ବାହାର ରାଜ୍ୟକୁ ଚାଉଳ ପଠାଇ ବେଶି ଲାଭ ପାଉଛି, ତେଣୁ ଧାନଚାଷରୁ ମୁହଁ ଫେରାଉ ନାହିଁ। ଧାନ ପ୍ରଚୁର ଜଳ ଦରକାର କରେ, ତେଣୁ ପଞ୍ଜାବ ଭୂତଳ ଜଳର ବହୁଳ ବ୍ୟବହାର କରୁଛି। ବିଶ୍ୱର ୧୭% ଲୋକ ଥିବା ଭାରତ ବିଶ୍ୱର ୪% ମଧୁର ଜଳର ମାଲିକ, ପ୍ରକୃତି ବଡ଼ ନିର୍ଦ୍ଦୟ। ପ୍ରଚୁର ବୃଷ୍ଟି ପାଉଥିବା ପୂର୍ବ ଭାରତରେ ଧାନଚାଷ ହେଲେ ପ୍ରାକୃତିକ ପରିବେଶ ଭଲ ରହିବ, ଅଳ୍ପ ବୃଷ୍ଟି ପାଉଥିବା ଉତ୍ତର-ପଶ୍ଚିମ ଭାରତରେ ଗହମ ଓ ମିଲେଟ୍ ଚାଷ ହେବା ଉଚିତ। ପଞ୍ଜାବର ଚାଷୀ ଚାଉଳକୁ କାସ୍ କ୍ରପ୍ (ପଇସାଅଣା ଫସଲ) ରୂପେ ଗଣିଲାଣି, ସେଥିପାଇଁ ସରକାର ନିର୍ଦ୍ଧାରଣ କରୁଥିବା ନିମ୍ନତମ ମୂଲ୍ୟ ଉତ୍ସାହଜନକ ହୋଇଛି। କମିଶନ୍ ଫର୍ ଆଗ୍ରିକଲ୍ଚରାଲ୍ କଷ୍ଟମସ୍ ଆଣ୍ଡ ପ୍ରାଇସେସ୍ (ସିଏସିପି) ବିଭିନ୍ନ ଖରିଫ ଶସ୍ୟର ଉତ୍ପାଦନ ଖର୍ଚ୍ଚ ଓ ଜମିର ଭଡ଼ାକୁ ହିସାବକୁ ନେଇ ଏକର ପିଛା କେତେ ଉତ୍ପାଦନ ହେଉଛି ତା' ଉପରେ ଖରିଫ ଋତୁର ଧାନ ଉତ୍ପାଦନ ଖର୍ଚ୍ଚ (କଷ୍ଟ ଅଫ୍ ପ୍ରଡକ୍ସନ, ସିଓପି) କ୍ୱିଣ୍ଟାଲ୍ ପିଛା ଟ.୧୯୧୧ ହିସାବ



କରିଛନ୍ତି। ତେଣୁ ସାଧାରଣ ଧାନ ଓ ଗ୍ରେଡ୍ଏ ଧାନର କ୍ୱିଣ୍ଟାଲ୍ ପିଛା କିଣା ଦର ଟ.୨୧୮୩ ଓ ଟ.୨୨୦୩ ଧାର୍ଯ୍ୟ କଲେ। ତା' ତୁଳନାରେ ମକା (ମେଜ୍) ଖର୍ଚ୍ଚ ଟ.୧୭୯୭ ନିର୍ଦ୍ଧାରଣ ହେଲା। ୨୦୨୩-୨୪ ଖରିଫ ଧାନ ପାଇଁ ସିଏସିପି ସାଧାରଣ ଓ ଗ୍ରେଡ୍ ଏ ଧାନ ପାଇଁ ଟ.୧୭୯୭ ଓ ଏମ୍ଏସ୍ପି ଟ.୨୦୯୦ ହେଲା। ମୋଟା ଶସ୍ୟ (କୋର୍ସ ସିରିଅଲ୍) ଭିତରେ ବାଜରା (ପାର୍ଲ ମିଲେଟ୍) ଉତ୍ପାଦନ ଖର୍ଚ୍ଚ ସବୁଠୁ କମ୍ କ୍ୱିଣ୍ଟାଲ୍କୁ ଟ.୧୮୧୧, ଜବାର ଓ ରାଗି ଟ.୨୮୩୩ ଓ ଟ.୩୩୨୮। ଧାନ ଉତ୍ପାଦନ କଳନା ବଢ଼ିଛି, ୨୩-୨୪ ପାଇଁ ହେକ୍ଟରକୁ ୪୩.୭ କ୍ୱିଣ୍ଟାଲ୍ ଅଥଚ ଜୁଆର ୧୩.୬ କ୍ୱିଣ୍ଟାଲ୍, ବାଜରା ୧୬.୯ କ୍ୱିଣ୍ଟାଲ୍, ରାଗି ୧୯ କ୍ୱିଣ୍ଟାଲ୍ ଓ ମକା ୩୭ କ୍ୱିଣ୍ଟାଲ୍। ହିସାବ କହୁଛି ଧାନରେ ସବୁଠୁ ବେଶି ମିଳୁଛି। ଏମିତି ବେଶି ମିଳୁଥିବା ବେଳେ ଚାଷୀ କାହିଁକି ଧାନଚାଷ ନ କରିବ, ସେମାନେ ଚାଉଳ ନ ଖାଉଥିଲେ ବି! ଦେଶର କ୍ଷତି, କାରଣ ଧାନ ବେଶି ପାଣି ଦରକାର କରେ, ପଞ୍ଜାବ ଭଳି ସ୍ୱଳ୍ପବୃଷ୍ଟି ଅଞ୍ଚଳରେ ଜଳ କଷ୍ଟ ବଢ଼ାଇବ, ପୂର୍ବ ଭାରତ ଭଳି ବୃଷ୍ଟିବହୁଳ ଅଞ୍ଚଳରେ ଯେଉଁଠି ଧାନଚାଷ ହେଲେ ବି ବୋହିଯାଉଥିବା ବର୍ଷାଜଳ କାମରେ ଆସିବ, ସେଠି ଧାନଚାଷ କରି ପଞ୍ଜାବୀ ଚାଷୀଙ୍କ ଦ୍ୱାରା ହାରିଯିବେ, ଅଧିକ ପାଣି ବ୍ୟବହାର ଓ ପାଣିର ଅବ୍ୟବହାର। କମ୍ ବର୍ଷା ଯୋଗୁ ଜଳାନଡ଼ାର ଧୂଆଁରୁ ପ୍ରଦୂଷଣକାରୀ କଣିକାମାନ (ପିଏମ୍୨୫ ଭଳି) ଆକାଶରେ ଭାସି ରହନ୍ତି ଓ ଏକ୍ୟୁଆଇ ବଢ଼ାନ୍ତି।

ପ୍ରଦୂଷଣ ବୃଦ୍ଧିଜନିତ ତାତି ବୃଦ୍ଧି ଜଳପ୍ରଳୟର କାରଣ ହେଲାଣି, ମେରୁ ଅଞ୍ଚଳୀୟ ବରଫଖଣ୍ଡମାନ ତରଳି ଉପକୂଳବର୍ତ୍ତୀ ସ୍ଥଳଭାଗର ପୃଷ୍ଠଦେଶକୁ ଜଳମଗ୍ନ କରିଦେବେ, ସମୁଦ୍ରପନରୁ ସ୍ୱଳ୍ପ ଉଚ୍ଚତାରେ ଥିବା ସ୍ଥଳଭାଗ (ସେଠି ତ ଘନ ଜନବସତି) ଉପରେ ସମୁଦ୍ର ମାଡ଼ିବସିବ। କେତେକ ଧରାପୃଷ୍ଠରୁ ସମ୍ପୂର୍ଣ୍ଣରୂପେ ଲୀନ ହେବେ। ଧନ ସମ୍ପର୍କରେ ଅଜ୍ଞ ଲୋକେ ପାହାଡ଼ିଆ ବଣଜଙ୍ଗଲ (ହାଏ ଅଲ୍ଟିଚ୍ୟୁଡ୍)ରେ ବଞ୍ଚିଯିବେ ତ ଖୁବ୍ ଧନୀମାନେ ଦାମିକା ଯନ୍ତ୍ରପାତି ଘେରରେ ବଞ୍ଚି ରହିବାର ଚେଷ୍ଟା କରିବେ। ଧନ ଓ ଧର୍ମ- ଏସବୁରେ ମାତିଥିବା ଲୋକଙ୍କ ଭିତରୁ କିଞ୍ଚିତ୍ ଶତାଂଶ ଉଦ୍ଧାର ପାଇବେ- ପାହାଡ଼ ପର୍ବତ ଓ ଉଚ୍ଚତର ଭୂଖଣ୍ଡରେ ଥିବା ଯେଉଁମାନେ ରକ୍ଷାପାଇବେ, ସେହିମାନେ ହିଁ ମାନବ ସଭ୍ୟତାକୁ ପୁନଃ ସ୍ଥାପନ କରିବେ। ଯଦି ପୃଥିବୀ ବାହାରେ ମଣିଷ ଭଳି ପ୍ରାଣୀ ଅଛନ୍ତି, ସେମାନେ କେବେ ପୃଥିବୀକୁ ଆସିଗଲେ ଦେଖିବେ ଯେ ନିଜର ନୀଡ଼କୁ ଅକ୍ଷୁଣ୍ଣ ରଖିବା, ପରିବେଶକୁ ସଷ୍ଟେନେବଲ୍ ବା ଅକ୍ଷୟ ରଖିବାର ନିୟମ ହିଁ ଧର୍ମ। ୨୦୫୦ ସୁଦ୍ଧା ୧୬୭ କୋଟି ସଂଖ୍ୟା ଛୁଉଁଥିବା ଭାରତୀୟମାନଙ୍କୁ ଖାଇବା ପିଇବା ଓ ବିଜୁଳି ଯୋଗାଇବା ତଥା କୃଷି ଉପରେ ନିର୍ଭର କରୁଥିବା ୫୫% ଭାରତୀୟଙ୍କୁ ସ୍ୱଚ୍ଛଳ କରିବା ଏକ ବଡ଼ ଆହ୍ୱାନ! ଜଳବାୟୁକୁ ସୁସ୍ଥ ରଖିବା ଲାଗି ଆମ ସରକାର ୩ଟି ପଦକ୍ଷେପ ନେବା ଦରକାର: (୧) ଯାବତୀୟ ଉତ୍ପାଦନ ପ୍ରକ୍ରିୟାରେ ପ୍ରଦୂଷଣମୁକ୍ତ ଧୂଆଁ, (୨) ନିମ୍ନତମ ଆବଶ୍ୟକତାଠାରୁ ବେଶି ଜଳ ବ୍ୟବହାର ଉପରେ ଦଣ୍ଡ, ଯେଉଁଠି ବର୍ଷାପାଣି ପ୍ରଚୁର ପରିମାଣରେ ସମୁଦ୍ରକୁ ବହିଯାଉଛି ତାକୁ ଭଣ୍ଡାରରେ ରଖନ୍ତୁ ବା ଭୂତଳମୁହାଁ କରାନ୍ତୁ ଓ ଯେଉଁଠି କମ୍ ବୃଷ୍ଟି ସେଠି କମ୍ ବୃଷ୍ଟିରେ ଉଧୋଉଥିବା ଶସ୍ୟ ଫଳାନ୍ତୁ ଓ (୩) ପାଣିପାଗକୁ ଚାହିଁ କୃଷିକର୍ମ ଓ ଭୂଇଁ-ଅନୁକୂଳ ଚାଷ କରାନ୍ତୁ। ଜିଡିପି ବୃଦ୍ଧି ଚିନ୍ତାରେ ସାମାଜିକ ଧର୍ମରେ ଗ୍ଳାନି ଆସିଗଲାଣି, କେହି ଜଣେ ଅବତାରୀ ବ୍ୟକ୍ତି ସମ୍ଭବ ହେବାର ଯୁଗ ଆସିଗଲାଣି।

sahadevas@yahoo.com

# 'ଫାୟାର ବାର୍ଡ'ର ସ୍ରଷ୍ଟା

ବ୍ୟକ୍ତିତ୍ୱ



ପେରୁମାଲ ମୁରୁଗାନ

ପରିବର୍ତ୍ତିତ ପୃଥିବୀରେ ମଣିଷ ନିଜର ସ୍ଥାୟିତ୍ୱ ବୁଝିବାରେ ଯେଭଳି ଅକ୍ଷମ। ମୁଥୁଙ୍କ ବିଶ୍ୱ ଭଙ୍ଗୁର ହୋଇଯାଉଛି ଯେତେବେଳେ ତାଙ୍କ ପିତା ପୈତୃକ ସମ୍ପତ୍ତିକୁ ଭାଗ କରିଦେଉଛନ୍ତି। ସବା ବଡ଼ ଭାଇ ଅସାଧୁ ଉପାୟ ଅବଲମ୍ବନ କରି ସାନ ଭାଇ ମୁଥୁଙ୍କୁ ଘରୁ ତଡ଼ିଦେବା ଭଳି ସ୍ଥିତି ସୃଷ୍ଟି କରିବା ପରେ ସେ ଅସହାୟ ହୋଇଯାଉଛନ୍ତି। ଶେଷରେ ଘର ଛାଡ଼ି ନୂତନ ଦୁନିଆରେ ନିଜ ସ୍ତ୍ରୀ ଓ ଛୁଆଙ୍କୁ ନେଇ ମୁଥୁ ବଞ୍ଚିବାକୁ ଚାଲିଯାଉଛନ୍ତି। ତାଙ୍କର ଅପୂରଣୀୟ କ୍ଷତିକୁ ବୁଝିବାକୁ କେହି ନାହାନ୍ତି। ଏଠାରେ ମୁଥୁ ତାଙ୍କ ସ୍ଥାୟୀ ଦୁନିଆକୁ ଛାଡ଼ି ସ୍ଥାନାନ୍ତରିତ ହେଉଥିବା ପକ୍ଷୀ ପରି ଅନ୍ୟତ୍ର ଯିବା ବେଳର ଦୃଶ୍ୟକୁ ଲେଖକ ବର୍ଣ୍ଣନା କରୁଛନ୍ତି। ଚିନ୍ତା ଉଦ୍ରେକକାରୀ 'ଫାୟାର ବାର୍ଡ' ଉପନ୍ୟାସରେ ତାମିଲ ଔପନ୍ୟାସିକ ପେରୁମାଲ ମୁରୁଗାନ ସ୍ୱାର୍ଥ ପାଇଁ ପାରିବାରିକ ବନ୍ଧନ କିଭଳି ଭାଙ୍ଗିଯାଉଛି, ତାହା ପ୍ରୟାସ କରିଛନ୍ତି। ଏଭଳି ସମ୍ପର୍କକୁ ସେ ଏକ ରହସ୍ୟମୟ ପକ୍ଷୀର ଆଖ୍ୟା ଦେଇ ବଦଳୁଥିବା ବିଶ୍ୱରେ ସ୍ଥାୟିତ୍ୱ ପ୍ରତି ମଣିଷର ପ୍ରବଳ ଇଚ୍ଛାକୁ ପ୍ରକଟ କରିବାକୁ ଚେଷ୍ଟା କରିଛନ୍ତି। ଶାସ୍ତ୍ରୀୟ ସ୍ତରର ଏହି ଉପନ୍ୟାସ ପାଇଁ ମୁରୁଗାନ ସାହିତ୍ୟ କ୍ଷେତ୍ରରେ ଜେସିବି ପୁରସ୍କାର ୨୦୨୩ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିସହିତ ତାଙ୍କ ପୁସ୍ତକକୁ ଇଂଲିଶ ଭାଷାରେ ଅନୁବାଦ କରିଥିବା ଜନନୀ କାନନ୍ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ସ୍ତରର ନିର୍ମାଣ ଉପକରଣ ସଂସ୍ଥା 'ଜେସିବି' ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଭାରତୀୟ ଲେଖକଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ଦେଇଥାଏ। ଏଥିରେ ମୂଳ ଲେଖକଙ୍କୁ ୨୫ ଲକ୍ଷ ଟଙ୍କା ଓ ଅନୁବାଦକଙ୍କୁ ୧୦ ଲକ୍ଷ ଟଙ୍କା ଦିଆଯାଇଆସୁଛି।

ପେରୁମାଲ ମୁରୁଗାନ ୧୫ ଅକ୍ଟୋବର ୧୯୬୬ରେ ତାମିଲନାଡୁ ନମକ୍କଲ ଜିଲାର ଥିରୁଚ୍ଛେନ୍ଗୁଡେଠାରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଚାଷଜମି ଅଳ୍ପ ଥିବାରୁ ପିତା ଥିରୁଚ୍ଛେନ୍ଗୁଡେଠାରେ ଥିବା ଏକ ସିନେମା ଥିଏଟର ନିକଟରେ ସୋଡ଼ା ଦୋକାନ କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ମୁରୁଗାନ ଇରୋଡ୍ଠାରେ ତାମିଲ ସାହିତ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ କୋଇମ୍ବାଟୁରରୁ ସ୍ନାତକୋତ୍ତର ହାସଲ କରିଥିଲେ। ସେହି ତାମିଲ ସାହିତ୍ୟରେ ସେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ଏମ୍ଫିଲ୍ ଏବଂ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଥିଲେ। ତାମିଲ ସାହିତ୍ୟର ପ୍ରଫେସର ମୁରୁଗାନ ତାଙ୍କ ଲେଖା ଓ ଗବେଷଣା ମାଧ୍ୟମରେ ତାମିଲ ଭାଷାକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ବିଶେଷକରି କୋଙ୍ଗୁନାଡୁ ଅଞ୍ଚଳର ଭାଷାକୁ ବଳିଷ୍ଠ କରିବା ଲାଗି ସେ ନୂଆ ଶବ୍ଦକୋଷ ସୃଷ୍ଟି କରିଛନ୍ତି। ନମକ୍କଲସ୍ଥିତ ଗଭର୍ନମେଣ୍ଟ ଆର୍ଟସ କଲେଜରେ ମୁରୁଗାନ ତାମିଲ ସାହିତ୍ୟର ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ବେଳେ ଦକ୍ଷିଣପନ୍ଥୀ ଗୋଷ୍ଠୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ସ୍ଥିତି ଏଭଳି ହୋଇଥିଲ ଯେ ତାଙ୍କୁ ସେଠାରୁ ବଳପୂର୍ବକ ବିଦା କରି ଦିଆଯାଇଥିଲା। ତାଙ୍କ ଲେଖା ଦକ୍ଷିଣପନ୍ଥୀଙ୍କ କାର୍ଯ୍ୟକଳାପ ପ୍ରତି ଇଙ୍ଗିତ କରୁଥିବାରୁ ସେ ଅସହିଷ୍ଣୁତାର ଶିକାର ହୋଇଥିଲେ। ଫଳରେ ସେ ଅତ୍ତୁରସ୍ଥିତ ସରକାରୀ କଲେଜକୁ ଯାଇ ସେଠାରେ ତାମିଲ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ହୋଇଥିଲେ। ତେବେ ଏହି ସମୟ ବ୍ୟବଧାନ ମଧ୍ୟରେ ସେ କିଛି କାଳ ଚେନ୍ନାଇସ୍ଥିତ ପ୍ରେସିଡେନ୍ସି କଲେଜରେ ଅଧ୍ୟାପନା କରିଥିଲେ।

ମୁରୁଗାନଙ୍କ ସାହିତ୍ୟିକ ଜୀବନ ଦେଖିଲେ ସେ ୧୨ ଉପନ୍ୟାସ, ୬ କ୍ଷୁଦ୍ରଗଳ୍ପ ଓ କବିତା ପୁସ୍ତକ ସହ ସାହିତ୍ୟ ଓ ଭାଷା କ୍ଷେତ୍ରରେ ୧୩ଟି ବହି ଲେଖି ପାଠକୀୟ ଆଦୃତି ପାଇଛନ୍ତି। ତାଙ୍କର ଅଧିକାଂଶ ଉପନ୍ୟାସ ଇଂଲିଶ ଭାଷାରେ ଅନୁବାଦ ହୋଇଛି। ୧୯୮୮ରୁ ୧୯୯୧ ମଧ୍ୟରେ ତାମିଲ ଭାଷାର ବିଭିନ୍ନ ପତ୍ରିକାରେ ତାଙ୍କର କ୍ଷୁଦ୍ରଗଳ୍ପ ପ୍ରକାଶ ପାଇଥିଲା। ତାଙ୍କ ଲେଖାଗୁଡ଼ିକ ବରିଷ୍ଠ ସାହିତ୍ୟିକଙ୍କ ଦ୍ୱାରା ସ୍ୱୀକୃତ ହେବା ପରେ ସେ ଉପନ୍ୟାସ ଲେଖାରେ ହାତ ଦେଇଥିଲେ। ୧୯୯୧ରେ ତାଙ୍କ ପ୍ରଥମ ଉପନ୍ୟାସ 'ଇରୁ ଭେୟିଲ୍' ପ୍ରକାଶ ପାଇ ତାମିଲ ସାହିତ୍ୟରେ ଚହଳ ପକାଇଥିଲା। ତା' ପରେ ସେ ଉପନ୍ୟାସ ପ୍ରତି ଅଧିକ ଧ୍ୟାନ ଦେଇଥିଲେ। ଫଳସ୍ୱରୂପ 'ଫାୟାର ବାର୍ଡ' ଆଜି ତାଙ୍କୁ ସର୍ବାଧିକ ପାଠକୀୟ ସମ୍ମାନ ଦେଇଛି। ଏପରି କି ଓଡ଼ିଶାର ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୨ରେ ତାଙ୍କୁ ଫକୀରମୋହନ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ରଚିତ 'ପୁକ୍କୁଲି' ଉପନ୍ୟାସ ଅନିରୁଦ୍ଧ ବସୁଦେବାନଙ୍କ ଦ୍ୱାରା 'ପାୟର' ନାମରେ ଅନୁବାଦିତ ହେବା ପରେ ଅନ୍ତର୍ଜାତୀୟ ବୁକର ପୁରସ୍କାର ୨୦୨୩ର ବିସ୍ତୃତ ତାଲିକାରେ ମନୋନୀତ ହେବା ମୁରୁଗାନଙ୍କ ସାହିତ୍ୟ ବ୍ୟାପକ ଆଦୃତିଲାଭ କରୁଥିବାର ଆଭାସ ଦେଉଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଲୋକମାନେ ବିବାହ ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତୁତି କରନ୍ତି। ସବୁବେଳେ କିଛି ସ୍ୱତନ୍ତ୍ର କରିବାକୁ ମଧ୍ୟ ଚାହିଁଥା'ନ୍ତି। ଏଥିସହ ମାତାପିତାଙ୍କର ମଧ୍ୟ ସେମାନଙ୍କ ସନ୍ତାନମାନଙ୍କର ବିବାହକୁ ନେଇ କିଛି ବିଶେଷ ଇଚ୍ଛା ଥାଏ। ସେମାନେ ତାହା ପୂରଣ କରିବା ଲାଗି ସବୁକିଛି କରିପାରନ୍ତି, ଯାହା ହରିୟାଣାର ସିର୍ସାର ନାଥୁସରି କଳାର ଏକ ବିବାହରୁ ସାମ୍ନାକୁ ଆସିଛି। ନାଥୁସରିକଳା ଗାଁର ରଘୁବୀର ସିଂ କଡ଼ୱାସରଙ୍କ ପୁଅ ଆୟୁଷ ରାଜସ୍ଥାନ ନୋହରର ପିଚକାରାଇ ଗାଁର ନିଶାଙ୍କୁ ବିବାହ କରିଛନ୍ତି। ଏହି ବିବାହରେ ବର କନ୍ୟାଠାରୁ ଗୋଟିଏ ନଡ଼ିଆ ଓ ୧ ଟଙ୍କା ଗ୍ରହଣ କରିଛନ୍ତି। ହେଲେ କନ୍ୟାଙ୍କୁ ବିବାହ କରିବା ପରେ ତାଙ୍କୁ ହେଲିକପ୍ଟରରେ ଘରକୁ ଆଣିଛନ୍ତି। ଆୟୁଷଙ୍କ ପିତା ରଘୁବୀରଙ୍କର ଇଚ୍ଛା ଥିଲା ଯେବେ ବି ତାଙ୍କ ପୁଅ ବିବାହ କରିବ, ସେ ତାଙ୍କ ବୋହୂକୁ ହେଲିକପ୍ଟରରେ ଆଣିବେ। ବିବାହ ସ୍ଥିର ହେବାପରେ ଏହି ଇଚ୍ଛା ପୂରଣ ପାଇଁ ହେଲିକପ୍ଟର ନିମନ୍ତେ ଅର୍ଥ ଯୋଗାଡ଼ଠାରୁ ଆରମ୍ଭକରି ଅନ୍ୟ ପ୍ରସ୍ତୁତି ଶେଷ କରିଥିଲେ। ହେଲିକପ୍ଟରରେ ବୋହୂ ନେଇ ଆସିବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ବିବାହ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ତାଙ୍କ ଘରେ ପହଞ୍ଚିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ନଭେମ୍ବର ୧୯୯୮

- ପାକିସ୍ତାନ ସୈନ୍ୟବାହିନୀର କ୍ଷେପଣାସ୍ତ୍ର ପରୀକ୍ଷାସ୍ଥଳୀ ଟୋମିଆଁୱାଲିରୁ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ବକ୍ତାର-ଶିଖା'ର ସଫଳ ପରୀକ୍ଷଣ।
- ଅତ୍ୟାବଶ୍ୟକ ସାମଗ୍ରୀ ଖରିଦ ପାଇଁ ଇରାକକୁ ସୁଯୋଗ ଦେବା ନିମନ୍ତେ ନିରାପତ୍ତା ପରିଷଦ ପକ୍ଷରୁ ୫.୨ ବିଲିୟନ ଡଲାର ତୈଳ ଆନ୍ତର୍ଜାତିକ ବଜାରରେ ବିକ୍ରୟ ନିମନ୍ତେ ଅନୁମତି ପ୍ରଦାନ।

## ଚିରନ୍ତନୀ

ବାନ୍ଧି ସାହସ ପୁଣି ଚାରି ଖୋଜ ଉଠେ
ସଞ୍ଜ ଗଗନେ ଗୋଟି ଗୋଟି ତାରା ଫୁଟେ।
କୋଟିଏ ବାସନା ମାନସ ଆକାଶେ ତା'ର
ରଚିଲେ ଅସୀମ ଅସ୍ଥାୟୀ ଅଭିସାର।
(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିଲମ୍ବନ ଯଥେଷ୍ଟ ନୁହେଁ

ମହାଶୟ,

ଗୋଟିଏ କୋମଳମତି ଝିଅ ମା'ବାପାଙ୍କଠାରୁ ଅଧିକ ସ୍ନେହ ଶ୍ରଦ୍ଧା ପାଏ। କିନ୍ତୁ ପର ମୁହୂର୍ତ୍ତରେ ସେହି ଝିଅଟି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିକଟରୁ ଅଧିକ ସ୍ନେହ ଶ୍ରଦ୍ଧା ଆଶା କରେ। ଶିକ୍ଷକ ତା'ର ପଥପ୍ରଦର୍ଶକ। ଗୁରୁ ଭାବେ ସତ୍ବାଟରେ ଯିବା ପାଇଁ ଓ ସତ୍କର୍ମ କରିବା ଲାଗି ପରାମର୍ଶ ଦିଅନ୍ତୁ। ମାତ୍ର ଆଜିର ଶିକ୍ଷକଙ୍କ ନିକଟରୁ ତାହା ମିଳୁନାହିଁ। ଖବରକାଗଜ ପୃଷ୍ଠା ଓଲଟାଇଲେ କେଉଁଠି ନା କେଉଁଠି ଶିକ୍ଷକମାନଙ୍କର ହୀନମନ୍ୟତା ଚର୍ଚ୍ଚାର ପରିସରକୁ ଆସେ। ଛୋଟ ପିଲାଙ୍କ ପାଇଁ ଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି ଆଶା କରାଯାଉ ଥିବାବେଳେ ସେହି ଶିକ୍ଷକ କିନ୍ତୁ ନିଜର କୁତ୍ସିତ ଚିନ୍ତାଧାରା ପାଇଁ ଘୃଣାର ପାତ୍ର ପାଲଟିଯା'ନ୍ତି। ସେହିପରି ନବରଙ୍ଗପୁର ଜିଲାରେ ଘଟିଥିବା ଘଟଣା ଉପରେ ଜିଲାପାଳ ଉଭୟ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ମାତ୍ର ଗଭୀର ଭାବେ ଚିନ୍ତାକଲେ କେବଳ ନିଲମ୍ବନ ଯଥେଷ୍ଟ ନୁହେଁ ବୋଲି ମନେହୁଏ। କାରଣ ଏତେ କୁତ୍ସିତ ଚିନ୍ତାଧାରା ରଖୁଥିବା ଶିକ୍ଷକ କେବଳ ନିଲମ୍ବନ ଦ୍ୱାରା ସୁଧୁରିଯିବେ ବୋଲି ମନେହୁଏନା। କେବଳ କଠୋରରୁ କଠୋର ଦଣ୍ଡ ହିଁ ଅନ୍ୟ ଶିକ୍ଷକଙ୍କ ପାଇଁ ଚେତାବନୀ ହେବ।

– ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 2 | | 9 | | | 4 |
| | | 2 | | | 3 | 1 | | |
| | | | 4 | | | | 6 | 5 |
| | 3 | | | | | | | 8 |
| | 1 | | 8 | | | | | |
| | 2 | | | 7 | | 5 | | |
| | | | | 1 | | 7 | 5 | |
| | | | 9 | | | 6 | | |
| | | 6 | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 5 | 6 | 3 | 7 | 9 | 4 | 8 |
| 4 | 6 | 9 | 8 | 1 | 2 | 7 | 5 | 3 |
| 3 | 8 | 7 | 5 | 4 | 9 | 1 | 6 | 2 |
| 5 | 4 | 1 | 3 | 7 | 8 | 6 | 2 | 9 |
| 8 | 3 | 2 | 4 | 9 | 6 | 5 | 1 | 7 |
| 7 | 9 | 6 | 1 | 2 | 5 | 8 | 3 | 4 |
| 6 | 7 | 4 | 9 | 5 | 3 | 2 | 8 | 1 |
| 9 | 5 | 3 | 2 | 8 | 1 | 4 | 7 | 6 |
| 1 | 2 | 8 | 7 | 6 | 4 | 3 | 9 | 5 |

ଗତକାଲିର ଉତ୍ତର

# ଅନିଶ୍ଚିତତାରେ ସୁବର୍ଣ୍ଣପୁର ନୂଆ ବସଷ୍ଟାଣ୍ଡ



ନୂତନ ବସଷ୍ଟାଣ୍ଡ ପାଇଁ ପ୍ରସ୍ତାବିତ ସ୍ଥାନ।

**ସୋନପୁର,୨୫।୧୧(ମୃତ୍ୟୁଞ୍ଜୟ ଶତପଥୀ)**

- ଉଚ୍ଛେଦ ହୋଇନି ଷ୍ଟଲ, ଶୌଚାଳୟ, ପୁରୁଣା ଟାଉନ ହଲ
- ଟେଣ୍ଡର ଆହ୍ୱାନ କରିପାରୁନି ଓଏସ୍ଆରଟିସି
- ଆଗ ଥଇଥାନ ପରେ ଉଚ୍ଛେଦ ପାଇଁ ଦୋକାନୀଙ୍କ ଦାବି
- ପ୍ରକଳ୍ପ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି

ସୁବର୍ଣ୍ଣପୁରବାସୀଙ୍କ ବହୁ ପ୍ରତୀକ୍ଷିତ ନୂତନ ବସଷ୍ଟାଣ୍ଡ ନିର୍ମାଣ ଅନିଶ୍ଚିତତା ମଧ୍ୟରେ ରହିଛି। ଗତ ଅଗଷ୍ଟ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସୁବର୍ଣ୍ଣପୁରରେ ଏ ଟାଇପ୍ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫.୬୫ କୋଟି ଟଙ୍କା ବ୍ୟୟରେ ଓଡିଶା ରାଜ୍ୟ ସଡକ ପରିବହନ ନିଗମ(ଓଏସ୍ଆର୍‌ଟିସି) ଏହି କାମ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ୩.୩୪ ଏକର ପରିମିତ ସ୍ଥାନରେ ବିଭିନ୍ନ ସୁବିଧା ଉପଲବ୍ଧ ଥିବା ବସଷ୍ଟାଣ୍ଡ ନିର୍ମାଣ ହେବ। ନୂତନ ବସ୍‌ଷ୍ଟାଣ୍ଡ ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡ, ମ୍ୟୁନିସିପାଲିଟିର ଦୋକାନ ଘର(ଷ୍ଟଲ), ଟାଉନ ହଲ ଓ ଶୌଚାଳୟକୁ ଉଚ୍ଛେଦ କରି ସେହି ସ୍ଥାନରେ କରାଯିବାର ଯୋଜନା ରହିଛି। କିଛି ମାସ ପୂର୍ବରୁ ପୌର ପରିଷଦ ପକ୍ଷରୁ ଉକ୍ତ ଜମିକୁ ଓଏସ୍ଆର୍‌ଟିସି ନାମରେ ଆବଣ୍ଟିତ କରାଯାଇଛି। ତେବେ ଜମିରୁ ଷ୍ଟଲ, ଶୌଚାଳୟ ଓ ପୁରୁଣା ଟାଉନ ହଲ ଉଚ୍ଛେଦ ହୋଇ ନ ଥିବାରୁ ଓଏସ୍ଆର୍‌ଟିସି ନୂତନ ବସ୍‌ଷ୍ଟାଣ୍ଡ ପାଇଁ ଟେଣ୍ଡର ଆହ୍ୱାନ କରି ପାରୁନି। ଅନ୍ୟପକ୍ଷେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ଗତ ଅକ୍ଟୋବର ୩ରେ ଓ ସୋନପୁର ତହସିଲଦାର ସେପ୍ଟେମ୍ବର ୨୬ରେ, ପୌରପରିଷଦର ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ଉକ୍ତ ସ୍ଥାନ ଖାଲି କରିବା ପାଇଁ କହିଛନ୍ତି। ତଦନୁଯାୟୀ ଗତ ୩ ତାରିଖରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଇଂ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୩୧ଟି ଷ୍ଟଲ ଉଚ୍ଛେଦ ହେବାକୁ ଥିବା ବେଳେ ଭଡା ନେଇଥିବା ୫୨ ଜଣ ଦୋକାନୀ ଏହି ବୈଠକରେ ଉପସ୍ଥିତ ଥିଲେ। ଆଲୋଚନା ସମୟରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପୂର୍ବରୁ ଭଡା ନେଇଥିବା ଦୋକାନୀମାନଙ୍କୁ ବସଷ୍ଟାଣ୍ଡ ଅଞ୍ଚଳରେ ଥଇଥାନ ପୂର୍ବକ ଗୋଟିଏ ଲେଖାଏ ଷ୍ଟଲ ପ୍ରଦାନ କରିବାକୁ ଦାବି ହୋଇଥିଲା। ଏ ନେଇ ୬ଟି ପ୍ରସ୍ତାବ ଆଗତ ହୋଇଥିଲା। ହୋ ହଲ୍ଲା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ଫଳରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଏବେ ଆଶା ଆଶଙ୍କା ମଧ୍ୟରେ ରହିଛି।

## ସେମାନେ ଯାହା କୁହନ୍ତି...



“୧୯୯୩ ମସିହାରୁ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ସିକ୍ୟୁରିଟି ଜମା ଦେଇଛୁ। ଷ୍ଟଲକୁ ଭଡାରେ ନେଇ ଟେଲରିଂ ଦୋକାନ କରିଛି। ଏଥିରୁ ଆମ ପରିବାର ପ୍ରତିପୋଷଣ ହେଉଛି। ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆମ ଷ୍ଟଲଗୁଡିକୁ ଉଚ୍ଛେଦ କରାଯିବ ବୋଲି ଶୁଣୁଛୁ। ବସଷ୍ଟାଣ୍ଡ ନିର୍ମାଣକୁ ଆମେ ସ୍ୱାଗତ କରୁଛୁ। ତେବେ ଆମକୁ ଆଗ ଥଇଥାନ କରି ଷ୍ଟଲଗୁଡିକୁ ଭଙ୍ଗାଯାଉ।

**ବାସୁଦେବ ବଡ଼ପଣ୍ଡା, ଦୋକାନୀ**



“ନୂତନ ବସଷ୍ଟାଣ୍ଡ ନିର୍ମାଣ ପ୍ରସ୍ତାବକୁ ସହରବାସୀ ସ୍ୱାଗତ କରୁଛନ୍ତି। କିନ୍ତୁ ପ୍ରକୃତରେ ଏହା ନିର୍ମାଣ ହେବ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି। ମୋଟ ୧୩୧ଟି ଦୋକାନ ଘର ଭାଙ୍ଗିବା ପାଇଁ ଜିଲା ପ୍ରଶାସନର ଯୋଜନା ରହିଛି। କିନ୍ତୁ ଦୀର୍ଘ ବର୍ଷ ଧରି ଭଡା ଦେଇ ଦୋକାନ କରି ଆସୁଥିବା ଲୋକଙ୍କ କଥା ବିଚାରକୁ ନିଆଯାଇନି। ଷ୍ଟଲ ଭାଙ୍ଗିଲା ପରେ ଦୋକାନୀମାନେ କେଉଁଠି ଥଇଥାନ ହେବେ ପ୍ରଶାସନ ନିରୁତ୍ତର।

**ରାମଚନ୍ଦ୍ର ନାଏକ, ଦୋକାନୀ**



“କିଓସ୍କ ଯୋଜନାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଆସିଥିବା ଅନୁଦାନରୁ ମ୍ୟୁନିସିପାଲିଟି ପକ୍ଷରୁ ବସଷ୍ଟାଣ୍ଡ ପରିସରରେ ୨୮ଟି ଦୋକାନ ଘର ନିର୍ମାଣ ହୋଇଥିଲା। ନିୟମ ଅନୁଯାୟୀ ଆବେଦନ ପରେ ଗୋଟିଏ ଷ୍ଟଲ ମିଳିଛି। ଗତ ୨୫ ବର୍ଷ ଧରି ଲଣ୍ଡ୍ରି ଦୋକାନ କରି ଜୀବିକା ନିର୍ବାହ କରୁଛି। ଷ୍ଟଲଗୁଡିକୁ ଭାଙ୍ଗିବା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ବୈଠକ ଆହ୍ୱାନ କରାଯାଇଥିଲା। ବସଷ୍ଟାଣ୍ଡ ଅଞ୍ଚଳରେ ଆମକୁ ଗୋଟିଏ ଲେଖାଏଁ ଦୋକାନ ଘର ଦେଇ ଷ୍ଟଲ ଭାଙ୍ଗିବାକୁ ଆମେ ପ୍ରସ୍ତାବ ଦେଇଛୁ।

**ରଞ୍ଜିତ ସେଠୀ, ଦୋକାନୀ**



“ପୁରୁଣା ବସଷ୍ଟାଣ୍ଡର ଜମି ଓଏସଆରଟିସି ନାମରେ ରହିଛି। ନଳିନୀ ଛକ, ବିଜୁ ପଟ୍ଟନାୟକ ଛକରୁ ଗାନ୍ଧୀ ପଡିଆ ପାଚେରି ପର୍ଯ୍ୟନ୍ତ ଅଞ୍ଚଳରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯିବ। ଏହି ସ୍ଥାନରେ ୧୩୧ଟି ଦୋକାନ ଘର, ପୁରୁଣା ଟାଉନ ହଲ, ଭୀମଭୋଇ କଳା ମଣ୍ଡପ ଓ ଶୌଚାଳୟ ଅଛି। ସେଗୁଡ଼ିକୁ ଉଚ୍ଛେଦ ପରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇପାରିବ। ଉଚ୍ଛେଦ ହେବାକୁ ଥିବା ଦୋକାନୀଙ୍କୁ ନେଇ ବୈଠକ ହୋଇଥିଲା । ଆଗ ଥଇଥାନ, ପରେ ଉଚ୍ଛେଦ ପାଇଁ ଦୋକାନୀମାନେ ଅଡି ବସିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି।

**ଇଂ ମନୋରଞ୍ଜନ ପଣ୍ଡା, ପୌର ପରିଷଦ ନିର୍ବାହୀ ଅଧିକାରୀ**

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲା ଅସୁସ୍ଥ ହାତୀ

**ନର୍ଲା,୨୫।୧୧(ସନ୍ତୋଷ ପାତ୍ର)**

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ କମର୍ଦ୍ଧା ବିଟ ଗନ୍ଧରବାରୁ ଗ୍ରାମ ନିକଟସ୍ଥ ଏକ କପା ଜମିରେ ଗୁରୁତର ଆହତ ହୋଇଥିବା ଏକ ଦନ୍ତାହାତୀ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ମୃତ୍ୟୁ ବରଣ କରିଛି। ମୃତ ହାତୀର ବୟସ ପାଖାପାଖି ୧୦ରୁ ୧୨ ବର୍ଷ ହେବ। ପ୍ରାପ୍ତ ସୂଚନା ଅନୁଯାୟୀ ଶୁକ୍ରବାର ସକାଳେ ନର୍ଲା ରେଞ୍ଜ କମର୍ଦ୍ଧା ବିଟ ଗନ୍ଧରବାରୁ ଗ୍ରାମ ନିକଟସ୍ଥ ଏକ କପା ଜମିରେ ଏକ ଦନ୍ତାହାତୀ ଗୁରୁତର ଆହତ ଅବସ୍ଥାରେ ପଡ଼ି ରହିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ନର୍ଲା ରେଞ୍ଜ ଅଧିକାରୀ, ବନପାଳଙ୍କ ସହିତ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଏକ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୁରୁତର ଆହତ ହାତୀର ଚିକିତ୍ସା କରିଥିଲେ। କୌଣସି କାରଣ ବଶତଃ ପ୍ରାୟ ଏକ ମାସ ହେବ ହାତୀର ଖାଇବା ପାଟିରେ ଆଘାତ ଲାଗି ଘା ହୋଇଥିଲା। ଏଣୁ ହାତୀ ଖାଇ ନ ପାରି ଦୁର୍ବଳ ହୋଇ ଅସୁସ୍ଥ ଅବସ୍ଥାରେ ପଡ଼ିରହିଥିବା ଜଣାପଡିଛି। ଘଟଣାସ୍ଥଳରେ ସମସ୍ତ ବନ ବିଭାଗୀୟ ଅଧିକାରୀ ଓ ପ୍ରାଣୀ ଚିକିତ୍ସକ ଅଧିକାରୀ ସହିତ ସାଇଣ୍ଟିଫିକ ଟିମ ପହଞ୍ଚି ପିଏମ କରିବା ପାଇଁ ବ୍ୟବସ୍ଥା କରାଯାଉ ଥିବା ଜଣାପଡ଼ିଛି।

### ସ୍କୁଟି ସହ ମଦ ଜବତ, ଜଣେ ଗିରଫ

**ଲୋଇସିଂହା,୨୫।୧୧(ସୁଶାନ୍ତ ବାରିକ)**

ବେଆଇନ ମଦ ଚାଲାଣ ବେଳେ ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ଏକ ସ୍କୁଟି ଓଡି୧୭ ଏନ ୯୦୧୨ ସହ ୩୦ ଲିଟର ରନ୍ଧା ମଦ ଶନିବାର ଜବତ କରିଛି। ଏହି ଘଟଣାରେ ଆଗଲପୁର ଥାନା ଅନ୍ତର୍ଗତ ଅମରାମୁଣ୍ଡା ଗ୍ରାମର ଆକାଶ ପଟେଲ(୨୭)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ଅବକାରୀ ମାମଲା ରୁଜୁ ହୋଇଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଅମରାମୁଣ୍ଡା ଗ୍ରାମର ଆକାଶ ସ୍କୁଟି ଯୋଗେ ଇଂସା ଗ୍ରାମକୁ ବେଆଇନ ମଦ ଚାଲାଣ କରୁଥିବା ନେଇ ଆଗଲପୁର ପୋଲିସକୁ ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିଥିଲା। ଆଇଆଇସି ଭୋଇଙ୍କ ନେତୃତ୍ୱରେ ଆଗଲପୁର ଥାନା ଷ୍ଟାପ ଆମରାମୁଣ୍ଡାରୁ ଇଂସା ରାସ୍ତାରେ ଆକାଶଙ୍କ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ।

# ବ୍ଲକସ୍ତରୀୟ ବାଳବୈଜ୍ଞାନିକ ପ୍ରଦର୍ଶନୀ



ଅତିଥିମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ଦେଓଗାଁ,୨୫।୧୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଦେଷଣ୍ଡ ହାଇସ୍କୁଲରେ ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଆବାହକ ଅମ୍ବରୀଶ ଭୋଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଇଓ ମମତା ମାହାଡିକ, ସମ୍ମାନିତ ଅତିଥିଭାବେ ଶ୍ୟାମ ସୁନ୍ଦର ଦାଶ, ଏବିଇଓ ଅଜିତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବିଜ୍ଞାନ ପତାକା ଉତ୍ତୋଳନ ସହ ମେଳାର ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ୭ଟି ପ୍ରାଥମିକ, ୧୦ଟି ଉଚ୍ଚ ପ୍ରାଥମିକ ଓ ୨୮ଟି ହାଇସ୍କୁଲର ଛାତ୍ରୀଛାତ୍ର ୧୨୩ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏଥିରେ ଜିଲାସ୍ତରକୁ ୫ ପ୍ରକଳ୍ପ ବଡବନ୍ଧ ହାଇସ୍କୁଲର ସିଦ୍ଧାର୍ଥ ବଗର୍ତ୍ତି, ଦେଷଣ୍ଡର ମାମା ସାଏ, ଗୌରଗୋଠର ସୁନିତା ରଣା, ବନ୍ଧପଡାର ବୈଷ୍ଣବୀ ସିଂ ନିନା, ଧଣ୍ଡାମାଳର ଅଙ୍କିତା ମିଶ୍ର ମନୋନୀତ ହୋଇ ଜିଲାସ୍ତରକୁ ଉନ୍ନିତ ହୋଇଥିବା ସୂଚନା ମିଳିଛି । ପ୍ରକଳ୍ପ ନିରୀକ୍ଷକ ଭାବେ ଗୁଡଭେଲା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଯୁଗଳ କିଶୋର ସାହୁ, ବଡଙ୍ଗୋମୁଣ୍ଡା ହାଇସ୍କୁଲର ଗୋପାଳ ମେହେର ଓ ପର୍ଯ୍ୟବେକ୍ଷକ ଭାବେ କଅଁସର ହାଇସ୍କୁଲର ଘନଶ୍ୟାମ ଦଣ୍ଡସେନା ଯୋଗଦେଇଥିଲେ। ବିଇଓ ମାହାଡିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଭିମନ୍ୟୁ ମିଶ୍ର, ଶିକ୍ଷାବିତ ସନାତନ ଠାକୁର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ସଂଯୋଜକ ରାଜ କିଶୋର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦେଷଣ୍ଡ ହାଇସ୍କଲର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପାଣିଗ୍ରାହୀ ବିବରଣୀ ପଠନ କରିଥିଲେ। ଶେଷରେ ଶିକ୍ଷକ ରାଜକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ଲୋଇସିଂହା,୨୫।୧୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା-ପଦ୍ମପୁର ରାସ୍ତାର ପତ୍ରାପାଲି ନିକଟରେ ଶନିବାର ଏକ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବରଗଡ ଜିଲା ଗାଇସିଲାଟ ଗ୍ରାମର ରିଭୁ ପାଣ୍ଡେ(୨୨)। ଗୁରୁତରମାନେ ହେଲେ ଅମନ ନାୟକ(୨୭) ଓ ଅରୁଣ ବରିହା(୨୫)। ଗୁରୁତରଙ୍କୁ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ବଲାଙ୍ଗୀର ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଥିବା ଜଣାଯାଇଛି । ପୋଲିସ ସୂଚନାମତେ, ଗାଇସିଲାଟର ରିଭୁ, ଅମନ ଓ ଅରୁଣ ଓଡି୧୭ ଏସ ୯୯୬୦ରେ ଲୋଇସିଂହାରୁ ଗାଇସିଲାଟ ଯାଉଥିଲେ । ସାମନା ପଟରୁ ଆସୁଥିବା ଏକ ହାଇୱା ଗାଡି ସେମାନଙ୍କ ବାଇକକୁ ଧକ୍କା ଦେଇ ବାଇକ ଆରୋହୀଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ରିଭୁଙ୍କ ମୃତ୍ୟୁ ହୋଇଥିଲା। ଅମନ ଓ ଅରୁଣ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡି ରହିଥିଲେ। ଦୁର୍ଘଟଣା ଖବରପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମୃତ ଓ ଗୁରୁତରଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଆଣିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଅଂଶୁ



@ କୈଳାସ



@ କୁବେର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭୋଟର ସଚେତନତା ରଥର ଶୁଭାରମ୍ଭ

**ବୌଦ୍ଧ,୨୫।୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶନିବାର ଦିନ ଭୋଟର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ରଥର ଶୁଭାରମ୍ଭ କରିଥିଲେ। ବୌଦ୍ଧ ଜିଲାରେ ସ୍ୱତନ୍ତ୍ର, ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅବସରରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ପଞ୍ଜୀକରଣ କରିବା କାର୍ଯ୍ୟ ଚାଲୁ ରହିଛି। ଉପଜିଲାପାଳ ରବୀନ୍ଦ୍ରନାଥ କହଁର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ସଚେତନତା ରଥ ଜିଲାର ସମସ୍ତ ଗ୍ରାମ ପରିକ୍ରମା କରିବ । ଯୋଗ୍ୟ ବ୍ୟକ୍ତିଙ୍କ ନାମ ପଞ୍ଜୀକରଣ କରିବା ନେଇ ଏହି ରଥ ଲୋକଙ୍କୁ ସଚେତନ କରିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ସହକାରୀ ଜିଲାପାଳ ଶାଶ୍ୱତ ପ୍ରଧାନ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଓ ବିଭାଗୀୟ ଅଧିକାରୀମାନେ ସାମିଲ ଥିଲେ।

# ସମନ୍ୱିତ ଚାଷୀ ଭବାନୀ ଶଙ୍କର ସମ୍ବର୍ଦ୍ଧିତ

**ସୋନପୁର,୨୫।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କମସରା ଗ୍ରାମର ଅଗ୍ରଣୀ ସମନ୍ୱିତ ଚାଷୀ ଭବାନୀ ଶଙ୍କର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟ ସଭାଗୃହ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଚାଷୀ ଆଲୋଚନାଚକ୍ରରେ ପଣ୍ଡାଙ୍କୁ ସମ୍ମାନିତ କରା ଯାଇଥିଲା। ପଣ୍ଡା କୃଷକର ଆୟକୁ ବହୁଗୁଣିତ କରିବା ପାଇଁ ସମନ୍ୱିତ କୃଷିରେ ନିଜକୁ ନିୟୋଜିତ କରିଛନ୍ତି। ସେହିପରି ନାବାର୍ଡ ସହାୟତାରେ ଉସତ୍ କୃଷକ ଉତ୍ପାଦନ ସଂଘ ଗଠନ କରି ଅଞ୍ଚଳର କୃଷକମାନଙ୍କ ବହୁମୁଖୀ ଉନ୍ନତି ସାଧନ ପାଇଁ କାର୍ଯ୍ୟରତ ଅଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ, ଭାଜପା ରାଜ୍ୟ ସଭାପତି ମନେମୋହନ ସାମଲ ଓ ସ୍ତମ୍ଭକାର ତଥା କୃଷି ବିଜ୍ଞାନୀ ଜାନକୀ ବଲ୍ଲଭ ବଡପଣ୍ଡାଙ୍କ ଦ୍ୱାରା ସଫଳ ଚାଷୀ ପଣ୍ଡା ସମ୍ବର୍ଦ୍ଧିତ ହୋଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଅଧ୍ୟକ୍ଷତା କରିଥିଲେ।



ଚାଷୀ ଭବାନୀ ଶଙ୍କର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ କଳାହାଣ୍ଡିର ହାବସପୁରୀ ଶାଢ଼ି

**ଭବାନୀପାଟଣା,୨୫।୧୧(ଉତ୍ତମ କୁମାର ଦାଶ)**

ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ କଳାହାଣ୍ଡିର ହାବସପୁରୀ ଶାଢ଼ି। ଜିଲାର ଜୁନାଗଡ଼ ବ୍ଲକ୍ର ଚିର୍ଚିଗୁଡା, ବଲଧିଆମାଲ, ଚକୁଲି, ଧର୍ମଗଡ଼ ବ୍ଲକ ଜୟନ୍ତପୁର ଅଞ୍ଚଳରେ ବୁଣାକାରମାନଙ୍କ ଦ୍ୱାରା ବୁଣାଯାଉଥିବା ହାବସପୁରୀ ଶାଢ଼ିକୁ ନେଇ ନିର୍ମିତ ହେବାକୁ ଥିବା ଡକ୍ୟୁମେଣ୍ଟାରି ଫିଲ୍ମ ଗୋଆରେ ଚାଲିଥିବା ୫୪ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ଫିଲ୍ମ ବଜାରରେ ପିଚିଂ ହୋଇଥିଲା। ବିଏନଆର୍ ଫିଲ୍ମ ବ୍ୟାନରରେ ହେବାକୁ ଫିଲ୍ମ ‘ହାବସପୁରୀ ଉଇଭିଙ୍ଗ ଦି ସେକେଣ୍ଡ ଆଣ୍ଡ ଲାଷ୍ଟ ଡେଥ୍’ର ନିର୍ଦ୍ଦେଶକ ମୟୂର ମହାପାତ୍ର ଏହାକୁ ଉପସ୍ଥାପନ କରିଥିଲେ। ସେହିପରି ମୁମ୍ବାଇରେ ଅବସ୍ଥାପିତ ନିର୍ଦ୍ଦେଶକ ଆଠମଲ୍ଲିକର ବିଶ୍ୱରଞ୍ଜନ ପ୍ରଧାନଙ୍କ ଫିଚର ଫିଲ୍ମ ପ୍ରମାଣପତ୍ର ସ୍କ୍ରିନ ରାଇଟର ଲାକୁ ମନୋନୀତ ହୋଇଛି। ଏହି ଫିଲ୍ମ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିକୁ ନେଇ ହୋଇଥିବା ଏକ ବାସ୍ତବ କାହାଣିକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ଲଣ୍ଡନରେ ଅବସ୍ଥାପିତ ନିର୍ମାତା ପାର୍ଥସାରଥି ପଣ୍ଡା ଓ ଟିଟିଲାଗଡ଼ର ଯୁବ ନିର୍ଦ୍ଦେଶକଙ୍କ ଫିଚର ଫିଲ୍ମ ବାଘୁଣୀ ଡ୍ୟାନ୍ସ ଲାଇକ ଏ ଟାଇଗର କୋ ପ୍ରଡକ୍ସନ ମାର୍କେଟ ଫିଚର୍କୁ ମନୋନୀତ ହୋଇଛି। ନିର୍ମାତା ନିର୍ଦ୍ଦେଶକ ନୀଳମାଧବ ପଣ୍ଡା ଓ ନିର୍ଦ୍ଦେଶକ ଭିମୁକ୍ତି ଜୟ ସୁନ୍ଦରାଙ୍କ ଡକ୍ୟୁମେଣ୍ଟାରି ଫିଲ୍ମ ଫାଇଣ୍ଡିଙ୍ଗ ଲଙ୍କା କୋ ପ୍ରଡକସନ ମାର୍କେଟ ଡକ୍ୟୁମେଣ୍ଟାରିକୁ ମନୋନୀତ ହୋଇଛି। ଏହି ଫିଲ୍ମ ଶ୍ରୀଲଙ୍କାର ବହୁ ସ୍ଥାନ ରାମାୟଣ ସହିତ ସାମଞ୍ଜସ୍ୟ ରହିଛି। ସେହିପରି ସୋନପୁରର ଲଙ୍କେଶ୍ୱରୀ ମନ୍ଦିର, ଲଙ୍କା ପୋଡ଼ି ଯାତ୍ରା ଉପରେ ଆଧାରିତ। ପଶ୍ଚିମ ଓ ୪ଟି ଡକ୍ୟୁମେଣ୍ଟାରି ଓ ଫିଚର ଫିଲ୍ମ ଗୋଆର ଫିଲ୍ମ ବଜାରରେ କମାଲ ଦେଖାଇବା ସହିତ ଫିଲ୍ମ ନିବେଶକଙ୍କୁ ଆକୃଷ୍ଟ କରିଛି। ଏହା ପଶ୍ଚିମ ଓଡ଼ିଶାର ଡକ୍ୟୁମେଣ୍ଟାରି ଓ ଫିଚର ଫିଲ୍ମ ନିର୍ମାତାଙ୍କ ମଧ୍ୟରେ ଉତ୍ସାହ ଆଣି ଦେଇଛି।



ହାବସପୁରୀ ଶାଢ଼ି।

## ସଂକ୍ଷେପରେ

### ୨୯ରୁ ଶ୍ରୀମଦ୍ ଭଗବଦ୍ ଗୀତା ରହସ୍ୟ କର୍ମଶାଳା

ରାଉରକେଲା,୨୫ା୧୧(ବିପ୍ଲବ ରଞ୍ଜନ ଦାଶ): ରାଉରକେଲା ସେକ୍ଟର-୨୦ସ୍ଥିତ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଶ୍ରୀମଦ ଭାଗବତ ଗୀତାର ସତ୍ୟ ଆଧ୍ୟାତ୍ମିକ ରହସ୍ୟ ଭିତ୍ତିକ ଜ୍ଞାନଦୋୟ କର୍ମଶାଳା ଆସନ୍ତା ୨୯ରୁ ଆରମ୍ଭ ହେବ। ଏହି କର୍ମଶାଳା ଡିସେମ୍ବର ୩ ଯାଏଁ ଚାଲିବ। ସେକ୍ଟର-୨୦ କୋଏଲ ନଗର ବିଦ୍ୟାପୀଠ ପଡିଆଠାରେ ପ୍ରତ୍ୟେକ ଦିନ ଅପରାହ୍ନ ୫ଟାରୁ ୮ଟା ଯାଏଁ ସର୍ବଶାସ୍ତ୍ର ଶିରୋମଣୀ ଭଗବଦ ଗୀତା ଶ୍ରବଣର ମହତ୍ୱ, ଆତ୍ମଦର୍ଶନ, ପରମତ୍ମା ଦର୍ଶନ, ମହାଭାରତରେ ପାଣ୍ଡବ କୌରବଙ୍କ ବର୍ଣ୍ଣନା, କର୍ମ ସିଦ୍ଧାନ୍ତ, ରାଜଯୋଗ ଶେଷରେ ବିକାରର ଆହୂତୀ ଓ ସମାପ୍ତି ସମ୍ପର୍କିତ କର୍ମଶାଳାର କାର୍ଯ୍ୟକ୍ରମ ଆଦି ରହିଥିବା ସୂଚନା ଦେଇଛନ୍ତି କେନ୍ଦ୍ର ମୁଖ୍ୟ ବ୍ରହ୍ମକୁମାରୀ ଭଉଣୀ ଅଳୀ। ସୂଚନା ପ୍ରଦାନ କାର୍ଯ୍ୟକ୍ରମରେ ଅମୂଲ୍ୟଚକ୍ର, ପିଙ୍କି, ଭାରତୀ, ଗୌରୀ, ବିଜୟ, ରାଜକିଶୋର ପ୍ରମୁଖ ଉପସ୍ଥିତ ଥିଲେ।

### ଧାନମଣ୍ଡି ଖୋଲିବା ନେଇ ଉଦ୍‌ବେଗ ପ୍ରକାଶ କଲା କୃଷକ ମୋର୍ଚ୍ଚା

ରାଉରକେଲା, ୨୫ା୧୧(ସଙ୍ଗୀତା ଜେନା): ରାଜ୍ୟରେ ତୁରନ୍ତ ଧାନମଣ୍ଡି ଖୋଲିବା ଓ ମଣ୍ଡିଗୁଡିକରେ କଟ୍‌ନି ଛଟ୍‌ନି ବନ୍ଦ କରିବାକୁ ଭାଜପା ଦାବି କରିଛି। ଏହି ପରିପ୍ରେକ୍ଷୀରେ ଶନିବାର ସେକ୍ଟର-୩ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଦଳର ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଯୋଗଦେଇ କହିଥିଲେ, ୨୦୧୪ରେ ନରେନ୍ଦ୍ର ମୋଦି ଶାସନକୁ ଆସିବା ପରେ ଦେଶର ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ବହୁ କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଏହିସବୁ ଯୋଜନାରେ ସମସ୍ତ ରାଜ୍ୟ ଲାଭବାନ ହେଉଥିବା ବେଳେ ଓଡିଶାର ଚାଷୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ପ୍ରକୃତ ହିତାଧିକାରୀ ଏହାର ସଫଳ ରୂପାୟନ ପାଇପାରୁ ନାହାଁନ୍ତି। ବାଲେଶ୍ୱର ରେମୁଣା ବିଜେଡି ବିଧାୟକ ଧାନ କିଣା ମେଶିନ ଜରିଆରେ ତାଙ୍କ କମ୍ପାନୀ କୋଟି କୋଟି ଟଙ୍କା ଦୁର୍ନୀତି କରିଥିବା ନେଇ ରାଜ୍ୟ ଭିଜିଲାନ୍ସ ବିଭାଗ ରିପୋର୍ଟ ଦେଇଛନ୍ତି। ଏଥିସହ କଟକ ଆଠଗଡ ସବ୍‌ଡିଭିଜନ ଖୋଦ କୃଷି ଓ ସମବାୟ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଶହ ଶହ ଚାଷୀଙ୍କ ନାମରେ ଜାଲିଆତି କରାଯାଇ କୃଷିଋଣ ପ୍ରଦାନ କରାଯାଇଛି। ଏହା କାହା ସ୍ୱାର୍ଥରେ ବୋଲି ସାହୁ ପ୍ରଶ୍ନ କରିଥିଲେ। ରାଜ୍ୟ ସରକାରଙ୍କ ଶାସନ ସମୟରେ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା, ଶୀତଳ ଭଣ୍ଡାର ବନ୍ଦୋବସ୍ତ ହୋଇପାରିଲା ନାହିଁ। ପୂର୍ବରୁ ରାଜ୍ୟରେ ଥିବା ୧୧୨ଟି ଶୀତଳଭଣ୍ଡାର ମଧ୍ୟରୁ ମାତ୍ର ୮ଟି କାର୍ଯ୍ୟକ୍ଷମ ଅଛି । ନଭେମ୍ବରରେ ଯାଜପୁର ଜିଲାର ଧର୍ମଶାଳା, ନୟାଗଡ ଜିଲାର ରଣପୁର ଓ ବଲାଙ୍ଗିରର ଲୋଇସିଙ୍ଗା ଅଞ୍ଚଳର ୩ ଜଣ ଚାଷୀଙ୍କ ଅନାବୃଷ୍ଟି କାରଣରୁ ଧାନ ଫସଲ ନଷ୍ଟ ହେବାରୁ ସେମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହଳପାଣି ମାଝି, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ ଓ ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, କୃଷକ ମୋର୍ଚ୍ଚା ଜିଲାସଭାପତି ଶୁକଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ନାମଫଳକରୁ ଅନ୍ତର୍ଜାତୀୟ ଶବ୍ଦ ଗାଏବ

ରାଉରକେଲା,୨୫ା୧୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ହେଉଛି ଭାରତର ସର୍ବବୃହତ୍ ହକି ଷ୍ଟାଡିୟମ। ଏହି ଷ୍ଟାଡିୟମ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ମାତ୍ର ପରିତାପର ବିଷୟ ଏହି ହକି ଷ୍ଟାଡିୟମ ନାମ ଫଳକରୁ ଅନ୍ତର୍ଜାତୀୟ ଶବ୍ଦ ଗାଏବ ହୋଇଯାଇଥିଲେ ମଧ୍ୟ ତାହା ପୁନଃ ଉଲ୍ଲେଖ କରାଯାଉନାହିଁ। ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମକୁ ଯିବା ପାଇଁ ସୂଚନା ପ୍ରଦାନ କରୁଥିବା ନାମଫଳକରେ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଅନ୍ତର୍ଜାତୀୟ ଶବ୍ଦ ନାହିଁ। ଯାହାକୁ ନେଇ ସହରର ହକି କ୍ରୀଡ଼ା ପ୍ରେମୀ, ସମୀକ୍ଷକ ଓ ସଙ୍ଗଠକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ହକି ପ୍ରୋ ଲିଗ୍

**ବିର୍ସା ମୁଣ୍ଡା ହକି ଷ୍ଟାଡିୟମ**



ନାମ ଫଳକରେ ଅନ୍ତର୍ଜାତୀୟ ଶବ୍ଦ ନାହିଁ।

**ହକି ପ୍ରେମୀ ମହଲରେ ଅସନ୍ତୋଷ**

ଅନ୍ତର୍ଜାତୀୟ ମ୍ୟାଚ୍ ଏହି ଷ୍ଟାଡିୟମରେ ହେବାକୁ ରହିଛି। ତେଣୁ ତୁରନ୍ତ ନାମ ଫଳକରେ ଅନ୍ତର୍ଜାତୀୟ ଶବ୍ଦକୁ ଉଲ୍ଲେଖ କରିବା ପାଇଁ ଦାବି ହେଉଛି।

ବରିଷ୍ଠ ହକି କ୍ରୀଡ଼ା ସମୀକ୍ଷକ ସୁଶାନ୍ତ ବେହେରା କୁହନ୍ତି, ୨୦ହଜାର ସିଟ୍ ବିଶିଷ୍ଟ ଦେଶର ବୃହତ ହକି ଷ୍ଟାଡିୟମ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ନାମଫଳକରୁ ଅନ୍ତର୍ଜାତୀୟ ଶବ୍ଦକୁ ବାଦ୍ ଦିଆଯିବା ଦୁର୍ଭାଗ୍ୟର ବିଷୟ। ଆଗକୁ ପ୍ରୋ-ଲିଗ ରହିଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ନାମଫଳକରେ ତୁରନ୍ତ ଅନ୍ତର୍ଜାତୀୟ ନାମକୁ ମୁଦ୍ରଣ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏ ନେଇ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍ ଇନ୍‌ଚାର୍ଜ ବିଶ୍ୱଜିତ ମହାନ୍ତଙ୍କୁ ପଚାରିବାରୁ ସେ କହିଥିଲେ, ମୁଦ୍ରିତ ନାମଫଳକରେ ଅନ୍ତର୍ଜାତୀୟ ନାଁ ରହିବାର ଥିଲା। ସମସ୍ତ ବ୍ୟାଙ୍କ ଆକାଉଣ୍ଟ ସହ କାଗଜପତ୍ରରେ ମଧ୍ୟ ଅନ୍ତର୍ଜାତୀୟ ଶବ୍ଦ ବ୍ୟବହାର ହେଉଛି। ମାତ୍ର ନାମଫଳକ ମଝିରେ ଏହି ଶବ୍ଦ ଲମ୍ବା ହେଉଥିବାରୁ ଏହାକୁ ପରିବର୍ତ୍ତନ କରାଗଲା। ପରିବର୍ତ୍ତିତ ନାମ ଫଳକ ଦେଖିବା ଓ ଶୁଣିବାକୁ ଭଲ ହେବାରୁ ଅନ୍ତର୍ଜତୋୟ ନାମକୁ ଡ୍ରପ୍ କରାଗଲା। ଏହା ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରୁ ହୋଇଛି। ତେବେ ଏହାକୁ ମୁଦ୍ରଣ କରିବା ପାଇଁ ପ୍ରସ୍ତାବ ଦିଆଯିବ ବୋଲି ମହାନ୍ତ କହିଥିଲେ। ଏ ନେଇ ଷ୍ଟାଚ୍ୟୁ କମିଟି ସମ୍ପାଦକ ବିଜୟ ଟପ୍ପୋଙ୍କୁ ପଚାରିବାରୁ ସେ ଏ ବିଷୟରେ ମୁହଁ ଖୋଲି ନ ଥିଲେ।

## ରାଉରକେଲା କଲେଜରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପନ୍ନ



କୃତୀ ଛାତ୍ରୀଛାତ୍ରମାନଙ୍କ ସହିତ ଅତିଥି।

ରାଉରକେଲା,୨୫ା୧୧(ବିପ୍ଲବ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କ ନୂଆ ଓଡିଶା, ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉପଲକ୍ଷେ ଦ୍ୱି ଦିବସୀୟ କର୍ମଶାଳା ଶନିବାର ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମ ରାଉରକେଲା ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ଏବଂ ରାଉରକେଲା ଉଚ୍ଚ ମାଧ୍ୟମିକ, ବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଯୁକ୍ତ ୩ ନୋଡାଲ ଅଧିକାରୀ ପ୍ରଫେସର ତପସ୍ୱିନୀ ମିଶ୍ର କାର୍ଯ୍ୟକ୍ରମର ମାର୍ଗଦର୍ଶକ ଥିଲେ। ନୋଡାଲ ଅଧିକାରୀ ଅଧ୍ୟାପିକା ରଶ୍ମିପ୍ରଭା ମଥାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ କବିତା ଆବୃତ୍ତି, ଗଳ୍ପ ଓ ପ୍ରବନ୍ଧ ଲିଖନ, ଚିତ୍ରକଳା, କାର୍ଟୁନ କଳା ଓ ଷ୍ଟାଣ୍ଡଅପ୍ କମେଡି ପ୍ରତିଯୋଗିତା ହୋଇଥିଲା। ଏଥିରେ ଉଭୟ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ପ୍ରଶିକ୍ଷକ ଭାବେ ମନୋଜ କୁମାର ଚୌଧୁରୀ, ବିଜୟ କୁମାର ଭୋଲ, ପଞ୍ଚାନନ ପାତ୍ର, ମୁରଲୀଧର ଦାଶ ଓ ପ୍ରଳୟ ଶତପଥୀ ଦାୟିତ୍ୱ ନିର୍ବାହ କରିଥିଲେ। ଯୁକ୍ତ ୨ ନୋଡାଲ ଅଧିକାରୀ ତଥା ବରିଷ୍ଠ ଅଧ୍ୟାପକ ରଶ୍ମୀ ରଞ୍ଜନ ରାଉତ, ସାଂସ୍କୃତିକ ପରିଷଦର ନୋଡାଲ ଅଧିକାରୀ ଅଧ୍ୟାପିକା ଭାରତୀ ବରୱା, ଯୁକ୍ତ ୩ ସହ ଅଧିକାରୀ ଅଧ୍ୟାପକ କରୁଣାକର ପାଟ୍ଟଶାଣୀ ଓ ଯୁକ୍ତ ୨ ସହ ଅଧିକାରୀ ଅଜିତ ବେକଙ୍କ ସମେତ ଯୁକ୍ତ ୩ ଛାତ୍ର ପ୍ରତିନିଧି ମଣ୍ଡଳୀ ଛାତ୍ରୀଛାତ୍ରମାନଙ୍କ ଭିତରେ ଅନ୍ତର୍ନିହିତ ପ୍ରତିଭା ଚିହ୍ନଟ କରିବାରେ ସହଯୋଗ କରିଥିଲେ। କବିତା ଆବୃତ୍ତିରେ ଅନିତା ଜଗଦେବ, ସୃଜନଶୀଳ ସୃଷ୍ଟିରେ ଅନୁଶ୍ରୀ ରାଉତ, ଚିତ୍ରକଳାରେ ରାହୁଲ ତନ୍ତୀଙ୍କ ସମେତ ବହୁ ଛାତ୍ରୀଛାତ୍ର କୃତୀତ୍ୱ ଅର୍ଜନ କରିଥିଲେ। ଆସନ୍ତା ୨୯ ତାରିଖରୁ ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଅଧ୍ୟକ୍ଷା ସୂଚନା ଦେଇଥିଲେ।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଲୋଇସିଂହା,୨୫ା୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା-ପଦ୍ମପୁର ରାସ୍ତାର ପତ୍ରାପାଲି ନିକଟରେ ଶନିବାର ଏକ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବରଗଡ ଜିଲା ଗାଇସିଲାଟ ଗ୍ରାମର ରିଭୁ ପାଣ୍ଡେ(୨୨)। ଗୁରୁତରମାନେ ହେଲେ ଅମନ ନାୟକ(୨୭) ଓ ଅରୁଣ ବରିହା(୨୫)। ଗୁରୁତରଙ୍କୁ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ବଲାଙ୍ଗୀର ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଥିବା ଜଣାଯାଇଛି । ପୋଲିସ ସୂଚନାମତେ, ଗାଇସିଲାଟର ରିଭୁ, ଅମନ ଓ ଅରୁଣ ଓଡି୧୭ ଏସ ୯୯୬୦ରେ ଲୋଇସିଂହାରୁ ଗାଇସିଲାଟ ଯାଉଥିଲେ । ସାମନା ପଟରୁ ଆସୁଥିବା ଏକ ହାଇୱା ଗାଡି ସେମାନଙ୍କ ବାଇକକୁ ଧକ୍କା ଦେଇ ବାଇକ ଆରୋହୀଙ୍କ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ରିଭୁଙ୍କ ମୃତ୍ୟୁ ହୋଇଥିଲା। ଅମନ ଓ ଅରୁଣ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡି ରହିଥିଲେ। ଦୁର୍ଘଟଣା ଖବରପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମୃତ ଓ ଗୁରୁତରଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଆଣିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଅଂଶୁ


@ କୈଳାସ


@ କୁବେର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଜ୍ଞାନମେଳାରେ ୨୧୫ ପ୍ରକଳ୍ପ ପ୍ରଦର୍ଶନ

ରାଉରକେଲା,୨୫ା୧୧(ସଙ୍ଗୀତା ଜେନା)

ସେକ୍ଟର-୯ ସ୍ଥିତ କ୍ରିଷ୍ଟାସ ବିକାଶ ଆଣ୍ଡ ଗ୍ଲୋବାଲ ସ୍କୁଲରେ ଦ୍ୱିଦିବସୀୟ ବିଜ୍ଞାନ ମେଳା ଶନିବାର ଉଦ୍‌ଯାପିତ ହୋଇଛି। ପ୍ରଥମ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଜୁନିଅର ଓ ସିନିଅର ବର୍ଗରେ ମୋଟ ୨୧୫ଜଣ ଛାତ୍ରୀଛାତ୍ର ଉଚ୍ଚକୋଟୀର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପିନୀ ଦିବସରେ ମୁଖ୍ୟ ଅତିଥିଭାବେ ରିମ୍ସ କଲେଜର ଏମସିଏ ମୁଖ୍ୟ ବିଭୁଦେନ୍ଦୁ ପଣ୍ଡା, ଅଧ୍ୟାପକ ଦାମୋଦର ନାୟକ, ବିସିଏ ବିଭାଗ ପ୍ରମୁଖ ସ୍ୱାତୀରେଖା ମହାନ୍ତି, ସ୍କୁଲ ଅଧ୍ୟକ୍ଷା ଦେବଯାନୀ ଚାଟାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ପ୍ରଥମ ଦିନରେ ଅତିଥି ଭାବେ ଖବରଦାତା ଦେବବ୍ରତ ପଟ୍ଟନାୟକ, ରାଉରକେଲା ସ୍ୱୟଂ ଶାସିତ ସରକାରୀ କଲେଜର ଫିଜିକ୍ସ ବିଭାଗ ମୁଖ୍ୟ ଡ. ଅଭିଜିତ୍ ଜେନା ପ୍ରମୁଖ ଯୋଗଦେଇ ଥିଲେ। ସ୍କୁଲରେ ପ୍ରଥମ କରି ଆୟୋଜିତ ହୋଇଥିବା ବିଜ୍ଞାନମେଳାରେ ଜଳବାୟୁ ପରିବର୍ତ୍ତନ, ଋତୁଚକ୍ର, ଖାଦ୍ୟ ଚକ୍ର, ଜଳଚକ୍ର, ସୌରମଣ୍ଡଳ, ସ୍ମାର୍ଟସିଟି ପରିଚାଳନା, ଅତ୍ୟାଧୁନିକ ଟ୍ରାଫିକ ବ୍ୟବସ୍ଥାରେ ଦୁର୍ଘଟଣା ରୋକିବା, ଦୁର୍ଘଟଣା ନିରୋଧରେ ଏଲ୍‌ଆଇ-ଏଫ୍‌ଆଇ ପ୍ରକଳ୍ପ, ଆର୍ଟିଫିସିଆଲ୍ ଇଂଟଲିଜେନ୍ସ(ଏଆଇ), ଚନ୍ଦ୍ରାୟନ-୩, ରୋବୋଟିକ୍ସ, ହେମୋଡାୟଲିସିସ୍ ଉଚ୍ଚ ପ୍ରଶଂସିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନକୁ ନେଇ ଚିନ୍ତାଧାରାକୁ ବିକଶିତ କରିବା ପାଇଁ ସ୍କୁଲ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଅଧ୍ୟକ୍ଷା ଚାଟାର୍ଜୀ କହିଥିଲେ। ଆବାହକ ଇନ୍ଦ୍ରନୀଲ ସରକାର, ବିଜ୍ଞାନ ମୁଖ୍ୟ ସରିତା ଶତପଥୀ, ଝରାଶ୍ରୀ ଜେନା, ବି ଅନୀଲ ଡୋରା ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବିଜ୍ଞାନମେଳାରେ ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ଆକାଂକ୍ଷାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ

ରାଉରକେଲା,୨୫ା୧୧(ଦିନେଶ ମିଶ୍ର)

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ ରାଉରକେଲା ଛାତ୍ରୀ ଆକାଂକ୍ଷା ନାୟକ ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ରାଷ୍ଟ୍ରପତିଙ୍କ ହାତରୁ ସ୍ୱର୍ଣ୍ଣପଦକ ଲାଭ କରିବାର ଗୌରବ ଅର୍ଜନ କରିଛନ୍ତି। ରାଉରକେଲା ବାସନ୍ତୀ କଲୋନୀର ବ୍ୟାଙ୍କ କର୍ମଚାରୀ ଅକ୍ଷୟ କୁମାର ନାୟକଙ୍କ କନିଷ୍ଠ କନ୍ୟା ଆକାଂକ୍ଷା ସେକ୍ଟର- ୭ ସ୍ଥିତ ଚିନ୍ମୟ ବିଦ୍ୟାଳୟରୁ ଦଶମ ଓ ରାଉରକେଲା ସରକାରୀ ମହାବିଦ୍ୟାଳୟରୁ ଯୁକ୍ତ ୨ପାସ୍ କରିଥିବାବେଳେ ଏନ୍‌ଆଇଟିରେ ଥର୍ମୋଡାଇନାମିକ୍ସ ଏମ୍.ଟେକ୍ କରିଛନ୍ତି। ଆକ୍ଷାଂକା ହେଉଛନ୍ତି ଅବସରପ୍ରାପ୍ତ ଶିକ୍ଷକ ତଥା ବାସୁଦେବପୁର ଜନକଲ୍ୟାଣ ପରିଷଦର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ବାଇଧର ନାୟକ ଓ କବି ସ୍ୱର୍ଗତ ସାବିତ୍ରୀ ନାୟକଙ୍କ ନାତୁଣୀ। ତାଙ୍କ ଏହି ସଫଳତା ପାଇଁ ବାସୁଦେବପୁର ଜନକଲ୍ୟାଣ ପରିଷଦ ସଭାପତି ଡକ୍ଟର ରବିନାରାୟଣ ମହାପାତ୍ର, ପ୍ରଫେସର ଭବେଶ ଚନ୍ଦ୍ର ସାହୁ, ଲକ୍ଷ୍ମଣନାଥ ଦାସ, ଡାକ୍ତର ରବୀନ୍ଦ୍ର କୁମାର ପଣ୍ଡା, ରାମଚନ୍ଦ୍ର ବେହେରା, ସୁବାସ ଚନ୍ଦ୍ର ମହାପାତ୍ର, ବିଶ୍ୱନାଥ ସାହୁ, ଶରତ କୁମାର ଦାସ, କୃପାସିନ୍ଧୁ ବେହେରା ପ୍ରମୁଖ ଆକାଂକ୍ଷାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭାରତର ବେଦଶାସ୍ତ୍ର ବିଶ୍ୱ ସଂସ୍କାରରେ ସହାୟକ ହୋଇଥାଏ

ରାଉରକେଲା,୨୫ା୧୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୨୦ ସ୍ଥିତ କମ୍ୟୁନିଟି ସେଣ୍ଟରରେ ସୁନ୍ଦରଗଡ ଜିଲ୍ଲା ପତଞ୍ଜଳି ଯୋଗ ପରିବାର ପକ୍ଷରୁ ବେଦ ପ୍ରବଚନ କାର୍ଯ୍ୟକ୍ରମ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳିର ରାଜ୍ୟ ମହାମନ୍ତ୍ରୀ ଡକ୍ଟର ସୁଦର୍ଶନ ଦେବ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ବୈଦିକ ବେଦଶାସ୍ତ୍ରର ମୌଳିକ ତତ୍ତ୍ୱ ଓ ଏହାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଭାରତର ବେଦଶାସ୍ତ୍ର ବିଶ୍ୱ ସଂସ୍କାରରେ ସହାୟକ ହେବାର ଦୃଷ୍ଟାନ୍ତ ରହିଛି ବୋଲି ଦେବ ଆଚାର୍ଯ୍ୟ କହିଥିଲେ। ବେଦ ଉତ୍ତମ ଓ ସଦ୍‌ଗୁଣ ଜ୍ଞାନର ଭଣ୍ଡାର। ତେଣୁ ପ୍ରତ୍ୟେକ ବ୍ୟକ୍ତି ବେଦଶାସ୍ତ୍ର ଅଧ୍ୟୟନ କରିବା ଉଚିତ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ମାନବ ଜୀବନର ଲକ୍ଷ୍ୟ ବିଶ୍ୱ କଲ୍ୟାଣ ସହ ମୋକ୍ଷ ପ୍ରାପ୍ତି କରିବା। ପ୍ରତ୍ୟେକ ଜୀବନ କାଳରେ ବେଦ ଅଧ୍ୟୟନ ଅତ୍ୟନ୍ତ ଆବଶ୍ୟକ। ଜଣେ ଉତ୍ତମ ମନୁଷ୍ୟ ହେବା ପାଇଁ ବେଦକୁ ସ୍ୱାଧ୍ୟାୟ କରି ଜୀବନକୁ ସାକାର କରିବା ପାଇଁ ସର୍ବଦା ଚେଷ୍ଟା କରିବାକୁ ବେଦ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ଜିଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ନରେନ୍ଦ୍ର ବେହେରା, ପୀତବାସ ପ୍ରଧାନ, ଗଙ୍ଗାଧର ଦାଶ, ଆରତୀ କର ପ୍ରମୁଖ ସହଯୋଗ କରିଥିଲେ।


ବେଦ ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।

## ଗୁଣାତ୍ମକ ଶିକ୍ଷା ପାଇଁ ଚାପମୁକ୍ତ ଶିକ୍ଷା ପଦ୍ଧତି ଆବଶ୍ୟକ

ରାଉରକେଲା,୨୫ା୧୧(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଡ. ଏ. ଏନ. ଖୋସଲା ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ପିଲାମାନେ ସର୍ବଦା ନିଜ ମାତାପିତା ଓ ଗୁରୁଜନମାନଙ୍କ କଥା ମାନିବା ସହ ସମ୍ମାନ ଦେବାକୁ ଉପଦେଶ ଦେଇଥିଲେ। ବିଦ୍ୟାର୍ଥୀଙ୍କ ଜୀବନରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ହେଲେ ଆମ ସମସ୍ତଙ୍କୁ ଚାପମୁକ୍ତ ପରିବେଶ ସାଙ୍ଗକୁ ଚାପମୁକ୍ତ ଶିକ୍ଷାପଦ୍ଧତିକୁ ଆପଣାଇବାକୁ ପଡିବ। କାରଣ ଛାତ୍ର ଜୀବନରେ ଉତ୍ତମ ଶିକ୍ଷା ହିଁ ଏକ ଉତ୍ତମ ରାଷ୍ଟ୍ର ଗଢିବାରେ ସହାୟକ ହୋଇଥାଏ ବୋଲି ମୁଖ୍ୟ ଅତିଥି ପ୍ରଫେସର ରଥ କହିଥିଲେ। ଡିଏଭି ସ୍କୁଲ ଅଧ୍ୟକ୍ଷ ଲୋକନାଥ ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍କୁଲର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସ୍କୁଲର ପିଲାମାନଙ୍କ ଦ୍ୱାରା 'ଏକ ଭାରତ ଶ୍ରେଷ୍ଠ ଭାରତ' ବିଷୟ ବସ୍ତୁ ଉପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥଲା। ଏହି ଅବସରରେ ସ୍କୁଲର ବାର୍ଷିକ ପତ୍ରିକା


ଉତ୍ସବରେ ଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ଡିଏଭି ସ୍କୁଲର ବାର୍ଷିକୋତ୍ସବ**

ରୌନକ ଉନ୍ମୋଚନ କରାଯାଇଥିଲା। ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ମହାତ୍ମା ହଂସରାଜ ଓ ଓଡିଶାର ପୂର୍ବତନ ରାଜ୍ୟପାଳ ତଥା ଡିଏଭିର ତତ୍କାଳୀନ ଉପସଭାପତି ଡ. ଅଯୋଧ୍ୟନାଥ ଖୋସଲାଙ୍କ ପ୍ରତିମୂର୍ତ୍ତି ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍କୁଲ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଏସ୍. କେ. ଯୋଶୀ, ରାଜେଶ ମାଲହୋତ୍ରା, ଇଂ. ଆର.ଏନ୍. ମିଶ୍ର, ସଳିଳ ପଟ୍ଟନାୟକ, ଡକ୍ଟର ସମୀର କୁମାର ପାତ୍ର, ମନୋରଞ୍ଜନ ସ୍ୱାଇଁ, ବିଳାସିନୀ ଘଡେଇ, ଯଶବିନ୍ଦୀ କୌର ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ମ୍ୟାନେଜିଂ କମିଟିର ବରିଷ୍ଠ ସଦସ୍ୟ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ସିରିଆ ସେନା ସେଲ୍ ମାଡ଼ରେ ୯ ମୃତ

**ବେରୁଟ୍,୨୫।୧୧:** ସିରିଆ ଉତ୍ତର ପଶ୍ଚିମାଞ୍ଚଳରେ ଥିବା ଏକ ଗ୍ରାମ ଉପରେ ଶନିବାର ସିରିଆ ସେନା ସେଲ୍ ମାଡ଼ କରିବାରୁ ୬ ପିଲାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ଇଡ୍‌ଲିବ ପ୍ରଦେଶର କାଓକାଫିନ୍ ଗ୍ରାମରେ ଏହି ଆକ୍ରମଣ ହୋଇଛି। ରୁଷିଆ ଏବଂ ତୁର୍କିଏ ମଧ୍ୟରେ ୨୦୨୦ ମାର୍ଚ୍ଚରେ ହୋଇଥିବା ଯୁଦ୍ଧବିରତିର ଏହା ସଦ୍ୟତମ ଉଲ୍ଲଂଘନ। ସିରିଆର ବିଦ୍ରୋହୀ ଗୋଷ୍ଠୀର ୧୨ ବର୍ଷର ସଂଘର୍ଷରେ ୫ ଲକ୍ଷ ଲୋକଙ୍କ ଜୀବନ ଗଲାଣି। ତୁର୍କେଇ ଉକ୍ତ ବିଦ୍ରୋହୀ ଗୋଷ୍ଠୀକୁ ସହାୟତା କରୁଥିବା କୁହାଯାଉଛି।

## ଭୋଟ ବେଳେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ

**ଜୟପୁର,୨୫।୧୧:** ରାଜସ୍ଥାନର ପାଲି ଜିଲାରେ ଶନିବାର ଭୋଟଗ୍ରହଣ ଚାଲିଥିବାବେଳେ ହୃଦ୍‌ଘାତରେ ଜଣେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ ଘଟିଛି। ଶାନ୍ତି ଲାଲ୍ ନାମକ ବ୍ୟକ୍ତି ଜଣେ ଭାଜପା ପ୍ରାର୍ଥୀଙ୍କ ଏଜେଣ୍ଟ ଭାବେ ସୁମେରପୁର ନିର୍ବାଚନ ମଣ୍ଡଳୀର ୪୭ ନମ୍ବର ବୁଥ୍‌ରେ ଉପସ୍ଥିତ ଥିଲେ। ହଠାତ୍ ସେ ମୂର୍ଚ୍ଛା ଯିବାରୁ ତାଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ଜିଲା ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସୁଡ଼ଙ୍ଗ ତଳେ ଜୀବନ

# ୪୧ ଶ୍ରମିକ, ୧୪ ଦିନ

### ଆଜିଠୁ ହାତରେ ଖନନ

**ଉତ୍ତରକାଶୀ,୨୫।୧୧**



ଉତ୍ତରାଖଣ୍ଡର ଉତ୍ତରକାଶୀସ୍ଥିତ ସୁଡ଼ଙ୍ଗରେ ଗତ ୧୨ ତାରିଖରୁ ଫସି ରହିଥିବା ୪୧ ଶ୍ରମିକ କେବେ ବାହାରର ଆଲୋକ ଦେଖିବେ, ତାହା କହିହେଉ ନାହିଁ। ଖନନ କାର୍ଯ୍ୟରେ ନିୟୋଜିତ ଆମେରିକାର ଓଜନଦାର ମେଶିନ୍‌ର ଡ୍ରିଲିଂ ଯନ୍ତ୍ରାଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ଶୁକ୍ରବାର ଖନନ କାର୍ଯ୍ୟ ପୁଣିଥରେ ଅଟକିଛି। ରବିବାରଠାରୁ ହାତରେ ଖନନ ଆରମ୍ଭ ହେବ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ସୁଡ଼ଙ୍ଗ ଭିତରେ ଫସିଥିବା ଔଗର ମେଶିନ୍‌ର ଯନ୍ତ୍ରାଂଶଗୁଡ଼ିକୁ କାଟି ବାହାର କରିବା ପାଇଁ ହାଇଦ୍ରାବାଦରୁ ଏକ ସ୍ୱତନ୍ତ୍ର ମେଶିନ୍ ଅଣାଯାଇଛି। ଉଦ୍ଧାର ପାଇଁ ସମସ୍ତ ସମ୍ଭାବ୍ୟ ଦିଗ ଉପରେ ଉଦ୍ୟମ ଜାରି ରହିଛି।

ଫସିଥିବା ଶ୍ରମିକମାନଙ୍କ ପାଖରେ ପହଞ୍ଚିବାକୁ ଆଉ ମାତ୍ର ୧୦ରୁ ୧୨ ମିଟର ଖନନ ବାକିଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପରବର୍ତ୍ତୀ ୫ ମିଟର ମଧ୍ୟରେ କୌଣସି ଧାତବ ପ୍ରତିବନ୍ଧକ ଚିହ୍ନଟ ହୋଇ ନ ଥିବା ଗ୍ରାଉଣ୍ଡ-ପେନେଟ୍ରେଟିଙ୍ଗ ରାଡାରରୁ ଜଣାପଡ଼ିଛି। ଫସିଥିବା ଶ୍ରମିକମାନଙ୍କ ପାଇଁ ସେମାନଙ୍କ ଆତ୍ମୀୟ ଓ ସମ୍ପର୍କୀୟମାନେ ସୁଡ଼ଙ୍ଗ ବାହାରେ ପଡ଼ିରହିଥିବାବେଳେ ସେମାନଙ୍କ ପ୍ରତୀକ୍ଷାର ଅନ୍ତ ଘଟୁନାହିଁ। ଦୁଇ ଦିନରେ ଦୁଇଟି ପ୍ରତିବନ୍ଧକ ସେମାନଙ୍କୁ ଧୈର୍ଯ୍ୟହରା କରିଛି। ଖନନ କାର୍ଯ୍ୟ ଅଟକିବା ପୂର୍ବରୁ ୪୬.୮ ମିଟର ପର୍ଯ୍ୟନ୍ତ ପାଇପ୍ ଟନେଲ ଭିତରକୁ ଯାଇଥିଲା। ଖନନ କାର୍ଯ୍ୟରେ ନିୟୋଜିତ ୨୫ ଟନ୍ ଓଜନର ଡ୍ରିଲିଂ ମେଶିନ୍‌ର ବ୍ଲେଡ୍ ଭାଙ୍ଗି ମାଟିତଳେ ରହିଯିବାରୁ ଉଦ୍ଧାର କାର୍ଯ୍ୟ ଅଟକିଛି। ତେଣୁ ହାତରେ ଖନନ ପନ୍ଥା ବାଛିବାକୁ ନିଷ୍ପତ୍ତି ହୋଇଛି। ଏହା ହେଲେ ଉଦ୍ଧାର କାର୍ଯ୍ୟକୁ ଆଉ କେତେକ ସପ୍ତାହ ଲାଗିପାରେ ବୋଲି କୁହାଯାଉଛି। ଶୁକ୍ରବାର ଦିନସାରା କାମ ବନ୍ଦ ରହିଥିଲା। ଔଗର ମେଶିନ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଅନ୍ତର୍ଜାତୀୟ ଟନେଲ ବିଶେଷଜ୍ଞ ଆର୍ନୋଲ୍ଡ ଡିକ୍ସ କହିଛନ୍ତି। ଶ୍ରମିକମାନେ ଖାତରେ ୧୦ରୁ ୨୦ ମିଟର ଖୋଳିବା ସହ ଉପରୁ ୮୬ ମିଟର ଗଭୀର ପର୍ଯ୍ୟନ୍ତ ଖନନ ପାଇଁ ଅନ୍ୟ ଏକ ବିକଳ୍ପ ଉପରେ ମଧ ବିଚାର କରାଯାଉଥିବା ସେ କହିଛନ୍ତି।

ସେପଟେ ୬ ଇଞ୍ଚ ଓସାରର ପାଇପ୍ ଦେଇ ସୁଡ଼ଙ୍ଗ ଭିତରେ ଥିବା ଶ୍ରମିକମାନଙ୍କ ପାଖକୁ ଖାଦ୍ୟ, ପାଣି ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ପଠାଯାଉଛି। ଫସିଥିବା ଶ୍ରମିକମାନଙ୍କ ପାଖକୁ ଶନିବାର ମୋବାଇଲ୍ ଫୋନ୍ ଏବଂ ଲୁଡୁ ପାଲି ପଠାଯାଇଛି। ତାହା ସେମାନଙ୍କ ଟାଇମ୍ ପାସ୍‌ରେ ସହାୟକ ହେବା ସହ ଅବସାଦ ଦୂର କରିପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

## ଖବରଦାତା ସୌମ୍ୟା ବିଶ୍ୱନାଥନଙ୍କ ୪ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ନୂଆଦିଲ୍ଲୀ,୨୫।୧୧**




ଟିଭି ଖବରଦାତା ସୌମ୍ୟା ବିଶ୍ୱନାଥନ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ୪ ଜଣଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ପଞ୍ଚମ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ ମିଳିଛି। ଅପରାଧ ବିରଳରୁ ବିରଳତମ ବର୍ଗରେ ଆସୁ ନ ଥିବାରୁ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ନାହିଁ ବୋଲି ଅଦାଲତ କହିଛନ୍ତି। ୨୦୦୮ ସେପ୍ଟେମ୍ବର ୩୦ ରାତିରେ ୨୫ ବର୍ଷୀୟା ସୌମ୍ୟା କାର୍ ଚଳାଇ ଘରକୁ ଫେରୁଥିବାବେଳେ ଡକାୟତି ଉଦ୍ୟମରେ ତାଙ୍କୁ ହତ୍ୟା କରାଯାଇଥିଲା। ରବି କପୁର, ଅମିତ ଶୁକ୍ଳା, ବଲ୍‌ଜିତ ମଲିକ ଏବଂ ଅଜୟ କୁମାରଙ୍କୁ ଆଜୀବନ ଜେଲଦଣ୍ଡ ହୋଇଥିବାବେଳେ ଅଜୟ ସେଠୀଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି।

## ଜନ୍ମଦିନ ପାଳିବାକୁ ଦୁବାଇ ନ ନେବାରୁ ସ୍ତ୍ରୀ ମୁଥରେ ସ୍ୱାମୀ ମୃତ

**ପୁଣେ,୨୫।୧୧**

ଜନ୍ମଦିନ ପାଳିବା ଲାଗି ଦୁବାଇ ନେବାକୁ ମନା କରିବାରୁ ସ୍ତ୍ରୀଙ୍କ ମୁଥ ମାଡ଼ରେ ୩୬ ବର୍ଷୀୟ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ପୁଣେର ୱାନାଭଡ଼ି ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଦମ୍ପତିଙ୍କ ଆପାର୍ଟମେଣ୍ଟରେ ଏହି ଘଟଣା ଘଟିଛି। ସ୍ୱାମୀ ନିଖିଲ ଖାନ୍ନାଙ୍କର ନିର୍ମାଣ ବ୍ୟବସାୟ ରହିଛି। ୬ ବର୍ଷ ତଳେ ସେ ରେଣୁକାଙ୍କୁ ପ୍ରେମ ବିବାହ କରିଥିଲେ। ଜନ୍ମଦିନ ପାଳିବାକୁ ଦୁବାଇ ନ ନେବା ଏବଂ ଦାମୀ ଉପହାର ନ ଦେବାକୁ କେନ୍ଦ୍ରକରି ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରେଣୁକା ଉତ୍‌କ୍ଷିପ୍ତ ହୋଇ ନିଖିଲଙ୍କ ମୁହଁକୁ ଏକ ଶକ୍ତ ମୁଥ ମାରିଥିଲେ, ଯେଉଁଥିରେ ତାଙ୍କ ନାକ ଫାଟିବା ସହ କେତୋଟି ଦାନ୍ତ ଭାଙ୍ଗିଯାଇଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ।

# ତେଜସ୍‌ରେ ଉଡ଼ିଲେ ମୋଦି

**ବେଙ୍ଗାଲୁରୁ,୨୫।୧୧**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ତେଜସ୍ ପ୍ରଶିକ୍ଷଣ ବିମାନରେ ଉଡ଼ିଛନ୍ତି। ହାଲୁକା ଲଢୁଆ ବିମାନ (ଏଲ୍‌ସିଏ)ରେ ଉଡ଼ିବାରେ ମୋଦି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ। ଏହା ଏକ ଅବିଶ୍ୱସନୀୟ ଅଭିଜ୍ଞତା ଏବଂ ଆମ ଦେଶର ସ୍ୱଦେଶୀ ସାମର୍ଥ୍ୟ ଉପରେ ଆତ୍ମବିଶ୍ୱାସକୁ ବଢ଼ାଇଛି। ଏହା ତାଙ୍କୁ ଜାତୀୟ ସାମର୍ଥ୍ୟ ଉପରେ ଗର୍ବ ଓ ଆଶାର ନୂଆ ଅନୁଭୂତି ଦେଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦି ଶନିବାର ରାଷ୍ଟ୍ରାୟତ୍ତ ପ୍ରତିରକ୍ଷା ଉଦ୍ୟୋଗ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍(ଏଚ୍‌ଏଏଲ୍)ର ବେଙ୍ଗାଲୁରୁ କମ୍ପ୍ଲେକ୍ସରେ ପହଞ୍ଚି ଉକ୍ତ ସଂସ୍ଥା ଓ ଏହାର କର୍ମଚାରୀମାନଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ବେଙ୍ଗାଲୁରୁସ୍ଥିତ ଏରୋନଟିକ୍ସ ଡେଭେଲପମେଣ୍ଟ ଏଜେନ୍ସି (ଏଡିଏ) ଲାବ୍ ତେଜସ୍ ହାଲୁକା ଲଢୁଆ ବିମାନର ଡିଜାଇନ୍ କରିଥିବାବେଳେ ଏଚ୍‌ଏଏଲ୍ ଏହାର ନିର୍ମାଣ କରିଛି। ଆଉ ୯୭ଟି ତେଜସ୍ କିଣିବା ପାଇଁ ପ୍ରତିରକ୍ଷା ସରଞ୍ଜାମ ଅଧିଗ୍ରହଣ ପରିଷଦ ଅନୁମୋଦନ କରିବା ଆଶା କରାଯାଉଛି। ବର୍ତ୍ତମାନ ସୁଦ୍ଧା ସୈନ୍ୟବାହିନୀ ପାଖରେ ଥିବା ୪୦ ତେଜସ୍ ଏମ୍‌କେ୧ ବିମାନ ମଧ୍ୟରୁ ୭ଟିକୁ ପ୍ରଶିକ୍ଷଣ ବିମାନ ଭାବେ ବ୍ୟବହାର କରାଯାଉଛି। ଗତ ଅକ୍ଟୋବରରେ ବାୟୁସେନାକୁ ପ୍ରଥମ ଦୁଇ ଆସନ ବିଶିଷ୍ଟ ପ୍ରଶିକ୍ଷଣ ବିମାନ ଭାରିଆଣ୍ଟ ପ୍ରଦାନ କରାଯାଇଥିଲା। ଆଉ ୬ଟି ଟ୍ରେନର ଏବଂ ୮୩ ଏଲ୍‌ସିଏ-ଏମ୍‌କେ୧ଏ ଭାରିଆଣ୍ଟ ଖୁବ୍‌ଶୀଘ୍ର ବାୟୁସେନାକୁ ହସ୍ତାନ୍ତର କରାଯିବ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ତେଜସ୍ ଉଡ଼ାଣକୁ ନେଇ କଂଗ୍ରେସ ତାଚ୍ଛଲ୍ୟ କରିଛି। ନିର୍ବାଚନ ପୂର୍ବରୁ ଏଭଳି ଫଟୋ ଶୁଟ୍ କରିବାରେ ମୋଦି ମାଷ୍ଟର। ପୂର୍ବରୁ ସେ ଏଭଳି ଅନେକ ଉଦ୍ୟମ କରିଥିବା ସମସ୍ତେ ଜାଣନ୍ତି ବୋଲି ବିରୋଧୀ ଦଳ କହିଛି।

# ବଦଳିଛି ଦେଶର ସୁରକ୍ଷା ଭିତ୍ତିଭୂମି

**ନୂଆଦିଲ୍ଲୀ,୨୫।୧୧**

### ୨୬/୧୧ ଆକ୍ରମଣକୁ ୧୫ ବର୍ଷ



୯/୧୧ ଆକ୍ରମଣ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ବୈଶ୍ୱିକ ଆତଙ୍କବାଦର ବିପଦକୁ ନେଇ ଜାଗ୍ରତ କରିଥିବାବେଳେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ଭାରତର ସୁରକ୍ଷା ଚିନ୍ତା ବଢ଼ାଇଥିଲା। ପାକିସ୍ତାନରୁ ସମୁଦ୍ର ପଥରେ ଆସିଥିବା ଆତଙ୍କବାଦୀ ଏକସଙ୍ଗେ ମୁମ୍ବାଇ ମହାନଗରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରି ୧୬୬ ଜଣଙ୍କୁ ହତ୍ୟା କରିବା ସହ ଅନେକେ ଆହତ ହୋଇଥିଲେ। ଏଭଳି ଅତର୍କିତ ତଥା ବଡ଼ ଆକ୍ରମଣର ମୁକାବିଲା ଲାଗି ଭାରତ ଉପଯୁକ୍ତ ପ୍ରସ୍ତୁତ ନ ଥିବା ଉକ୍ତ ଆକ୍ରମଣ ପ୍ରମାଣିତ କରିଦେଇଥିଲା। ୧୦ ଲଶ୍କର ଆତଙ୍କବାଦୀ କରାଚୀରୁ ମାଛଧରା ବୋଟ୍‌ରେ ଆସି ମୁମ୍ବାଇରେ ୪ ଦିନ ଧରି ଲଗାତର ଆକ୍ରମଣ ଜାରି ରଖିଥିଲେ। ଫଳରେ ଭାରତୀୟ ତଟସୁରକ୍ଷାରେ ଢିଲା ଏବଂ ଆଭ୍ୟନ୍ତରୀଣ ସୁରକ୍ଷାରେ ତ୍ରୁଟି ପଦାରେ ପଡ଼ିଯାଇଥିଲା। ଆତଙ୍କବାଦ ମୁକାବିଲା ଭିତ୍ତିଭୂମି ଏବଂ ସ୍ଥାନୀୟ ପୋଲିସ ପର୍ଯ୍ୟାପ୍ତ ନ ଥିବା ସ୍ପଷ୍ଟ ହୋଇଥିଲା।

ଏହି ଆକ୍ରମଣ ପରେ ସରକାର ଦେଶର ସୁରକ୍ଷା ଭିତ୍ତିଭୂମି ବଢ଼ାଇବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଫଳରେ ସାମୁଦ୍ରିକ ସୁରକ୍ଷାକୁ ଜୋର୍‌ଦାର କରାଯିବା ସହ ଗୋଇନ୍ଦା ବ୍ୟବସ୍ଥାରେ ରହିଥିବା ତ୍ରୁଟି ସୁଧାରିବାକୁ ପଦକ୍ଷେପ ନିଆଯାଇଥିଲା। ଆତଙ୍କବାଦର ବିଲୋପ ପାଇଁ ଦେଶର ଆଇନକୁ କଡ଼ାକଡ଼ି କରାଯିବା ସହ ଆତଙ୍କବାଦୀ ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ସଂସ୍ଥା ଗଠନ କରାଯାଇଥିଲା। ୨୬/୧୧ ଆକ୍ରମଣ ପରେ ସାମୁଦ୍ରିକ ସୁରକ୍ଷାର ସମ୍ପୂର୍ଣ୍ଣ ଦାୟିତ୍ୱ ନୌସେନାକୁ ହସ୍ତାନ୍ତର କରାଯାଇଥିବାବେଳେ ତଟସୁରକ୍ଷା ବାହିନୀକୁ ଆଞ୍ଚଳିକ ଜଳରାଶିର ସୁରକ୍ଷା ଏବଂ ଉପକୂଳରେ ନବନିର୍ମିତ ଶତାଧିକ ନୂଆ ମେରାଇନ୍ ଥାନା ସହ ଯୋଗାଯୋଗ ଦାୟିତ୍ୱ ଦିଆଯାଇଥିଲା। ସେହିପରି ୨୦ ମିଟରରୁ ଅଧିକ ଲମ୍ବା ବୋଟ ଓ ଜାହାଜଗୁଡ଼ିକରେ ସ୍ୱତଃ ଚିହ୍ନଟ ବ୍ୟବସ୍ଥା (ଏଆଇଏସ୍)କୁ ବାଧ୍ୟତାମୂଳକ କରାଯାଇଥିଲା। ଯାହା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ସମସ୍ତ ଦୃଶ୍ୟକୁ ଚିହ୍ନଟ କରିବା ସହ ଅନ୍ୟାନ୍ୟ ସୂଚନା ଦେବ। ସେହିପରି ୩୦୦ ଟନ୍‌ରୁ ଅଧିକ କ୍ଷମତା ବିଶିଷ୍ଟ ଜାହାଜ ପାଇଁ ଅନ୍ତର୍ଜାତୀୟ ନିୟମରେ ଏଆଇଏସ୍‌କୁ ବାଧ୍ୟତାମୂଳକ କରାଯାଇଥିଲା।

ଗୋଇନ୍ଦା ବ୍ୟୁରୋ (ଆଇବି)ର ମଲ୍ଟି ଏଜେନ୍ସି ସେଣ୍ଟର (ଏମ୍‌ଏସି)ର ସାମର୍ଥ୍ୟ ବଢ଼ାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କେନ୍ଦ୍ରୀୟ ସଂସ୍ଥା, ସୁରକ୍ଷା ବଳ ଏବଂ ରାଜ୍ୟ ପୋଲିସ ସହ ସୂଚନା ଆଦାନପ୍ରଦାନକୁ ସମନ୍ୱିତ କରିବା ଏହାର ପ୍ରାଥମିକ କାର୍ଯ୍ୟ। ସବୁବେଳେ ତଥ୍ୟ ଆଦାନପ୍ରଦାନ ସହ ଏହାର ସମୀକ୍ଷା ପାଇଁ ନିୟମିତ ବୈଠକକୁ ବାଧ୍ୟତାମୂଳକ କରାଯାଇଥିଲା। କେବଳ ସେତିକି ନୁହେଁ, ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ସଂଶୋଧନ କରାଯାଇ ସେଥିରେ ଆତଙ୍କବାଦର ସଂଜ୍ଞାକୁ ବିସ୍ତୃତ କରାଯାଇଥିଲା। ଦେଶରେ ପ୍ରଥମ ବାସ୍ତବ ସଂଘୀୟ ତଦନ୍ତକାରୀ ସଂସ୍ଥା ଗଠନ ନିମନ୍ତେ ପାର୍ଲାମେଣ୍ଟରେ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ଆଇନ ଗୃହୀତ ହୋଇଥିଲା।

ଫୁରସତ୍

# ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା

### ସମ୍ବିଧାନ ଦିବସରେ ସଚେତନତା ବାର୍ତ୍ତା



**ଭା**ରତୀୟ ଜନସାଧାରଣଙ୍କ ମୌଳିକ ଅଧିକାରର ସୁରକ୍ଷା କ୍ଷେତ୍ରରେ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମ୍ବିଧାନ ମୌଳିକ ଅଧିକାରକୁ ସୁନିଶ୍ଚିତ କରେ। ଏହା ମୌଳିକ ଅଧିକାରର ସୁରକ୍ଷା କବଚ ପାଲଟି ଥାଏ। ୨୬ ନଭେମ୍ବର ୧୯୪୯ରେ, ଭାରତର ସମ୍ବିଧାନକୁ ଗ୍ରହଣ କରାଯାଇଥିଲା। ପରେ ଏହା ୨୬ ଜାନୁୟାରୀ ୧୯୫୦ରେ କାର୍ଯ୍ୟକାରୀ ହୋଇଥିଲା। ତେଣୁ ପ୍ରତିବର୍ଷ ନଭେମ୍ବର ୨୬କୁ ଭାରତରେ ସମ୍ବିଧାନ ଦିବସ ଭାବେ ପାଳନ କରାଯାଇଥାଏ।

ଏହି ଅବସରରେ ଭାରତୀୟ ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା ଏବଂ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସଚେତନତା ବାର୍ତ୍ତା ପ୍ରସାରିତ ହୋଇଥାଏ। ମେ ୨୦୧୫ରେ, ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ୧୨୫ତମ ଜନ୍ମ ବାର୍ଷିକୀ ଅବସରରେ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଏହି ଦିନକୁ ୨୬ ନଭେମ୍ବରରେ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ଥିଲା ଦେଶର ନାଗରିକଙ୍କ ମନରେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବଂ ସମ୍ମାନ ଦେବା। ଗେଜେଟ ବିଜ୍ଞପ୍ତି ୧୯ ନଭେମ୍ବର ୨୦୧୫ରେ ଭାରତ ସରକାର ୨୬ ନଭେମ୍ବରକୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧ ଅକ୍ଟୋବର ୨୦୧୫ରେ ମୁମ୍ବାଇରେ ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ଷ୍ଟାଚ୍ୟୁ ଅଫ ଇକ୍ୱାଲିଟି ମେମୋରିଆଲର ଶିଳାନ୍ୟାସ ଅବସରରେ ଘୋଷଣା କରିଥିଲେ।

## ୨୫ ବର୍ଷ ପରେ କରନ୍‌ଙ୍କ ସହ ସଲମାନ



**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ ଖାନ୍ ଏବଂ ନିର୍ଦ୍ଦେଶକ କରନ୍ ଜୋହର ୨୫ ବର୍ଷ ପୂର୍ବେ ଏକାଠି ଏକ ଫିଲ୍ମ କରିଥିଲେ। ଏହାପରେ ସେମାନେ ଏକ ପ୍ରୋଜେକ୍ଟ କରିବାର ଯୋଜନା କରିଥିଲେ ମଧ ତାହା ଏପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ। ତେବେ ଏତେ ବର୍ଷ ପରେ ସେମାନେ ଏକାଠି ଥିବା ଏକ ଫିଲ୍ମ ଆସିବାକୁ ଯାଉଛି। ଏନେଇ ଭାଇଜାନ୍ ନିଜେ ଫିଲ୍ମର ନାମ ଘୋଷଣା କରି ଖବରକୁ ନିଶ୍ଚିତ କରିଛନ୍ତି। ଭାଇଜାନ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ 'ଦି ବୁଲ୍' ନାମକ ଏକ ଫିଲ୍ମ କରୁଛନ୍ତି। ଏହାପରେ ଦବଙ୍ଗ ଆସିବ, କିକ୍ ଆସିବ। ଏହିପରି ୩-୪ଟି ଫିଲ୍ମ ଆସୁଛି। ବିଷ୍ଣୁ ବର୍ଦ୍ଧନ ଏହି ମୁଭିରେ ନିର୍ଦ୍ଦେଶନା ଦେଇଥିବାବେଳେ ପୂର୍ବରୁ କରନ୍ ଏକ ସାକ୍ଷାତ୍‌କାରରେ ସେ 'ଦି ବୁଲ୍' ନାମକ ଏକ ମୁଭିରେ କାମ କରିବା ନେଇ ପ୍ରକାଶ କରିଥିଲେ। ତେବେ ୧୯୯୮ର ସିନେମା 'କୁଛ୍ କୁଛ୍ ହୋତା ହୈ' ପରେ ସଲମାନ୍ ଏବଂ କରନ୍‌ଙ୍କୁ ଏବେ ଏକାଠି ଦେଖିବାକୁ ମିଳିବ। ଟାଇଗର ପରେ ଏହା ସଲମାନ୍‌ଙ୍କ ପରବର୍ତ୍ତୀ ମୁଭି ହେବ। ଫିଲ୍ମଟି ନଭେମ୍ବର ୨୦୨୪ରେ ପ୍ରେକ୍ଷାଳୟକୁ ଆସିବ।

# ଶ୍ୱେତ ବିପ୍ଳବ

### ଜାତୀୟ ଦୁଗ୍ଧ ଦିବସ



**ଶ୍ୱେତ** ବିପ୍ଳବର ଜନକ ଡ. ଭର୍ଗିଜ କୁରିନଙ୍କ ସମ୍ମାନରେ ପ୍ରତି ବର୍ଷ ଭାରତରେ ନଭେମ୍ବର ୨୬ରେ ଜାତୀୟ ଦୁଗ୍ଧ ଦିବସ ପାଳିତ ହୋଇଥାଏ। ଅପରେଶନ ଫ୍ଲଡ୍ ବା ଶ୍ୱେତ ବିପ୍ଳବରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ; ଯାହା ଦେଶର ସର୍ବବୃହତ୍ ନିଜସ୍ୱ ସ୍ଥାୟୀ ଉଦ୍ୟୋଗର ସ୍ଥିତି ଅଭିମୁଖେ ଭାରତର ଦୁଗ୍ଧ ଉଦ୍ୟୋଗକୁ ସୁଦୃଢ଼ କରିଥିଲା। ଭାରତୀୟ ଦୁଗ୍ଧ ସଂଗଠନ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଅନ୍ତର୍ଗତ ୨୦୧୪ମସିହାରୁ ପ୍ରତି ବର୍ଷ ଦେଶରେ ଏହି ଦିବସ ପାଳିତ ହେଉଛି ।

ଭାରତର ଅର୍ଥନୈତିକ ସର୍ଭେ ୨୦୨୧-୨୦୨୨ଅନୁସାରେ, ଦୁଗ୍ଧ ଉତ୍ପାଦନରେ ଭାରତ ପ୍ରଥମ ସ୍ଥାନ ହାସଲ କରିଛି। ବିଶ୍ୱ ଦୁଗ୍ଧ ଉତ୍ପାଦନର ୨୩ପ୍ରତିଶତ ଯୋଗଦାନ ମଧ୍ୟ ଭାରତରେ ରହିଛି । ସେତିକି ନୁହେଁ, ଦୁଗ୍ଧ ହେଉଛି ଏକ ସର୍ବବୃହତ୍ କୃଷିଜାତ ଦ୍ରବ୍ୟ ; ଯାହାର ଜାତୀୟ ଅର୍ଥନୀତିକୁ ୫ ପ୍ରତିଶତ ଯୋଗଦାନ ରହିଛି। ସିଧାସଳଖ ୮କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହା ନିଯୁକ୍ତି ଦେଉଛି। ଭାରତରେ ଦୁଗ୍ଧ ଉତ୍ପାଦନ ବର୍ଷକୁ ୬.୨ ପ୍ରତିଶତ ହାରରେ ବଢ଼ିଛି । ଦୁଗ୍ଧ ଉତ୍ପାଦନରେ ଭାରତକୁ ଆତ୍ମନିର୍ଭରଶୀଳ କରିଥିବା ଡ. ଭର୍ଗିଜ କୁରିନଙ୍କ ପ୍ରୟାସ ଯୋଗୁ ଏ ସମସ୍ତ ଉପଲବ୍ଧି ସମ୍ଭବ ହୋଇପାରିଛି । କୁରିନଙ୍କ ଉଦ୍ଦେଶ୍ୟ ଥିଲା ଦୁଗ୍ଧ ଉତ୍ପାଦନରେ ଭାରତ କିଭଳି ଆତ୍ମନିର୍ଭରଶୀଳ ଓ ଆସନ୍ତା ୩୦ ବର୍ଷ ମଧ୍ୟରେ କିପରି ଚାରି ଗୁଣା ଅଧିକ ଉତ୍ପାଦନ କରିବାକୁ ସକ୍ଷମ ହେବ।

## ୧୬ କୋଟିରେ ଡାକ ଟିକେଟ ନିଲାମ

**ନ୍ୟୁୟର୍କ**




ବେଳେବେଳେ ଏକ ଛୋଟ ଜିନିଷ ବି ବେଶ୍ ଅମୂଲ୍ୟ ହୋଇଯାଏ। ସାଧାରଣତଃ ଡାକ ଟିକେଟର ମୂଲ୍ୟ ୫ରୁ ଆରମ୍ଭ ହୋଇ ୧୦୦ ଟଙ୍କା ଭିତରେ ହୋଇଥାଏ। ହେଲେ ନିକଟରେ ଏକ ଡାକ ଟିକେଟ ୧୬ କୋଟି ଟଙ୍କାରେ ନିଲାମ ହୋଇଥିବା ଜଣାପଡ଼ିଛି। ଟିକେଟ ଛପାରେ କିଛି ଗଡ଼ବଡ଼ ହେବା କାରଣରୁ ଏହାର ମୂଲ୍ୟ ଏତେ ହୋଇଛି। ୧୯୧୮ ମସିହାର ଏକ ଆମେରିକା ଡାକ ଟିକେଟ ଥିଲା, ଯାହାର ବ୍ୟବହାର ବିଶ୍ୱର ପ୍ରଥମ ନିୟମିତ ରୂପରେ ସରକାରୀ ଏୟାରମେଲ୍ ସେବାର ଟିକେଟ ପାଇଁ କରାଯାଇଥିଲା। ଟିକେଟରେ ସାଧାରଣତଃ ଏକ 'ଜେନି' କର୍ଟିସ୍ ବାଇପଲେନ୍‌କୁ ଉପରକୁ ଦିଗ କରାଇ ରଖାଯାଇଛି। ହେଲେ ଛପା ଦାୟିତ୍ୱରେ ଥିବା ଲୋକେ ସେହି ଚିତ୍ରକୁ ଓଲଟା ଛାପି ଦେଇଥିଲେ। ଏହାପରେ ଯାହା ଚିତ୍ର ହେଲା, ତାହା 'ଇନ୍‌ଭର୍ଟେଡ୍ ଜେନି'ର ଥିଲା। 'ଇନ୍‌ଭର୍ଟେଡ୍ ଜେନି' ଗୋଟେ ୧୦୦ ପିସ୍ ଥିବା ସିଟ୍ ପୂର୍ବରୁ ବିକ୍ରି ହୋଇଥିଲା, ହେଲେ ଏହାର ଏକ ଭୁଲ୍ ଧରାପଡ଼ିବା ପରେ ଏହି ଟିକେଟର ମୂଲ୍ୟ ବଢ଼ିଯାଇଛି। ନ୍ୟୁୟର୍କର ସିଇଗଲ୍ ଅକ୍ଶନ ଗ୍ୟାଲେରିସ୍‌ର ଅଧ୍ୟକ୍ଷ ସ୍କଟ ଟ୍ରିପେଲ୍‌ଙ୍କ କହିବା ଅନୁସାରେ, ଏହା 'ଷ୍ଟାମ୍ପ୍ ସଂଗ୍ରହର ପ୍ରତୀକ' ହୋଇଥିବାରୁ ଅତ୍ୟନ୍ତ ଖାସ୍ ଏବଂ ମହଙ୍ଗା ମଧ୍ୟ। ୧୯୧୮ ମସିହାରେ ସେହି ବିମାନ ବିଶେଷ ଭାବେ ଏତେ ଖାସ୍ ନ ଥିଲା। ସେତେବେଳେ ବହୁତ ଲୋକ ମଧ୍ୟ ସେହି ବିମାନ କିପରି ଦେଖାଯାଏ ତାହା ଜାଣି ନ ଥିଲେ। ସେଥିପାଇଁ ଟିକେଟର ଓଲଟା ଫଟୋ ଲୋକଙ୍କ ନଜରକୁ ଆସି ନ ଥିଲା ବୋଲି ଟ୍ରିପେଲ୍ କହିଛନ୍ତି। ଡାକଘର କିରାଣିଙ୍କୁ ପଚାରିବାରେ, ସେ ସେତେବେଳେ ବିମାନକୁ ଦେଖି ନ ଥିଲେ। ସେଥିପାଇଁ ଟିକେଟ ବିକିବା ସମୟରେ ସେ ଜାଣିପାରି ନ ଥିଲେ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତା କେନ୍ଦ୍ର କରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଭବାନୀପାଟଣା,୨୫ା୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାରେ ପୂର୍ବ ଶତ୍ରୁତା କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ସହରର ରାମସଗାର ପଡ଼ାର ଜନ୍ମେ ରାଉତ। ମିଳିଥିବା ସୂଚନା ଅନୁଯାୟୀ, ସହରର ବିବିସି ପଡ଼ାର ରଞ୍ଜିତ ଦାସଙ୍କ ସହ ଜନ୍ମେଙ୍କ ପୂର୍ବ ଶତ୍ରୁତା ଥିଲା। ଶନିବାର ମାଣିକେଶ୍ୱରୀ ଛକଠାରେ ଏକୁଟିଆ ଥିବା ଦେଖି ରଞ୍ଜିତ ଓ ସହଯୋଗୀ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାପରେ ଘଟଣାସ୍ଥଳରୁ ସେମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟାଉନ ଥାନା ପୋଲିସ ଜନ୍ମେଙ୍କୁ ଉଦ୍ଧାର କରି ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଘଟଣା ପରେ ଜନ୍ମେଙ୍କ ସ୍ତ୍ରୀ ସନ୍ତୋଷୀ ସ୍ଥାନୀୟ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଟାଉନ ଥାନା ପୋଲିସ ଏକ ମାମଲା (ନଂ. ୪୪୪/୨୩) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ଜଗନ୍ନାଥ ମନ୍ଦିରର ନିର୍ମାଣ ପାଇଁ ଭୂମିପୂଜନ

ତୁଣ୍ଡଲା,୨୫ା୧୧(ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡିରେ ଜଗନ୍ନାଥ ମନ୍ଦିର ନିର୍ମାଣ ତଥା ଶୁଭଖମ୍ବ ସ୍ଥାପନ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୁକଦେବ ସାହୁ, ଅମୃତ ସାହୁ ଏବଂ ଆର୍ତ୍ତତ୍ରାଣ ସାହୁ ଓ ଶୈଳସୂତା ସାହୁ ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଜଗନ୍ନାଥ ମନ୍ଦିର ନିର୍ମାଣ କମିଟି ସଭାପତି ଜୟଲାଲ ଭୋଇ, ସମ୍ପାଦକ ଗଣେଶ ପ୍ରସାଦ ସାହୁ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବାଗ, ପୂର୍ବତନ ସରପଞ୍ଚ ଚକାମନ ନାଏକ, ସମିତି ସଭ୍ୟ ପ୍ରଦୀପ ନାଏକ, ଅକ୍ଷୟ ସାହୁ, ପ୍ରଶାନ୍ତ ସାହୁ, ଅଜୟ କୁମାର ସାହୁ, ପଞ୍ଚାୟତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଏବଂ ବେଲଖଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣ ଉପସ୍ଥିତ ଥିଲେ। ପୂଜକ ଭାବେ ରବି ନନ୍ଦ, ଦଣ୍ଡପାଣି ଯୋଶୀ ଓ ପ୍ରତାପ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ରିନାଥ ମନ୍ଦିରରେ ଆନନ୍ଦ ବଜାର ପ୍ରସାଦ ସେବନ

ନର୍ଲା,୨୫ା୧୧(ସନ୍ତୋଷ ପାତ୍ର)

ଶନିବାର କାର୍ତ୍ତିକ ମାସ ପଞ୍ଚୁକରେ ନର୍ଲାସ୍ଥିତ ତ୍ରିନାଥ ମନ୍ଦିର ପରିଚାଳନା କମିଟି ଏବଂ ଶ୍ରଦ୍ଧାଳୁ ଦାତାମାନଙ୍କ ସହଯୋଗରେ ଅର୍ଣ୍ଣଛତ୍ର ଓ ଆନନ୍ଦ ବଜାର ପ୍ରସାଦ ସେବନ ପାଞ୍ଚ ଦିନ ଧରି ଚାଲି ଆସୁଛି। ନର୍ଲା ଅଞ୍ଚଳର ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ପଞ୍ଚୁକ ପ୍ରସାଦ ସେବନ କରିଛନ୍ତି। ଏଥିରେ କର୍ତ୍ତା ଭାବେ ଭୀମରାଜ ହଂସ ଅଛନ୍ତି। ଉତ୍ସବ ଦୀର୍ଘ ୨୨ ବର୍ଷ ଧରି ଚାଲି ଆସୁଛି। ଚଳିତବର୍ଷ ମଧ୍ୟ ପ୍ରଥମ ଦିନ ଅର୍ଣ୍ଣଛତ୍ର ଦାତା , ନରେନ୍ଦ୍ର ସଗରିଆ ଦିତୀୟ ଦିନ ,ବିକ୍ରମ ଅଗ୍ରୱାଲ, ତୃତୀୟ ଦିନ ବିଜୟ ପଣ୍ଡା ପରିବାର, ଚତୁର୍ଥ ଦିନ ସଞ୍ଜୁ ଅଗ୍ରୱାଲ, ପଞ୍ଚମ ଦିନରେ ନର୍ଲା ଥାନା ପକ୍ଷରୁ, ପ୍ରସାଦ ସେବନ ,ବ୍ୟବସ୍ଥା କରିଥିବା ତ୍ରିନାଥ ମନ୍ଦିର ପରିଚାଳନା ମୂଖ୍ୟ ବିଜୟ ପଣ୍ଡା ସୂଚନା ଦେଇଛନ୍ତି । ଏହି କାର୍ଯକ୍ରମରେ ଶ୍ରଦ୍ଧାଳୁ ଈଶ୍ୱର ବାହାଦୁର, ପ୍ରଦୀପ ହଂସ, ସତ୍ୟବାନ ସାହୁ, ରମେଶ ବାଗ, ଭଗତ ଗଉଡ, ଗୌରାଙ୍ଗ ନାଗ, ବିବଛ ଚନ୍ଦନ, ସଞ୍ଜୟ ପଣ୍ଡା ଅଜୟ ପଣ୍ଡାପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ ଉଦ୍‌ଯାପତ

ଖଡ଼ିଆଳ,୨୫ା୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍କୁଲରେ ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ ଉଦଯାପତ ହୋଇଯାଇଛି। ଗତ ୨୨ ତାରିଖ ଆରମ୍ଭ ହୋଇଥିବା ସୁନେତ୍ର କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଛି। ୪ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ୯୦୦ ଛାତ୍ରୀଛାତ୍ରଙ୍କ ପରୀକ୍ଷା କରାଯାଇଛି। ଏହି ପରୀକ୍ଷା ଶିବିରରେ ୩୫୯ ଜଣଙ୍କୁ ଚଷମା ଆବଶ୍ୟକ ଥିବା ବେଳେ ୪୭ଜଣ ବିଦ୍ୟାର୍ଥୀଙ୍କ ଚକ୍ଷୁ ଅସ୍ତ୍ରପ୍ରଚାର କରାଯିବା ପାଇଁ ସୁପାରିଶ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଲପଡ଼ା, ତୁକାଲା, ଜୁଆଝର, ତାଜଉର୍ଦ୍ଦୁ ଖଡିଆଳ, ବରଗାଁଠାରେ ଅନୁଷ୍ଠିତ ହୋଇଛି। ବିଆରଟି ମନୋଜ କୁମାର ପାଣିଗ୍ରାହୀ, ଗୋପାଳ କୃଷ୍ଣ ମେହେରଙ୍କ ସମେତ ସମସ୍ତ କ୍ଲଷ୍ଟର ସିଆରସିସି ସହଯୋଗ କରିଥିଲେ।

# ଛଣାଣବାହାଲି ପଞ୍ଚାୟତକୁ ମରୁଡ଼ି ଘୋଷଣା କର

ବେହେରା,୨୫ା୧୧(ଭୂପେଶ ତିୱାରୀ)

**ତହସିଲଦାର, ଉପଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ**


ଛଣାଣବାହାଲି ଗ୍ରାମପଞ୍ଚାୟତକୁ ମରୁଡି ଘୋଷଣା ଦାବିରେ ଚାଷୀମାନେ ଦାବିପତ୍ର ଦେବାକୁ ଆସିଛନ୍ତି।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଣାଣବାହାଲି ଗ୍ରାମପଞ୍ଚାୟତକୁ ମରୁଡି ଘୋଷଣା ଦାବିରେ ଚାଷୀମାନେ ଧର୍ମଗଡ଼ ତହସିଲଦାର ଓ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଛଣାଣବାହାଲି ଗ୍ରାମପଞ୍ଚାୟତକୁ ମେଗାଲିଫ୍ଟ ସଂଯୋଗ ହୋଇଥିଲେ ହେଁ ମାତ୍ର ପାଞ୍ଚରୁ ଦଶ ପ୍ରତିଶତ ଚାଷୀଙ୍କ ଜମି ଉପକୃତ ହେଉଥିବା ବେଳେ ବଳକା ଚାଷଜମି ବର୍ଷାଜଳ ଭରସାରେ ରହିଥାଏ। ଚଳିତବର୍ଷ କମ ବୃଷ୍ଟି ଯୋଗୁ ଅନେକ ଚାଷୀ ରୁଆ ବେଉଷଣ ମଧ୍ୟ କରିପାରି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କିଛିଦିନ ତଳେ ରାଜସ୍ୱ ନିରୀକ୍ଷକ, ଫସଲବୀମା କମ୍ପାନୀ ଏଜେଣ୍ଟଙ୍କ ସମେତ ଏକ ଟିମ ଛଣାଣବାହାଲି ଗ୍ରାମପଞ୍ଚାୟତ ମେଗାଲିଫ୍ଟ ସଂଯୋଗ ହୋଇଥିବା କିଛି ଜମି ଓ ଜଣେ ଚାଷୀ ନିଜସ୍ୱ ଉଦ୍ୟମରେ ଗଭୀର ନଳକୂପ ମାଧ୍ୟମରେ ଚାଷ କରିଥିବା ଜମିରେ କ୍ରପକଟିଂ କରି ମରୁଡ଼ି ଆକଳନ କରିଛନ୍ତି। କିନ୍ତୁ ପ୍ରକୃତ ମରୁଡି ପ୍ରପୀଡ଼ିତ ଚାଷଜମି ଉପରେ କ୍ରପକଟିଂ କରି ନ ଥିବା ଯୋଗୁ ଏହା ଉପରେ ଚାଷୀଙ୍କ ସନ୍ଦେହ ରହିଥିବା ପ୍ରକାଶ କରିଥିଲେ। ଏହାର ଉପଯୁକ୍ତ ତଦନ୍ତ ପୂର୍ବକ ମରୁଡି ପ୍ରଭାବିତ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ସରକାର ତରଫ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି। ଆଗାମୀ ଦିନରେ ଅବଶିଷ୍ଟ ଚାଷ ଜମିକୁ ମେଗିଲିଫ୍ଟ ଜରିଆରେ ପାଣି ଯୋଗାଇ ନ ଦେଲେରାଜରାସ୍ତାରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଗଗନେଶ୍ୱର ବେମାଲ, ଚୌବନ ପୋଡ଼, ଅଖିଳ ଛତ୍ରିଆ, ଗୋବର୍ଦ୍ଧନ ପୋଡ଼, ପଙ୍କଜ ଗୋପାଲ, ଅଖିଳ ଛତ୍ରିଆ, ଲୋଚନ ହଂସ, ଚୌବନ ହଂସ, ଟେମ ନାଏକ, ଅଙ୍ଗଦ କାଣ୍ଡ, ଭକଚନ କାଣ୍ଡ, ଅନ୍ତରାମ ପୋଡ଼, ପୂର୍ଣ୍ଣଚନ୍ଦ୍ର ଛତ୍ରିଆ, ହେମାନାଥ ବାରିକ ଓ ଅନେକ ଚାଷୀ ଉପସ୍ଥିତ ରହିଥିଲେ। ଧର୍ମଗଡ଼ ତହସିଲଦାର ପୁଣିଥରେ କ୍ଷୟକ୍ଷତି ଆକଳନ କରାଯାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ରଖିଥିଲେ।

# ଦୁର୍ଘଟଣାରେ ଆହତ ଜିଆର୍‌ଏସ୍‌ଙ୍କ ମୃତ୍ୟୁ

ବେହେରା,୨୫ା୧୧(ଭୂପେଶ ତିୱାରୀ)



କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପିପଲା ଗ୍ରାମର ସୀମାଞ୍ଚଳ ସୁନାନୀ (୪୪) ଦୁର୍ଘଟଣାରେ ଆହତ ଜିଆର୍‌ଏସ୍‌ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତଦେହ ଶନିବାର ସନ୍ଧ୍ୟାରେ ଘରକୁ ଫେରିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁସାରେ ସୀମାଞ୍ଚଳ ନିଜ ପଞ୍ଚାୟତ ଗଡ଼ିଆଜୋରରେ ଜିଆର୍‌ଏସ୍ ଭାବେ କାର୍ଯ୍ୟ କରୁଥିଲେ। ପରେ ତାଙ୍କୁ ଗୋଲମୁଣ୍ଡା ବ୍ଲକ ବଦଳି କରାଯାଇ ମାନଝର ଓ ଉଦେସୁଙ୍ଗ ୨ଟି ଗ୍ରାମପଞ୍ଚାୟତ ଦାୟିତ୍ୱ ଦିଆଯାଇଥିଲା। ଘରଠାରୁ କାର୍ଯ୍ୟସ୍ଥଳ ୭୦ କି.ମି. ପ୍ରତିଦିନ ଯିବାଆସିବା କରୁଥିଲେ। ଗତ ଗୁରୁବାର ସକାଳୁ ସେ କାର୍ଯ୍ୟାଳୟକୁ ଯିବା ସମୟରେ ଗଡ଼ିଆଜୋର କ୍ରଶର ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡି ଯାଇଥିଲେ। ଫଳରେ ତାଙ୍କ ଡାହାଣ କାନ ପାଖ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଧର୍ମଗଡ଼ ଡାକ୍ତରଖାନା ପରେ ଭବାନୀପାଟଣାରେ ଚିକିତ୍ସିତ ହୋଇଥିଲେ। ସଙ୍କଟାପନ୍ନ ହେବାରୁ ରାୟପୁର ଏକ ଘରୋଇ ଡାକ୍ତରଖାନାରେ ୯ ଦିନ ଧରି ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ତାଙ୍କ ସ୍ତ୍ରୀଙ୍କ ସମେତ ୨ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଜିଆର୍‌ଏସ୍ ଓଡ଼ିଶା ରାଜ୍ୟ ସଭାପତି ପ୍ରଭାତ କୁମାର ତିୱାରୀଙ୍କ ସମେତ ଧର୍ମଗଡ଼ ବ୍ଲକ ଅନ୍ୟ ଜିଆର୍‌ଏସ୍‌ମାନେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ତାଙ୍କ ବିୟୋଗରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, କଂଗ୍ରେସ ନେତା ଦିଗାମ୍ବର ଦୁରିଆ, ଭାଜପା ନେତା ଲକ୍ଷ୍ମୀକାନ୍ତ ବାଗ ତଥା ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଶୋକବ୍ୟକ୍ତ କରିଛନ୍ତି।

# ଖୁବ୍ ଶୀଘ୍ର ଅମୃତ ଭାରତ ଷ୍ଟେଶନ ନିର୍ମାଣ ହେବ


ଡିଆର୍‌ଏମ୍‌ଙ୍କ ସହ ଭାଜପା କର୍ମକର୍ତ୍ତା।

ନୂଆପଡ଼ା,୨୫ା୧୧(ମକାରୁ ବେମାଲ)

ସମ୍ବଲପୁର ରେଳ ବିଭାଗ ଡିଆରଏମ ବିନିତ କୁମାର ସିଂ ନୂଆପଡା ଜିଲା ଖରିଆର ରୋଡ ଷ୍ଟେଶନ ପରିଦର୍ଶନ କରିଛନ୍ତି। ବିଭିନ୍ନ ସମସ୍ୟାର ସମାଧାନ ଉପରେ ଦୃଷ୍ଟି ଆକର୍ଷଣ କରି ଖରିଆର ରୋଡଠାରେ ଅମୃତ ଭାରତ ଷ୍ଟେଶନ ଯୋଜନାରେ କାର୍ଯ୍ୟ ବହୁତ ଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି। ଖରିଆର ରୋଡ ରେଳ ଷ୍ଟେଶନଠାରୁ ୩୫୩ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ବର୍ଷ ବର୍ଷ ଧରି ଦୋକାନ କରି ବ୍ୟବସାୟ କରୁଥିବା ବ୍ୟକ୍ତି ମାନଙ୍କୁ ଦୋକାନ ଘର ନିର୍ମାଣ କରି ଯୋଗାଇ ଦିଆଯିବ। ୱାର୍ଡ ନମ୍ବର ୧୩ ଧୋବିପଡାରୁ ପିଏଚଡିପଡା ହୋଇ ୱାର୍ଡ ନମ୍ବର ୧୯ ଦେଇ ରେଳ କ୍ରସିଂ ପାଇଁ ନିର୍ମାଣ କରାଯିବ। ଖରିଆର ରୋଡ ଓ ନୂଆପଡା ରେଳ ଷ୍ଟେଶନରେ ପୁରୀ-ସୁରଟ, ଗାନ୍ଧୀଧାମ, ଦୁର୍ଗ-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ ରହଣି କରୁଛି। ନୂଆପଡା ରେଳ ଷ୍ଟେଶନରେ ସମତା ଏକ୍ସପ୍ରେସ ରହଣୀ ପାଇଁ ଡିଆରଏମ ସିଂ ଠାରେ ଉପସ୍ଥିତ ଲୋକେ ଦାବି କରିଥିଲେ। ଜିଲାରେ ଥିବା ଖରିଆର ରୋଡ, ନୂଆପଡା ଓ ଲଖନା ରେଳ ଷ୍ଟେଶନର ସମସ୍ୟା ବହୁତ ଶୀଘ୍ର ସମାଧାନ କରି ଉନ୍ନତିକରଣ କରାଯିବ ବୋଲି କହିଥିଲେ। ଏହି ସମୟରେ ଖରିଆର ରୋଡ ନଗରପାଳିକା ସୋନିଆ ଜୈନ, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ସମ୍ପାଦକ ସଦାନନ୍ଦ ଯୋଶୀ, ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ଏମ୍‌ପି ପ୍ରତିନିଧି ଗୋଲଡି ଅଗ୍ରୱାଲ ଓ ଭାଜପା କର୍ମକର୍ତା ଉପସ୍ଥିତ ଥିଲେ।

### ଖଡ଼ିଆଳ ମହୋତ୍ସବ ପାଳନ ପାଇଁ ଚାନ୍ଦା ସଂଗ୍ରହ ଆରମ୍ଭ

ଖଡ଼ିଆଳ,୨୫ା୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ ଆସନ୍ତା ଜାନୁୟାରୀ ୩୦ରୁ ଫେବୃୟାରୀ ୩ ତାରିଖ ଯାଏଁ ୫ ଦିନ ବ୍ୟାପୀ ପାଳନ ହେବ। ଆସନ୍ତା ଜାନୁୟାରୀ ୧୨ ତାରିଖରେ ମହୋତ୍ସବ ଶୁଭସ୍ତମ୍ଭ ସ୍ଥାପନ କରିବାକୁ ଲଗ୍ନ ଧାର୍ଯ୍ୟ ହୋଇଛି। ମହୋତ୍ସବ ପାଳନ ସକାଶେ ଏ ପରିପେକ୍ଷୀରେ ଚାନ୍ଦା ସଂଗ୍ରହ ଆରମ୍ଭ ହୋଇଯାଇଛି। ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ସୁନୀଲ ସାହୁ, ଉପଦେଷ୍ଟା ଜଗବନ୍ଧୁ ବାରିକ, ଅର୍ଥ କମିଟି ଆବାହକ ଅମରେଶ ପଟ୍ଟନାୟକ ପ୍ରମୁଖ ଖଡ଼ିଆଳର ଗଡ଼ଦେବୀ ମା' ରକ୍ତାମ୍ବରୀ ଏବଂ ଇଷ୍ଟଦେବୀ ସମଲେଶ୍ୱରୀଙ୍କ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା ପରେ ଖଡ଼ିଆଳ ରାଜା ସାହେବ ଜିତାମିତ୍ର ସିଂ ଦେଓଙ୍କଠାରୁ ସଂଗ୍ରହ କରିବା ପରେ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କଠାରୁ ଚାନ୍ଦା ସଂଗ୍ରହ କରାଯାଇଥିଲା।

# ତରବୋଡ଼ଠାରେ ଧାନ କିଣା ଆରମ୍ଭ

ନୂଆପଡ଼ା,୨୫ା୧୧(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡଠାରେ ଧାନ କିଣା ଆରମ୍ଭ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏ ମଣ୍ଡି ଉଦଘାଟନ କରିଥିଲେ। ଜିଲାରେ ଧାନ କିଣାରେ କୌଣସି ଅସୁବିଧା ହେବ ନାହିଁ ଏବଂ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦିନରେ ଜିଲାରେ ଅନେକ ସ୍ଥାନରେ ମଣ୍ଡି ଖୋଲି ଧାନ କ୍ରୟ ହେବ ବୋଲି ପ୍ରକାଶ କରିଛନ୍ତି। ଜିଲାରେ ୪୪ ହଜାର ୩୩୪ ଚାଷୀ ପଞ୍ଜୀକୃତ କରିଥିବା ବେଳେ ୬୩ ମଣ୍ଡିରେ ଧାନ କିଣା ହେବା ନେଇ ସ୍ଥିରୀକୃତ ହୋଇଛି। ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୧୭ ଲକ୍ଷ ୯୨ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଜିଲାର ୫ଟି ବ୍ଲକରେ ଥିବା ୨୬ଟି ପାକ୍ସ ଓ ୧୩ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମୋଟ ୬୩ଟି ଧାନ କ୍ରୟ କେନ୍ଦ୍ରରେ ଧାନ କିଣା ହେବ। ଏହି ସମୟରେ ତରବୋଡ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ସାଗର ସାହୁ, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ପାଳସିପାନି ସରପଞ୍ଚ ଗଙ୍ଗାରାମ ମାଝି, ସିଆଲଟି ସରପଞ୍ଚ କାଳିଆ ପ୍ରଧାନ, ଚାଷୀ ତରୁଣ ରଥ, ଯଦୁମଣି ପାଣିଗ୍ରାହୀ, ଭୁବନ ସାହୁ, ହାତୁ ପ୍ରଧାନ ପ୍ରମୁଖ ଓ ଚାଷୀମାନେ ଉପସ୍ଥିତ ଥିଲେ।

# ବେଦାନ୍ତ ପକ୍ଷରୁ କ୍ୟାନ୍‌ସର ଯାଞ୍ଚ ଶିବିର

ଲାଞ୍ଜିଗଡ଼,୨୫ା୧୧(ରମେଶ ଚନ୍ଦ୍ର ନାୟକ)



ଶିବିରରେ ଯୋଗଦେବା ପାଇଁ ପଞ୍ଜୀକରଣ କରାଯାଉଛି।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ପକ୍ଷରୁ ଲାଞ୍ଜିଗଡ଼ ଏବଂ ଭବାନୀପାଟଣାଠାରେ ୩ ଦିନିଆ କ୍ୟାନସର ଯାଞ୍ଚ ଶିବର ଆୟୋଜନ କରିଥିଲା। ଜାତୀୟ କର୍କଟ ସଚେତନତା ଦିବସରେ ଭାରତରେ ଅନ୍ୟତମ ବିଶ୍ୱସ୍ତରୀୟ କର୍କଟ ଚିକିତ୍ସା କେନ୍ଦ୍ର ବାଲକୋ ମେଡିକାଲ ସେଣ୍ଟର ସହିତ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶିବିରରେ ମାମୋଗ୍ରଫି, ପ୍ୟାପ ସ୍ମିୟର ପରୀକ୍ଷା(ପିଇପି) ପରି କେତେକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପାଇଁ ମୋବାଇଲ ସ୍କ୍ରିନିଂ ଭ୍ୟାନ ନିୟୋଜିତ କରାଯାଇଥିଲା। ଗର୍ଭାଶୟ, ମୁଖ ଗହ୍ୱର କର୍କଟ ଚିହ୍ନଟ କରିବା ପ୍ରମୁଖ ଅଂଶ ଥିଲା। ଏହି ଅଭିଯାନକୁ ବେଦାନ୍ତ ସିଇଓ ପ୍ରଣବ କୁମାର ଭଟାଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଶିବିରରେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ ଜୋନ ୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ସମେତ ବାଲକୋର ରେଡିଏଶନ ଅଙ୍କୋଲୋଜିଷ୍ଟ ଡ. ପ୍ରଭାକର ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ। ଶିବିର ଦ୍ୱାରା ୨୦୦ରୁ ଅଧିକ ଲୋକମାନଙ୍କୁ ସେବା ଯୋଗାଇ ଦିଆଯାଇଥିଲା। ଶୁଭାରମ୍ଭ ଅବସରରେ କହିଥିଲେ ଯେ ଆମର ପ ଗୋଷ୍ଠୀର ସାମଗ୍ରିକ ବିକାଶ ଆମ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବେଦାନ୍ତ ସିଇଓ ପ୍ରଣବ କୁମାର ଭଟାଚାର୍ଯ୍ୟ କହିଛନ୍ତି। କେତେକ କ୍ୟାନସରକୁ ରୋକାଯାଇ ପାରିବ ଯଦି ଆମେ ଏହାକୁ ପ୍ରାଥମିକସ୍ତରରେ ରୋକିପାରିବା ତେବେ ଏହାକୁ ଆୟତ କରିବା ସମ୍ଭବ ହୋଇପାରିବ ବୋଲି କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ରଞ୍ଜନ ମିତ୍ର କହିଥିଲେ।

### ରାଧାକୃଷ୍ଣ ପୂଜା ପାଇଁ କଳସ ଶୋଭାଯାତ୍ରା

ନୂଆପଡ଼ା,୨୫ା୧୧(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ କଲୋନୀ ଓ ବଙ୍ଗଳାପଡାଠାରେ ୪୮ ତମ ରାଧାକୃଷ୍ଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଶନିବାର ଗାଁର ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସ୍ଥାନୀୟ ବଡବନ୍ଧରୁ ୧୨୧ କଳସରେ ଜଳ ଆଣି ପୂଜା ବେଦୀରେ ସ୍ଥାପନ ପରେ ପୂଜା ଆରମ୍ଭ ହୋଇଛି। ଏହି ପୂଜା ୪ ଦିନ ଧରି ଚାଲିବ। ଚିତ୍ତରଞ୍ଜନ ରାଉତରାୟ ଓ ଦିପ୍ତିମୟୀ ରାଉତରାୟ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉ ଥିବା ବେଳେ ମାନଭଞ୍ଜନ ତ୍ରିପାଠୀ ପୂଜକ ଭାବେ ଅଛନ୍ତି। ପୂଜା କମିଟି ସଭାପତି ବସନ୍ତ ସାହାଣୀ, ସମ୍ପାଦକ ଉମାକାନ୍ତ ବନଛୋର, ଉପସଭାପତି ଲମ୍ବୋଦର ଶଗରିଆ, ସହ ସମ୍ପାଦକ ବାଲକୃଷ୍ଣ ରଣା, କୋଷାଧ୍ୟକ୍ଷ ହେମନ୍ତ ଚିରାଙ୍ଗୁଲ ପୂଜା ଆୟୋନ କରୁଥିବା ବେଳେ ଅକ୍ଷୟ ରଣା, ହିମାଂଶୁ ମହାରଥା, ଦେବ ମାଝି, ଯଶୋବନ୍ତ ସାହାଣୀ, ମାନସ, ଚିତ୍ତ ଚିରାଙ୍ଗୁଲ ପ୍ରମୁଖ ସହଯୋଗ କରୁଛନ୍ତି।

# ମାଛ ଯାଆଁଳା ଉତ୍ପାଦନ ସମ୍ପର୍କିତ ତାଲିମ ଶିବିର



ତାଲିମ ଶିବିରରେ ଯୋଗଦେଇଥିବା ଅତିଥିଗଣ।

ଭବାନୀପାଟଣା,୨୫ା୧୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ସିଆଇଏଫଏ ଓ ଆଇସିଏଆର୍‌ର ମିଳିତ ସହଯୋଗରେ ମାଛ ଯାଆଁଳା ଉତ୍ପାଦନ ଓ ଚାଷ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିଆଇଏଫଏ ଓ ଆଇସିଏଆର୍ ବିଶିଷ୍ଟ ବୈଜ୍ଞାନିକ ଡ଼.ପି.ରାଉତରାୟ ଓ ଡ଼. ନାଗେଶ କୁମାର ବାରିକ ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲାରୁ ଆସିଥିବା କୃଷକ ବନ୍ଧୁମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରାଣୀ ବିଜ୍ଞାନର ବିଦ୍ୟାର୍ଥୀ ମାନଙ୍କ ସହିତ ଅନ୍ୟାନ୍ୟ ବିଭାଗର ବିଦ୍ୟାର୍ଥୀମାନେ ମଧ୍ୟ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର ଓ ପରିଚାଳନା କମିଟି ସଦସ୍ୟା ଡି.ପଦ୍ମିନୀ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ବିବିଏ, ବିସିଏ ବିଭାଗ ଅଧ୍ୟକ୍ଷ ଡ଼. ସୁଦୀପ୍ତ କୁମାର ଜେନା, ବିଏସସି ବିଭାଗ ଅଧ୍ୟକ୍ଷ ଡ଼.ଆଦିତ୍ୟ କୁମାର ପଟ୍ଟନାୟକ, ବି.ଏସ.ସି ନର୍ସିଂ ବିଭାଗ ଅଧ୍ୟକ୍ଷା କେ.ଜୟଶ୍ରୀ ତାଲିମାର୍ଥିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ଅଧାପକ ବସନ୍ତ କୁମାର ସାହୁ ଏବଂ ଅଧାପିକା ଲିପିକା ନାୟକଙ୍କର ମିଳିତ ଉଦ୍ୟମରେ ଉକ୍ତ କାର୍ଯ୍ୟକ୍ରମଟିକୁ ସୁପରିଚାଳନା କରାଯାଇଥିଲା।

# ମାନସିକ ରୋଗ ଚିହ୍ନଟ, ଚିକିତ୍ସା ଶିବିର

ଭବାନୀପାଟଣା,୨୫ା୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଅର୍ତ୍ତଲ ଗ୍ରାମଠାରେ ମାନସିକ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାକେଶ କୁମାର ସାହୁ ଯୋଗଦେଇ ଶିବର ଉଦ୍‌ଘାଟନ କରିଥିଲେ। ଜିଲା ମାନସିକ ରୋଗ ଓ ନିଦାନ ବିଭାଗ ବିଶେଷଜ୍ଞ ତଥା ସହକାରୀ ପ୍ରାଧାପିକା ଡା. ଅମୃତ ସାହୁ ଓ ତାଙ୍କ ସହକାରୀମାନେ ଶତାଧିକ ରୋଗୀଙ୍କୁ ପରୀକ୍ଷା କରି ସେମାନଙ୍କୁ ଆବଶ୍ୟକ ପରାମର୍ଶ ଦେବା ସହ ଔଷଧ ପ୍ରଦାନ କରିଥିଲେ। ଶିବିରରେ ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏଚ୍‌ଓ ପ୍ରତାପ ବରାଳ, ପିଏଚଇଓ ଜି. ନାଗମଣି, ଅର୍ତ୍ତଲ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର. ଆଦିତ୍ୟପ୍ରିୟଦଶ୍ରୀ ଦାସ, ଡାକ୍ତର ସୁଜିତ କୁମାର ମହାପାତ୍ର, ଫାର୍ମାସିଷ୍ଟ ସୁଧିର କୁମାର ସାହୁ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ରାଜ୍ୟ ସରକାର ତଥା ଜିଲା ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ମାନସିକ ରୋଗୀ ଉପକୃତ ହୋଇଥିଲେ।


ଶିବିରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ବିଭିନ୍ନ ଦାବି ନେଇ କୋମନା ବ୍ଲକ ଘେରାଉ

ନୂଆପଡ଼ା,୨୫ା୧୧(ମକାରୁ ବେମାଲ)



ଶୋଭାଯାତ୍ରାରେ ଦଳୀୟ କର୍ମକର୍ତ୍ତା।

ନୂଆପଡା ଜିଲା ଭାଜପା ପକ୍ଷରୁ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀଙ୍କ ସଂଯୋଜନାରେ ଜନଆକ୍ରୋଶ ବ୍ଲକ ଘେରାଉ ଏବଂ ଧାରଣା ଦିଆଯାଇଛି। ରାଜ୍ୟ ସରକାରଙ୍କ ନିଷ୍କ୍ରିୟ, ଜନବିରୋଧୀ, ଦୁର୍ନୀତିଗ୍ରସ୍ତ, ଭ୍ରଷ୍ଟାଚାରୀ ବିରୋଧରେ ଦଳ ଏହି ଘେରାଉ ଓ ଧାରଣା ଦିଆଯାଇଛି। ରାଜ୍ୟରେ ମହିଳା, ଚାଷୀ, ଶ୍ରମିକ, ଯୁବକ କେହି ବି ସୁରକ୍ଷିତ ନାହାନ୍ତି। ରାଜ୍ୟର ସୁରକ୍ଷା ଓ ମଙ୍ଗଳ ଦୃଷ୍ଟିରୁ ଏ ସରକାର ଶୀଘ୍ର ଅନ୍ତ ହେବା ଆଜିର ସମୟର ଡାକରା ଓ ଆହ୍ୱାନ ବୋଲି ଏମ୍‌ପି ପଣ୍ଡା ସରକାର ବିରୋଧରେ ବର୍ଷିଥିଲେ। ରାଜ୍ୟରେ ପଞ୍ଚାୟତରୁ ନେଇ ବ୍ଲକ, ତହସିଲ, ଜିଲାପାଳ ଅଫିସଠାରୁ ନେଇ ସଚିବାଳୟ ପର୍ଯ୍ୟନ୍ତ ଦୁର୍ନୀତି ଓ ପିସି ରାଜ ଚାଲିଛି ବୋଲି ନେତାମାନେ କହିଥିଲେ। ଆନ୍ଦୋଳନରେ ଭାଜପା ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ, ଖରିଆର ରୋଡ଼ ଏନଏସି ଅଧ୍ୟକ୍ଷା ସୋନିଆ ଗୋଲଡି ଅଗ୍ରୱାଲ, ବିକ୍ରମ ଆଡ଼ବଙ୍ଗ ଚନ୍ଦନ ଠାକୁର, ସହଦେ ପ୍ରଧାନ, ମାର୍କଣ୍ଡ ବାଗ, ଫୁଲେଶ୍ୱର ଶବର, ଲାଲା ରାମ ସାହୁ, ପଣ୍ଡୁ ରଣା, କରୁଣା ହୋତା, ସଦାନନ୍ଦ ଯୋଶୀ, ଯୋଗ ମାଝି, ଦିଗାମ୍ବର ଦୀପ, ଧର୍ମୁ ସୁନାନୀ, ନିଳାଦ୍ରୀ ଆଡ଼ବଙ୍ଗ, ଜଗବନ୍ଧୁ ଆଡ଼ବଙ୍ଗ, ବଳିରାମ ସାହୁ, କୁନୁ ମାଝି, ହେମଲାଲ ରାଉତ, ଶଙ୍କର ଅହୀର, ବଂଶୀ ମାଝି, ଦେବେନ୍ଦ୍ର ରାଉତ, ନାରାୟଣ ହଂସ, ଗଣ୍ଡାରାମ ସାଗରିଆ, ପାନ୍ନାଲାଲ ରାଉତ, ଇନ୍ଦ୍ର ସୁନା, ଯଦୁମଣି ହଂସ ପ୍ରମୁଖଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ସାଧାରଣ ଲୋକ ସାମିଲ ହୋଇଥିଲେ।

# ଧାନ ବିକ୍ରିରେ ଟୋକନ୍ ବାଧକ

**ବରଗଡ଼,୨୫।୧୧(ପ୍ରେମାନନ୍ଦ ଖମାରୀ)**


ଟୋକନ ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ।

- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ
- ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଗତ ୨୧ତାରିଖରୁ ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ୪ଦିନ ବିତିଛି। କିନ୍ତୁ ଆରମ୍ଭରୁ ଧାନ ବିକ୍ରି ସମସ୍ୟା ଲାଗି ରହିଛି। ଟୋକନ ତ୍ରୁଟି ଯୋଗୁ ଏହି ସମସ୍ୟା ଜଟିଳ ହୋଇପଡ଼ିଛି । ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି। ଏହି କ୍ରମରେ ଜୟ କିଷାନ ଆନ୍ଦୋଳନ ନେତୃତ୍ୱରେ ଜିଲାର ଚାଷୀମାନେ ଶୁକ୍ରବାର ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଚାଷୀମାନେ ଖରିଫ ଧାନ ଅମଳ କାର୍ଯ୍ୟ ସାରିଦେଲେଣି। କିନ୍ତୁ ଏପର୍ଯ୍ୟନ୍ତ ଅନେକ ଚାଷୀଙ୍କ ଟୋକନ ଆସିନାହିଁ। ସେହିପରି ବହୁ ଚାଷୀଙ୍କ ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ କେବଳ ୪ରୁ ୫କୁଇଣ୍ଟାଲ ରହିଛି। ଏପରିକି ଅନେକ ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ୨୦୨୪ ଜାନୁୟାରୀ ଶେଷ ସପ୍ତାହ ରଖାଯାଇଛି। ଏଭଳି ସ୍ଥିତିରେ ଧାନ ବିକ୍ରି ପାଇଁ ବର୍ତ୍ତମାନ ଟୋକନ ବ୍ୟବସ୍ଥା ବାଧକ ସାଜିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ଜିଲାର ବିଭିନ୍ନ ଅଣଜଳସେଚିତ ଅଞ୍ଚଳରେ ଚାଷୀମାନେ ଗଭୀର ନଳକୂପ ଦ୍ୱାରା ଚାଷ କରି ଧାନ ଅମଳ କରିଛନ୍ତି। ମାତ୍ର ସମ୍ପୃକ୍ତ ଚାଷୀଙ୍କ ବିକ୍ରିଯୋଗ୍ୟ ଧାନ ପରିମାଣ ୧୯ କୁଇଣ୍ଟାଲ ବଦଳରେ ମାତ୍ର ୧୩ କୁଇଣ୍ଟାଲ ରଖାଯାଇଛି। ଏଭଳି ସ୍ଥିତିରେ ବଳକା ଧାନକୁ ଚାଷୀମାନେ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ କମ୍ ଦରରେ ବିକ୍ରି କରିବା ପାଇଁ ବାଧ୍ୟ ହେବେ ବୋଲି ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଅଭିଯୋଗ ହୋଇଛି। ଫଳରେ ଉକ୍ତ ସମସ୍ୟାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଉକ୍ତ ସମସ୍ୟାର ସମାଧାନ ନ ହେଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଜୟ କିଷାନ ଆନ୍ଦୋଳନ ସଭାପତି ସୁଶିଲ କୁମାର ସାହୁ, ସମ୍ପାଦକ ହର ବଣିଆ, ବେଣୁଧର ମେହେର, ଶ୍ୟାମ ରଣା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଲୁଟ୍ ଘଟଣା : ନାବାଳକଙ୍କ ସମେତ ୪ ଗିରଫ

**ଅତାବିରା,୨୫।୧୧(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ଥାନା ବାବେବିରା ସ୍କୁଲ ସମ୍ମୁଖରେ ଶନିବାର ଭୋର୍ ୩ଟାରେ ହୋଇଥିବା ଲୁଟ୍ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅତାବିରା ଥାନା କୁଲୁଣ୍ଡା ଗ୍ରାମର ଆଲୋକ ସାହୁ, ବାବେବିରାର ପ୍ରେମାନନ୍ଦ ଭୁଏ, ପ୍ରଧାନଟିକ୍ରାର କାର୍ତ୍ତିକ ବରିହା ଏବଂ ଜଣେ ନାବାଳକ। ସେମାନଙ୍କ ପାଖରୁ ପୋଲିସ ନଗଦ ୧୦ହଜାର ୮ଶହ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ବୋଲି ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଏ ନେଇ ଏକ ମାମଲା (ନଂ.୪୨୩/୨୪) ରୁଜୁ ହୋଇଛି। ପ୍ରକାଶ ଯେ, ଅତାବିରା ମିନାରବନ୍ଧ ପଡ଼ାର ରାମଦାସ ଚୌଧୁରୀ ରାସ୍ତାରେ ଯାଉଥିବାବେଳେ ଗିରଫ ଅଭିଯୁକ୍ତମାନେ ବାବେବିରା ସ୍କୁଲ ନିକଟରେ ତାଙ୍କୁ ଅଟକାଇଥିଲେ ଏବଂ ତାଙ୍କଠାରୁ ସବୁ ଟଙ୍କା ଲୁଟି ନେଇଥିଲେ। ଏ ନେଇ ରାମଦାସ ଅତାବିରା ଥାନାରେ ଏତଲା ଦେଇଥିଲେ। ଏତଲା ପାଇବା ପରେ ପୋଲିସ ତନାଘନା କରି ସମସ୍ତ ଅଭିଯୁକ୍ତଙ୍କୁ ଧରିବା ସହିତ ଲୁଟ୍ ଟଙ୍କା ଜବତ କରିଥିଲା।

### ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

**ଉଲୁଣ୍ଡା,୨୫।୧୧(ଉରୁକ୍ରମ ପାଣ୍ଡିଆ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଚମହଲା ଶ୍ରୀଗଣେଶ୍ୱର ହାଇସ୍କୁଲଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଇଓ ଗୋଲକ ବିହାରୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଜିଲା ପରିଷଦ ଉପାଧ୍ୟକ୍ଷ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ନରେନ୍ଦ୍ର ପାଣ୍ଡିଆ ଯୋଗ ଦେଇଥିଲେ । ବିଜ୍ଞାନ ମେଳାରେ ବ୍ଲକର ୭୪ଟି ବିଦ୍ୟାଳୟରୁ ୧୨୫ ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବରେ ରାଜେନ୍ଦ୍ର କୁମାର ମିଶ୍ର ଏବଂ ସୁରଥ ବାରିକ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଜୀବନ ଶୈଳୀକୁ ବୈଜ୍ଞାନିକ ଧାରାରେ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ । ବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ପୁଝାରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ କରିସ୍ମା ବେସ୍ରା, ସ୍ଥାନୀୟ ସରପଞ୍ଚ ଅଶୋକ ପଣ୍ଡା, ସମିତି ସଭ୍ୟା ରେବତୀ ସୁରୁଜାଲ ମଞ୍ଚାସୀନ ହୋଇଥିଲେ । ପ୍ରଧାନଶିକ୍ଷକ ଲାଲବାବୁ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ସର୍ବେଶ୍ୱର ପୂଝାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଢୀ ସଭା ପରିଚାଳନା କରିଥିବା ବେଳେ ରୋହିତ ଦଣ୍ଡ ସେନା ଧନ୍ୟବାଦ ଦେଇଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦାରା ସାଂସ୍କୃତିକ କର୍ଯ୍ୟକମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ସିଆରସୀସି ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ ।

### ଡଭଲାରେ କଳାସୀ ଯାତ୍ରା

**ବିନିକା,୨୫।୧୧( ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସିର ଡଭଲାଠାରେ କଳାସୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଏହି ଯାତ୍ରା କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିଠାରୁ ଆରମ୍ଭ ହୋଇଥିଲା । ଏହି ପୂଜା ରାଜାରାଜୁଡା ଅମଳରୁ ହୋଇ ଆସୁଛି । ମା' ମାହେଶ୍ୱରୀଙ୍କ ଷୋଡଶ ଉପଚାର ସହ ତନ୍ତ୍ର ମନ୍ତ୍ର ବିଦ୍ୟାରେ ମା'ଙ୍କୁ ଆବାହନ କରି ଏହି ଯାତ୍ରା ହୋଇଥାଏ । ପୌରାଣିକ କଥା ଅନୁସାରେ କାର୍ତ୍ତିକ ମାସ ଦଶମୀ ତିଥି ଦିନ ଦେବା ଦେବୀମାନେ ମହାଦେବଙ୍କୁ ବରଣ କରିବା ପାଇଁ କୈଳାଶ ପର୍ବତ ଯାଇଥାନ୍ତି । ସେଥିପାଇଁ ଏହି ଯାତ୍ରାକୁ କଲାସୀ ଯାତ୍ରା କହିଥାନ୍ତି । ଡଭଲା ଗାଁର ମା' ମାହେଶ୍ୱରୀ ଦଶମୀ ଦିନ ବାହାରି ବାବା କପିଳେଶ୍ୱର ପୀଠକୁ ଯାଇ ବାବାଙ୍କୁ ବରଣ କରିଥାନ୍ତି । ଏକାଦଶୀ ଦିନ ଗ୍ରାମରେ ଘଣ୍ଟ, ଘଣ୍ଟୁଆଲ, ଢୋଲ, ନିଶାନ ମହୁରୀ ବଜାଇ ବରୁଆମାନେ ଗ୍ରାମ ପରିକ୍ରମା କରିଥାନ୍ତି । କେଉଁ ଆବାହନ କାଳରୁ ଏହି ପରମ୍ପରା ଚାଲି ଆସୁଛି ।

## ଡିଇଓଙ୍କ ସ୍କୁଲ ପରିଦର୍ଶନ, ମଧ୍ୟାହ୍ନଭୋଜନ ଯାଞ୍ଚ

**ବରଗଡ଼, ୨୫।୧୧(ପ୍ରେମାନନ୍ଦ ଖମାରୀ)**


ଜିଲା ଶିକ୍ଷାଧିକାରୀ ଏବଂ ଅନ୍ୟମାନେ ସ୍କୁଲ ପରିଦର୍ଶନ କରୁଛନ୍ତି।

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଛପ ଶନିବାର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସ୍କୁଲରେ ନିର୍ମାଣାଧୀନ ନୂତନ ଶ୍ରେଣୀ ଗୃହ ଗୁଡ଼ିକର କାର୍ଯ୍ୟ ଅନୁଧ୍ୟାନ କରିବା ସହ ତୁରନ୍ତ କାର୍ଯ୍ୟ ସମ୍ପନ୍ନ କରି ଛାତ୍ରୀଛାତ୍ରଙ୍କ ବ୍ୟବହାର ଉପଯୋଗୀ କରିବା ପାଇଁ ସମ୍ପୃକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢା ସମ୍ବନ୍ଧରେ ପ୍ରଧାନ ଶିକ୍ଷକ ମଳୟ ବାରିକଙ୍କୁ ପଚାରି ବୁଝିଥିବା ବେଳେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟ ଆସନ୍ତା ଜାନୁୟାରୀ ୫ରୁ ୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଶତବାର୍ଷିକୀ ପାଳନ କରିବାକୁ ଯାଉଥିବାରୁ ସରପଞ୍ଚ ତଥା ଶତବାର୍ଷିକୀ ପାଳନ କମିଟି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ପୂର୍ବତନ ସ୍କୁଲ ଚେୟାରମ୍ୟାନ ନିତ୍ୟାନନ୍ଦ ନାଏକଙ୍କ ସମେତ ସ୍କୁଲର ଆଲୁମିନି ଜିଲା ଶିକ୍ଷାଧିକାରୀ କଛପ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାହୁଙ୍କୁ ସାକ୍ଷାତ କରି ଶତବାର୍ଷିକୀ ପାଳନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଜିଲା ଶିକ୍ଷାଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଶତବାର୍ଷିକୀ ସମାରୋହରେ ଜିଲା ଶିକ୍ଷା ବିଭାଗର ସମସ୍ତ ଅଧିକାରୀଙ୍କୁ ଉପସ୍ଥିତ ରହିବା ପାଇଁ ନିମନ୍ତ୍ରଣ କରାଯାଇଥିବା ବେଳେ ଶତବାର୍ଷିକୀ ପାଳନରେ ଜିଲା ଶିକ୍ଷା ବିଭାଗ ପୂର୍ଣ୍ଣ ସହଯୋଗ କରିବ ବୋଲି ଶିକ୍ଷାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଶିକ୍ଷକ ନବୀନ ସାବତ, ବିଭୂତି ମହାପାତ୍ର, ସନାତନ ଖମାରୀ, ସବ୍ୟସାଚୀ ସାହୁ, ଅଂଶୁପ୍ରଭା ଭୋଇ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସୀମାନ୍ତ ବିଶି, ଆନନ୍ଦ ସାହୁ, ରୋହିତ ଭୋଇ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

**ବାଉଁଶୁଣୀ,୨୫।୧୧(ଦେବାଶିଷ ନେପାକ)**

ଶୁକ୍ରବାର ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବାଉଁଶୁଣୀ ଥାନା ଅଧିକାରୀ ଅଞ୍ଜଳି ବିଶାଳଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଉକ୍ତ ଟିମ୍ ଗୋଛାପଡା ପଞ୍ଚାୟତ ବିଜାପଦର ଗ୍ରାମ୍ୟ ଜଙ୍ଗଲ ନିକଟରେ ଚଢ଼ାଉ କରି ବେଆଇନ ଭାବରେ ଚାଷ ହୋଇଥିବା ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ଦେଇଥିଲେ। ବେଆଇନ ଭାବରେ ଗଞ୍ଜେଇ ଗଛ ଚାଷ ହୋଇଥିବା ବାଉଁଶୁଣୀ ପୋଲିସ ଖବର ପାଇ ଏହି ଚଢାଉ କରାଯାଇଥିବା ଥାନା ଅଧିକାରୀ ବିଶାଳ କହିଛନ୍ତି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ହେବ । ବୌଦ୍ଧ ଜିଲାରେ ଯେମିତି ଗଞ୍ଜେଇ ଚାଷ ହେଉଛି, ସେମିତି ଚୋରାଚାଲାଣ ହେଉଛି। ଆଗକୁ ଏଭଳି ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ମୋବାଇଲ ଦୋକାନ ତାଲା ଭାଙ୍ଗି ଚୋରି ଅଭିଯୋଗ

**ବାଉଁଶୁଣୀ,୨୫।୧୧(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବହିରା ହାଇସ୍କୁଲ ଛକ ନିକଟରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ହୋଇଥିବା ନେଇ ବାଉଁଶୁଣୀ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଶତ୍ରୁଘ୍ନ ବାଘ ହାଇସ୍କୁଲ ଛକ ନିକଟରେ ଏକ ମୋବାଇଲ ଦୋକାନ ଦେଇଛନ୍ତି । କେହି ଦୁର୍ବୃତ୍ତ ଦୋକାନର ତାଲା ଭାଙ୍ଗି ଗୋଟିଏ ଲାପ୍‌ଟପ, ୨୫ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛି । ଦୋକାନରେ ଲାଗିଥିବା ସିସି ଟିଭି କ୍ୟାମେରାକୁ ଚୋର ଭାଙ୍ଗି ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ବାଘଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ହସ୍ତତନ୍ତ ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ବରଗଡ଼,୨୫।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଲାଉମୁଣ୍ଡାଠାରେ ବୁନ୍‌କର୍ ନାମକ ଏକ ହସ୍ତତନ୍ତ ତାଲିମ କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଛି। ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦଘାଟନ କରିଛନ୍ତି। ରାଜ୍ୟରେ ପ୍ରଥମଥର ପାଇଁ ଏହି କେନ୍ଦ୍ରରେ କମ୍ପ୍ୟୁଟର ଡିଜାଇନିଂଠାରୁ ଆରମ୍ଭ କରି ଗ୍ରାଫ୍ ବାନ୍ଧ, ରାସାୟନିକ, ପ୍ରାକୃତିକ ରଙ୍ଗ କରିବା ଶୈଳୀ ତଥା ଲୁଗା ବୁଣିବା ପର୍ଯ୍ୟନ୍ତ ସମସ୍ତ କୌଶଳ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ ବୋଲି ସୂଚନା ଦିଆଯାଇଛି। ଉକ୍ତ ଅନୁଷ୍ଠାନ ହସ୍ତତନ୍ତର ବିକାଶ କରିବା ସହିତ ଅନେକ ଯୁବତୀ ଯୁବକଙ୍କୁ ରୋଜଗାରକ୍ଷମ କରିବ ବୋଲି ମୁଖ୍ୟ ଅତିଥି ଆଚାର୍ଯ୍ୟ କହିଥିଲେ । ଚିତ୍ରଶିଳ୍ପୀ ତଥା ସମ୍ପାଦକ ରାଜେନ୍ଦ୍ର ସିକନ୍ଦର ତାଙ୍କ ବକ୍ତବ୍ୟରେ ଏ ଅଞ୍ଚଳର ବୁଣାକାର ଆମର ଗୌରବ ଏବଂ ଏହା କୌଳିକ ବୃତ୍ତିର ଗାରିମାକୁ ଆହୁରି ଲୋକଲୋଚନକୁ ଆଣିବାର ସମୟ ଆସିଛି ବୋଲି କହିଥିଲେ। ପୂର୍ବତନ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମେହେର କୌଶଳ ବିକାଶ ହିଁ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରିଥାଏ ବୋଲି କହିଥିଲେ । ବିଜେପୁର ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ, ଲଳିତ ମୋହନ ପାଢ଼ୀ, ସରପଞ୍ଚ ସୁରେନ୍ଦ୍ର ବେରିଆ, ବିଜେପୁର ବ୍ଲକ ମେହେର ସମାଜର ସଭାପତି ହୃଷୀକେଶ ମେହେର, ଅନୁଷ୍ଠାନର ଅଧ୍ୟକ୍ଷ ମକରଧ୍ୱଜ ମେହେର, ସରୋଜ ମେହେର, ଅନାଦି ମେହେର, ନିତାଇ ମେହେର, ପୁଷ୍ପାଞ୍ଜଳି ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ହସ୍ତତନ୍ତ ତାଲିମ କେନ୍ଦ୍ର ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ ।

## ବାନ୍ଧୁପାଲିରେ ମାଣ୍ଡିଆ ଅମଳ ମହୋତ୍ସବ

**ପଦ୍ମପୁର, ୨୫।୧୧ (ପ୍ରଦୀପ୍ତ ଦାଶ):** ଓଡ଼ିଶା ମିଲେଟ ମିଶନ ଓ ପଦ୍ମପୁର ତ୍ରିରଙ୍ଗା ଯୁବକ ସଂଘ ପକ୍ଷରୁ ବାନ୍ଧୁପାଲି ଗ୍ରାମରେ ମାଣ୍ଡିଆ ଅମଳ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି, ବିଡିଓ ଚନ୍ଦ୍ରମଣି ନାଗ, ଜିଲା ସଂଯୋଜକ ନାରାୟଣ ପାଣିଗ୍ରାହୀ, ଅତିରିକ୍ତ କୃଷି ଅଧିକାରୀ ବିକାଶ ବେଶ୍ରା, ଗ୍ରାମ୍ୟ କୃଷିକର୍ମୀ ଶୁଭେନ୍ଦୁ ବରିହା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବ୍ଲକ ସଂଯୋଜକ ତୁଲେଶ୍ୱର ବୈକାର ସ୍ୱାଗତ ଭାଷଣ ଏବଂ ଅତିରିକ୍ତ ବ୍ଲକ ସଂଯୋଜକ ତରଣୀସେନ ଦ୍ୱାରି ଧନ୍ୟବାଦ ଅର୍ପଣ କରିଥିଲେ। ସିଆରପି ବଳରାମ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଯୋଗଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଥମ ମାଣ୍ଡିଆ ଫସଲ ଅମଳ କରାଯାଇଥିଲା।


ବିଧାୟିକା ବର୍ଷା ସିଂ ବରିହା ମାଣ୍ଡିଆ ଅମଳର ଶୁଭାରମ୍ଭ କରୁଛନ୍ତି।

### କେଦାର ସିଂ ବରିହାଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର,୨୫।୧୧(ପ୍ରଦୀପ୍ତ ଦାଶ)**

ଓପିଏସ୍‌ସିରେ କୃତକାର୍ଯ୍ୟ ହୋଇଥିବା ପଦ୍ମପୁର ବ୍ଲକ ସର୍ଗିବାହାଲ ଗ୍ରାମର କେଦାର ସିଂ ବରିହାଙ୍କୁ ବସଷ୍ଟାଣ୍ଡ ଛକରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ସମୟରେ ଓଡିଶା ସରପଞ୍ଚ ସଂଘ ରାଜ୍ୟ ଉପସଭାପତି ଆନନ୍ଦ ବେହେରା, ବରିକେଲ ସରପଞ୍ଚ ଦିନେଶ ସେଠ, ସୁନୀଲ ବେହେରା, ଜମରତଲା ସରପଞ୍ଚ ବିଧୁଭୂଷଣ ଚାନ୍ଦ, ଭେଉଁରିଆ ସରପଞ୍ଚ ଚୈତନ୍ୟ କୁମ୍ଭାର, ଭାଜପା ସର୍ଗିବାହାଲ ମଣ୍ଡଳ ସଭାପତି ନିରାକାର ବରିହା, ନିରୋଜ ପାଣି ପ୍ରମୁଖ ଉପସ୍ଥିତ ଥିଲେ। କେଦାର ପୋଲିସ ଅଧିକାରୀ ସ୍ୱର୍ଗତ ଶେଷଦେବ ସିଂ ବରିହାଙ୍କ ପୁତ୍ର। ସେ ଜଣେ ମେଧାବୀ ଛାତ୍ର ଓ ବହୁ ପ୍ରତିଭାର ଅଧିକାରୀ ଭାବେ ସ୍କୁଲ ଓ କଲେଜରେ ସମ୍ବର୍ଦ୍ଧିତ ହୋଇଛନ୍ତି।

## ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

**ବରଗଡ଼,୨୫।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କୃଷକ ବଜାର ପରିସରରେ ଚାଲିଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ଦିବସରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ଜିଲାର ଜନସାଧାରଙ୍କ ଆର୍ଥିକ ମାନଦଣ୍ଡ ଉନ୍ନତ କରିବାରେ ସହାୟକ ହେବ ବୋଲି କହିଥିଲେ। ଏପିକଲ ଅଧ୍ୟକ୍ଷ ପ୍ରଭାତାଦିତ୍ୟ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। ସମାରୋହରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସମେତ କୃଷି, ଉଦ୍ୟାନ କୃଷି, କୃଷି ବିଜ୍ଞାନ କେନ୍ଦ୍ର, ଜଳ ବିଭାଜିକା ପ୍ରକଳ୍ପ, ବ୍ୟାଙ୍କ ତଥା ଅନ୍ୟାନ୍ୟ ସରକାରୀ, ବେସରକାରୀ ସଂସ୍ଥା ପକ୍ଷରୁ ୨୮ଟି ଷ୍ଟଲ ଖୋଲାଯାଇଥିଲା ଏବଂ ବିଭିନ୍ନ ଯୋଜନା ଉପରେ ଚାଷୀଙ୍କୁ ସଚେତନ କରାଯାଇଥିଲା। ସେହିପରି ଗୋପାଳନ, ମତ୍ସ୍ୟଚାଷ, ଛେଳି ପାଳନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁଶାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ବିରୁପାକ୍ଷ ନାୟକ, ଡା. ରାଜେଶ ନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରବିନ୍ଦ୍ର କୁମାର ହୋତା, ଡା. ଆଚାର୍ଯ୍ୟ ଚନ୍ଦ୍ରକାନ୍ତ ପାଟଯୋଶୀଙ୍କ ସମେତ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସାଧିକାରୀ, ମତ୍ସ୍ୟ ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ ଜିଲା ମତ୍ସ୍ୟ ଅଧିକାରୀ ବିଶ୍ୱରଞ୍ଜନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।


ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଜଣେ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପାଇକମାଲ, ୨୫।୧୧(ବଡ ଶତପଥୀ)**



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଚାଲିଥିବା ଯୁବ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଅତିଥି ଓ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଉପାଧ୍ୟକ୍ଷ ସଞ୍ଜୀବ ବରିହା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଧାୟିକା ଯୁବ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଅତିଥି ପରିଚୟ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଚ, ଗୀତ ଓ ରାମ୍ପ ୱାକ୍ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ ପୁଷ୍ପକାନ୍ତ ନାୟକ, ଦେବକାନ୍ତ ନାୟକ, ଅଧ୍ୟାପିକା ସସ୍ମିତା ସରିଆ, ବବିତା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା ପକ୍ଷରୁ ଶନିବାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ପାରମ୍ପରିକ ଫେଶନ ଶୋ, କବିତା ଆବୃତ୍ତି, ସୃଜନଶୀଳ ଲେଖନ, ଗଳ୍ପ କଥନ, କାର୍ଟୁନ ଚିତ୍ରାଙ୍କନ, ପେଣ୍ଟିଂ ଆଦି ପ୍ରତିଯୋଗିତା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଲୋହିତ କୁମାର ବାରିକ, ନୋଡାଲ ଅଫିସର ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**ଝାରବନ୍ଧ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୬ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ବିଧାୟିକା ବର୍ଷା ସିଂ ବରିହା ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଧାୟିକା ବରିହା ମୁଖ୍ୟ ଅତିଥି, କଲେଜ ପରିଚାଳନା କମିଟି ସଭାପତି ନନ୍ଦଲାଲ ମହାପାତ୍ର, ଜିଲା ପରିଷଦ ସଭ୍ୟ ସୁଶୀଲ ମରେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ। ଅଧ୍ୟାପିକା ସୁଶ୍ରୀ ଯାଜ୍ଞସେନୀ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ଶ୍ରୀ ଡ଼ଲଫିନ ସୁନା ଓ ମୀନପ୍ରଭା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

**ପଦ୍ମପୁର (ପ୍ରଦୀପ୍ତ ଦାଶ):** ପଦ୍ମପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉପଲକ୍ଷେ ସମାଜ ସେବା ବିଭାଗର ସଫେଇ ଅଭିଯାନ ଉପଖଣ୍ଡ ଚିକିତ୍ସାଳୟରେ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଡିଏମ୍‌ଓ ଡାକ୍ତର ସରୋଜ କୁମାର ସେଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିରୋଜ ଦୋରା ଓ ପରିଚାଳନା କମିଟି ସଭାପତି ଅଖିଳ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଓ୍ୱାଇଡିପିର ନୋଡାଲ ଅଫିସର ଡ. ଚନ୍ଦ୍ରିକା ଭୋଇ ସ୍ୱାଗତ ଭାଷଣ, ସମାଜସେବା କାର୍ଯ୍ୟକ୍ରମର ନୋଡାଲ ଅଫିସର ସୁଶ୍ରୀ ସଙ୍ଗୀତା ଗୌନ୍ତିଆ ଏବଂ କ୍ରୀଡା ବିଭାଗର ନୋଡାଲ ଅଫିସର ସରିତା ରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିବସରେ ଇଂରାଜୀ ଓ ଓଡ଼ିଆ ଭାଷାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ନାଳରେ ବୁଡ଼ି ଯୁବକ ମୃତ

ଦେବଗଡ଼, ୨୫।୧୧
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ୧୧ ନମ୍ବର ୱାର୍ଡର ମହୁଲଡିପାସାହି ନାଳରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ସ୍ଥାନୀୟ କଚେରିସାହିର କିଶୋର ଚନ୍ଦ୍ର ଦଣ୍ଡିଆ ଓରଫ ଟୁବୁଲୁ (୪୨) ମହୁଲଡିପାସାହି ନାଳକୁ ଗାଧୋଇବାକୁ ଯାଇଥିବାବେଳେ କିଛି ସମୟ ପରେ ତାଙ୍କର ମୃତଦେହ ଉକ୍ତ ନାଳ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏକଥା ଜଣାପଡିବା ପରେ ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ନାଳ ମଧ୍ୟରୁ ମୃତଦେହ ଜବତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ଡାକ୍ତର ଆନୁଷ୍ଠାନିକ ଭାବେ ମୃତ ଘୋଷଣା କରିଥିଲେ । ସୂଚନା ପାଇ ୧୧ ନମ୍ବର ୱାର୍ଡର କାଉନସିଲର କାର୍ତ୍ତିକ ମହାକୁଳ ଓ ଜଣାଶୁଣା ବ୍ୟବସାୟୀ ନବୀନ ମହାନ୍ତିଙ୍କ ସମେତ ବହୁ ଯୁବକ ଓ ସାହିବାସିନ୍ଦା ସେଠାରେ ପହଞ୍ଚିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।

### ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ

ସମ୍ବଲପୁର, ୨୫।୧୧
(ଭବାନୀ ଶଙ୍କର ଭୋଇ)

ସତ୍ୟସାଇ ବାବାଙ୍କ ୯୮ତମ ଜନ୍ମୋତ୍ସବ ସମ୍ବଲପୁର ସତ୍ୟସାଇ ସେବା ସମିତିରେ ପାଳିତ ହୋଇଯାଇଛି। ଗତ ୧୯ ତାରିଖରୁ ସହରର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗତ ରବିବାର ମହିଳା ସମିତି ପକ୍ଷରୁ ଶ୍ରାଦ୍ଧୋପଚାର, ସୋମବାର ପାଲିଙ୍କି ଯାତ୍ରା, ମଙ୍ଗଳବାର ଆରତି କରାଯାଇଥିଲା। ସେହିପରି ଲକ୍ଷ୍ମୀଡୁଙ୍ଗୁରି କୁଷ୍ଠାଶ୍ରମ, ନାରୀବନ୍ଦୀ ନିକେତନ, ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ, ବାଳାଶ୍ରମ, ଆଶ୍ରୟ ଆଦି ସ୍ଥାନରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ପୋଷ୍ୟଗ୍ରାମ କୁର୍ଲାବାହାଲଠାରେ ମଧ୍ୟ ଉତ୍ସବ ହୋଇଥିଲା। ରାଜ୍ୟ ଆଧ୍ୟାତ୍ମିକ ସଂଯୋଜକ ରମାବଲ୍ଲବ ଭାଇ ଓ ରାଜ୍ୟ ସାଇ ସାହିତ୍ୟ ନିର୍ଦ୍ଦେଶକ ମନୋରଞ୍ଜନ ଭାଇ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ରାହାସ ଯାତ୍ରା, ଯୁଗଳ ମୂର୍ତ୍ତିଙ୍କ ସହର ପରିକ୍ରମା





ପବିତ୍ର ରାହାସ ଅବସରରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ସହର ପରିକ୍ରମା କରାଯାଉଛି। ରାହାସ ଅବସରରେ ଶୋଭାଯାତ୍ରା।

ଦେବଗଡ଼, ୨୫।୧୧ (ଶଶାଙ୍କଶେଖର ଝାଙ୍କର)

ପବିତ୍ର ରାହାସ ପୂର୍ଣ୍ଣିମା ଅବସରରେ ଆୟୋଜିତ ହେବାକୁ ଥିବା ରାହାସ ଯାତ୍ରା ନିମନ୍ତେ ଆୟୋଜକ ଗୋପୀକିଶୋର ଆସୋସିଏସନ ପକ୍ଷରୁ ଭବ୍ୟ ଶୋଭାଯାତ୍ରା ସମେତ ଅଧିବାସ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ଦେବଗଡ ପୌରାଞ୍ଚଳ ଭିତିରିଆସାହି ସ୍ଥିତ ପୂଜା ମଣ୍ଡପରୁ ଏକ ସୁସଜ୍ଜିତ ଯାନରେ ଅବସ୍ଥାନ କରାଇ ଏସ୍‌ବିଆଇ ଛକ, ବଣିଆଁସାହି, ଶାସନସାହି ଓ ଗୁରୁସାହି ସମେତ ବିଭିନ୍ନ ସାହି ଗଳି ପରିକ୍ରମା କରାଯାଇଥିଲା। ପାରମ୍ପରିକ ସଂକୀର୍ତ୍ତନ, ଢୋଲ ମାଦଳ ଓ ସିଂହ ବାଜା ସମେତ ଉତ୍ତରାଖଣ୍ଡର ପ୍ରସିଦ୍ଧ ଅଘୋରୀ ନୃତ୍ୟ, ଦୁଲଦୁଲୀ, ଡିଜେ ସାଉଣ୍ଡ, ରଙ୍ଗିନ ମେଲୋଡି ଓ କେରଳର ଆକର୍ଷଣୀୟ ଲୋକନୃତ୍ୟ ଦଳର ତାଳେତାଳେ ଓ ଡିଜେ ସାଉଣ୍ଡରେ ସାହିର ତଥା ସହରର ଯୁବଗୋଷ୍ଠୀ ଝୁମି ଉଠିଥିଲେ। ଉକ୍ତ ଶୋଭାଯାତ୍ରାରେ ଉତ୍ତରାଖଣ୍ଡର ପ୍ରସିଦ୍ଧ ଅଘୋରୀ ନୃତ୍ୟ ଓ କେରଳର ଅଭିନବ ଲୋକନୃତ୍ୟ ଦର୍ଶକମାନଙ୍କ ପାଇଁ ବେଶ ଆକର୍ଷଣୀୟ ଏବଂ ଉପଭୋଗ୍ୟ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା କର୍ମୀ ବ୍ୟବସ୍ଥା କରାଯାଇଥିଲା। ରାତରେ ଉକ୍ତ ଶୋଭାଯାତ୍ରା ପୂଜା ମଣ୍ଡପରେ ପହଞ୍ଚିବା ପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ସ୍ଥାପନା କରାଯିବା ସହ ଅଧିବାସ ସମ୍ପନ୍ନ ହୋଇଥିଲା। ଏହି ଶୋଭାଯାତ୍ରାରେ ଆସୋସିଏସନର ଉପଦେଷ୍ଟା ବିରେନ କୁମାର ନାୟକ, ସଭାପତି ବିବେକାନନ୍ଦ ଦାସ, ଉପସଭାପତି ସୁଶାନ୍ତ କୁମାର ନାୟକ, ସମ୍ପାଦକ ବିକାଶ ନାୟକ, ସହସମ୍ପାଦକ ବାଦଲ ଦାସ, କୋଷାଧ୍ୟକ୍ଷ ସିକୁନ ନାୟକ, ସାଂସ୍କୃତିକ ସମ୍ପାଦକ ପ୍ରଭାତ କୁମାର ସାହୁ, ସହ ସାଂସ୍କୃତିକ ସମ୍ପାଦକ ମୋହନ ଦେହୁରୀ, ପୂଜା ମଣ୍ଡପ ସମ୍ପାଦକ ଅହିଂସା ନାୟକ ଓ ସଂକୀର୍ତନ ସମ୍ପାଦକ ଲିଟନ ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବିରେନ କୁମାର ନାୟକ, କିଶୋର କୁମାର ଦାସ, ସୁବାସ ଚନ୍ଦ୍ର ଭୋଇ, ଉଦୀପ୍ତ ନାୟକ ଓ ଅଜିତ ମୋଦି, ସମ୍ଭୁନାଥ ଗୋଏଲ, ଗୋକୁଳ ଚନ୍ଦ୍ର ଦାସ ଓ ବ୍ରହ୍ମାନନ୍ଦ ଅଗ୍ରୱାଲାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

- ମୁଖ୍ୟ ଆକର୍ଷଣ ଉତ୍ତରାଖଣ୍ଡର ଅଘୋରୀ, କେରଳର ଲୋକନୃତ୍ୟ
- ପ୍ରତ୍ୟେକ ଛକରେ ଦେଖିବା ପାଇଁ ପ୍ରବଳ ଭିଡ
- ଡିଜେ ସାଉଣ୍ଡରେ କମ୍ପିଲା ସହର

### ହାତୀ ଉପଦ୍ରବ, ଧାନଫସଲ ନଷ୍ଟ

ପଡିଆବାହାଲ, ୨୫।୧୧ (ରାଧାମୋହନ ଷଡ଼ଙ୍ଗୀ)

ଜମନକିରା ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗିରହିଛି। ହାତୀପଲ ଧାନଫସଲ ଖାଇ ନଷ୍ଟ କରୁଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ହାତୀ ଚଳପ୍ରଚଳ ଯୋଗୁ ବଡ଼ରମା ଓ ପଡିଆବାହାଲ ରେଞ୍ଜ ଅଧୀନ ବଡଖଲିଆ, କଟଙ୍ଗପାଣି, ଛେମଣ୍ଡା, ଟିକିବା, ଅର୍ଡପାଳ ଆଦି ଗ୍ରାମର ଲୋକେ ଭୟଭୀତ ହୋଇପଡିଛନ୍ତି। ବନ କର୍ମଚାରୀଙ୍କ ସହ ଲୋକେ ଘଉଡାଇବାକୁ ଚେଷ୍ଟାକରି ବିଫଳ ହେଉଥିବା କହିଛନ୍ତି। ଗୁରୁବାର ହାତୀପଲ କୁଲୁଣ୍ଡି ଗ୍ରାମର ପୁନିଆ ସିଂହଙ୍କ ଏକ ଏକର ଜମିର ଧାନଫସଲ ଖାଇ ନଷ୍ଟ କରିବା ସହ ଟମାଟୋ ଫସଲ ମାଡି ଦେଇଛନ୍ତି। ଅନ୍ୟ ଜଙ୍ଗଲକୁ ହାତୀ ଘଉଡ଼ାଇବା ବ୍ୟବସ୍ଥା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ରାଶି ଦେବାକୁ ସାଧାରଣରେ ଦାବି ହେଉଛି।

### ମହିଳା ମହାବିଦ୍ୟାଳୟରେ ସାଂସ୍କୃତିକ ଉତ୍ସବ

ସମ୍ବଲପୁର, ୨୫।୧୧ (ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଦ୍ୱିତୀୟ ଦିବସରେ ଫୁଡ଼ ଫେଷ୍ଟ ଓ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଫୁଡଫେଷ୍ଟରେ ୨୨ଟି ଖାଦ୍ୟଷ୍ଟଲ ଖୋଲିଥିଲା। ଛାତ୍ରୀମାନେ ପାଶ୍ଚାତ୍ୟ, ଚାଇନିଜ, ଭାରତର ବିଭିନ୍ନ ରାଜ୍ୟର ଖାଦ୍ୟ ପ୍ରସ୍ତୁତ କରିଥିଲେ। ସାଂସ୍କୃତିକ ବର୍ଗରେ ବିଜୟନୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ତିମ ପର୍ଯ୍ୟାୟରେ ଛାତ୍ରୀମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରାଜଶ୍ରୀ ବରାଳଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା।

## ରେଙ୍ଗାଲି ବ୍ଲକସ୍ତରୀୟ ବିଜ୍ଞାନମେଳା

ରେଙ୍ଗାଲି, ୨୫।୧୧ (ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରାମଚନ୍ଦ୍ରଠାରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଆରମ୍ଭ ହୋଇଛି। ରେଙ୍ଗାଲି ବିଡିଓ କୃଷ୍ଣଚନ୍ଦ୍ର ଦଳପତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏବିଡିଓ ମହେନ୍ଦ୍ର ବାଗ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭଗବାନ ରାଉତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୧୨୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବର୍ଗର ୧୮ ଜଣ ଲେଖାଏ ପୁରସ୍କୃତ ହୋଇଥିଲେ। ଚୂଡ଼ାମଣି ନାୟକ, ରାଜେନ୍ଦ୍ର ପ୍ରସାଦ ସାହୁ, ପ୍ରଶାନ୍ତ ପାଟଯୋଶୀ, ଶାନ୍ତିଲତା ଦାସ ବିଚାରକ ଥିଲେ। ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ମୁଖ୍ୟ ଅତିଥି, ମହେନ୍ଦ୍ର ବାଗ ସମ୍ମାନିତ ଅତିଥି ଓ ଗୌରିଦାସ ପଧାନ ମୁଖ୍ୟ ବକ୍ତା ଭାବେ ମଞ୍ଚାସୀନ ଥିଲେ।

### ଏନ୍‌ଏସ୍‌ସିବି କଲେଜରେ ନୂଆ-ଓ କାର୍ଯ୍ୟକ୍ରମ

ସମ୍ବଲପୁର, ୨୫।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶକୁ ପ୍ଲାଷ୍ଟିକମୁକ୍ତ ରଖିବା, ସ୍ୱଚ୍ଛତା ଅଭିଯାନ, ବନ୍ୟଜନ୍ତୁଙ୍କ ସୁରକ୍ଷା ଭିତ୍ତିକ ସଚେତନ କରାଯାଇଥିଲା। ଏହି ଅବସରରେ ଶନିବାର ଛାତ୍ରୀଛାତ୍ରମାନେ କଲେଜ ନିକଟ ଗିର୍ଜା, ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ସହ ଜିରୋ ପଏଣ୍ଟ ଅଞ୍ଚଳ ସଫେଇ କରାଯାଇଥିଲା। କଲେଜର ପ୍ରାୟ ୫ ଶହ ଛାତ୍ରୀଛାତ୍ର ଏକ ବିଶାଳ ପଦୁଆରରେ ବାହାରି ଲୋକଙ୍କୁ ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛ ପରିବେଶ ଗଠନ ଦିଗରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ସମ୍ବଲପୁର ମହାନଗର ନିଗମ କର୍ମଚାରୀ ସହାୟତା କରିଥିଲେ। ସନ୍ତୋଷ ବେହେରା, ମିନତୀ ଛତ୍ରିଆ, କିରଣ ପାତ୍ର, ଅଳକା ଲୁଗୁନ, ବୀରସେନ୍ ଦଳେଇ, ମେଞ୍ଜୋ ପୁର୍ତ୍ତି, ବିଶ୍ୱଜିତ ମହାନ୍ତି ପ୍ରମୁଖ କଲେଜର ଅଧ୍ୟାପିକା ଅଧ୍ୟାପକ ପଥ ପ୍ରଦର୍ଶକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ସୁରେଶ ଏକ୍କା ଓ ମିଲି ସାହୁ ପରିଚାଳନା କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ରେଙ୍ଗାଲି, ୨୫।୧୧ (ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରେଙ୍ଗାଲି ବିଡିଓ କୃଷ୍ଣ ଚନ୍ଦ୍ର ଦଳପତି ମୁଖ୍ୟ ଅତିଥି ଓ ସାଳଡ ପଞ୍ଚାୟତ ସରପଞ୍ଚ ସତ୍ୟନାରାୟଣ ମହାନନ୍ଦିଆ, ସମଲେଶ୍ୱରୀ ହସ୍ପିଟାଲ ନିର୍ଦ୍ଦେଶକ ଡା. ସନ୍ତୋଷ ସିଂ, ସାମାଜିକ କର୍ମୀ ଉମାପଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ମୁଖ୍ୟ ଅତିଥି, ସାମାଜିକ କର୍ମୀ ତଥା ବିଦ୍ୟାଳୟ କମିଟି ଉପଦେଷ୍ଟା ଶଶିଭୂଷଣ ସାହୁ, ସଭାପତି ରାଜୀବ ମିଶ୍ର, ସମ୍ପାଦକ ସରୋଜ କୁମାର ବିଶୋଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଦୀପ୍ତି ରଞ୍ଜନ ପୋଥାର ସଭା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ରୋଟାରି କ୍ଲବ ଗ୍ରେଟର ପକ୍ଷରୁ ରକ୍ତବର୍ଗ ଚିହ୍ନଟ ଶିବିର

ସମ୍ବଲପୁର, ୨୫।୧୧ (ଭବାନୀ ଶଙ୍କର ଭୋଇ)

ରୋଟାରି କ୍ଲବ ସମ୍ବଲପୁର ଗ୍ରେଟର ଓ ଷ୍ଟାର ଡାଇଗ୍ନୋଷ୍ଟିକ ତରଫରୁ ଶୁକ୍ରବାର ଗୋପାଳମାଲ ସରକାରୀ ବିଦ୍ୟାଳୟରେ ରକ୍ତବର୍ଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ଉକ୍ତ କାଯର୍ୟକ୍ରମ ରେ କ୍ଲବର ସଭାପତି ଡ଼ା. ମନରଞ୍ଜନ ସାହୁ, ସମ୍ପାଦକ ସମ୍ବିତ ସ୍ୱାଇଁ, ରେୟାରମ୍ୟାନ ଉର୍ମିଳା ବେହେରା, ଘନଶ୍ୟାମ ମେହେର, ପ୍ରଶାନ୍ତ ରଥ, ରାଜୀବ ଜୈନ, ବିମଳ ମଲିକ, ସୁନିତା ନାୟକ, ଲକ୍ଷ୍ମୀପ୍ରିୟା ପ୍ରଧାନ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଡ. ଶୀତଳ କୌର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ପ୍ରଭୁଭକ୍ତି ଆଶ୍ରମରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ସମ୍ବଲପୁର, ୨୫।୧୧
(ଭବାନୀ ଶଙ୍କର ଭୋଇ)

କଲାମାଟି ପଞ୍ଚାୟତର ଘୁଡକାଟିକରା ଠାରେ ଥିବା ଆର୍ଯ୍ୟସମାଜର ପ୍ରଭୁଭକ୍ତି ଆଶ୍ରମରେ ଶନିବାର ତିନିଦିନିଆ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରେଙ୍ଗାଲୀ ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି, ଆର୍ଯ୍ୟ ସମାଜର ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା ଓ କଲାମାଟି ସରପଞ୍ଚ ସୁଷମା ସାହୁ, ସମିତି ସଭ୍ୟା ରୀନା ଗର୍ଡିଆ, ସ୍ୱାମୀ ସମବେଶ ସରସ୍ୱତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଯଜ୍ଞ କମିଟି ସଭାପତି ଦେବେନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। ଆସନ୍ତା ସୋମବାର ପର୍ଯ୍ୟନ୍ତ ସାଧୁସେବା, ସତ୍‌ସଙ୍ଗ, ରକ୍ତଦାନ ଶିବିର, ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ସତସଙ୍ଗ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

### ପ୍ରକୃତିବନ୍ଧୁ ଋଷି ପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ସମ୍ବଲପୁର, ୨୫।୧୧ (ଭବାନୀ ଶଙ୍କର ଭୋଇ)

ବୁଢାରଜା ବନ ସଂରକ୍ଷଣ ସମିତି ପକ୍ଷରୁ ଶନିବାର ସହଯୋଗ ନଗର ରାଧାକୃଷ୍ଣ ମନ୍ଦିର ପରିସରରେ ପ୍ରକୃତି ବନ୍ଧୁ ଋଷିପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ବୁଢାରଜା ପାହାଡକୁ ସବୁଜ ସୁନ୍ଦର କରିବାରେ ଋଷିପାତ୍ରଙ୍କ ଅବଦାନ ଅତୁଳନୀୟ ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ। ବନ ସଂରକ୍ଷଣ ମସିତି ଉପସଭାପତି ତ୍ରିବିକ୍ରମ ପୋଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ତ୍ତିକ ପ୍ରସାଦ ବହିଦାର, କିଶୋର ଛତର, ବାସନ୍ତି ପୋଢ, ଲକ୍ଷ୍ମୀ ତାଣ୍ଡିଆ ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଦେବଗଡ଼ ମହାବିଦ୍ୟାଳୟର କ୍ରୀଡ଼ା ଉଦ୍‌ଯାପିତ

ଦେବଗଡ଼, ୨୫।୧୧ (ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ଦେବଗଡ଼ ମହାବିଦ୍ୟାଳୟ (ଯୁକ୍ତ ୨, ଯୁକ୍ତ ୩ ଓ ସ୍ନାତକୋତ୍ତରରେ କୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ଯୁବ ଓଡିଶା ନବୀନ ଓଡିଶା' ତଥା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମଠାରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। କ୍ରୀଡା ଶିକ୍ଷକ ସୌରଭ କୁମାର ନାୟକଙ୍କ ପରିଚାଳନାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୌଡକୁଦ, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ଆମନ୍ତ୍ରୀତ କ୍ରୀଡା ଶିକ୍ଷକମାନେ ଯୋଗଦେଇ ସହଯୋଗ କରିଥିଲେ। ଅପରାହ୍ନରେ ନୋଡାଲ ଅଧିକାରୀ (ଯୁକ୍ତ୩) ବିଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦାମ ପରିଡା ଯୋଗଦେଇ କ୍ରୀଡା ପତାକା ଅବତରଣ କରିବା ସହ ମଶାଲ ଅଗ୍ନି ନିର୍ବାପନ ପୂର୍ବକ ପ୍ରତିଯୋଗିତାକୁ ଉଦଯାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗ ରିଡର ସସ୍ମିତା ପ୍ରଧାନ, ନୋଡାଲ ଅଧିକାରୀ(ଯୁକ୍ତ ୨) ତଥା ଇଂରାଜୀ ବିଭାଗ ଅଧ୍ୟାପିକା ମୋନିକା ବାର୍ଲା, ଅଧ୍ୟାପିକା ମମତା ବାଞ୍ଜି, ଦୀପାଞ୍ଜଳୀ ସ୍ୱାଇଁ, ପଦାର୍ଥ ବିଜ୍ଞାନ ବିଭାଗ ରିଡର ବିକ୍ରମ କେଶରୀ ନାୟକ, ଜିତନେ ପ୍ରଧାନ ଓ ସୁରେନ୍ଦ୍ର ଦାସଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।




କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀରେ କ୍ରୀଡ଼ା ପତାକା ଅବତରଣ କରାଯାଉଛି।

### ବରଗାଁରେ ଚାଷୀ-ମିଲର୍ ବୈଠକ
### ମଣ୍ଡିରୁ ଧାନ ଉଠାଇବାକୁ ମିଲରଙ୍କ ସହମତି

ସମ୍ବଲପୁର, ୨୫।୧୧ (ପ୍ରମୋଦ ବହିଦାର)

ମାନେଶ୍ୱର ବ୍ଲକ ବରଗାଁ ଧାନମଣ୍ଡିରେ ଗୁରୁବାର ଅଞ୍ଚଳର ଚାଷୀ ଓ ମିଲରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବର୍ତ୍ତମାନ ଧାନ ବିକ୍ରୟ ସମୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ତେବେ ଚାଷୀମାନେ ମଣ୍ଡିରୁ ସିଧାସଳଖ ମିଲକୁ ନେବା ପରିବର୍ତ୍ତେ ଧାନମଣ୍ଡି ବା ବିକ୍ରୟ କେନ୍ଦ୍ରରେ ହିଁ ଧାନ ଅନ୍‌ଲୋଡ୍ କରିବେ। ଏଠାରେ ଧାନର ମାନ ନିର୍ଦ୍ଧାରିତ ହେବା ପରେ ମିଲରମାନେ ସେଠାକୁ ଆସି ଧାନ ସଂଗ୍ରହ କରିବେ ବୋଲି ଚାଷୀଙ୍କ ପକ୍ଷରୁ ଆଗତ ପ୍ରସ୍ତାବରେ ମିଲରମାନେ ସହମତି ପ୍ରକାଶ କରିଥିଲେ। ବୈଠକରେ ବରଗାଁ ଧାନମଣ୍ଡି ସଭାପତି ବିଭୁତି ଭୂଷଣ ପଣ୍ଡା, ସଞ୍ଜୀବ ପଣ୍ଡା, ଯଶବନ୍ତ ପ୍ରଧାନ ପ୍ରମୁଖଙ୍କ ସହିତ ଶାନ୍ତି ରାଇସ୍ ମିଲ୍, ସମଲେଶ୍ୱରୀ ରାଇସ୍ ମିଲ୍, କଳିଙ୍ଗ ରାଇସ୍ ମିଲ୍, ଶ୍ରୀରାମ ରାଇସ୍ ମିଲ୍ ଓ ସାରଦା ରାଇସ୍ ମିଲ୍‌ର ମାଲିକମାନେ ଯୋଗ ଦେଇଥିଲେ।

## ଜିଏମ୍‌ୟୁରେ ଭୋଟର ପଞ୍ଜୀକରଣ



ଜିଏମ୍‌ୟୁରେ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ।

ସମ୍ବଲପୁର, ୨୫।୧୧ (ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ଶନିବାର ବିଜୁ ଛାତ୍ର ଜନତା ଦଳ ତରଫରୁ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବିରଞ୍ଜନ ତ୍ରିପାଠୀ ଓ ସଞ୍ଜିତ ମହାନ୍ତିଙ୍କ ମାର୍ଗଦର୍ଶନ ତଥା ଜିଏମ୍‌ୟୁର ପୂର୍ବତନ ସାଧାରଣ ସମ୍ପାଦକ ସୁମିତ ପଟେଲ୍, ଚୁମନ୍ ପ୍ରଧାନ ଓ ଉଦିତ ପ୍ରତାପ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ଆବାହକ ଶୁଭମ୍ ମହାନ୍ତି ଓ ଜିଏମ୍‌ୟୁ କ୍ୟାମ୍ପସ କମିଟି ସଦସ୍ୟମାନେ ନେତୃତ୍ୱ ନେଇଥିଲେ। ଜିଲାର ବିଜେଡ଼ି ଯୁବ ଛାତ୍ର ପର୍ଯ୍ୟବେକ୍ଷକ ତଥା ରାଜ୍ୟ କାର୍ଯ୍ୟକାରୀ ସଭାପତି ରାଜେଶ ରାଜ ସ୍ୱାଇଁ, ସମ୍ବଲପୁର ଜିଲା ଜୋନ୍ ସଭାପତି ମିଳନ ହୋତା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜିଲା ସଭାପତି ଶୁଭ୍ରାଂଶୁ ପାଢ଼ୀ, ରାଜ୍ୟ ସମ୍ପାଦକ ଅନମୋଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୁଦେଶ ପଣ୍ଡା, ଆର୍ଯ୍ୟାନ୍ ବହିଦାର, ବିକାଶ ପ୍ରଧାନ, ସପନ ହୋତା, କରନ ସାହୁ, ସତ୍ୟମ୍ ପୂଜାରୀ, ଶୁଭମ୍ ସାହୁ, ଲମ୍ବୋଦର ମେହେର, ବାସୁଦେବ କର୍ଣ୍ଣ, ଭକ୍ତ ମିଶ୍ର, ଧରିତ୍ରୀ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ଖଡ଼ିଆଲ,୨୫।୧୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ତୃତୀୟ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଶମ ଶ୍ରେଣୀ 'କ'ର ଶ୍ରେଣୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ, ଦଶମ ଶ୍ରେଣୀ 'ଖ'ର ଶ୍ରେଣୀ ଶିକ୍ଷିକା ନୀଳିମାରାଣୀ ସାଗର, ନବମର ଶ୍ରେଣୀ ଶିକ୍ଷକ ଧନଞ୍ଜୟ ମଲ୍ଲିକ, ଅଷ୍ଟମର ଶ୍ରେଣୀ ଶିକ୍ଷକ ରାଜଶ୍ରୀ ଦଣ୍ଡସେନା, ସପ୍ତମର ଶ୍ରେଣୀ ଶିକ୍ଷକ ପ୍ରଭୁଦତ୍ତ ପୁରୋହିତ ଏବଂ ଷଷ୍ଠର ଶ୍ରେଣୀ ଶିକ୍ଷକ ସାଗର ବାଗ ନିଜ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପ୍ରଥମ ସମାପ୍ତି ସୂଚକ ମୂଲ୍ୟାୟନର ମାର୍କକୁ ଅଭିଭାବକ-ଅଭିଭାବିକାଙ୍କୁ ଜଣାଇଥିଲେ। ପରେ ଅଭିଭାବକମାନେ ଛାତ୍ରୀଛାତ୍ରମାନଙ୍କ ଶୈକ୍ଷିକ ଅଭିବୃଦ୍ଧି ପାଇଁ ଏବଂ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଗଠନ ମୂଳକ ପ୍ରସ୍ତାବମାନ ଦେଇଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମ୍ପର୍କରେ ଆଲୋଚନା କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଛାତ୍ରୀଛାତ୍ର ପୁରସ୍କାର ସମ୍ପର୍କରେ ସୂଚନା ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ଗୌରୀ ଶଙ୍କର ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଶିକ୍ଷକ ଅକ୍ଷୟ କୁମାର ରଥ, ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ଶିକ୍ଷକ ଶ୍ୟାମ ନାରାୟଣ ମୁଣ୍ଡ, ରତନ ସିଂ ବାରିକ, ନିରଞ୍ଜନ ବିଶ୍ୱାଳ, ପୁଷ୍ପାଞ୍ଜଳି ମହାପାତ୍ର, ସରସ୍ୱତୀ ରାଉତ, କିରାଣୀ ମହମ୍ମଦ କଲାମ ପ୍ରମୁଖ ଉପସ୍ଥିତ ଥିଲେ। ଦୀପକ ରଞ୍ଜନ ଯୋଷୀ, ଦମୟନ୍ତୀ ବିଶି, ଅଶ୍ୱିନୀ ପଟ୍ଟନାୟକ ସହଯୋଗ କରିଥିଲେ।

### ଆଇନ ସଚେତନତା ଶିବିର

**କେସିଙ୍ଗା,୨୫।୧୧(ତୁମେଶ୍ୱର ସାହୁ)**

ତାଲୁକ ଆଇନ ସେବା ସମିତି କେସିଙ୍ଗା ପକ୍ଷରୁ ଆଇନ ସଚେତନତା ଶିବିର କେସିଙ୍ଗା ବୋରିଙ୍ଗପଦରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୌଳିକ କର୍ତ୍ତବ୍ୟ 'ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା' ଏବଂ କିଶୋର ନ୍ୟାୟ ଯତ୍ନ ଏବଂ ସୁରକ୍ଷା ସମ୍ବନ୍ଧିତ ଅଧିନିୟମ ଇତ୍ୟାଦି ବିଷୟ ନେଇ ଅନୁଷ୍ଠିତ ଶିବିରରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି କେସିଙ୍ଗା ଧନଞ୍ଜୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ତତ୍ସଲଗ୍ନ ବିଭିନ୍ନ ଧାରା, ଉପକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଓକିଲ ସଂଘ ସମ୍ପାଦକ ଆଲୋକ ରଞ୍ଜନ ଦାସ, ଆଇନଜୀବୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଭୋଇ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁରେନ୍ଦ୍ର ଦାସ, ସିଆର୍‌ସିସି ଚନ୍ଦ୍ରଧ୍ୱଜ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଏତଦବ୍ୟତୀତ ବିଦ୍ୟାଳୟ ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ଅଦାଲତ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ୧୨ ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ,୨୫।୧୧(ଅଭୟ ତ୍ରିପାଠୀ)**



ଖପ୍ରାଖୋଲ ଥାନା ପୋଲିସ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି।

- ୪ ଶ୍ରମିକ ଚାଲାଣକାରୀ କୋର୍ଟ ଚାଲାଣ
- ଖପ୍ରାଖୋଲ ପୋଲିସର ଚଢ଼ାଉ
- ଦୁଇ ଦିନରେ ଦୁଇଟି ସ୍ଥାନରୁ ଉଦ୍ଧାର

ବଲାଙ୍ଗିର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ ଦାଦନ ଶ୍ରମିକ ଚାଲାଣ ଉପରେ ଚଢ଼ାଉ କରିଛି। ଦୁଇଟି ସ୍ଥାନରୁ ୫ ଶିଶୁ ସମେତ ୧୨ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହା ସହ ଶ୍ରମିକ ଚାଲାଣ କରୁଥିବା ୪ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଖପ୍ରାଖୋଲ ଥାନା ପୋଲିସ ପାଟ୍ରୋଲିଂ କଲାବେଳେ କଂସାପଲା ଛକଠାରେ ମାରୁତି ଇକୋ ଗାଡ଼ିରେ ବେଆଇନ ଭାବେ ଚାଲାଣ ହେଉଥିବା ୩ ମହିଳା, ୩ ପୁରୁଷଙ୍କ ସମେତ ଜଣେ ଶିଶୁଙ୍କୁ ଉଦ୍ଧାର କରିବା ସହ ଗାଡି ଜବତ କରିଛି। ଏହା ସହ ଶ୍ରମିକମାନଙ୍କୁ ଚାଲାଣ କରୁଥିବା ଲାରମ୍ଭା ଥାନା ଖୁରିପାନି ଗାଁର କେଶବ କୁମ୍ଭାର (୨୨), କଙ୍ଗାଲୁ ସାହୁ (୫୦)ଓ ଘୁମେର ଗାଁର ସ୍ୱାଗତମ ସାହୁ (୩୨)ଙ୍କୁ ଗିରଫ କରାଯାଇଛି। ସେହିପରି ଶନିବାର ସକାଳେ ତେଲେନପାଲି ଗାଁ ନିକଟରେ ଚଢ଼ାଉ କରି ଏକ ଗାଡି ସହ ୪ ଜଣ ଶିଶୁ ସମେତ ୩ ମହିଳା ଓ ୩ ପୁରୁଷ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଥିଲା। ଶ୍ରମିକ ନେବା ଅଭିଯୋଗରେ ଲାଠୋର ଥାନା କରୁଆଁଝର ଗାଁର ଫାଲଗୁନି ନିଆଲ (୨୬)ଙ୍କୁ ଗିରଫ କରାଯାଇଛି। ଉଭୟ ସ୍ଥାନରେ ଉଦ୍ଧାର ଶ୍ରମିକଙ୍କୁ ନିଜ ଗାଁକୁ ଫେରାଇ ଦେଇଥିବା ପୋଲିସ ସୂଚନା ଦେଇଛି। ଏନେଇ ଖପ୍ରାଖୋଲ ଥାନାରେ ଦୁଇଟି ମାମଲା (ନଂ.୨୪୬/୨୩ ଓ ନଂ. ୨୪୭/୨୩) ରୁଜୁ ହୋଇଛି। ୪ଜଣ ଶ୍ରମିକ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଉଦ୍ଧାର ଶ୍ରମିକମାନେ ତେଲେଙ୍ଗାନାକୁ ଇଟାକାମ ପାଇଁ ଚାଲାଣ ହେଉଥିବା ପୋଲିସ ସୂଚନା ଦେଇଛି।

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

**ସଇଁତଲା,୨୫।୧୧(ରାଖାଲ ପ୍ରସାଦ ଶତପଥି)**

### ରେଳଲାଇନରୁ ଯବାନଙ୍କ ମୃତଦେହ ଜବତ


ରୂପଧରଙ୍କ ଫାଇଲ ଫଟୋ।

ସଇଁତଲା ଥାନା ବଡ଼ମାଳ ଫାଣ୍ଡି ଅନ୍ତର୍ଗତ ଗୋଏଲଭାଡ଼ି ଛକ ନିକଟରେ ଥିବା ରେଳ ଲାଇନରୁ ଜଣେ ଆଇଆରବି ଯବାନଙ୍କ ମୃତଦେହ ବଲାଙ୍ଗିର ଜିଆରପି ପୋଲିସ ଉଦ୍ଧାର କରିଛି। ମୃତକ ଜଣକ ସଇଁତଲା ଥାନା ଅନ୍ତର୍ଗତ କୁମ୍ଭେକେଲା ଗ୍ରାମର ଧ୍ରୁବ ବରଗିଙ୍କ ପୁଅ ରୂପଧର ବୋଲି ଜଣାଯାଇଛି। ଯବାନ ଜଣକ ଗତ କିଛିଦିନ ହେଲା ଛୁଟିରେ ଘରକୁ ଆସିଥିଲେ। ଶୁକ୍ରବାର ଗ୍ରାମର କେତେଜଣ ଯୁବକଙ୍କ ସହ ଭୋଜି କରିବାକୁ ଯାଇ ରାତିରେ ଘରକୁ ଫେରିଥିଲେ। ଶନିବାର ଭୋର ୪ଟାରେ ସେ ଘରେ କାହାକୁ କିଛି ନ କହି ଏକ ବାଇକ୍ ଧରି ଘରୁ ବାହାରିଆସିଥିଲେ। ଟିଟିଲାଗଡ଼ ବଲାଙ୍ଗିର ରାଜ୍ୟ ରାଜପଥ ଗୋଏଲଭାଡ଼ି ଛକ ନିକଟଦେଇ ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ରେଳ ଲାଇନ ନିକଟରେ ତାଙ୍କ ମୃତଦେହ ପଡ଼ିଥିଲା। ରେଳଧାରଣାରେ ରେଳ ଟ୍ରାକ ତଦାରଖ କରୁଥିବା ରେଳ କର୍ମଚାରୀ ମୃତଦେହ ଦେଖି ଟିଟିଲାଗଡ଼ ଆରପିଏଫ୍ ଥାନାକୁ ଖବର ଦେଇଥିଲେ। ମୃତକଙ୍କ ବଡ଼ଭାଇ ରାଜକୁମାର ବରଗି ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଥିଲେ। ବଲାଙ୍ଗିର ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ରେଳ ଲାଇନ ନିକଟରେ ତାଙ୍କ ମୋବାଇଲ ପଡ଼ିରହିଥିବାବେଳେ ମୋବାଇଲ ହିଁ ରୂପଧରଙ୍କ ହତ୍ୟାର ରହସ୍ୟ ଖୋଲିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତା



ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

**ବେହେରା,୨୫।୧୧(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ସଭାଗୃହଠାରେ ଅଲ ଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ପକ୍ଷରୁ ସମ୍ବିଧାନ ଦିବସ ଉପଲକ୍ଷେ କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଙ୍ଗଠନ ସଭାପତି ବିରଞ୍ଚି ନାରାୟଣ ଜାଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ମୁଖ୍ୟବକ୍ତା ଭାବେ କେନ୍ଦ୍ରର ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ, ସମ୍ମାନିତ ଅତିଥି ଭାବରେ ଧର୍ମଗଡ ବିଡ଼ିଓ ଡ଼. ହିମାଞ୍ଚଳ ମାଝି, ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝି, ଆଇନଜୀବୀ ଦିଗାମ୍ବର ଦୁରିଆ ମଞ୍ଚାସୀନ ଥିଲେ। ବକ୍ତୃତା ପ୍ରତିଯୋଗିତାରେ ପଞ୍ଚାୟତ ମହାବିଦ୍ୟାଳୟ ଛାତ୍ର ରୋହିତ ନିଆଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ପଞ୍ଚାୟତ ମହାବିଦ୍ୟାଳୟ ଧର୍ମଗଡ ଛାତ୍ରୀ ପ୍ରାଞ୍ଜଳ ଠାକୁର, ତୃତୀୟ ସ୍ଥାନରେ ପଞ୍ଚାୟତ କଲେଜ ଛାତ୍ର ଚୁଡାମଣି ମାଝି ପୁରସ୍କୃତ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଜେତାଙ୍କୁ ମାନପତ୍ର, ଟ୍ରଫି, ମେଡାଲ ଦେଇ ସମ୍ମାନିତ କରାଯାଇଥିଲା। ଟଙ୍କଧର ତାଣ୍ଡି, ଦେବାର୍ଚ୍ଚନ ସେଠିଆ, ଉଦେପ୍ରସାଦ ଜାଲ ବିଚାରପତି ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ଯୁଗେଶ ତାଣ୍ଡି ଏବଂ ପ୍ରେମଲାଲ ଜଗତ ପରିଚାଳନା କରିଥିବା ବେଳେ ବରିଷ୍ଠ କର୍ମକର୍ତ୍ତା ଢଗ ନାଏକ, କମଳା କାନ୍ତ ବିହାରୀ, ମନୋଜ ବାଗ, କ୍ଷୀରୋଦ ନାଗ, ମିଥୁନ ଦୁର୍ଗା, ଅଚ୍ୟୁତ ହରପାଳ, ରାଜେନ୍ଦ୍ର ଦୁରିଆ, ଚକ୍ରଧର ବେନୁପାଣି, ସୈଷ୍ଟବ ନିଆଲ ପ୍ରମୁଖ ସହଯୋଗ କରିଥିବା ବେଳେ ବେଳେ ସମ୍ପାଦକ ପ୍ରଭାକର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

## କବିତା ସଙ୍କଳନ 'ଅସରନ୍ତି ଆସକ୍ତି' ଲୋକାର୍ପିତ

**ଖଡ଼ିଆଲ,୨୫।୧୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପିକା ତଥା କବୟତ୍ରୀ ଡ.ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ଅଷ୍ଟମ କବିତା ସଂକଳନ 'ଅସରନ୍ତି ଆସକ୍ତି' ରାଜ୍ୟପାଳ ରଘୁବର ଦାସଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ସମ୍ପାଦକ ତଥା ପ୍ରକାଶକ କ୍ଷୀରୋଦ ପତିଙ୍କ ସଂପାଦିତ ଓଡିଶାର ପ୍ରତିଷ୍ଠିତ ଲୋକପ୍ରିୟ ସମ୍ଭ୍ରାନ୍ତ ପତ୍ରିକା 'ଅପୂର୍ବା'ର ରଜତ ଜୟନ୍ତୀରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥି ରାଜ୍ୟପାଳ ରଘୁବର ଦାସଙ୍କ ସତୀର୍ଥ ସହଯୋଗରେ ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପିକା ଡ.ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ୮ମ କବିତା ସଂକଳନ 'ଅସରନ୍ତି ଆସକ୍ତି' ଲୋକାର୍ପିତ ହୋଇଯାଇଛି। ଡ.ପ୍ରିୟମ୍ବଦାଙ୍କ ୮ମ କବିତା ସଂକଳନ ଲୋକାର୍ପିତ ହେବା ପରେ ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ତରୁଣ ପ୍ରଧାନ, ଶିକ୍ଷାବିତ୍ ଶ୍ରୀସତୀଶ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ନ୍ୟାଶନାଲ କଲେଜ ନୂଆପଡା ମେଜର ଡ.ରାମଚନ୍ଦ୍ର ମିଶ୍ର, ଗାଳ୍ପିକ ମାୟାଧର ସରାଫ, ଡ.ପଦ୍ମଲୋଚନ ବର୍ମା, ଡ.ରଣବୀର ସିଂହ, ପ୍ରହାସିନୀ ପାଢ଼ୀ, ସୁନୀଲ କୁମାର ପାଢ଼ୀ, ପ୍ରାଧ୍ୟାପକ ଅଶ୍ୱିନୀ ପାଢ଼ୀ, ପ୍ରାଧ୍ୟାପକ ହରେକୃଷ୍ଣ ମିଶ୍ର, ସରକାରୀ ଧନ୍ଦା ମୂଳକ ଶିକ୍ଷା ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପକ କ୍ୟାପଟେନ ଡ଼ ବିଷ୍ଣୁ ଦେବ ସିଂ ମଲ୍ଲିକ, ଯୁକ୍ତ ଦୁଇ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ ପଣ୍ଡା, ଅଧ୍ୟାପିକା ମୀନା ଗୁଜୁରାଟି, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ସମେତ ମହାବିଦ୍ୟାଳୟ ସମସ୍ତ ସହକର୍ମୀ ଏବଂ ସହରର ସାହିତ୍ୟିକ ଶୁଭାକାଂକ୍ଷୀମାନେ ଅଭିନନ୍ଦନ ଜଣାଇଥିଲେ।

## ସେବାଶ୍ରମ ବିଦ୍ୟାଳୟରେ ଜନଜାତି ଗୌରବ ଦିବସ


ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସିନାପାଲି/ବୋଡେନ,୨୫।୧୧ (ମନଫୁଲ ମେହେର/ଟିକେଶ୍ୱର ନାଗ)**

ନୂଆପଡା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ କରଙ୍ଗାମାଲ ସେବାଶ୍ରମ ବିଦ୍ୟାଳୟ ଜନଜାତି ଗୌରବ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଅଖିଳ ଧରୁଅଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗୋଡାଳ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ବୃନ୍ଦାବନ ଯୋକ୍ଷୀ, ବିଦ୍ୟାଳୟ ସେବକ ନରସିଂହ ପ୍ରସାଦ ନାୟକ, ସେବିକା ମିନାକ୍ଷୀ ପଣ୍ଡା, ସେବକ ନରେଶ ସୁନାନୀ ମଞ୍ଚାସୀନ ହୋଇଥିଲେ। ପ୍ରଧାନ ଶିକ୍ଷକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ ସହ ବିର୍ସା ମୁଣ୍ଡାଙ୍କ ଜୀବନୀ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ନରେଶ ସୁନାନୀ ପରିଚାଳନା କରୁଥିବା ବେଳେ ସେବିକା ମିନାକ୍ଷୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସେବାଶ୍ରମ ଛାତ୍ରୀଛାତ୍ରମାନଙ୍କୁ ଦ୍ୱାରା ଆଦିବାସୀ କଳା ସଂସ୍କୃତିକୁ ଆଧାର କରି ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

## ସେବାଶ୍ରମ ବିଦ୍ୟାଳୟରେ ବିର୍ସା ମୁଣ୍ଡା ଜୟନ୍ତୀ


କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ ଓ ଉପସ୍ଥିତ ଅତିଥି।

**ଖଡ଼ିଆଲ,୨୫।୧୧(ସୁଜିତ୍ କୁମାର ପ୍ରଧାନ)**

ସରକାରଙ୍କ ନିର୍ଦ୍ଦେଶକ୍ରମେ ନଭେମ୍ବର ୧୫ରୁ ୨୬ ତାରିଖ ମଧ୍ୟରେ ବିର୍ସା ମୁଣ୍ଡାଙ୍କ ଜୟନ୍ତିକୁ ଜନଜାତିୟ ଗୌରବ ଦିବସ ରୁପେ ପାଳନ କରାଯାଉଛି। ଏହିକ୍ରମରେ ଶନିବାର ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ଭୁଲିଆସିକୁଆଁ ସେବାଶ୍ରମ ବିଦ୍ୟାଳୟଠାରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଛି। ସମାରୋହ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଡିବେଟ୍, କୁଇଜ, ଦେଶାତ୍ମବୋଧକ ଗୀତ, ବିର୍ସା ମୁଣ୍ଡା ଚିତ୍ର ପ୍ରତିଯୋଗିତା କରି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ସେବକ ଟିକେରାମ ମେହେର ବିର୍ସା ମୁଣ୍ଡାଙ୍କ ଜୀବନି ଉପରେ ବିଶଦ ଆଲୋଚନା କରିଥିଲେ। ଉତ୍ସବରେ ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ର, ଶିକ୍ଷୟିତ୍ରୀ ରୋଜି ଭୋଇ ଓ ସହକାରୀ ଶିକ୍ଷକ ଅଲେଖ ସାହୁ ଉପସ୍ଥିତ ଥିଲେ।

## ଅତିରିକ୍ତ ନିର୍ଦ୍ଦେଶକଙ୍କ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

**କୋକସରା,୨୫।୧୧(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)**


ଅତିରିକ୍ତ ସଚିବ ଓଏଭି ପରିଦର୍ଶନରେ ଆସିଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଓଏଭିର ଅତିରିକ୍ତ ନିର୍ଦ୍ଦେଶକ ତଥା ଏକାଡେମିକ କନସଲଟାଣ୍ଟ ରଞ୍ଜନ କୁମାର ଗିରି ପରିଦର୍ଶନ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଦିନବନ୍ଧୁ କର ଓ ଅନ୍ୟ ଶିକ୍ଷକ ଓ ଛାତ୍ରୀଛାତ୍ର ତାଙ୍କୁ ପ୍ରଥମେ ସ୍ୱାଗତ କରିଥିଲେ। ପରେ ଗରି ବିଦ୍ୟାଳୟ ବିଭିନ୍ନ ବିଭାଗ ବୁଲି ତଦାରଖ କରିବା ସହ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନଙ୍କୁ ପଚାରି ବୁଝିଥିଲେ। ଏହି ସମୟରେ ବିଦ୍ୟାଳୟ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

## ବିଜେଡି କର୍ମୀଙ୍କ ଅସନ୍ତୋଷ ଘଟଣା ନେଇ ଦଳୀୟ ବୈଠକ

**ଲାଞ୍ଜିଗଡ଼,୨୫।୧୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ଅଧୀନ ବିଜେଡି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ବିଜେପୁର ସେମିତି ସଭ୍ୟା ଭୂମିକା ମାଝିଙ୍କ ନେତୃତ୍ୱରେ ଅସନ୍ତୋଷ ବିଜେଡି କର୍ମୀଙ୍କ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଦଳ ଛାନିଆ ହେବା ସହିତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। କର୍ମୀମାନେ ନିଜ ଅଞ୍ଚଳରେ ଥିବା ସମସ୍ୟା ନେଇ ଦଳ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଦଳ ସେମାନଙ୍କୁ ଅଣଦେଖା କରୁଥିବା ଯୋଗୁ ଆମେ ସମସ୍ତେ ଦଳ ଛାଡ଼ିବୁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ନେଇ ଦଳ ନିର୍ଦ୍ଦେଶକ୍ରମେ ବିଜେଡି ଯୁବନେତା ହିମାଦ୍ରୀ ପେଶନିଆଙ୍କ ନେତୃତ୍ୱରେ ବିଜେପୁରଠାରେ ଅସନ୍ତୋଷ ପ୍ରକାଶ କର୍ମୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅସନ୍ତୋଷ କର୍ମୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ସମସ୍ୟାଗୁଡ଼ି ସମସ୍ତେ ମିଶି ଦୂର କରିବା ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଜେଡି ଯୁବନେତା ହିମାଦ୍ରୀ ପେସନିଆ, କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ପାତ୍ର ମାଝି, ଜୋନ-୨ ବିଜେଡି ସଭାପତି ଲୋକନାଥ ମାଝି, ବିଜେପୁର ସରପଞ୍ଚ ପ୍ରତିନିଧି ଟୀକା ମାଝି, ସମିତି ସଭ୍ୟା ପ୍ରତିନିଧି ଇନ୍ଦ୍ର ମାଝି, ବିଜେପୁର ପଞ୍ଚାୟତ ବିଜେ ସଭାପତି ଗୋପ ସାହୁ, ଛତ୍ରପୁର ପଞ୍ଚାୟତ ସଭାପତି ମହେନ୍ଦ୍ର କରୁଆ, ଆନନ୍ଦ ପୂଝାରୀ, ଜୟନ୍ତ ହରିଜନ, ସୁଧୀର ନାଏକ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ବିଜେଡି ଦଳୀୟ କର୍ମୀମାନେ।

## ଆନ୍ତଃବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବଲାଙ୍ଗୀର,୨୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)**



ଟୁର୍ନାମେଣ୍ଟରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ବଲାଙ୍ଗୀର ସେଞ୍ଚୁରିଅନ ବିଦ୍ୟାଳୟ ପରିସରରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟରେ ବଲାଙ୍ଗୀର ସହରର ବିଶ୍ୱାତ୍ମା ବିଦ୍ୟା ମନ୍ଦିର, ପୃଥୀରାଜ ଉଚ୍ଚ ବିଦ୍ୟାଳୟ, ପତିତପାବନ ଏକାଡେମୀ, ସେମଫୋର୍ଡ ଉଚ୍ଚ ବିଦ୍ୟାଳୟ, ଏକାଡ଼େମିକ ହାଇଟ ଉଚ୍ଚ ବିଦ୍ୟାଳୟ, ବିଦ୍ୟାଭାରତୀ ଉଚ୍ଚ ବିଦ୍ୟାଳୟ, ଆଇଡିଏମ ଉଚ୍ଚ ବିଦ୍ୟାଳୟ ପ୍ରଭୃତି ଭାଗ ନେଇଥିଲେ। ସେଞ୍ଚୁରିଅନ ବିଦ୍ୟାଳୟ ଟୁର୍ନାମେଣ୍ଟର ପୃଷ୍ଠପୋଷକତା କରିଥିଲା। ଉତ୍ସବ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ପ୍ରଦୀପ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସକାଳ ୮ଟାରେ ପ୍ରଥମ ମ୍ୟାଚ ବିଶ୍ୱାତ୍ମା ବିଦ୍ୟା ମନ୍ଦିର ଉଚ୍ଚ ବିଦ୍ୟାଳୟ ଓ ଏକାଡ଼େମୀକ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାରୋଟି ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେମିଫାଇନାଲ ମ୍ୟାଚଗୁଡ଼ିକରେ ବିଜୟୀ ହୋଇଥିବା ବିଜୟୀ ଦଳଗୁଡ଼ିକ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଉତ୍ସବରେ ଜେଆଇଟିଏମ (ସି.ଏଚ.ଏସ.ଇ) ବିଜ୍ଞାନର ଉପାଧ୍ୟକ୍ଷା ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା, ବିଦ୍ୟାଳୟର ଅଧ୍ୟକ୍ଷ ତମାଳ ଚକ୍ରବର୍ତ୍ତୀ, ଉପାଧ୍ୟକ୍ଷା ପୂର୍ଣ୍ଣୟତୋୟା ବିଶ୍ୱାଳ ଉପସ୍ଥିତ ରହି ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ବିଚାରକ ଭାବରେ ବିଦ୍ୟାଳୟର ଅଧ୍ୟାପକ ଅରିନ୍ଦମ ପରିଛା, ଆଲୋକ ବେହେରା, ସ୍ୱର୍ଣ୍ଣଜିତ ତ୍ରିପାଠୀ, ରାକେଶ ମେହେର, ପ୍ରଦୀପ୍ତ ମୁଦୁଲି, ସତ୍ୟବ୍ରତ ଷଡ଼ଙ୍ଗୀ ଏବଂ ଚନ୍ଦ୍ରଶେଖର ସେଠ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚର ଧାରା ବିବରଣୀ ଅନୁଷ୍ଠାନର ଅଧ୍ୟାପକ ଆକାଶ ପଟ୍ଟନାୟକ, ଫର୍ମାସୀ ବିଭାଗର ଛାତ୍ର ଆଶିଷ ଦାଶ ଏବଂ ଛାତ୍ର ତରଣୀସେନ ଭୋଇ ପ୍ରଦାନ କରିଥିଲେ। ମ୍ୟାଚର ସ୍କୋରର ଭାବରେ ଅନୁଷ୍ଠାନର ଅଧ୍ୟାପିକା ଭକ୍ତି ପଢ଼ାରିଆ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଫାଇନାଲ ମ୍ୟାଚ ଆଇଡିଏମ ଉଚ୍ଚ ବିଦ୍ୟାଳୟର ଦଳ ଓ ପି.ପି.ଏକାଡେମୀ ଉଚ୍ଚ ବିଦ୍ୟାଳୟର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପି.ପି ଏକାଡେମୀ ଉଚ୍ଚ ବିଦ୍ୟାଳୟ ଜିତିବା ପାଇଁ ୫୬ ରନର ଲକ୍ଷ୍ୟ ପ୍ରଦାନ କରିଥିଲା। ଯାହାକୁ ଆଇ.ଡି.ଏମ ଉଚ୍ଚ ବିଦ୍ୟାଳୟ ୬ ଉଇକେଟ ବିନିମୟରେ ପୂରଣ କରି ବିଜୟୀ ହୋଇଥିଲା। ଉତ୍ସବର ଉଦ୍‌ଯାପନୀ ସମାରୋହରେ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବରେ ବିଶ୍ୱାତ୍ମା ବିଦ୍ୟା ମନ୍ଦିର ଉଚ୍ଚ ବିଦ୍ୟାଳୟର ସଂକେତ ରାଜପୁତ ପୁରସ୍କୃତ ହୋଇଥିଲେ। ବେଷ୍ଟ ବୋଲର ଭାବରେ ଆଇ.ଡି.ଏମ. ଉଚ୍ଚ ବିଦ୍ୟାଳୟର ଆକାଶ ମହାକୁର ପୁରସ୍କୃତ ହୋଇଥିଲେ। ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବରେ ମଧ ଆଇ.ଡି. ଏମ.ଉଚ୍ଚ ବିଦ୍ୟାଳୟର ଆକାଶ ମହାକୁର ପୁରସ୍କୃତ ହୋଇଥିଲେ। ସେ ଟୁର୍ନାମେଣ୍ଟରେ ସର୍ବାଧିକ ୯ଟି ଉଇକେଟ ସଂଗ୍ରହ କରିଥିଲେ।

# ୧୨ ଦାଦନ ଶ୍ରମିକ ଉଦ୍ଧାର

ଖପ୍ରାଖୋଲ,୨୫।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗିର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ ଦାଦନ ଶ୍ରମିକ ଚାଲାଣ ଉପରେ ଚଢ଼ାଉ କରିଛି। ଦୁଇଟି ସ୍ଥାନରୁ ୫ ଶିଶୁ ସମେତ ୧୨ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହା ସହ ଶ୍ରମିକ ଚାଲାଣ କରୁଥିବା ୪ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଖପ୍ରାଖୋଲ ଥାନା ପୋଲିସ ପାଟ୍ରୋଲିଂ କଲାବେଳେ କଂସାପଲା ଛକଠାରେ ମାରୁତି ଇକୋ ଗାଡ଼ିରେ ବେଆଇନ ଭାବେ ଚାଲାଣ ହେଉଥିବା ୩ ମହିଳା, ୩ ପୁରୁଷଙ୍କ ସମେତ ଜଣେ ଶିଶୁଙ୍କୁ ଉଦ୍ଧାର କରିବା ସହ ଗାଡି ଜବତ କରିଛି। ଏହା ସହ ଶ୍ରମିକମାନଙ୍କୁ ଚାଲାଣ କରୁଥିବା ଲାରମ୍ବା ଥାନା ଖୁରିପାନି ଗାଁର କେଶବ କୁମ୍ଭାର (୨୨), କଙ୍ଗାଲୁ ସାହୁ (୫୦)ଓ ଘୁମେର ଗାଁର ସ୍ୱାଗତମ ସାହୁ (୩୨)ଙ୍କୁ ଗିରଫ କରାଯାଇଛି। ସେହିପରି ଶନିବାର


ଖପ୍ରାଖୋଲ ଥାନା ପୋଲିସ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି।

- ୪ ଶ୍ରମିକ ଚାଲାଣକାରୀ କୋର୍ଟ ଚାଲାଣ
- ଖପ୍ରାଖୋଲ ପୋଲିସର ଚଢ଼ାଉ
- ଦୁଇ ଦିନରେ ଦୁଇଟି ସ୍ଥାନରୁ ଉଦ୍ଧାର

ସକାଳେ ତେଲେନପାଲି ଗାଁ ନିକଟରେ ଚଢ଼ାଉ କରି ଏକ ଗାଡି ସହ ୪ ଜଣ ଶିଶୁ ସମେତ ୩ ମହିଳା ଓ ୩ ପୁରୁଷ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଥିଲା। ଶ୍ରମିକ ନେବା ଅଭିଯୋଗରେ ଲାଠୋର ଥାନା କରୁଆଁଝର ଗାଁର ଫାଲଗୁନି ନିଆଲ (୨୬)ଙ୍କୁ ଗିରଫ କରାଯାଇଛି। ଉଭୟ ସ୍ଥାନରେ ଉଦ୍ଧାର ଶ୍ରମିକଙ୍କୁ ନିଜ ଗାଁକୁ ଫେରାଇ ଦେଇଥିବା ପୋଲିସ ସୂଚନା ଦେଇଛି। ଏନେଇ ଖପ୍ରାଖୋଲ ଥାନାରେ ଦୁଇଟି ମାମଲା (ନଂ.୨୪୬/୨୩ ଓ ନଂ. ୨୪୭/୨୩) ରୁଜୁ ହୋଇଛି। ୪ଜଣ ଶ୍ରମିକ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଉଦ୍ଧାର ଶ୍ରମିକମାନେ ତେଲେଙ୍ଗାନାକୁ ଇଟାକାମ ପାଇଁ ଚାଲାଣ ହେଉଥିବା ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ଖଡ଼ିଆଲ,୨୫।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ତୃତୀୟ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଶମ ଶ୍ରେଣୀ 'କ'ର ଶ୍ରେଣୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ, ଦଶମ ଶ୍ରେଣୀ 'ଖ'ର ଶ୍ରେଣୀ ଶିକ୍ଷିକା ନୀଳିମାରାଣୀ ସାଗର, ନବମର ଶ୍ରେଣୀ ଶିକ୍ଷକ ଧନଞ୍ଜୟ ମଲ୍ଲିକ, ଅଷ୍ଟମର ଶ୍ରେଣୀ ଶିକ୍ଷକ ରାଜଶ୍ରୀ ଦଣ୍ଡସେନା, ସପ୍ତମର ଶ୍ରେଣୀ ଶିକ୍ଷକ ପ୍ରଭୁଦତ୍ତ ପୁରୋହିତ ଏବଂ ଷଷ୍ଠର ଶ୍ରେଣୀ ଶିକ୍ଷକ ସାଗର ବାଗ ନିଜ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପ୍ରଥମ ସମାପ୍ତି ସୂଚକ ମୂଲ୍ୟାୟନର ମାର୍କକୁ ଅଭିଭାବକ-ଅଭିଭାବିକାଙ୍କୁ ଜଣାଇଥିଲେ। ପରେ ଅଭିଭାବକମାନେ ଛାତ୍ରୀଛାତ୍ରମାନଙ୍କ ଶୈକ୍ଷିକ ଅଭିବୃଦ୍ଧି ପାଇଁ ଏବଂ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଗଠନ ମୂଳକ ପ୍ରସ୍ତାବମାନ ଦେଇଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମ୍ପର୍କରେ ଆଲୋଚନା କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଛାତ୍ରୀଛାତ୍ର ପୁରସ୍କାର ସମ୍ପର୍କରେ ସୂଚନା ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ଗୌରୀ ଶଙ୍କର ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଶିକ୍ଷକ ଅକ୍ଷୟ କୁମାର ରଥ, ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ଶିକ୍ଷକ ଘନଶ୍ୟାମ ନାରାୟଣ ମୁଣ୍ଡ, ରତନ ସିଂ ବାରିକ, ନିରଞ୍ଜନ ବିଶ୍ୱାଳ, ପୁଷ୍ପାଞ୍ଜଳି ମହାପାତ୍ର, ସରସ୍ୱତୀ ରାଉତ, କିରାଣୀ ମହମ୍ମଦ କଲାମ ପ୍ରମୁଖ ଉପସ୍ଥିତ ଥିଲେ। ଦୀପକ ରଞ୍ଜନ ଯୋଷୀ, ଦମୟନ୍ତୀ ବିଶି, ଅଶ୍ୱିନୀ ପଟ୍ଟନାୟକ ସହଯୋଗ କରିଥିଲେ।

### ଆଇନ ସଚେତନତା ଶିବିର

କେସିଙ୍ଗା,୨୫।୧୧(ଡୁମେଶ୍ୱର ସାହୁ)

ତାଲୁକ ଆଇନ ସେବା ସମିତି କେସିଙ୍ଗା ପକ୍ଷରୁ ଆଇନ ସଚେତନତା ଶିବିର କେସିଙ୍ଗା ବୋରିଙ୍ଗପଦରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୌଳିକ କର୍ତ୍ତବ୍ୟ 'ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା' ଏବଂ କିଶୋର ନ୍ୟାୟ ଯତ୍ନ ଏବଂ ସୁରକ୍ଷା ସମ୍ବନ୍ଧିତ ଅଧିନିୟମ ଇତ୍ୟାଦି ବିଷୟ ନେଇ ଅନୁଷ୍ଠିତ ଶିବିରରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି କେସିଙ୍ଗା ଧନଞ୍ଜୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ତତ୍ସଲଗ୍ନ ବିଭିନ୍ନ ଧାରା, ଉପକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଓକିଲ ସଂଘ ସମ୍ପାଦକ ଆଲୋକ ରଞ୍ଜନ ଦାସ, ଆଇନଜୀବୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଭୋଇ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁରେନ୍ଦ୍ର ଦାସ, ସିଆର୍‌ସିସି ଚନ୍ଦ୍ରଧଜ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଏତଦବ୍ୟତୀତ ବିଦ୍ୟାଳୟ ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ଅଦାଲତ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସାହାଜବାହାଲ କେନାଲ ରାସ୍ତାରେ ରାହାଜାନି

ବିନିକା,୨୫।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ରାହାଜାନି, ଲୁଟ ଘଟଣା ବଢ଼ି ଚାଲିଛି। ରାସ୍ତାରେ ଯିବା ଆସିବା କରିବା ସମୟରେ ଲୋକେ ନିରାପଦ ମନେ କରୁନାହାନ୍ତି । ବିଶେଷ କରି ଲୁଟେରାମାନେ ଲୋକଙ୍କ ଠାରୁ ଲୁଟପାଟ୍ କରିବା ପାଇଁ ନିଛାଟିଆ ସ୍ଥାନରେ ଛପି ରହୁଛନ୍ତି । ପୋଲିସ ପାଟ୍ରୋଲିଂ ଠିକ ଭାବେ ହେଉ ନ ଥିବାରୁ ଦୁର୍ବୃତ୍ତମାନେ ସକ୍ରିୟ ହୋଇ ଲୁଟ,ରାହାଜାନି କରୁଥିବାର ସାଧାରଣରେ ଆଲୋଚନା ହେଉଛି। ଏହି ଅଞ୍ଚଳର ଲୋକେ ଅନେକ ସମୟରେ ଲୁଟର ଶିକାର ହୋଇଥିଲେ ମଧ୍ୟ ଲୁଟ ସାମଗ୍ରୀ ତ ମିଳିବା ଦୂରର କଥା ଲୁଟେରା ମାନେ ପୋଲିସକୁ ଚକ୍‌ମା ଦେଖାଇ ଧରା ପଡୁନାହାନ୍ତି । ଏଭଳି ଘଟଣା ପୁଣି ଶୁକ୍ରବାର ରାତିରେ ଘଟିଛି । ବିନିକା ବ୍ଲକ ସେଲେଡି ଗ୍ରାମର ଜନାର୍ଦ୍ଦନ ତ୍ରିପାଠୀ କୌଣସି କାମ ସାରି କୌଡିଆମୁଣ୍ଡାରୁ ରାତି ପ୍ରାୟ ୮ଟା ସମୟରେ ନିଜ ବାଇକ୍ ଯୋଗେ ବାଉଁଶୁଣୀ କେନାଲ ରାସ୍ତାରେ ଫେରୁଥିବା ବେଳେ ସାହାଜବାହାଲ ମାଇନର ଠାରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରି ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ତାଙ୍କର ହାତ ଘଣ୍ଟା, ମୋବାଇଲ ଓ ଟଙ୍କା ସହ ବାଇକ୍ ଲୁଟି ନେଇ ଚମ୍ପଟ ମାରିଥିଲେ । ଫଳରେ ଅନ୍ଧାର ରାତିରେ ଜନାର୍ଦ୍ଦନ ଜଙ୍ଗଲରେ ରାସ୍ତା ନ ପାଇ ଭୟଭୀତ ଅବସ୍ଥାରେ ଥାଇ ମଧ୍ୟ ସାହସ ନ ହରାଇ କୌଣସି ପ୍ରକାରେ ଘରକୁ ଆସିଥିଲେ। ଏ ନେଇ ସେ ଶନିବାର ସକାଳେ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିବା ଜଣା ପଡିଛି।

**ମାଡ଼ ମାରି ଜଙ୍ଗଲରେ ଛାଡ଼ିଦେଲେ ଦୁର୍ବୃତ୍ତ**

# କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତା


ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

ବେହେରା,୨୫।୧୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ସଭାଗୃହଠାରେ ଅଲ ଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ପକ୍ଷରୁ ସମ୍ବିଧାନ ଦିବସ ଉପଲକ୍ଷେ କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଙ୍ଗଠନ ସଭାପତି ବିରଞ୍ଚି ନାରାୟଣ ଜାଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ମୁଖ୍ୟବକ୍ତା ଭାବେ କେଡର ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ, ସମ୍ମାନିତ ଅତିଥି ଭାବରେ ଧର୍ମଗଡ ବିଡ଼ିଓ ଡ଼. ହିମାଞ୍ଚଳ ମାଝି, ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝି, ଆଇନଜୀବୀ ଦିଗାମ୍ବର ଦୁରିଆ ମଞ୍ଚାସୀନ ଥିଲେ। ବକ୍ତୃତା ପ୍ରତିଯୋଗିତାରେ ପଞ୍ଚାୟତ ମହାବିଦ୍ୟାଳୟ ଛାତ୍ର ରୋହିତ ନିଆଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ପଞ୍ଚାୟତ ମହାବିଦ୍ୟାଳୟ ଧର୍ମଗଡ ଛାତ୍ରୀ ପ୍ରାଞ୍ଜଳ ଠାକୁର, ତୃତୀୟ ସ୍ଥାନରେ ପଞ୍ଚାୟତ କଲେଜ ଛାତ୍ର ଚୁଡାମଣି ମାଝି ପୁରସ୍କୃତ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଜେତାଙ୍କୁ ମାନପତ୍ର, ଟ୍ରଫି, ମେଡାଲ ଦେଇ ସମ୍ମାନିତ କରାଯାଇଥିଲା। ଟଙ୍କଧର ତାଣ୍ଡି, ଦେବାର୍ଚ୍ଚନ ସେଠିଆ, ଉଦେପ୍ରସାଦ ଜାଲ ବିଚାରପତି ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ଯୁଗେଶ ତାଣ୍ଡି ଏବଂ ପ୍ରେମଲାଲ ଜଗତ ପରିଚାଳନା କରିଥିବା ବେଳେ ବରିଷ୍ଠ କର୍ମକର୍ତ୍ତା ଢଗ ନାଏକ, କମଳା କାନ୍ତ ବିହାରୀ, ମନୋଜ ବାଗ, କ୍ଷୀରୋଦ ନାଗ, ମିଥୁନ ଦୁର୍ଗା, ଅଚ୍ୟୁତ ହରପାଳ, ରାଜେନ୍ଦ୍ର ଦୁରିଆ, ଚକ୍ରଧର ବେନୁପାଣି, ସୈଷ୍ଣବ ନିଆଲ ପ୍ରମୁଖ ସହଯୋଗ କରିଥିବା ବେଳେ ବେଳେ ସମ୍ପାଦକ ପ୍ରଭାକର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

# କବିତା ସଙ୍କଳନ 'ଅସରନ୍ତି ଆସକ୍ତି' ଲୋକାର୍ପିତ

ଖଡ଼ିଆଲ,୨୫।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପିକା ତଥା କବୟତ୍ରୀ ଡ.ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ଅଷ୍ଟମ କବିତା ସଂକଳନ 'ଅସରନ୍ତି ଆସକ୍ତି' ରାଜ୍ୟପାଳ ରଘୁବର ଦାସଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ସମ୍ପାଦକ ତଥା ପ୍ରକାଶକ କ୍ଷୀରୋଦ ପତିଙ୍କ ସଂପାଦିତ ଓଡିଶାର ପ୍ରତିଷ୍ଠିତ ଲୋକପ୍ରିୟ ସମ୍ଭ୍ରାନ୍ତ ପତ୍ରିକା 'ଅପୂର୍ବା'ର ରଜତ ଜୟନ୍ତୀରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥି ରାଜ୍ୟପାଳ ରଘୁବର ଦାସଙ୍କ ସତୀର୍ଥ ସହଯୋଗରେ ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପିକା ଡ.ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ୮ମ କବିତା ସଂକଳନ 'ଅସରନ୍ତି ଆସକ୍ତି' ଲୋକାର୍ପିତ ହୋଇଯାଇଛି। ଡ.ପ୍ରିୟମ୍ବଦାଙ୍କ ୮ମ କବିତା ସଂକଳନ ଲୋକାର୍ପିତ ହେବା ପରେ ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ତରୁଣ ପ୍ରଧାନ, ଶିକ୍ଷାବିତ୍ ଶ୍ରୀସତୀଶ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ନ୍ୟାଶନାଲ କଲେଜ ନୂଆପଡା ମେଜର ଡ.ରାମଚନ୍ଦ୍ର ମିଶ୍ର, ଗାଳ୍ପିକ ମାୟାଧର ସରାଫ, ଡ.ପଦ୍ମଲୋଚନ ବର୍ମା, ଡ.ରଣବୀର ସିଂହ, ପ୍ରହାସିନୀ ପାଢ଼ୀ, ସୁନୀଲ କୁମାର ପାଢ଼ୀ, ପ୍ରାଧ୍ୟାପକ ଅଶ୍ୱିନୀ ପାଢ଼ୀ, ପ୍ରାଧ୍ୟାପକ ହରେକୃଷ୍ଣ ମିଶ୍ର, ସରକାରୀ ଧନ୍ଦା ମୂଳକ ଶିକ୍ଷା ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପକ କ୍ୟାପଟେନ ଡ଼ ବିଷ୍ଣୁ ଦେବ ସିଂ ମଲ୍ଲିକ, ଯୁକ୍ତ ଦୁଇ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ ପଣ୍ଡା, ଅଧ୍ୟାପିକା ମୀନା ଗୁଜୁରାତି, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ସମେତ ମହାବିଦ୍ୟାଳୟ ସମସ୍ତ ସହକର୍ମୀ ଏବଂ ସହରର ସାହିତ୍ୟିକ ଶୁଭାକାଂକ୍ଷୀମାନେ ଅଭିନନ୍ଦନ ଜଣାଇଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବିନିକା,୨୫।୧୧( ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର କଲେଜଠାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧ୍ୟକ୍ଷା ରେଖା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲାପାଳ ବିମଳେନ୍ଦୁ ରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିନିକା ଓମେନ୍ସ କଲେଜର ଅଧ୍ୟକ୍ଷ ପଞ୍ଚାନନ ସାହୁ, ଅଧ୍ୟାପକ ଝସକେତନ ମେହେର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡା, ସାମାଜିକ ଓ ସାଂସ୍କୃତିକ ସମନ୍ୱିତର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଅଧ୍ୟାପକ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ସୁଖ କିଣା ଏଠି ଦୁଃଖ ମାଗଣା' ମଞ୍ଚସ୍ଥ


କମିରାରେ ନାଟ୍ୟ ସଂସଦର ବାର୍ଷିକ ଉତ୍ସବରେ ଅତିଥିମାନେ।

ଅମରପାଲି,୨୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ଗ୍ରାମର ରାସେଶ୍ୱରୀ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବକ ସଂଘର ସଦସ୍ୟମାନଙ୍କ ଦ୍ୱାରା ସାମାଜିକ ନାଟକ ସୁଖ କିଣା ଏଠି ଦୁଃଖ ମାଗଣା ପରିବେଷଣ ହୋଇଯାଇଛି। ବରିଷ୍ଠ ସଦସ୍ୟ ଧରଣୀଧର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କମିରା ସରପଞ୍ଚ ଅନୁସୟା ପଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ରଘୁନାଥ ଜଗଦଲା, ନାଟ୍ୟ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ପରିଡା, ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ ଦନ୍ତା, ରାମପ୍ରସାଦ କର୍ଣ୍ଣ, ଶ୍ରୀନିବାସ ପ୍ରଧାନ, କର୍ଣ୍ଣରାଜ ପ୍ରଧାନ,ବିଷ୍ଣୁ ପ୍ରସାଦ ସାହୁ, ଅଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ,ଆମ୍ବ ଅଧ୍ୟକ୍ଷ ବିବସତି ପଣ୍ଡା, ସ୍ଥାନୀୟ ୟୁପି ସ୍କୁଲର ପ୍ରଧାନଶିକ୍ଷକ ଦିଲୀପ ଚାନ୍ଦ, ରବୀନ୍ଦ୍ର ପ୍ରଧାନ,ମହେନ୍ଦ୍ର ମହଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଚ୍ୟୁତାନନ୍ଦ ସାହୁ ସଭା ସଂଯୋଜନା କରିଥିଲେ । ନାଟ୍ୟ ସଂସଦର ସମ୍ପାଦକ କମ୍ବୁଧର ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନାଟ୍ୟ ସଂସଦ ଆନୁକୂଲ୍ୟରେ ନାଟକ ପରିବେଷଣ ହୋଇଥିଲା । ନାଟକରେ ବିଭିନ୍ନ ଭୂମିକାରେ ପ୍ରଦୀପ ସାହୁ, ଗୋପନ ସାହୁ, ଅଚ୍ୟୁତାନନ୍ଦ ସାହୁ, ସୁମନ୍ତ, ପ୍ରଶାନ୍ତ, ରଞ୍ଜନ,ମୋହନ, ସଜିନ, ଅଶିନୀ, ବଳରାମ ପ୍ରମୁଖ ଅଭିନୟ କରିଥିଲେ। ନାଟକକୁ ବିଷ୍ଣୁ ପ୍ରସାଦ ପରିଡା ନିର୍ଦ୍ଦେଶନା ଦେଇଥିଲେ ।

# ଅତିରିକ୍ତ ନିର୍ଦ୍ଦେଶକଙ୍କ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

କୋକସରା,୨୫।୧୧(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଓଏଭିର ଅତିରିକ୍ତ ନିର୍ଦ୍ଦେଶକ ତଥା ଏକାଡେମିକ କନସଲଟାଣ୍ଟ ରଞ୍ଜନ କୁମାର ଗିରି ପରିଦର୍ଶନ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଦିନବନ୍ଧୁ କର ଓ ଅନ୍ୟ ଶିକ୍ଷକ ଓ ଛାତ୍ରୀଛାତ୍ର ତାଙ୍କୁ ପ୍ରଥମେ ସ୍ୱାଗତ କରିଥିଲେ। ପରେ ଗିରି ବିଦ୍ୟାଳୟ ବିଭିନ୍ନ ବିଭାଗ ବୁଲି ତଦାରଖ କରିବା ସହ ବିଦ୍ୟାଳୟ ସମସ୍ୟା


ଅତିରିକ୍ତ ସଚିବ ଓଏଭି ପରିଦର୍ଶନରେ ଆସିଛନ୍ତି।

ସମ୍ପର୍କରେ ଅଧ୍ୟକ୍ଷ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନଙ୍କୁ ପଚାରି ବୁଝିଥିଲେ। ଏହି ସମୟରେ ବିଦ୍ୟାଳୟ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

# ବିଜେଡି କର୍ମୀଙ୍କ ଅସନ୍ତୋଷ ଘଟଣା ନେଇ ଦଳୀୟ ବୈଠକ

ଲାଞ୍ଜିଗଡ଼,୨୫।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ଅଧୀନ ବିଜେଡି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ବିଜେପୁର ସେମିତି ସଭ୍ୟା ଭୂମିକା ମାଝିଙ୍କ ନେତୃତ୍ୱରେ ଅସନ୍ତୋଷ ବିଜେଡି କର୍ମୀଙ୍କ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଦଳ ଛାନିଆ ହେବା ସହିତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। କର୍ମୀମାନେ ନିଜ ଅଞ୍ଚଳରେ ଥିବା ସମସ୍ୟା ନେଇ ଦଳ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଦଳ ସେମାନଙ୍କୁ ଅଣଦେଖା କରୁଥିବା ଯୋଗୁ ଆମେ ସମସ୍ତେ ଦଳ ଛାଡ଼ିବୁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ନେଇ ଦଳ ନିର୍ଦ୍ଦେଶକ୍ରମେ ବିଜେଡି ଯୁବନେତା ହିମାଦ୍ରୀ ପେଶନିଆଙ୍କ ନେତୃତ୍ୱରେ ବିଜେପୁରଠାରେ ଅସନ୍ତୋଷ ପ୍ରକାଶ କର୍ମୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅସନ୍ତୋଷ କର୍ମୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ସମସ୍ୟାଗୁଡି ସମସ୍ତେ ମିଶି ଦୂର କରିବା ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଜେଡି ଯୁବନେତା ହିମାଦ୍ରୀ ପେସନିଆ, କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ପାତ୍ର ମାଝି, ଜୋନ-୨ ବିଜେଡି ସଭାପତି ଲୋକନାଥ ମାଝି, ବିଜେପୁର ସରପଞ୍ଚ ପ୍ରତିନିଧି ଟୀକା ମାଝି, ସମିତି ସଭ୍ୟା ପ୍ରତିନିଧି ଇନ୍ଦ୍ର ମାଝି, ବିଜେପୁର ପଞ୍ଚାୟତ ବିଜେ ସଭାପତି ଗୋପ ସାହୁ, ଛତ୍ରପୁର ପଞ୍ଚାୟତ ସଭାପତି ମହେନ୍ଦ୍ର କରୁଆ, ଆନନ୍ଦ ପୂଝାରୀ, ଜୟନ୍ତ ହରିଜନ, ସୁଧୀର ନାଏକ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ବିଜେଡି ଦଳୀୟ କର୍ମୀମାନେ।

# ଆନ୍ତଃବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବଲାଙ୍ଗୀର,୨୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସେଞ୍ଚୁରିଅନ ବିଦ୍ୟାଳୟ ପରିସରରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟରେ ବଲାଙ୍ଗୀର ସହରର ବିଶ୍ୱମ୍ଭ ବିଦ୍ୟା ମନ୍ଦିର, ପୃଥୀରାଜ ଉଚ୍ଚ ବିଦ୍ୟାଳୟ, ପତିତପାବନ ଏକାଡେମୀ, ସେମଫୋର୍ଡ ଉଚ୍ଚ ବିଦ୍ୟାଳୟ, ଏକାଡ଼େମିକ ହାଇଟ ଉଚ୍ଚ ବିଦ୍ୟାଳୟ, ବିଦ୍ୟାଭାରତୀ ଉଚ୍ଚ ବିଦ୍ୟାଳୟ, ଆଇଡିଏମ ଉଚ୍ଚ ବିଦ୍ୟାଳୟ ପ୍ରଭୃତି ଭାଗ ନେଇଥିଲେ। ସେଞ୍ଚୁରିଅନ ବିଦ୍ୟାଳୟ ଟୁର୍ନାମେଣ୍ଟର ପୃଷ୍ଠପୋଷକତା କରିଥିଲା। ଉତ୍ସବ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ପ୍ରଦୀପ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସକାଳ ୮ଟାରେ ପ୍ରଥମ ମ୍ୟାଚ ବିଶ୍ୱାମ୍ଭ ବିଦ୍ୟା ମନ୍ଦିର ଉଚ୍ଚ ବିଦ୍ୟାଳୟ ଓ ଏକାଡ଼େମୀକ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାରୋଟି ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେମିଫାଇନାଲ ମ୍ୟାଚଗୁଡିକରେ ବିଜୟୀ ହୋଇଥିବା ବିଜୟୀ ଦଳଗୁଡିକ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଉତ୍ସବରେ ଜେଆଇଟିଏମ (ସି.ଏଚ.ଏସ.ଇ) ବିଜ୍ଞାନର ଉପାଧ୍ୟକ୍ଷା ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା, ବିଦ୍ୟାଳୟର ଅଧ୍ୟକ୍ଷ ତମାଳ ଚକ୍ରବର୍ତ୍ତୀ, ଉପାଧ୍ୟକ୍ଷା ପୂର୍ଣ୍ୟତୋୟା ବିଶ୍ୱାଳ ଉପସ୍ଥିତ ରହି ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ବିଚାରକ ଭାବରେ ବିଦ୍ୟାଳୟର ଅଧ୍ୟାପକ ଅରିନ୍ଦମ ପରିଛା, ଆଲୋକ ବେହେରା, ସ୍ୱର୍ଣ୍ଣଜିତ ତ୍ରିପାଠୀ, ରାକେଶ ମେହେର, ପ୍ରଦୀପ୍ତ ମୁଦୁଲି, ସତ୍ୟବ୍ରତ ଷଡ଼ଙ୍ଗୀ ଏବଂ ଚନ୍ଦ୍ରଶେଖର ସେଠ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚର ଧାରା ବିବରଣୀ ଅନୁଷ୍ଠାନର ଅଧ୍ୟାପକ ଆକାଶ ପଟ୍ଟନାୟକ, ଫର୍ମାସୀ ବିଭାଗର ଛାତ୍ର ଆଶିଷ ଦାଶ ଏବଂ ଛାତ୍ର ତରଣୀସେନ ଭୋଇ ପ୍ରଦାନ କରିଥିଲେ। ମ୍ୟାଚର ସ୍କୋରର ଭାବରେ ଅନୁଷ୍ଠାନର ଅଧ୍ୟାପିକା ଭକ୍ତି ପଢାରିଆ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଫାଇନାଲ ମ୍ୟାଚ ଆଇଡିଏମ ଉଚ୍ଚ ବିଦ୍ୟାଳୟର ଦଳ ଓ ପି.ପି.ଏକାଡେମୀ ଉଚ୍ଚ ବିଦ୍ୟାଳୟର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପି.ପି ଏକାଡେମୀ ଉଚ୍ଚ ବିଦ୍ୟାଳୟ ଜିତିବା ପାଇଁ ୫୬ ରନର ଲକ୍ଷ୍ୟ ପ୍ରଦାନ କରିଥିଲା। ଯାହାକୁ ଆଇ.ଡି.ଏମ ଉଚ୍ଚ ବିଦ୍ୟାଳୟ ୬ ଉଇକେଟ ବିନିମୟରେ ପୂରଣ କରି ବିଜୟୀ ହୋଇଥିଲା। ଉତ୍ସବର ଉଦ୍‌ଯାପନୀ ସମାରୋହରେ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବରେ ବିଶ୍ୱାମ୍ଭ ବିଦ୍ୟା ମନ୍ଦିର ଉଚ୍ଚ ବିଦ୍ୟାଳୟର ସଂକେତ ରାଜପୁତ ପୁରସ୍କୃତ ହୋଇଥିଲେ। ବେଷ୍ଟ ବୋଲର ଭାବରେ ଆଇ.ଡି.ଏମ. ଉଚ୍ଚ ବିଦ୍ୟାଳୟର ଆକାଶ ମହାକୁର ପୁରସ୍କୃତ ହୋଇଥିଲେ। ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବରେ ମଧ୍ୟ ଆଇ.ଡି. ଏମ.ଉଚ୍ଚ ବିଦ୍ୟାଳୟର ଆକାଶ ମହାକୁର ପୁରସ୍କୃତ ହୋଇଥିଲେ। ସେ ଟୁର୍ନାମେଣ୍ଟରେ ସର୍ବାଧିକ ୯ଟି ଉଇକେଟ ସଂଗ୍ରହ କରିଥିଲେ।



ଟୁର୍ନାମେଣ୍ଟରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ବୁର୍ଲା ଫୁଟ୍‌ବଲ ଖେଳପଡିଆ, ଅପରାହ୍ନ ୪ଟା
- ଐତିହ୍ୟ ସ୍ୱଚ୍ଛତା କାର୍ଯ୍ୟକ୍ରମ, ରାଜାବଖରି, ସମ୍ବଲପୁର, ପୂର୍ବାହ୍ନ ୯ଟା।
- ଲିଟିଲ ଓ ଟିନ୍ ମିସ ଓ ମାଷ୍ଟର ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ, ସନ୍ଧ୍ୟା ୬ଟା।
- ଆଣବିକ ବିଜ୍ଞାନର ସାମାଜିକ ପ୍ରଭାବ କର୍ମଶାଳା ଉଦ୍‌ଯାପନୀ ଉତ୍ସବ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଅପରାହ୍ନ ୨ ଟା୩୦।
- ସମ୍ବଲଭୂମି ଆୟୋଜିତ ବହୁଭାଷୀ କବିତା ପାଠୋତ୍ସବ, ପୂର୍ବାହ୍ନ ୧୦ଟା, ସାମ୍ବାଦିକ ଭବନ।

# ରାସ୍ତା ନିର୍ମାଣରେ ମନ୍ଥରତା
# ଧୂଳିରେ ଅତିଷ୍ଠ ସହରବାସୀ


ଗାଡ଼ିମୋଟର ଯିବା ସମୟରେ ରାସ୍ତାରେ ଧୂଳି ଉଡୁଛି।

**ସମ୍ବଲପୁର,୨୫।୧୧ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ସହରର ଧନୁପାଲି ଛକରୁ ଜେଲ ଛକ ପର୍ଯ୍ୟନ୍ତ ଦୁଇଥାକିଆ ରାସ୍ତାକାର୍ଯ୍ୟ ଦୀର୍ଘଦିନ ହେଲା ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶେଷ ହୋଇପାରି ନାହିଁ। ପ୍ରଶସ୍ତୀକରଣ ପାଇଁ ରାସ୍ତା ଖୋଳାଯାଇ ମାଟି ଗଦାକରି ରଖାଯାଇଛି। ଫଳରେ ଗାଡିମୋଟର ଯିବା ସମୟରେ ଧୂଳିଉଡି ପୂରା ପରିବେଶକୁ ଆଚ୍ଛାଦିତ କରିରଖୁଛି। ଏହି ସମୟରେ କୁହୁଡି ଛାଇଗଲା ଭଳି ମନେ ହେଉଛି। ପ୍ରାତଃଭ୍ରମଣ ପାଇଁ ବାହାରୁଥିବା ଲୋକେ ଶୁଦ୍ଧ ବାୟୁଟିକିଏ ପାଇବା ପାଇଁ ଘରୁ ବାହାରୁଥିବା ବେଳେ ଏହି ଧୂଳି ସେମାନଙ୍କୁ ଅତିଷ୍ଠ କରିଦେଉଛି। ରାସ୍ତା ନିର୍ମାଣର ମନ୍ଥରତା ଯୋଗୁ ସହରବାସୀ ମାସ ମାସ ଧରି ଏଭଳି ଅସୁବିଧା ଭୋଗୁଛନ୍ତି। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ରାସ୍ତାର ଗୋଟିଏ ପଟ କାମ ଶେଷ କରି ଅନ୍ୟ ପଟରେ କାମ ଆରମ୍ଭ କଲେ ଲୋକେ କିଛି ମାତ୍ରାରେ ଧୂଳିରୁ ରକ୍ଷା ପାଇପାରନ୍ତେ ବୋଲି ମତ ଦେଉଛନ୍ତି। ଧନୁପାଲିରୁ ଜେଲ ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମାଟି ଖୋଳାଯାଇଥିବାବେଳେ ଶହେ ମିଟର ବି ରାସ୍ତା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ଧୂଳି ଯୋଗୁ ସହରବାସୀ ରୋଗଗ୍ରସ୍ତ ମଧ୍ୟ ହେବା ସମ୍ଭାବନା ରହିଛି। ସହରସାରା ନିର୍ମାଣ କାମ ଚାଲିଥିବା ବେଳେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଗୋଟିଏ ବିଭାଗ ମାଟି ଖୋଳି କାମ ସାରିବା ପରେ ଆଉ ଗୋଟିଏ ବିଭାଗ ପୁଣି ସେହି ସ୍ଥାନରେ ମାଟି ଖୋଳି ରାସ୍ତା ନଷ୍ଟ କରୁଥିବା ଦେଖିବାକୁ ମିଳିଛି।

### ଏମାନେ କୁହନ୍ତି...



ଧନୁପାଲିରୁ ଜେଲଛକ ରାସ୍ତା ଦୋହରୀକରଣ କାମ ଚାଲିଛି। ରାସ୍ତା ଦୁଇ ପାର୍ଶ୍ୱର ଜମି ଅଧିଗ୍ରହଣ କାର୍ଯ୍ୟ ଏପର୍ଯ୍ୟନ୍ତ ସରିନାହିଁ। ବାରମ୍ବାର ରାସ୍ତାର ଡିଜାଇନ ପରିବର୍ତ୍ତନ କରାଯାଉଛି। ଘର ଗୁଡିକରେ ଦିଆଯାଉଥିବା ଚିହ୍ନ ମଧ୍ୟ ବାରମ୍ବାର ପରିବର୍ତ୍ତନ ହେଉଥିବା ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। କାମ କଚ୍ଛପ ଗତିରେ ଚାଲୁଥିବା ବେଳେ ଅଧା ସହର ଧୂଳିରେ ଗାଧୋଇବାକୁ ବାଧ୍ୟ ହେଉଛି।

**-ସୂର୍ଯ୍ୟ ପାଣିଗ୍ରାହୀ, ଗୋବିନ୍ଦତୋଲା ବାସିନ୍ଦା**



ରାସ୍ତା ଦୋହରୀକରଣ କରାଯିବା ସ୍ୱାଗତଯୋଗ୍ୟ। ତେବେ ଯେଉଁ କାମ ଆରମ୍ଭ କରାଯାଉଛି ତାକୁ ସମ୍ପୂର୍ଣ୍ଣ କରିବାକୁ ପ୍ରଥମେ ଧ୍ୟାନ ଦେବା କଥା। ବର୍ତ୍ତମାନ ସମୟରେ ଜେଲ ଛକରୁ ଧନୁପାଲି ଛକ ପର୍ଯ୍ୟନ୍ତ ଯା'ଆସ କରିବା କୌଣସି ଦଣ୍ଡଠାରୁ କମ ନୁହେଁ। ମାସ ମାସ ଧରି ଏଭଳି କାମ ଚାଲୁଥିବାରୁ ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

**-ସଞ୍ଜୟ ଅଗ୍ରୱାଲ, ସାରସ୍ୱତ କଲୋନୀ, ଚାରଭାଟୀ**



ଧନୁପାଲି ଛକରୁ ସହର ଭିତରକୁ ଗଲା ବେଳେ ଧଳା ଶାର୍ଟ ପିନ୍ଧି ଯିବାକୁ ଭୟ ଲାଗୁଛି। ରାସ୍ତା କାମ ପାଇଁ ଟ୍ରାଫିକ ସମସ୍ୟା ଏକ ସାଧାରଣ ଘଟଣା। ତେବେ ଧୂଳିରେ ଯିବାଆସିବା କରିବା ଶ୍ୱାସ ରୋଗୀଙ୍କ ପାଇଁ ବିପଦ ହୋଇପଡିଛି। ରାସ୍ତାରେ ପାଣିସିଞ୍ଚନ କରି ଶୀଘ୍ର କାମ ସାରିବାକୁ ପ୍ରଶାସନକୁ ଅନୁରୋଧ କରୁଛୁ।

**-ପ୍ରତୀକ ମହାପାତ୍ର, ଧନୁପାଲି ବାସିନ୍ଦା**

ଜେଲ ଛକରୁ ଧନୁପାଲି ପର୍ଯ୍ୟନ୍ତ ରାସ୍ତା ଦୋହରୀକରଣ କାମ ଶୀଘ୍ର ସାରିବାକୁ ଠିକାଦାରଙ୍କୁ କୁହାଯାଇଛି। ଏକ ସମୟରେ ଜନସ୍ୱାସ୍ଥ୍ୟ ବିଭାଗ ପାଇପ୍ କାମ କରୁଥିବାବେଳେ ବିଦ୍ୟୁତ୍ ବିଭାଗ ଖୁଣ୍ଟ ହଟାଇବା କାମ କରୁଥିବାରୁ ରାସ୍ତା ନିର୍ମାଣରେ ବିଳମ୍ବ ହେଉଛି। ରାସ୍ତା ନିର୍ମାଣ ସମୟରେ ଗାଡି ଯା'ଆସ କଲେ ଧୂଳି ଉଡିବା ସ୍ୱାଭାବିକ। ଏହାକୁ ନେଇ ଅଭିଯୋଗ କରିବା ବଦଳରେ ସମସ୍ତେ ସହଯୋଗ କରିବା ଦରକାର।

**-ଓମ୍‌ପ୍ରକାଶ କାକ୍,**
**କନିଷ୍ଠ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ସମ୍ବଲପୁର**

## କୁସୁମଡିହିରେ ସଞ୍ଚୟ ମେଳା

**ରେଙ୍ଗାଲି,୨୫।୧୧(ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଝାଙ୍କରପାଲି ପଞ୍ଚାୟତ ଅନ୍ତର୍ଗତ କୁସୁମଡିହିଠାରେ ମାନବ ଅଧିକାର ସେବା ସମିତି ପକ୍ଷରୁ ସଞ୍ଚୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ଜୀବିକା ମିଶନର ଜିଲା ପରିଚାଳକ ପୁଷ୍ପଶ୍ରୀ ନାଏକ ମୁଖ୍ୟଅତିଥି ଓ ଖବରଦାତା ଦୁର୍ଗାଶଙ୍କର ବାଗ ମୁଖ୍ୟବକ୍ତା ରୁପେ ଯୋଗଦେଇଥିଲେ। ରେଙ୍ଗାଲି ବ୍ଲକ କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର, ଓଏଲ୍‌ଏମ୍ ରେଙ୍ଗାଲି ବ୍ଲକ ସଂଯୋଜକ ଜପାମାଳି ଭୋସାଗର, ଝାଙ୍କରପାଲି ସରପଞ୍ଚ ସୁଶାନ୍ତ କୁମାର ସାହୁ, ଟାମ୍ପରକେଲା ସରପଞ୍ଚ ଚିତମନୀ ସାହୁ, ବିପିଏମ କୃଷ୍ଣଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ରୁପେ ଯୋଗଦେଇ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ଉପରେ ଆଲୋକପାତ କରିଥିଲେ।

## ମନ୍ଦିର ଦାନବାକ୍ସ ଭାଙ୍ଗି ଚୋରି

**ସମ୍ବଲପୁର,୨୫।୧୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଦାନିପାଲିଠାରେ ଥିବା ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରର ଦାନବାକ୍ସ ଭାଙ୍ଗି ଶୁକ୍ରବାର ରାତିରେ ଚୋରି ଅଭିଯୋଗ ହୋଇଛି। ମନ୍ଦିର ପ୍ରବେଶ ଦ୍ୱାରରେ ଥିବା ୨ଟି ଦାନବାକ୍ସରୁ ନଗଦ ଅର୍ଥରାଶି ସହ ବହୁ ମୂଲ୍ୟବାନ୍ ସାମଗ୍ରୀ ଚୋରି ହୋଇଥିବା ନେଇ କୁଲତା ସମାଜ ସମ୍ବଲପୁରର ସାଂଗଠନିକ ସମ୍ପାଦକ ରଞ୍ଜନ ପାତ୍ର ଅଇଁଠାପାଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମନ୍ଦିର ପୂଜକ ବିଶ୍ୱନାଥ ଭୋଇ ଶୁକ୍ରବାର ରାତି ୯ଟାରେ ମନ୍ଦିର କବାଟ ବନ୍ଦ କରି ତାଲା ମାରିଥିଲେ। ଶନିବାର ଦାନବାକ୍ସ ଭାଙ୍ଗି ଚୋରି ହୋଇଥିବା ଦେଖିଥିଲେ। ଅଭିଯୋଗ ପାଇ ଅଇଁଠାପାଲି ପୋଲିସ୍ ଛାନ୍‌ଭିନ ଆରମ୍ଭ କରିଛି।

## ସଇଡ଼ାରେ ୨୦ତମ ବାଲିଯାତ୍ରା ଉଦ୍‌ଘାଟିତ


ବାଲିଯାତ୍ରା ଉଦ୍‌ଘାଟନ କରୁଛନ୍ତି ଅତିଥି।

**କୁଚିଣ୍ଡା,୨୫।୧୧ (ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ଏନ୍‌ଏସିର ସଇଡା (କୁଣ୍ଡାପୋଷି)ଠାରେ ୨୦ତମ ବାଲିଯାତ୍ରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଏସି କାଉନସିଲର ନବୀନ ଚନ୍ଦ୍ର ହୋତା ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପୂର୍ବାହ୍ନରେ ମହିଳାମାନଙ୍କୁ ନେଇ ଭେଡେନ ନଦୀରୁ ଏକ କଳସ ଶୋଭାଯାତ୍ରା କରାଯାଇଥିଲା। ଘଣ୍ଟବାଦ୍ୟ, ହୁଳହୁଳି ଓ ସଂକୀର୍ତ୍ତନରେ ସମଗ୍ର ବାଲିଯାତ୍ରା ପଡ଼ିଆ ମୁଖରିତ ହୋଇଥିବା ବେଳେ ଯାତ୍ରାପାଇଁ ଶୁଭ କଳସ ସ୍ଥାପନ କରାଯାଇଥିଲା। ପୂଜକ ପ୍ରକାଶ ପୁରୋହିତ କଳସ ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଶିବ ସାହୁ, ରାଜେଶ ସାହୁ, ମଣି ନାୟକ, ବାଲିଯାତ୍ରା କମିଟି ସଭାପତି ବିଜୁ ସାହୁ, ସମ୍ପାଦକ ବିଶ୍ୱନାଥ କଣ୍ଡରା, ଦିବ୍ୟ ବାରିକ, ପୌଲସ୍ତି ପାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ରବିବାର ସକାଳେ ବଡଓଷା ପୂଜା ଓ ସନ୍ଧ୍ୟାରେ ପାଲା ପରିବେଷଣ, ସୋମବାର ସକାଳେ ବୋଇତ ବନ୍ଦାଣ, କାର୍ତ୍ତିକ ମହାପ୍ରଭୁ ହରଗୌରୀ, ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ସହ ପୂର୍ଣ୍ଣାହୁତି ହେବ।

## ଲୋକ ମହୋତ୍ସବ-୨୦୨୪ ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୨୫।୧୧(ପ୍ରମୋଦ ବହିଦାର)**

୨୦୨୪ ସମ୍ବଲପୁର ଲୋକ ମହୋତ୍ସବ ପାଇଁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ପିଏଚ୍‌ଡି ପଡ଼ିଆରେ ଆସନ୍ତା ଜାନୁୟାରୀ ୪ରୁ ୬ ତାରିଖ ମଧ୍ୟରେ ମହୋତ୍ସବ ଅନୁଷ୍ଠିତ ହେବ। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମର ସାହୁ, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାଶ ଟୁଡୁ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ନୋଡାଲ ଅଧିକାରୀ, ଅତିରିକ୍ତ ନୋଡାଲ ଅଧିକାରୀଙ୍କ କମିଟି ଗଠନ ସହ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

## ଓବିସି ଜାଗରଣ ରଥର ଶୁଭାରମ୍ଭ ଆଜି

**ସମ୍ବଲପୁର,୨୫।୧୧ (ଭବାନୀ ଶଙ୍କର ଭୋଇ)**

ରବିବାର ସମ୍ବିଧାନ ଦିବସରେ ବ୍ରଜରାଜନଗର ଚଣ୍ଡୀ ମନ୍ଦିରଠାରୁ ଓବିସି ଜାଗରଣ ରଥର ପ୍ରଥମ ଚରଣ ଶୁଭାରମ୍ଭ ହେବ ବୋଲି ଓଡ଼ିଶା ଓବିସି ମଞ୍ଚର ମହାସଚିବ ସୁବାସ ଚନ୍ଦ୍ର ନାୟକ ଜଣାଇଛନ୍ତି। ପ୍ରଥମ ଦୁଇଦିନ ଲଖନପୁର ବ୍ଲକ ଓ ଝାରସୁଗୁଡ଼ା ସହର ପରିକ୍ରମା କରିବା ପରେ କିରମିରା, କୋଲାବିରା ବ୍ଲକର ବିଭିନ୍ନ ଅଞ୍ଚଳରେ ଆୟୋଜିତ ହେବାକୁ ଥିବା ସମାବେଶରେ ଯୋଗ ଦେବ। ପରେ ୩୦ ତାରିଖ ଓ ଡିସେମ୍ବର ୧ରେ ଏହି ରଥ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ପଥପ୍ରାନ୍ତ ସଭା ଓ ସମାବେଶରେ ଯୋଗଦେବ। ଏହାପରେ ଦୁଇଦିନ ଧରି ଦେବଗଡ ଜିଲା ଓ ସମ୍ବଲପୁର ଜିଲାର ଅବଶିଷ୍ଟ ଅଞ୍ଚଳ ପରିକ୍ରମା କରିବ ବୋଲି ସୂଚନା ଦିଆଯାଇଛି। ଓବିସି ଜାଗରଣ ରଥ ପରିକ୍ରମା ସମୟରେ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକଙ୍କ ସ୍ୱାର୍ଥ ସମ୍ବଳିତ ଦାବିପତ୍ରରେ ସ୍ୱାକ୍ଷର ସଂଗ୍ରହ କରାଯିବ ବୋଲି କୁହାଯାଇଛି। ପ୍ରଥମ ଚରଣ ଜାଗରଣ ରଥ ପଶ୍ଚିମ ଓଡ଼ିଶାର ୧୧ ଜିଲା ପରିକ୍ରମା କରିବା ସହ ଅନ୍ୟାନ୍ୟ ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ଜନଜାତିଙ୍କ ଅଧିକାର ବିଷୟରେ ଲୋକଙ୍କୁ ସଚେତନ କରାଇବ ବୋଲି ଓବିସି ମଞ୍ଚ ପକ୍ଷରୁ କୁହାଯାଇଛି।

## ଭୀମ ଭୋଇ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ

**ରେଢାଖୋଲ,୨୫।୧୧(ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲ ଭୀମ ଭୋଇ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା ସମିତି ସଭାପତି ସୁରେନ୍ଦ୍ର ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ଦିଲୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧାପକ ଅଞ୍ଜନ କୁମାର ମିଶ୍ର ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଅକ୍ଷୟ କୁମାର କର, ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ, ବରିଷ୍ଠ ପ୍ରାଧ୍ୟାପିକା ସୁପ୍ରିୟା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଛାତ୍ରୀଛାତ୍ର ସ୍ୱଚ୍ଛତା ଓ ପଲିଥିନମୁକ୍ତ ପରିବେଶ ଉପରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଡିସେମ୍ବର ୧୪ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ପର୍ଯ୍ୟାୟରେ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା

**ରେଙ୍ଗାଲି,୨୫।୧୧(ଦେବବ୍ରତ ପଣ୍ଡା):**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କତରବଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବନିତା ଦେହୁରି ଏହାକୁ ଉଦ୍‌ଘାଟନ କରିଥିଲେ। ଲଇଡାସ୍ଥିତ ଦୃତିକା ସାହୁ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପକ ଜୟନାରାୟଣ ଶତପଥି, ଲଇଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋଜ କୁମାର ମୁଣ୍ଡୁଲି ବିଚାରକ ଭାବରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେଶ କୁମାର ପାତ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଜ୍ଞାନ ପ୍ରଦର୍ଶନୀରେ ୧୪୧ ପ୍ରକଳ୍ପ ପ୍ରଦର୍ଶିତ

**ସମ୍ବଲପୁର,୨୫।୧୧(ପ୍ରମୋଦ ବହିଦାର)**

ମାନେଶ୍ୱର ବ୍ଲକ ଧମାସ୍ଥିତ ମଥୁରା ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ବର୍ଗରେ ଯଥାକ୍ରମେ ୪୦, ୭୧ ଓ ୩୦ ଏପରି ମୋଟ ୧୪୧ଟି ବିଜ୍ଞାନ, ଗଣିତ, ପରିବେଶ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରୁ ୬ଟି ଲେଖାଏ ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛି। ଅଧାପକ ସୁଶିଳ ବାଗ, ଆନନ୍ଦିନୀ ପଣ୍ଡା, ବିଜ୍ଞାନ ଶିକ୍ଷୟିତ୍ରୀ ମଧୁରିମା ପାଣିଗ୍ରାହୀ, ନିରଞ୍ଜନ ସିଥ, କ୍ଷୀରୋଦ ପଣ୍ଡିଆ ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଜିଲାପରିଷଦ ସଦସ୍ୟା ଗୀତାଞ୍ଜଳି ପାଣ୍ଡେ, ଧମା ସରପଞ୍ଚ ଲଳିତା ପ୍ରଧାନ, ଧମା ଏସ୍‌ବିଆଇ ଶାଖା ପ୍ରବନ୍ଧକ ଅନୀଲ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନେଶ୍ୱର ବିଡିଓ ପ୍ରଣବ କୁମାର ଚାନ୍ଦ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜୟଶ୍ରୀ ଦୋରା, ଜିଲାପରିଷଦ ସଦସ୍ୟ ସୁରଜ ସେଠ୍, ଧମା ସରପଞ୍ଚ ଲଳିତା ପ୍ରଧନ ଉପସ୍ଥିତ ଥିଲେ। ଉଭୟ ଅଧିବେଶନରେ ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ଟିନ୍ ମିସ୍ ଓ ମାଷ୍ଟର ଗ୍ରାଣ୍ଡ ଫିନାଲେ ଉଦ୍‌ଘାଟିତ

**ସମ୍ବଲପୁର,୨୫।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର ଗଙ୍ଗାଧର ମଣ୍ଡପରେ ସାଇ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଟିନ୍ ମିସ୍ ଓ ଟିନ୍ ମାଷ୍ଟର-୨୦୨୩ ଗ୍ରାଣ୍ଡ ଫିନାଲେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଓ ବରିଷ୍ଠ କଳାବିତ ଡ. ଶିବ ନାରାୟଣ ଶତପଥୀ, ଅନୁଷ୍ଠାନର ସଭାପତି ଭକ୍ତପ୍ରସାଦ ନନ୍ଦ, ସଂଯୋଜକ ମହମ୍ମଦ ପରଭେଜ ଅଲ୍ଲିଖାନ୍, ନିର୍ଦ୍ଦେଶକ ତଥା ଉପଦେଷ୍ଟା ଗୋଲକ ବିହାରୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସୀମନ୍ତିକା ଦାଶଙ୍କ ସଂଯୋଜନାରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ୨୮ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ବିଚାରକ ଭାବେ ରେଶମା ରାଣୀ ଦାଶ, ଶ୍ରବଣ ବାଗ, ସୁଦାମ ପଣ୍ଡା, ଡଲି ଜୁଲଫିକର, ସୁଚୀସ୍ମିତା ଷଡ଼ଙ୍ଗୀ, ପ୍ରଜ୍ଞ କରଣ, ଅମିତ ମେହେର ଦାୟିତ୍ୱ ନିର୍ବାହ କରିଥିଲେ। ରବିବାର ସାଇ ଶିକ୍ଷା ପରିଷଦର ବାର୍ଷିକ ଉତ୍ସବରେ ଉଭୟ ଲିଟିଲ୍ ମିସ୍ ଓ ମାଷ୍ଟର ତଥା ଟିନ୍ ମିସ୍ ଓ ମାଷ୍ଟର ପ୍ରତଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।


ଭାଗ ନେଇଥିବା ଜଣେ ପ୍ରତିଯୋଗୀ।

## ଡିସେମ୍ବର ୧ରୁ 'କଖଗ'ର ନାଟ୍ୟ ଉତ୍ସବ

**ସମ୍ବଲପୁର,୨୫।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର ଝାଡୁଆପଡ଼ାସ୍ଥିତ ଆରଣ୍ୟକ ମଞ୍ଚରେ ଆସନ୍ତା ଡିସେମ୍ବର ୧ରୁ ୩ ତାରିଖ ମଧ୍ୟରେ ଆୟୋଜିତ ହେବ ନାଟ୍ୟ ଉତ୍ସବ-୨୦୨୩। ସମ୍ବଲପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'କଖଗ'ର ୪୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଉତ୍ସବ ଏକ ଭିନ୍ନ ରୂପରେ ଆୟୋଜିତ ହେବ। ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷ ବ୍ରଜେନ୍ଦ୍ର ନାୟକ ସୂଚନା ଦେଇ କହିଛନ୍ତି, ଏହି ନାଟ୍ୟ ଉତ୍ସବ ପ୍ରଥମ ସନ୍ଧ୍ୟା ଅର୍ଥାତ୍ ଡିସେମ୍ବର ୧ରେ ସଙ୍ଗୀତ କାର୍ଯ୍ୟକ୍ରମ 'ସ୍ପନ୍ଦନ'ରୁ ଆରମ୍ଭ ହେବ। ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ତଥାପି' ଓ ତୃତୀୟ ସନ୍ଧ୍ୟାରେ ସମ୍ବଲପୁରୀ ହାସ୍ୟରସାତ୍ମକ ନାକଟ 'ଗୁଗ୍‌ଲି' ମଞ୍ଚସ୍ଥ ହେବ। 'କଖଗ' ଅନୁଷ୍ଠାନ ପକ୍ଷରୁ ଏପର୍ଯ୍ୟନ୍ତ ୩୮ଟି ନାଟକ ମଞ୍ଚସ୍ଥ ହୋଇ ସାରିଛି। ସମ୍ବଲପୁରୀ ଭାଷାକୁ ଆଧୁନିକତାର ଛାପରେ ପ୍ରସ୍ତୁତ ଅନେକ ନାଟକକୁ ବିଭିନ୍ନ ମଞ୍ଚରେ ପ୍ରଦର୍ଶନ କରି ଏହାର ପ୍ରଚାର ପ୍ରସାର ଦିଗରେ ଅନୁଷ୍ଠାନ ଦୀଘଦିନରୁ ପ୍ରୟାସ ଜାରି ରଖିଛି। ଖବରଦାତା ସମ୍ମିଳନୀରେ ଅଭିନେତା ସୌମେନ୍ଦ୍ର ପୂଜାରୀ, ଇଂ ଆକାଂକ୍ଷା ପ୍ରସାଦ ମିଶ୍ର, ଅଧ୍ୟାପିକା ସଂଯୁକ୍ତା ପଣ୍ଡା ମଞ୍ଚାସୀନ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ରାସ୍ତାରେ ହାତୀ, ଲୋକେ ଭୟଭୀତ

**ଜମନକିରା,୨୫।୧୧(ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ବ୍ଲକ ବଡରମା ରେଞ୍ଜ ଅନ୍ତର୍ଗତ ୫୩ନଂ. ରାଜପଥର ଚେପଟାଆମ୍ବ ନିକଟ ରାସ୍ତାରେ ଶନିବାର ଏକ ହାତୀକୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଥିଲେ। ସୂଚନା ଅନୁସାରେ, ବଡରମା ବାନାଞ୍ଚଳରେ ହାତୀପଲ ବୁଲାବୁଲି କରୁଥିବାବେଳେ ସେଥି ମଧ୍ୟରୁ ୩ଟି ହାତୀ ଚେପଟାଆମ୍ବ ଗାଁ ରାସ୍ତା ବୁଲୁଥିବା ବନ ବିଭାଗ ସୂଚନା ପାଇଥିଲା। ରେଞ୍ଜର ଗିରିଧାରୀ ପ୍ରଧାନଙ୍କ ନେତୃତ୍ୱରେ ବନ କର୍ମଚାରୀ ସେଠାରେ ପହଞ୍ଚି ଲୋକଙ୍କୁ ସତର୍କ କରାଇଥିଲେ। ଏହି ସମୟରେ ଜଣେ ଚାଷୀ ସାଇକେଲରେ ଧାନ ବୋଝେଇ କରି ରାସ୍ତା ପାରି ହେଉଥିବା ବେଳେ ଗୋଟିଏ ହାତୀ ରାସ୍ତାକୁ ଚାଲି ଆସିଥିଲା। ଚାଷୀ ଜଣକ ସାଇକେଲ ଛାଡ଼ି ଦୌଡ଼ି ପଳାଇଥିଲେ। ହାତୀ ଧାନ ଖାଇ ପୁଣି ଚାଲିଯାଇଥିଲା। ଏହାଦେଖି ରାସ୍ତାର ଉଭୟ ପାର୍ଶ୍ୱରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ତେବେ ସୌଭାଗ୍ୟବଶତଃ ହାତୀଟି କାହାର କିଛି କ୍ଷତି କରି ନ ଥିଲା।


ରାସ୍ତା ଉପରକୁ ଚାଲିଆସିଥିବା ହାତୀ।

## ସଂକ୍ଷେପରେ

### ତୁଡାଲଗାରେ ଜିଲାସ୍ତରୀୟ ଡାକମେଳା

**ବଡ଼ଗାଁ,୨୫।୧୧( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ତୁଡାଲଗା ପଞ୍ଚାୟତ ଅଫିସ୍‌ରେ ଶୁକ୍ରବାର ଜିଲା ସ୍ତରୀୟ ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସର୍କଲର ସହକାରୀ ପୋଷ୍ଟ ମାଷ୍ଟର ତଥା ଡିଡିଏମ ପିଏଲଆଇ ସତ୍ୟବାଦୀ ବିଶ୍ୱାଳ ମୁଖ୍ୟ ଅତିଥି ଓ ସୁନ୍ଦରଗଡ ଡାକ ଡିଭିଜନର ଡିଏସପି ଏସଏସ ମହାରଣା, ଆଇପିପିପି ମ୍ୟାନେଜର ବି ଦାସ, ଇନ୍‌ସପେକ୍ଟର (ନର୍ଥ) ଆର୍‌ପି ଦାସ, ତୁଡାଲଗା ସରପଞ୍ଚ ସୁଦୀପ ବାଡା, ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ଜଗନ୍ନାଥ ଲାକ୍ରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଶ୍ୱାଳ ଡାକ ବିଭାଗର ବିଭିନ୍ନ ସଞ୍ଚୟ ଯୋଜନା ତଥା ମହିଳା ସମ୍ମାନ ସଞ୍ଚୟ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଓ ବୀମା ଯୋଜନା କଲେ କ'ଣ ସୁବିଧା ପାଇବେ ବୁଝାଇଥିଲେ। ଡିଏସପି ମହାରଣା ଗରିବ ପରିବାର କିପରି ସଞ୍ଚୟ କରିବେ ଓ ଭବିଷ୍ୟତ ସୁରକ୍ଷିତ ରଖିବେ ସେ ନେଇ ଆଲୋଚନା କରିଥିଲେ। ଏହା ବ୍ୟତୀତ ତୁଡାଲଗା ପଞ୍ଚାୟତ ଅଫିସ୍‌ରେ ଆଧାର କାର୍ଡ ସଂଶୋଧନ କେନ୍ଦ୍ର ଖୋଲିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଡାକମେଳାରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଗ୍ରାମବାସୀ ଓ ଜୟ ଶ୍ରୀ ରାମ କ୍ଲବର କର୍ମକର୍ତ୍ତା ଉପସ୍ଥିତ ଥିଲେ। ମେଳାକୁ ଡାକ ବିଭାଗ ଓଭରସିଅର ଭିକ୍ଷୁ ପ୍ରସାଦ ପୃଷେଟ, ଓଭରସିଅର ଅମିତ ପୃଷେଟ ଓ ଓଭରସିଅର ସଞ୍ଜୟ ସେଠ୍ କିପରି ଫାର୍ମ ପୂରଣ କରିବେ ବୁଝାଇଥିଲେ। ତୁଡାଲଗା ଏବିପିଏ ସୁଶାନ୍ତ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଭବାନୀପାଟଣା,୨୫।୧୧(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣାରେ ପୂର୍ବ ଶତ୍ରୁତା କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ସହରର ରାମସଗାର ପଡ଼ାର ଜନ୍ମେ ରାଉତ। ମିଳିଥିବା ସୂଚନା ଅନୁଯାୟୀ, ସହରର ବିବିସି ପଡ଼ାର ରଞ୍ଜିତ ଦାସଙ୍କ ସହ ଜନ୍ମେଙ୍କ ପୂର୍ବ ଶତ୍ରୁତା ଥିଲା। ଶନିବାର ମାଣିକେଶ୍ୱରୀ ଛକଠାରେ ଏକୁଟିଆ ଥିବା ଦେଖି ରଞ୍ଜିତ ଓ ସହଯୋଗୀ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାପରେ ଘଟଣାସ୍ଥଳରୁ ସେମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟାଉନ ଥାନା ପୋଲିସ ଜନ୍ମେଙ୍କୁ ଉଦ୍ଧାର କରି ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଘଟଣା ପରେ ଜନ୍ମେଙ୍କ ସ୍ତ୍ରୀ ସନ୍ତୋଷୀ ସ୍ଥାନୀୟ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଟାଉନ ଥାନା ପୋଲିସ ଏକ ମାମଲା (ନଂ. ୪୪୪/୨୩) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ ଉଦ୍‌ଯାପତ

**ଖଡ଼ିଆଲ,୨୫।୧୧(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଲ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍କୁଲରେ ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ ଉଦଯାପତ ହୋଇଯାଇଛି। ଗତ ୨୨ ତାରିଖ ଆରମ୍ଭ ହୋଇଥିବା ସୁନେତ୍ର କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଛି। ୪ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ୯୦୦ ଛାତ୍ରୀଛାତ୍ରଙ୍କ ପରୀକ୍ଷା କରାଯାଇଛି। ଏହି ପରୀକ୍ଷା ଶିବିରରେ ୩୫୯ ଜଣଙ୍କୁ ଚଷମା ଆବଶ୍ୟକ ଥିବା ବେଳେ ୪୭ଜଣ ବିଦ୍ୟାର୍ଥୀଙ୍କ ଚକ୍ଷୁ ଅସ୍ତ୍ରପ୍ରଚାର କରାଯିବା ପାଇଁ ସୁପାରିଶ କରାଯାଇଛି।

# ଅନିଶ୍ଚିତତାରେ ପିଲାଙ୍କ ଭବିଷ୍ୟତ

**ବିଶ୍ରା,୨୫।୧୧( ବଟକୃଷ୍ଣ ସ୍ୱାଇଁ)**



ରାଜ୍ୟ ସରକାର ଆଦିବାସୀ ଉନ୍ନୟନ ବିଭାଗ ଅଧୀନରେ ସେବାଶ୍ରମ ଓ ଆଶ୍ରମ ଉଚ୍ଚବିଦ୍ୟାଳୟ ଖୋଲି ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ଶିକ୍ଷାର ସମସ୍ତ ସୁବିଧା କରିଛନ୍ତି। ବିଦ୍ୟାଳୟ ସହ ଛାତ୍ରାବାସ ଓ ଛାତ୍ରୀନିବାସ ମଧ୍ୟ ନିର୍ମାଣ କରାଯାଇଛି। ହେଲେ କେତେକ ଜାଗାରେ ବିଦ୍ୟାଳୟକୁ ଶିକ୍ଷକ ଆସୁନାହାଁନ୍ତି ତ ଆଉକେଉଁଠି ଛାତ୍ରୀଛାତ୍ର। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା ସୀମାନ୍ତ ବିଶ୍ରା ବ୍ଲକ ଉପାନ୍ତ ଅଞ୍ଚଳରେ ଥିବା ଏରିଲା ଆଶ୍ରମ ବିଦ୍ୟାଳୟ ଓ କୁଲେନବାହଲ ସେବାଶ୍ରମରେ। ଏରିଲା ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୬୫ ଛାତ୍ରୀଛାତ୍ର ରହିଛନ୍ତି। ହେଲେ କଲ୍ୟାଣ ବିଭାଗ ପକ୍ଷରୁ ମାତ୍ର ୪ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ପ୍ରତ୍ୟେକ ଦିନ ପ୍ରଧାନ ଶିକ୍ଷକ ସରକାରୀ କାମରେ ଯାଉଛନ୍ତି। ମାତ୍ର ୩ ଜଣ ଶିକ୍ଷକରେ ଚାଲିଛି ବିଦ୍ୟାଳୟ। ସେହିପରି କୁଲେନବହଲ ସେବାଶ୍ରମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ

**ଆବଶ୍ୟକ ମୁତାବକ ନାହାନ୍ତି ଶିକ୍ଷକ**

ଯାଏଁ ରହିଥିବାବେଳେ ମୋଟ ୫୯ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଛି। ହେଲେ ବିଦ୍ୟାଳୟକୁ ସେହି ଅନୁସାରେ ଛାତ୍ରୀଛାତ୍ର ଆସୁନାହାଁନ୍ତି। ସେମାନଙ୍କ ପାଇଁ ମାତ୍ର ୩ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ଏହି ବିଷୟରେ ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଆରତୀ ସ୍ୱାଇଁଙ୍କୁ ପଚାରିବାରୁ, ବିଦ୍ୟାଳୟରେ ପାଣିର ସମସ୍ୟା ଥିବାରୁ ପିଲାମାନେ ଆସୁ ନ ଥିଲେ। ବର୍ତ୍ତମାନ ସବୁ ସୁବିଧା ରହିଛି। ଶିକ୍ଷକ ସମସ୍ୟା ନେଇ ପଚାରିବାରୁ ଉଚ୍ଚ ଅଧିକାରୀଙ୍କୁ ଲିଖିତ ଅନୁରୋଧ କରାଯାଇଛି ବୋଲି ଅଧିକାରୀ ସ୍ୱାଇଁ କହିଥିଲେ।

# ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ସବ୍‌ଡେଗା,୨୫।୧୧( ଅନନ୍ତ ପଟେଲ)**

ସବ୍‌ଡେଗା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଉପେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶିରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବେଦବ୍ୟାସ ପଟେଲ ମୁଖ୍ୟ ଅତିଥି ଭାବେ ଏବଂ ପ୍ରଧାନ ଶିକ୍ଷକ ବିର୍ଧି ଚନ୍ଦ୍ର ଲୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଆର୍‌ଟି ନେତ୍ରାନନ୍ଦ ମେହେର, ବସନ୍ତ ମେହେର ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସିଆର୍‌ସିସି ସୁନୀଲ ଲରିଆ, ପ୍ରଦୀପ ପଟେଲ, ରବୀନ୍ଦ୍ର ଭୋଇ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଭିନ୍ନକ୍ଷମ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଶିକ୍ଷକ ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଉମାକାନ୍ତ ବୁଡେକ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।



ପ୍ରମାଣପତ୍ର ପାଇଥିବା କୃତୀ ପ୍ରତିଯୋଗୀଗଣ।

# ବିଜ୍ଞାନ ମେଳାରେ ୨୫୦ ପ୍ରକଳ୍ପ ପ୍ରଦର୍ଶିତ



**ବାଲିଶଙ୍କରା,୨୫।୧୨( ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବିଡିଓ ଜ୍ୟୋତ୍ରିମାୟୀ ପ୍ରଧାନ, ଜିଲା ପରିଷଦ (ଖ) ଜୋନ ଜୟନ୍ତୀ ଏକ୍କା, କୁଳମଣି ସାହୁ, ସୁଗ୍ରୀବ ବାଘ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗଦେଇଥିଲେ। ବିଇଓ ସରୋଜ ଲକ୍ଷ୍ମୀ ନାଏକ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକର ସମସ୍ତ ବିଦ୍ୟାଳୟକୁ ନେଇ ପ୍ରାୟ ୨୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ନାଏକ, ସିଆର୍‌ସିସି ରତ୍ନାକର ଖଡ଼ିଆ, ହେମନ୍ତ ମିଶ୍ର, ସୌଭାଗ୍ୟ ନାଏକ, କିଶୁନ ପ୍ରସାଦ ସାହୁ, ରଞ୍ଜିତ ଭୈସାଲ, କ୍ଷିତୀଶ ଚନ୍ଦ୍ର ଷଣ୍ଢ, ବିଶାଖା ରଣା, ଦିଗାମ୍ବର ରଣା ସମେତ ସମସ୍ତ ସିଆର୍‌ସିସି ଓ ବରିଷ୍ଠ ଶିକ୍ଷକମାନେ ଯୋଗଦେଇ ସହଯୋଗ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ବିଇଓ ସରୋଜ ଲକ୍ଷ୍ମୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ମାସ ହେଲା ମିଳୁନି ପଞ୍ଚାୟତ ରୋଜଗାର ସେବକଙ୍କ ଦରମା

**ବିଶ୍ରା,୨୫।୧୧ (ବଟକୃଷ୍ଣ ସ୍ୱାଇଁ)**

ସୁନ୍ଦରଗଡ ଜିଲା ସୀମାନ୍ତ ବିଶ୍ରା ବ୍ଲକରେ ଦୀର୍ଘ ବର୍ଷ ଧରି ଅଳ୍ପ ବେତନରେ କାର୍ଯ୍ୟ କରି ଆସୁଥିବା ପଞ୍ଚାୟତ ରୋଜଗାର ସେବକମାନେ ୫ ମାସ ହେବ ଦରମା ପାଇ ନାହାଁନ୍ତି। ଯାହାଫଳରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକର ୧୪ ପଞ୍ଚାୟତରେ ଜଣେ ଲେଖାଏଁ ରୋଜଗାର ସେବକ ନିଯୁକ୍ତି ପାଇଥିଲେ। ପ୍ରତି ମାସରେ ସେମାନଙ୍କୁ ଦରମା ଆକାରରେ ୧୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଥିଲା। ଏମାନେ କରୋନା ସମୟରେ ଅନେକ କାର୍ଯ୍ୟ ମଧ୍ୟ କରିଛନ୍ତି। ହେଲେ ୫ ମାସ ହେବ ସେମାନଙ୍କୁ ଦରମା ମିଳିନି। ପରିବାର ଚଳାଇବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡିଛି। ଏନେଇ ଅତିରିକ୍ତ ବିଡିଓ ବନିତାମାଝିଙ୍କୁ ପଚାରିବାରୁ, ଟଙ୍କା ଆସିଛି, ଖୁବ ଶୀଘ୍ର ସେମାନଙ୍କ ବ୍ୟାଙ୍କ

# ୪୦ ଟିକିଆ ହାତୀପଲଙ୍କ ଆତଙ୍କ

**କୁତ୍ରା,୨୫।୧୧(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା ବଡଗାଁ ବନାଞ୍ଚଳ କୁତ୍ରା ବ୍ଲକର ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବର୍ଷ ତମାମ ହାତୀ ଆତଙ୍କ ଦେଖିବାକୁ ମିଳିଛି। ଗତ ୩ଦିନ ହେବ ପଞ୍ଚରା ଅଞ୍ଚଳରେ ୪୦ ଟିକିଆ ହାତୀ ପଲ ଆତଙ୍କ ଖେଳାଇଛନ୍ତି। ସନ୍ଧ୍ୟା ହେବା ମାତ୍ରେ ପଞ୍ଚରା, ପତ୍ରାପଡା, କୁଲସର ଆଦି ସ୍ଥାନରେ ହାତୀ ପଲ ଧାନ ବିଲରେ ପସି ଅମଳ ନଷ୍ଟ କରୁଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ କ୍ଷତିଗ୍ରସ୍ତ ଚାଷୀ ଏହାର କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ବନବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଥିବା ଜଣାପଡିଛି। ତେବେ ବନବିଭାଗ ହାତୀପଲଙ୍କୁ ଅନ୍ୟତ୍ର ଘଉଡେଇବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି।




ପଦମପୁର ପଞ୍ଚାୟତ ନିକଟରେ ଲକ୍ଷାଧିକ ବ୍ୟୟରେ ନିର୍ମିତ ହୋଇଥିବା ଗୋଷ୍ଠୀ ଶୌଚାଳୟ ରକ୍ଷଣାବେକ୍ଷଣ ଅଭାବରୁ ଲୋକଙ୍କ କାମରେ ଲାଗୁନି।

# ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସଂକଳ୍ପ ଯାତ୍ରାର ବାର୍ତ୍ତା ପ୍ରଦର୍ଶନ

**ଲହୁଣୀପଡ଼ା,୨୫।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହଣୀପଡ଼ା ବ୍ଲକ କୁଡେଇକଳା ଓ କୁର୍ଡା ପଞ୍ଚାୟତରେ ଶନିବାର ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ପି ଜୁଏଲ ଓରାମ ଯୋଗଦେଇଥିଲେ। ଗ୍ରାମବାସୀ ପାରମ୍ପରିକ ଆଦିବାସୀ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ଏମ୍‌ପିଙ୍କୁ ସ୍ୱାଗତ ଜଣାଇଥିଲେ। ଏମ୍‌ପି ଓରାମ ନିଜେ ଭାବ ବିହ୍ୱଳ ହୋଇ ପାରମ୍ପରିକ ମାଦଳ ବଜାଇ ଗ୍ରାମବାସୀଙ୍କ ସହ ଖୁବ୍ ଝୁମି ଥିଲେ। କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ପାନୀୟ ଜଳ ବିଭାଗ, ପଞ୍ଚାୟତି ରାଜ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ଉପସ୍ଥିତ ଥିବା ବେଳେ କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଯୋଜନା ଗୁଡିକର ଲାଭ କିପରି ଜନ ସାଧାରଣ ପାଇ ପାରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ।



**କୁଡେଇକଳା,କୁର୍ଡାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା**

ମାତୃ ମଙ୍ଗଳ ଯୋଜନାରେ କୁପୋଷଣ ଦୂରୀକରଣ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ କର୍ମ ନିଯୁକ୍ତି ଯୋଜନା, ହର ଘର ଜଳ ଯୋଜନା, ଉଜ୍ଜଳା ଗ୍ୟାସ ଯୋଜନା, କୃଷି ବୀମା ଯୋଜନା, ଡିଜିଟାଲ ଇଣ୍ଡିଆ ଯୋଜନା, ଆୟୁଷ୍ମାନ ଭାରତ ଯୋଜନା, କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ର ପାତିର ବ୍ୟବହାର କରି ବୈଜ୍ଞାନିକ ପ୍ରଣାଳୀରେ କୃଷି କାର୍ଯ୍ୟ କରିବା ଭଳି ଅନେକ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ଲାଭ ଜନ ସାଧାରଣ ଉଠାଇବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ବିକଶିତ ଭାରତ ସଂକଳ୍ପ ଯାତ୍ରା ସନ୍ଦର୍ଭରେ ଆୟୋଜିତ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଏମ୍‌ପି ପୁରସ୍କାର ବିତରଣ କରିବା ସହ ମାନପତ୍ର ପ୍ରଦାନ କରିଥିଲେ। ପରେ କୁନି କୁନି କଳାକାରଙ୍କ ଦ୍ୱାରା ସଚେତନ ଧର୍ମୀ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। ବଡ ପରଦା ମାଧ୍ୟମରେ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା ଗୁଡ଼ିକରେ ଉପଭୋକ୍ତାଙ୍କ ପ୍ରତିକ୍ରିୟା ପ୍ରଦର୍ଶନ କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସଂକଳ୍ପ ଯାତ୍ରାର ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ୨୦୪୭ ସୁଦ୍ଧା ଦେଶକୁ ବିଶ୍ୱରେ ଏକ ନମ୍ବର ଦେଶ ଭାବେ ଗଢ଼ି ତୋଳିବା ସହ ଆତ୍ମ ନିର୍ଭରଶୀଳ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ସମବେତ ଜନ ସାଧାରଣଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଉଭୟ ଗ୍ରାମ ପଞ୍ଚାୟତର ଜନ ସାଧାରଣ, ସରପଞ୍ଚ ଶିବ ଶଙ୍କର ନାଏକ, ସସ୍ମିତା କିଷାନ, ପିଇଓ କିରଣ ମୟୀ ବେହେରା, ଦ୍ରୌପଦୀ ମାହାନ୍ତ,ଏପିଓ ବିଷ୍ଣୁ ମୋହନ ନାଏକ, ସମସ୍ତ ୱାର୍ଡ ମେମ୍ବର, ସମିତି ସଭ୍ୟ, ଆଶା, ଅଙ୍ଗନୱାଡ଼ି କର୍ମୀ, ବ୍ଲକ ପ୍ରଶାସନ ପକ୍ଷରୁ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟୁକା ଓରାମ ତଥା ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ରାସ୍ତା ଖୋଳି ଛାଡ଼ି ଦେଲେ, ଅସୁବିଧା ଭୋଗୁଛନ୍ତି ବସ୍ତିବାସିନ୍ଦା

**ବୀରମିତ୍ରପୁର, ୨୫।୧୧(ସଞ୍ଜୀବ ରାଉତ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସଲଙ୍ଗାବାହାଲ ପଞ୍ଚାୟତ ନୂଆପଡା ବସ୍ତି ରାସ୍ତା ମରଣଯନ୍ତା ପାଲଟିଛି। ପାନୀୟ ଜଳ ପାଇପ ବିଛାଇବା ପାଇଁ କ୍ରଂକିଟ ରାସ୍ତା ଖୋଳାଯାଇଥିଲା। ପାଇପ ବିଛାଇବା କାମ ସରିଲା। ହେଲେ ରାସ୍ତା ମରାମତି ହୋଇପାରିଲା ନାହିଁ। ରାସ୍ତା ଖଣ୍ଡିଆ ଖାବରା ଯୋଗୁ ବସ୍ତିବାସିନ୍ଦା ଅସୁବିଧା ଭୋଗୁଛନ୍ତି। ଏନେଇ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଖୁବ ଶୀଘ୍ର ମରାମତି କାର୍ଯ୍ୟ ନ ହେଲେ ବସ୍ତିବାସିନ୍ଦା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଖଣ୍ଡିଆ ଖାବରା ହୋଇଥିବା ରାସ୍ତା।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଲହୁଣୀପଡା,୨୫।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଖେଳ ପଡ଼ିଆଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨ଦିନିଆ ୩୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ଜୁଲିଆନି କାଣ୍ଡିର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥିଭାବେ ଲହୁଣୀପଡା ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ କିଷାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଯୁଧିଷ୍ଠିର ତ୍ରିପାଠୀ, ଶଶୀ ଭୂଷଣ ମାହାନ୍ତ, ଦେବକାନ୍ତ ଜୟସ୍ୱାଲ ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ଡିଲେଶ୍ୱର ମାହାନ୍ତ ଏଥିରେ ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ୨ଦିନିଆ କ୍ରୀଡା ପ୍ରତିଯୋଗିତାରେ ପ୍ରାରମ୍ଭରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୫୦ ଶିଶୁ ଅଂଶ ଗ୍ରହଣ କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଭିଭାବକଙ୍କ ମଧରେ ମଧ୍ୟ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ଶାରୀରିକ ଶିକ୍ଷକ ଘୃତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଓ ଗୁରୁମା ଗୁରୁଜୀଙ୍କ ସହଯୋଗରେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ଯଶୋବନ୍ତ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।




# ମଣ୍ଡଳ ସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ବଡ଼ଗାଁ,୨୫।୧୧(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ନିକଟ ଦେଓକରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ୨୦୨୩-୨୪ ବର୍ଷର ମଣ୍ଡଳ ସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁମତି ପଣ୍ଡା ମୁଖ୍ୟ ଅତିଥି ଓ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ବିଇଓ ଶାନ୍ତି ମୁନି ସୁରେଖା ହରୋ, ବ୍ଲକ ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମାଝି, ପ୍ରଧାନ ଶିକ୍ଷକ ମନୋଜ ମାଝି, ସୁନ୍ଦରଗଡ ଡିଏସ୍‌ଏସ୍ ଚନ୍ଦ୍ର ଶେଖର ସାହୁ, ସ୍ଥାନୀୟ ସରପଞ୍ଚ ମେନକା କାଲୋ, ସମିତି ମେମ୍ବର ମଞ୍ଜୁ ମହାନନ୍ଦିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ।




ଜିଲା ସ୍ତରରେ ଅଂଶଗ୍ରହଣ ପାଇଁ ଚୟନ ହୋଇଥିବା କୃତି ଛାତ୍ରୀଛାତ୍ର।

ଏହି ପ୍ରଦର୍ଶନୀରେ ୫ଟି ବିଷୟ ଉପରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୯୬ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପିଏସ କଲେଜ, ବରଙ୍ଗାକଛାର କଲେଜ ଓ ତଡାଲଗା କଲେଜର ଅଧାପିକା ଅଧାପକମାନେ ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ। କୃତୀ ଛାତ୍ରୀଛାତ୍ର ଜିଲା ସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବାପାଇଁ ଚୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଅଧାପକ ଚିର ବ୍ରତ ଦତ୍ତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଦୁର୍ଗା ମାଧବ ବେହେରା, ପ୍ରଦୀପ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ବାସୁଦେବ କାଲୋ, ଏରେନ କୁଜୁର, ଭାରତୀ ଦରବିନା, ଜ୍ୟୋତିର୍ମୟୀ ନାଏକ, କୌଶଲ୍ୟା ରଣା, ଦେବରାଜ ନିଖଣ୍ଡିଆ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

## ସଂକ୍ଷେପରେ

### ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଜବତ

**କଣ୍ଟାବାଞ୍ଜି, ୨୫।୧୧ (ଗୁରୁଦୟାଲ ହଂସ)**

ତୁରେକେଲା ଥାନା ନନ୍ଦୋଳ ଗାଁରେ ଜଣେ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଘର ଭିତରୁ ଜବତ ହୋଇଥିବା ସୂଚନା ମିଳିଛି। ମୃତ ବୃଦ୍ଧା ଜଣକ ହେଲେ ନାନ୍ଦୋଲ ଗାଁର ଦଇମତି ବନଛୋର(୬୦)। ଘଟଣା ପରେ ତୁରେକେଲା ପୋଲିସ ଗାଁରେ ପହଞ୍ଚି ମୃତଦେହ ଜବତ କରିବା ସହ କଣ୍ଟାବାଞ୍ଜି ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ରାତି ସମୟରେ ନନ୍ଦୋଳ ଗାଁର ଦଇମତି ନିଜ ଘରେ ଦଉଡି ସାହାଯ୍ୟରେ ବେକରେ ଫାଶ ଲଗାଇ ଝୁଲନ୍ତା ଅବସ୍ଥାରେ ଥିବା ପୋଲିସ ଦେଖିବାକୁ ପାଇଥିଲା। ତେବେ ବିଧବା ମହିଳା ଜଣକ ଘରୋଇ କଳି ସହ ମାନସିକ ଚାପରେ ଆତ୍ମହତ୍ୟା କରିଥିବା ପରିବାରବର୍ଗ ତୁରେକେଲା ଥାନାରେ ଲିଖିତ ଦେଇଛନ୍ତି। ଏହି ଘଟଣା ପରେ ପୋଲିସ ମୃତଦେହ ଜବତ କରି କଣ୍ଟାବାଞ୍ଜିରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏହାକୁ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ଭାନୁ ଯାଦବ କହିଛନ୍ତି।

### ଖଡ଼ିଆଳଠାରେ ଦଧି ମନ୍ଥନ ଲୀଳା କାର୍ଯ୍ୟକ୍ରମ

**ଖଡ଼ିଆଳ, ୨୫।୧୧ (ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳଠାରେ ରାହାସ ଲିଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାହାସ ଲୀଳାରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ବାଲ୍ୟ ଲୀଳାଠାରୁ କଂସ ବଧ ପର୍ଯ୍ୟନ୍ତ ସାତଦିନ ଧରୀ ନୃତ୍ୟ ଗୀତ ଓ ଅଭିନୟ ମାଧ୍ୟମରେ କଳାକାରମାନେ ପରିବେଷଣ କରିଥାନ୍ତି। ଚତୁର୍ଥ ଦିବସରେ ଶ୍ରୀକୃଷ୍ଣଙ୍କ ଦଧି ମନ୍ଥନ ଲୀଳା, ଗୋକୁଳ ନଗର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପରିବେଷଣ କରାଯାଇଥିଲା। ଦଧି ମନ୍ଥନ ଲୀଳାର ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଓ ସମ୍ମାନିତ ଅତିଥି ଭାବରେ କୁନୁ କରୁଆଁ, ପୂର୍ବତନ ଜିଲା ପରିଷଦ ସଭ୍ୟା ସେଫାଲି ସଲମା ଯୋଗଦାନ କରିଥିଲେ। ପୁରାତନ ଗୋକୁଳ ନଗର ସାଂସ୍କୃତିକ ଅନୁଷ୍ଠାନର ଉନ୍ନତି ଓ ପୁନରୁଦ୍ଧାର ସକାସେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୮ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ। ଏହି ଅର୍ଥରେ ଅନୁଷ୍ଠାନର ନବୀକରଣ ସହିତ ଆବଶ୍ୟକ ଅନୁଯାୟୀ ସମସ୍ତ ବ୍ୟବସ୍ଥା ପୁରଣ କରିବାକୁ ଅନୁଷ୍ଠାନ ସମସ୍ତ ସଦସ୍ୟଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ବଳମତ ସେଠି, ସିଦାମ କେତକି, ଦୟା ଥପା, ଟଙ୍କଧର ଶବର, ଯୁବ କାର୍ଯ୍ୟକର୍ତ୍ତା ଗରୁଡ ପୋଡ, ଲୋବିନ୍ଦ ପଟେଲ, ବନମାଳୀ ନାଗ, ସଞ୍ଜୟ ସେଠି, ରାହୁଲ ଜାଲ, ମୁରଲି ପୋଡ, ଦିଲୀପ ପୋଡ, ଜୟଲାଲ ବେମାଲ, ଘନଶ୍ୟାମ ଜାଲ, ଘାସିରାମ ହଂସ, ପ୍ରବୀଣ କେତକି ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

### ବିକଶିତ ଭାରତ ସଂକଳ୍ପ ଯାତ୍ରା ନେଇ ପ୍ରସ୍ତୁତି ବୈଠକ



**ବୌଦ୍ଧ, ୨୫।୧୧ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ଶନିବାର ଦିନ ବିକଶିତ ଭାରତ ସଂକଳ୍ପ ଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ସଫଳ ଆୟୋଜନ ଯେପରି ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଆସନ୍ତା ସପ୍ତାହରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ନେଇ ଜିଲାସ୍ତରୀୟ ବିଭିନ୍ନ କମିଟି ଗଠନ କରିବା ସହ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଆସନ୍ତା ୨୮ ତାରିଖ ଦିନ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ବୈଠକରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ପ୍ରମୁଖ ଯୋଗ ଦେଇଥିଲେ।

# ୪ର୍ଥ ଦିନରେ ଓକିଲ ସଂଘର ଆନ୍ଦୋଳନ

**ଖଡ଼ିଆଳ, ୨୫।୧୧ (ସୁଜିତ୍ କୁମାର ପ୍ରଧାନ)**



ଖଡିଆଳ ଓକିଲ ସଂଘର ଆନ୍ଦୋଳନ ଜାରି ରହିଛି।

ନୂଆପଡ଼ା ଜିଲା ଖଡିଆଳ ଅତିରିକ୍ତ ଜିଲା ଦୌରାଜଜ୍ ସ୍ଥାପନ ଦାବିରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଖଡିଆଳ ଓକିଲ ସଂଘ ଆହ୍ୱାନକ୍ରମେ ସିନାପାଲି, ବୋଡ଼େନ ଓ ଖଡିଆଳ ଓକିଲଙ୍କ ଚାଲିଥିବା ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ନୂଆପଡ଼ା ଜିଲା ସିନାପାଲିଠାରୁ ୧୪୦ କି.ମି. ଅତିକ୍ରମ କରି ସଦର ମହକୁମାସ୍ଥିତ ଜିଲା ଦୌରା ଜଜ୍ କୋର୍ଟକୁ ଯାଇଥାନ୍ତି। ଗୋଟିଏ ଦିନରେ କାର୍ଯ୍ୟ ସାରି ଫେରିବା ଅସମ୍ଭବ। ନ୍ୟାୟାଳୟ ଦ୍ୱାରା ମୁହଁରେ ସେବା ପ୍ରଦାନର ଲକ୍ଷ୍ୟକୁ ଦୂରୀଭୂତ କରୁଛି। ଖଡିଆଳଠାରେ ଅତିରିକ୍ତ ଜିଲା ଦୌରା ଜଜ୍ ସ୍ଥାପନ ନେଇ ସମସ୍ତ ସ୍ୱୀକୃତି ମିଳି ସାରିଥିବା ବେଳେ ସରକାରଙ୍କ ଉଦାସୀନତାରୁ ଉଦଘାଟନରେ ବିଳମ୍ବ ହେଉଛି।

**ଖଡ଼ିଆଳରେ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ସ୍ଥାପନ ଦାବି**

ହାଇକୋର୍ଟରୁ ସ୍ୱୀକୃତି ମିଳିଥିବା ବେଳେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ଶେଷ ସ୍ୱୀକୃତି ପାଇଁ ଅଟକି ରହିଛି। ଖଡିଆଳ, ବୋଡ଼େନ ଏବଂ ସିନାପାଲି ଅଞ୍ଚଳର ୭୦% ପ୍ରତିଶତ ମାମଲା ରହିଛି। ଲୋକେ ଖର୍ଚ୍ଚାନ୍ତ ହୋଇ ନୂଆପଡ଼ାକୁ ଯାଉଛନ୍ତି। ଆନ୍ଦୋଳନରେ ଜିଲା ସଭାପତି ପ୍ରସନ୍ନ ପାଡି, ଶିବପ୍ରସାଦ ମେହେର, ରବୀନ୍ଦ୍ର କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ମେହେର, ଅସିତ ମହାପାତ୍ର, ଭବେଶ ପାଣିଗ୍ରାହୀ, ସୁଶାନ୍ତ ତାଣ୍ଡି, ବଂଶୀ ମେହେର, ଭବାନୀ ପାଢ଼ି, ନରେନ୍ଦ୍ର ମେହେର, ଶଙ୍କର ପଣ୍ଡା, କିଶୋର ବାଗ, ଜୁଜିଷ୍ଟିର ମେହେର ଓ ବିରଜା ସିଂ ଦଳପତିଙ୍କ ସହ ସମସ୍ତ ଓକିଲ ସାମିଲ ଥିଲେ।

## କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଜାତୀୟ ସେମିନାର ଉଦ୍‌ଘାଟିତ




ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥି।

**ଭବାନୀପାଟଣା, ୨୫।୧୧ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଶନିବାର ଜାତୀୟ ସେମିନାର ଉଦଘାଟିତ ହୋଇଯାଇଛି। ସାମାଜିକ ସମ୍ବଳ, ଆଦିବାସୀ ଜ୍ଞାନ ଉପରେ ଏହି ସେମିନାର ଅନୁଷ୍ଠିତ ହେଉଛି। ସେମିନାରରେ ରାଜ୍ୟ ତଥା ରାଜ୍ୟ ବାହାରର ୫୧ ଜଣ ଅଧ୍ୟାପକ, ଗବେଷଣାରତ ଛାତ୍ରୀଛାତ୍ର ତାଙ୍କ ଗବେଷଣା ଉପରେ ଉପସ୍ଥାପନା କରିବେ। ଏହି ଅବସରରେ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭାରତ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ନିର୍ଦ୍ଦେଶକ କେ.କେ. ବାସା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ମିଜୋରାମ ବିଶ୍ୱବିଦ୍ୟାଳୟ ପ୍ରଫେସର ରବୀନ୍ଦ୍ର କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି, ରେଜିଷ୍ଟ୍ରାର ପୀତାମ୍ବର ଭୋଇ, ପିଜି କାଉନସିଲ ଅଧକ୍ଷା ଡ଼. ନିବେଦିତା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଉଦଯାପନୀ ସମାରୋହରେ ଅନୁଷ୍ଠିତ ହେବ।

## ବିଭିନ୍ନ ସମସ୍ୟା ସମାଧାନ ପାଇଁ ଗ୍ରାମରେ ପ୍ରଶାସନ ଓ ଜନପ୍ରତିନିଧି

**ସଇଁତଲା, ୨୫।୧୧ (ରାଖାଲ ପ୍ରସାଦ ଶତପଥି)**

ସଇଁତଲା ବ୍ଲକ ଅନ୍ତର୍ଗତ ଭଣ୍ଡାରବାଞ୍ଜୀ ଗ୍ରାମକୁ ସ୍ଥାନୀୟ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନ ଯାଇ ଗ୍ରାମର ବିଭିନ୍ନ ସମସ୍ୟା ବୁଲି ଦେଖିବା ସହ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମଟି ବିଚ୍ଛିନ୍ନାଳ ଭାବରେ ରହିଥିବାବେଳେ ଅଦ୍ୟାବଧି ଉକ୍ତ ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ଶନିବାର ସ୍ଥାନୀୟ ଜିଲା ପରିଷଦ ସଦସ୍ୟ, ହିମାଂଚଳ ବୁଡେକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ କୁମାର ଭୋଇ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନୀଧି ଖମାରୀ, ଜିଲା ଆଦିବାସୀ ସଂଘ ସଭାପତି ସତ୍ୟନାରାୟଣ ଭୋଇ ପ୍ରମୁଖ ଗ୍ରାମକୁ ଯାଇ ଗ୍ରାମର ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ଗ୍ରାମକୁ ଗମନାଗମନ ପାଇଁ ରାସ୍ତା ନ ଥିବା, ଶିକ୍ଷା ପାଇଁ ଭଲ ସ୍କୁଲ ନ ଥିବା, ସ୍ୱାସ୍ଥ୍ୟ ସମସ୍ୟା ହେଲେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଥିବା, ପାନୀୟ ଜଳର ସୁବିଧା ନ ଥିବା ଗ୍ରାମବାସୀ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଅବଗତ କରିଥିଲେ। ପ୍ରଶାସନ ତରଫରୁ ଯଥାଶୀଘ୍ର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ବିଡ଼ିଓ ନାୟକ କହିଥିଲେ। ସେହିପରି ରାସ୍ତା ନିର୍ମାଣ ପାଇଁ ୪.୭୦କୋଟି ଟଙ୍କା ମଞ୍ଜୁର ହୋଇଥିବା ଜିଲା ପରିଷଦ ସଦସ୍ୟ ବୁଡେକ ଗ୍ରାମବାସୀଙ୍କୁ କହିଥିଲେ। ଏହି ଆଲୋଚନା ସମୟରେ ଗ୍ରାମର ଟିକେରାମ ଭୋଇ, ଶୁକ୍ରୁ କୁମ୍ଭାର, ବିପିନ ପାତ୍ର, ଉପେନ୍ଦ୍ର ପାତ୍ର, ହିମାଦ୍ରୀ ପାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଓ ଜନସାଧାରଣ ଉପସ୍ଥିତ ଥିଲେ।



ଗ୍ରାମବାସୀଙ୍କ ସହ ପ୍ରଶାସନ ଓ ଜନପ୍ରତିନିଧି ଆଲୋଚନା କରୁଛନ୍ତି।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ବୌଦ୍ଧ, ୨୫।୧୧ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ସରସରା ପଞ୍ଚାୟତ ରଇଠାଣୀ ଗ୍ରାମର ଉମା ପାଢୀ (୬୬)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣ, ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ମୃତ୍ୟୁ ସମୟରେ ତାଙ୍କ ସ୍ୱାମୀ ଶିତାଂସୁ ଶେଖର ପାଢୀ, ତିନି ପୁଅ, ବୋହୁ,ନାତି, ନାତୁଣୀ ଉପସ୍ଥିତ ଥିଲେ।

### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ମୋଟର ସାଇକେଲ ଧକ୍କାରେ ଯୁବକଙ୍କ ମୃତ୍ୟୁ**

**ବୌଦ୍ଧ, ୨୫।୧୧ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଆଡେଣିଗଡ ଫାଣ୍ଡି ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବାରିଙ୍ଗଠାରେ ଶନିବାର ଏକ ମୋଟର ସାଇକେଲ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ୧ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ପ୍ରକାଶ ଯେ, ବାରିଙ୍ଗ ଗ୍ରାମର ଦ୍ରୋଣ ନାଏକ ଓରଫ ପିଚୁ (୪୭) ସନ୍ଧ୍ୟାରେ ପୋଖରୀ ଆଡୁ ଶୌଚ ହୋଇ ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ଜାତୀୟ ରାଜପଥର ବାରିଙ୍ଗ ନିକଟରେ ଦଶପଲ୍ଲା ଆଡକୁ ଯାଉଥିବା ଜଣେ ମୋଟର ସାଇକେଲ ଆରୋହୀ କୌଣସି କାରଣରୁ ଭାରସାମ୍ୟ ହରାଇ ଦ୍ରୋଣଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଦ୍ରୋଣଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଖବର ପାଇ ଆଡେଣୀଗଡ ଫାଣ୍ଡି ଅଧିକାରୀ ଓ ହରଭଙ୍ଗା ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବ ବୋଲି କହିବା ପରେ ରାସ୍ତାରୋକୋ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବଳାତ୍କାର ମାମଲାରେ ୨୦ବର୍ଷ ଜେଲ

**ବଲାଙ୍ଗୀର, ୨୫।୧୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସ୍ୱତନ୍ତ୍ର ପୋକସୋ କୋର୍ଟରେ ଏକ ବଳାତ୍କାର ମାମଲାର ବିଚାର ସଂକ୍ରାନ୍ତୀୟ ରାୟ ଶନିବାର ପ୍ରକାଶ ପାଇଛି। ପୋକସୋ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ମାମଲାର ବିଚାର କରି ଟିଟିଲାଗଡ଼ ଥାନା ଅଧୀନସ୍ଥ ଦରଲୋ ଗାଁର ଅଭିଯୁକ୍ତ ରୁମାଞ୍ଚଳ ବନଛୋର୍ (୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟରେ ଅଧିକ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୯ ରେ ଅଭିଯୁକ୍ତ ରୁମାଞ୍ଚଳ ଜଣେ ନାବାଳିକା (୧୪)ଙ୍କୁ ବଳାତ୍କାର କରିଥିବା ଟିଟିଲାଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ପରେ ପୋଲିସ ଏକ ମାମଲା (ନଂ.୮୧/୨୦୧୯) ରୁଜୁ କରିଥିଲା। ଏହି ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ବଳାତ୍କାର ମାମଲାର ରାୟରେ ବିଚାରପତି ଗଡ଼ନାୟକ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣର ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ପ୍ରିୟରଞ୍ଜନ ବହିଦାର ପରିଚାଳନା କରିଥିଲେ।

## ମହାବିଦ୍ୟାଳୟରେ ବିଶ୍ୱ ଧରୋହର ସପ୍ତାହ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଖଡ଼ିଆଳ, ୨୫।୧୧ (ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ମହାବିଦ୍ୟାଳୟରେ ବିଶ୍ୱ ଧରୋହର ସପ୍ତାହ ଉଦଯାପିତ ହୋଇଯାଇଛି। ପ୍ରତ୍ନତତ୍ତ୍ୱ ଓ ସଂଗ୍ରହାଳୟ ବିଭାଗ ପକ୍ଷରୁ ଗତ ୧୯ ତାରିଖରୁ ଏହା ଚାଲିଥିଲା। ଉଦଯାପନୀ ସଭାରେ ମହାବିଦ୍ୟାଳୟ ଅଧକ୍ଷ ଡ଼. ତରୁଣ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଇତିହାସ ବିଭାଗୀୟ ମୁଖ୍ୟ ଡ଼. ମହମ୍ମଦ ୟାମିନ, ସ୍ନାତକୋତ୍ତର ଓଡ଼ିଆ ଅଧ୍ୟାପକ ରମାକାନ୍ତ ସିଂହ ସାହାଣୀ, ସ୍ନାତକୋତ୍ତର ହିନ୍ଦୀ ଅଧ୍ୟାପକ ଜବାହାର ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ନତତ୍ତ୍ୱ ବିଭାଗୀୟ ମୁଖ୍ୟ ଡ଼. ରଣବୀର ସିଂହ ବୈଠକରେ ବିଶ ଧରୋହର ଦିବସର ବୈଶିଷ୍ଟ୍ୟ ଓ ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ବିଭାଗୀୟ ଅଧ୍ୟାପକ ହିମାଂଶୁ ଶେଖର ମାହାକୁର ପାଠଚକ୍ରରେ ପଶ୍ଚିମ ଓଡ଼ିଶାର ଅବହେଳିତ ଧରୋହରମାନଙ୍କ ବିଷୟରେ ନିଜର ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ପରେ ବିଭିନ୍ନ ଛାତ୍ରୀଛାତ୍ର ଯଥା ଈଶ୍ୱର ପଟେଲ, ପ୍ରତାପ ମାଝି ଓ ନରେଶ ଭୋଇ ନିଜର ଉପସ୍ଥାପନା ରଖିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଇତିହାସ, ପ୍ରତ୍ନତତ୍ତ୍ୱ ବିଭାଗ ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ହିମାଂଶୁ ଶେଖର ମାହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ।

**କୋକସରା, ୨୫।୧୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡି ଜିଲା କୋକସରା ଡ଼ିଗ୍ରୀ ମହାବିଦ୍ୟାଳୟଠାରେ ଶନିବାର ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାଗୃହରେ ରାଜ୍ୟ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଅବିନାଶ ଠାକୁର, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଅଜିତ କୁମାର ସାହୁ ଉପସ୍ଥିତ ରହି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଏବଂ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉପରେ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ନୂତନ ଭୋଟର ପଞ୍ଜୀକରଣ ଏବଂ ରକ୍ତଦାନ ଶିବିର ଆୟୋଜନ କରିବାକୁ ସଚେତନ କରିଥିଲେ। ଏହି ଅବସରରେ କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପୁଷ୍ପରାଜ ମେହେର, ଅଧ୍ୟାପକ ଐରି ନାଶନ ଚିନ୍ଦା, କର୍ମଚାରୀ ଜିତେନ୍ଦ୍ର ପ୍ରଧାନୀଙ୍କ ସମେତ ଛାତ୍ରୀଛାତ୍ର ଓ ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ମାନସ ରଞ୍ଜନ ବେହେରା, ଜିଲା ଉପସଭାପତି ମୁକ୍ତେଶର ନାଗ, ସାଧାରଣ ସମ୍ପାଦକ ତ୍ରିବିକ୍ରମ ଯାଦବ, ଫୁପଗାଁ ଯୁବ ସଭାପତି ବିପ୍ର ଚରଣ ପଟେଲ, ଛାତ୍ରନେତା ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ତୁଳସୀ ସତ୍ୟାଗ୍ରହ ଅଭିଯାନ

**କୋକସରା, ୨୫।୧୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୩୦ ଜିଲାରେ ଜଗନ୍ନାଥ ସଂସ୍କୃତି ପାଇଁ ତୁଳସୀ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏହି ସତ୍ୟାଗ୍ରହର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଗନ୍ନାଥ ମନ୍ଦିରର ୪ଟି ଦ୍ୱାର ଖୋଲିବା, ମହା ପ୍ରସାଦ ମାଗଣାରେ ଯୋଗାଇଦେବା, ମହାପ୍ରଭୁଙ୍କ ରତ୍ନ ଭଣ୍ଡାରର ସମ୍ପତ୍ତିକୁ ଗଣନା କରି ଲୋକ ଲୋଚନକୁ ଅଣାଯିବା ନେଇ ଲୋକଙ୍କୁ ସଚେତନ ବାର୍ତ୍ତା ଦେବା। କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କମିଟି ସଭାପତି ଲିଙ୍ଗରାଜ ବେହେରାଙ୍କ ନେତୃତ୍ୱରେ ରେଙ୍ଗାଲପାଲି ପଞ୍ଚାୟତ ଡଙ୍ଗରିଗୁଡା ଜଗନ୍ନାଥ ମନ୍ଦିରରୁ ତୁଳସୀ ସଂଗ୍ରହ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ସଂଗ୍ରହୃତ ତୁଳସୀ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରାଯିବା ନେଇ ସୂଚନା ମିଳିଛି। ଏହି ଅବସରରେ କଂଗ୍ରେସ କୋକସରା ଜୋନ ସଭାପତି କମଳ ଲୋଚନ ନାଏକ, କାର୍ଯ୍ୟକାରୀ ସଭାପତି କେଶବ ଚନ୍ଦ୍ର ନାଏକ, ଲିଙ୍ଗରାଜ ଶବର, ତ୍ରିଲୋଚନ ଶବରଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। କଂଗ୍ରେସର କର୍ମକର୍ତ୍ତାମାନେ ଘର ଘର ବୁଲି ତୁଳସୀ ସତ୍ୟାଗ୍ରହ ଆରମ୍ଭ କରିଛନ୍ତି। ଏହି ସତ୍ୟାଗ୍ରହ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବା ନେଇ ବ୍ଲକ ସଭାପତି ସୂଚନା ଦେଇଛନ୍ତି।



ତୁଳସୀ ସତ୍ୟାଗ୍ରହ ଅଭିଯାନ।

# ହତ୍ୟା ମାମଲା ରୁଜୁ, ସ୍ତ୍ରୀ ଅଟକ

**ସୋନପୁର, ୨୫।୧୧ (ମୃତ୍ୟୁଞ୍ଜୟ ଶତପଥୀ)**



ସୋନପୁର ଥାନା ସମ୍ମୁଖରେ ଲୋକନାଥଙ୍କ ପରିବାରବର୍ଗ ଓ ଗ୍ରାମବାସୀ।

**ମହାନଦୀରୁ ଶିକ୍ଷକଙ୍କ ମୃତଦେହ ଜବତ ଘଟଣା**

**■ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା**

ସୁବର୍ଣ୍ଣପୁର ସହର ନିକଟ ମହାନଦୀରୁ ନିଖୋଜ ଶିକ୍ଷକ ଲୋକନାଥ ନାଏକ(୪୨)ଙ୍କ ମୃତଦେହ ଜବତ ହୋଇଥିଲା। ଶିକ୍ଷକଙ୍କୁ ଅପହରଣ ପରେ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଶିକ୍ଷକଙ୍କ ଭାଇ ତ୍ରିନାଥ ନାଏକ, ପରିବାର ଲୋକେ ଓ ଗ୍ରାମବାସୀ ସୋନପୁର ଆଇଆଇସି ପଦ୍ମାସିନୀ ମେହେରଙ୍କ ନିକଟରେ ଶନିବାର ଦାବି କରିଛନ୍ତି। ପ୍ରକାଶ ଯେ, ପୋଲିସ ହତ୍ୟାକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ କରି ମୃତଦେହ ଜବତ ପରେ ମହାନଦୀ ସେତୁ ମୁଖ୍ୟ ରାସ୍ତାରେ ଗୁରୁବାର ଅପରାହ୍ନରେ ଦୀର୍ଘ ସମୟ ଧରି ରାସ୍ତାରୋକୋ କରାଯାଇଥିଲା। ଶିକ୍ଷକଙ୍କ ଭଉଣୀ ଜ୍ୱାଇଁ ସନାତନ ଡନସେନା ସୋନପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ ୨୯୭/୨୩ରେ ଏକ ହତ୍ୟା ମାମଲା ରୁଜୁ କରିଛି। ପୋଲିସ ମୃତ ଶିକ୍ଷକଙ୍କ ସ୍ତ୍ରୀଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚୁରା କରୁଛି। ଲୋକନାଥଙ୍କ ଘର ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ କେଶଲପୁରା ଗ୍ରାମରେ। ସେ ଗାଁ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଗତ ୨୧ ତାରିଖ ସନ୍ଧ୍ୟାରୁ ସେ ଘରକୁ ଫେରି ନ ଥିଲେ। ରାତିରେ ଲୋକନାଥ ତାଙ୍କୁ କେହି ଜୀବନରେ ମାରି ଦେବାକୁ କହିଥିବା ଘରକୁ ଫୋନ କରି ଜଣାଇଥିଲେ। ତାଙ୍କ ମୋବାଇଲ ସୁଇଚ୍ ଅଫ ହେବାରୁ ଗ୍ରାମବାସୀ ଏ ସମ୍ପର୍କରେ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ଗୁରୁବାର ଅପରାହ୍ନରେ ତାଙ୍କ ମୃତଦେହ ମହାନଦୀ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ମୃତଦେହକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲୋକନାଥ ୧୦ ବର୍ଷ ପୂର୍ବରୁ ବିବାହ କରିଥିଲେ। ତାଙ୍କର ଝିଅ ଓ ପୁଅ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଗତ କିଛି ମାସ ପୂର୍ବରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବାରୁ ଦୁହେଁ ଅଲଗା ରହୁଥିଲେ। ସ୍ତ୍ରୀ ଘର ଭଡା ନେଇ ଅନ୍ୟତ୍ର ରହୁଥିଲା ବେଳେ ସ୍ୱାମୀ ଲୋକନାଥ ନିଜ ଗାଁରେ ରହୁଥିଲେ। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଏସଆଇ ଲମ୍ବୋଦର ଡାଙ୍ଗ କୁହନ୍ତି ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟକୁ ଆମେ ଅପେକ୍ଷା କରିଛୁ।

# ଦରମା ଏକ, ଆଶା ଅନେକ



ଆଜିର ଯୁବପିଢ଼ିଙ୍କ ସ୍ୱପ୍ନ ଆକାଶଛୁଆଁ, ଯେଉଁଥିପାଇଁ ଆବଶ୍ୟକ ପ୍ରଚୁର ଅର୍ଥ। ମାସିକ ଦରମାରେ ଯାହା ପୂରଣ କରିବା କଷ୍ଟ। ତେଣୁ ଅନେକେ ଜବ୍ ସହ ଅନ୍ୟାନ୍ୟ କାର୍ଯ୍ୟ କରୁଥିବା ବି ଦେଖାଯାଏ। ହେଲେ ଏହା ଯଦି ନିଜ କାର୍ଯ୍ୟ କିମ୍ବା କାର୍ଯ୍ୟାଳୟ ପ୍ରତି ଅବହେଳାର କାରଣ ସାଜେ, ତେବେ ଏଥିପାଇଁ କେବେ ପଦୋନ୍ନତି ସହ ଦରମା ବୃଦ୍ଧି ଅଟକିଯାଏ ତ ଆଉ କେବେ ହରାଇବାକୁ ହୋଇଥାଏ ଜବ୍। ତେଣୁ ଗୋଟିଏ ଜବ୍‌ରେ ଥାଇ ମଧ୍ୟ ଜଣେ ସ୍ମାର୍ଟ ଉପାୟରେ ନିଜ ସ୍ୱପ୍ନ ସାକାର କରିପାରିବେ...

**ଉଦ୍ୟମ କରନ୍ତୁ:** ଅଧିକ ରୋଜଗାର କରିବା ଲକ୍ଷ୍ୟ ଥିଲେ କେବଳ ସ୍ୱପ୍ନ ଦେଖିଲେ ଏହା ପୂରଣ ହୋଇଯିବ ନାହିଁ। ଏହାକୁ ସାକାର କରିବା ଲାଗି ସର୍ବଦା ନିଜ କର୍ମରେ ସଚ୍ଚୋଟ ହେବା ସହ ଉଦ୍ୟମ ଜାରି ରଖନ୍ତୁ।

**ହୁଅନ୍ତୁ ପ୍ରଥମ:** ନିଜ କର୍ମକ୍ଷେତ୍ରରେ ପ୍ରତ୍ୟେକ କାର୍ଯ୍ୟକୁ ସମୟ ପୂର୍ବରୁ କରିବାକୁ ଚେଷ୍ଟା କରନ୍ତୁ। କଷ୍ଟ ହେବ କିମ୍ବା କରି ନ ପାରିଲେ ଅପଦସ୍ଥ ହେବାକୁ ପଡ଼ିବ ଭାବି ଡରି ଯାଆନ୍ତୁ ନାହିଁ। ବରଂ ଯେକୌଣସି କାମ ଦିଆଗଲେ ସକାରାତ୍ମକ ଭାବେ ଏହାକୁ ଗ୍ରହଣ କରନ୍ତୁ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ଚେଷ୍ଟା କରନ୍ତୁ। କୌଣସି ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ଅନୁପସ୍ଥିତିରେ କିମ୍ବା ଜବ୍ ଛାଡ଼ିଥିବା କୌଣସି କର୍ମଚାରୀଙ୍କ ସ୍ଥାନରେ ତାଙ୍କ କାମ କରିବାକୁ ବି ପଛାନ୍ତୁ ନାହିଁ। ଆପଣଙ୍କର ଏହି କାର୍ଯ୍ୟକଳାପ ବସ୍‌ଙ୍କୁ ଖୁସି କରିବା ସହ ଆପଣଙ୍କ ପଦୋନ୍ନତିରେ ବେଶ୍ ସହାୟକ ହୋଇପାରିବ।

**ମଲ୍ଟି ଟାସ୍କିଂ ହେବା ଭଲ:** ଅଫିସ୍‌ରେ କେବଳ ନିର୍ଦ୍ଧାରିତ କାମରେ ନିଜକୁ ସୀମିତ ରଖନ୍ତୁ ନାହିଁ। ଏହାଦ୍ୱାରା କେବଳ ଗୋଟିଏ ଦିଗରେ ହିଁ ଦକ୍ଷତା ବୃଦ୍ଧି ପାଇବ। ନିଜ କାମରେ ବେଷ୍ଟ ଦେବା ସହ ଯଦି ଫାଙ୍କା ସମୟ ପାଆନ୍ତି, ତେବେ ଅନ୍ୟାନ୍ୟ କାର୍ଯ୍ୟରେ ଆଗ୍ରହ ଦେଖାନ୍ତୁ। ଦେଖିବେ, ଆପଣ ମଲ୍ଟି ଟାସ୍କିଂ ହୋଇ ଏକାଧିକ କ୍ଷେତ୍ରରେ ଦକ୍ଷତା ହାସଲ କରିପାରିବେ। ଫଳରେ ଧୀରେ ଧୀରେ ଏହା ଆପଣଙ୍କ ପ୍ରତି ସଭିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆପଣଙ୍କୁ ଜଣେ ଦକ୍ଷ କର୍ମଚାରୀର ପରିଚୟ ଦେବ ଏବଂ ଯଥାଶୀଘ୍ର ଦରମା ବୃଦ୍ଧିରେ ସାହାଯ୍ୟ କରିବ।

**ଟାର୍ଗେଟ୍ ପୂରଣ କରନ୍ତୁ:** ପ୍ରତ୍ୟେକ ଅଫିସ୍‌ରେ ବିଭିନ୍ନ କାମକୁ ନେଇ ଟାର୍ଗେଟ୍ ଏବଂ ଡେଡ୍‌ଲାଇନ୍ ରହିଥାଏ। ତେଣୁ ଡେଡ୍‌ଲାଇନ୍ ପୂର୍ବରୁ ଅଧିକରୁ ଅଧିକ ଟାର୍ଗେଟ୍ ପୂରଣ କରିବାକୁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କ କ୍ୟାରିୟର ବୁଷ୍ଟ କରିବାରେ ବେଶ୍ ସାହାଯ୍ୟ କରିବ।

**ଆତ୍ମପରିଚୟ ସୃଷ୍ଟି କରନ୍ତୁ:** ଗୋଟିଏ ଜବ୍‌ରେ ରହି ଯଦି ଇନ୍‌କ୍ରିମେଣ୍ଟ କିମ୍ବା ପ୍ରମୋଶନ୍ ଆଶା ରଖୁଛନ୍ତି, ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନୁଷ୍ଠାନରେ ଆପଣଙ୍କର ସକ୍ରିୟ ଯୋଗଦାନ। କାରଣ ଅନେକ କର୍ମଚାରୀ ଏମିତି ଅଛନ୍ତି, ଯେଉଁମାନେ କାମ ଜାଣିଥିଲେ ସୁଦ୍ଧା କେବଳ ନିଜ କାମ ବ୍ୟତୀତ ଆବଶ୍ୟକ ସମୟରେ ବି ଅଫିସ୍‌ର ଅନ୍ୟ କୌଣସି କାମରେ ଯୋଗଦାନ କରନ୍ତି ନାହିଁ। ଫଳସ୍ୱରୂପ ତାଙ୍କ ଭିତରେ କେତେ ପାରଦର୍ଶିତା ରହିଛି, ତା' ଲୋକଲୋଚନକୁ ଆସିପାରେ ନାହିଁ ଏବଂ ବର୍ଷ ବର୍ଷ ଧରି ତାଙ୍କ ପଦବୀ ସମାନ ହିଁ ରହିଥାଏ। ତେଣୁ ଯଦି ଆପଣଙ୍କର ବିଭିନ୍ନ କାମରେ ଦକ୍ଷତା ରହିଛି, ତେବେ ସୁଯୋଗ ମିଳିଲେ ନିଶ୍ଚୟ ଭାବେ ଏହା ପ୍ରଦର୍ଶନ କରନ୍ତୁ। ଏହା ନିଶ୍ଚିତ ଭାବେ ବସ୍‌ଙ୍କ ମନରେ ଆପଣଙ୍କ ପ୍ରତି ଭଲ ଭାବନା ଏବଂ ବିଶ୍ୱାସ ସୃଷ୍ଟି କରିବ, ଯାହାକି ଆପଣଙ୍କ କ୍ୟାରିୟର ପାଇଁ ଖୁବ୍ ଭଲ ସଂକେତ।

**ଲିଡରଶିପ୍ ନିଅନ୍ତୁ:** ଅଫିସ୍‌ରେ ଅନେକ କାମ ଏକା କରିବା କଷ୍ଟ। ତେଣୁ ଏକ ଟିମ୍ ବା ଗ୍ରୁପ୍ ଗଠନ କରାଯାଇଥାଏ। ତେଣୁ ସବୁବେଳେ ଏଭଳି ଟିମ୍‌ରେ ଲିଡରଶିପ୍ ନେବାକୁ ଚେଷ୍ଟା କରନ୍ତୁ ଏବଂ ସଭିଙ୍କ ଭିତରେ କାମକୁ ଏଭଳି ବାଣ୍ଟିଦିଅନ୍ତୁ, ଯେପରି ତାହା ଶୀଘ୍ର ଏବଂ ସଠିକ୍ ଭାବେ ସମାପ୍ତ ହୋଇପାରିବ। ଏପରି କରିବା ଦ୍ୱାରା ଧୀରେ ଧୀରେ ଆପଣଙ୍କ ଟିମ୍‌କୁ ବଡ଼ ବଡ଼ ପ୍ରୋଜେକ୍ଟ ଦେବା ପାଇଁ କମ୍ପାନିର ବିଶ୍ୱାସ ବଢ଼ିବ ଏବଂ ଇନ୍‌ସେଣ୍ଟିଭ୍, ବୋନସ୍ ଆଦି ସହିତ ଇନ୍‌କ୍ରିମେଣ୍ଟ ଶୀଘ୍ର ମିଳିପାରିବ।

**ବଢାନ୍ତୁ କ୍ୱାଲିଫିକେଶନ୍:** ଆପଣ ଯେଉଁ ପୋଷ୍ଟରେ କାର୍ଯ୍ୟ କରୁଛନ୍ତି ତା'ଠାରୁ ବଡ ପୋଷ୍ଟକୁ ଯାଇ ଅଧିକ ଦରମା ଆଶା ରଖୁଥିଲେ ପ୍ରଥମେ ନିଜର କ୍ୱାଲିଫିକେଶନ୍ ବଢାନ୍ତୁ। ଅଫିସ୍ କାମ ପରେ ସମୟ ବାହାର କରି ହାୟର ଷ୍ଟଡି କିମ୍ବା ବିଭିନ୍ନ ଶର୍ଟ ଟର୍ମ କୋର୍ସ କରନ୍ତୁ। ଏହାଦ୍ୱାରା ଗୋଟିଏ ଜବ୍‌ରେ ଥାଇ ସୁଦ୍ଧା ଇନ୍‌କ୍ରିମେଣ୍ଟ ପାଇ ପାରିବେ ଏବଂ ଆପଣଙ୍କର ଅଧିକ ରୋଜଗାର କରିବାର ସ୍ୱପ୍ନ ସାକାର ହୋଇପାରିବ।

**ଆକର୍ଷଣୀୟ ପର୍ସନାଲିଟି ସାଜନ୍ତୁ:** ନିଜ ପର୍ସନାଲିଟିକୁ ଏକ୍ସ୍‌ପ୍ରେସିଭ୍ କରିବାକୁ ଚେଷ୍ଟା କରନ୍ତୁ। କାମ ଭଲ କଲେ ପ୍ରଶଂସା ମିଳେ। ହେଲେ ଏଥିରେ ଅଧିକ ଖୁସି ହୋଇ ଆତ୍ମଗର୍ବ କରିବା କିମ୍ବା କାମରେ ଅବହେଳା କରିବା ଭଳି ଭୁଲ୍ ଆଦୌ କରନ୍ତୁ ନାହିଁ। ସବୁବେଳେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତୁ ଦେଖିବେ ଆପଣଙ୍କ କାମ ହିଁ ସବୁ ଆଶା ପୂରଣ କରିବାରେ ସାହାଯ୍ୟ କରିବ।







## ଏ ସପ୍ତାହର ପ୍ରଶ୍ନ

୧– ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଡ୍ରୋଲୋଜି ............ ଠାରେ ଅବସ୍ଥିତ ?
୨– ............. ମିନିଷ୍ଟ୍ରି ଦ୍ୱାରା 'ଓମେନ୍ ଫର୍ ୱାଟର, ୱାଟର ଫର୍ ଓମେନ୍' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି ?
୩– 'ଜେଡ୍‌ଇଭି'ର ଫୁଲ୍‌ଫର୍ମ ................. ?
୪– ....................... ହେଉଛି ମଣିଷକୃତ ପ୍ରଥମ ପ୍ଲାଷ୍ଟିକ୍ ?
୫– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟଗିରି .............. ?

## ଗତ ସପ୍ତାହର ଉତ୍ତର

୧ ସେ ନୋ ଟୁ କରପ୍ସନ୍, କମିଟ୍ ଟୁ ଦି ନେଶନ
୨ ଝାଡ଼ଖଣ୍ଡ
୩ ଦିଲ୍ଲୀ
୪ ୮୫% କ୍ଷୁଦ୍ରଚାଷୀ
୫ ଜୁଲାଇ ୨ ତାରିଖ

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ସୁନୀଲ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଦ୍ରୁତଗାମୀ ଜଳଜୀବ



୧– ମାର୍ଲିନ୍................ ୧୧୦କି.ମି. ପ୍ରତି ଘଣ୍ଟା
୨– ସ୍ୱୋର୍ଡଫିସ୍................ ୯୭ କି.ମି.ପ୍ରତି ଘଣ୍ଟା
୩– ମାକୋ ସାର୍କ................ ୭୪ କି.ମି.ପ୍ରତି ଘଣ୍ଟା
୪– ୟେଲୋଫିନ୍ ଟୁନା................ ୭୪କି.ମି.ପ୍ରତି ଘଣ୍ଟା
୫– ଫ୍ଲାଇଂ ଫିସ୍................ ୬୯ କି.ମି. ପ୍ରତି ଘଣ୍ଟା
୬– ବୋନ୍ ଫିସ୍................ ୬୪ କି.ମି. ପ୍ରତି ଘଣ୍ଟା
୭– ବୋନିଟୋ................ ୬୪ କି.ମି.ପ୍ରତି ଘଣ୍ଟା
୮– କିଲର୍ ହ୍ୱେଲ୍................ ୫୫ କି.ମି. ପ୍ରତି ଘଣ୍ଟା
୯– ବାରା କୁଡ଼ା................ ୨୭ କି.ମି. ପ୍ରତି ଘଣ୍ଟା
୧୦– ପାଇଲଟ୍ ହ୍ୱେଲ୍ ................ ୩୨ କି.ମି.ପ୍ରତି ଘଣ୍ଟା

## ଯୁଥ୍ ଆଲର୍ଟ

# କାନ ସଫା କରୁଥିଲେ

ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ କେବଳ ପ୍ରତିଦିନ ଗାଧୋଇବା ଯଥେଷ୍ଟ ନୁହେଁ। ତେଣୁ ପାଟି, ନାକ, ଆଖି ସହ କାନ ସଫା କରିବା ବି ଦରକାର। ହେଲେ ଆପଣ ଜାଣନ୍ତିକି କାନ ସଫା କରିବା ବେଳେ ସାମାନ୍ୟ ଅସାବଧାନତା କାନକୁ କ୍ଷତି ପହଞ୍ଚାଇବା ସହ ଶ୍ରବଣ ସମସ୍ୟାର କାରଣ ସାଜିପାରେ। ତେଣୁ କାନର ସୁରକ୍ଷା ପାଇଁ କେତୋଟି କଥା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...

- କାନର ପରଦା ଅଧିକ ସମ୍ବେଦନଶୀଳ। ତେଣୁ କାଠି କିମ୍ବା ଟାଣ ଜିନିଷ ଆଦୌ କାନରେ ପୂରାନ୍ତୁ ନାହିଁ। କାରଣ ଇୟରବଡ୍‌ର ନରମ ତୁଳା ମଧ୍ୟ ସେଠାରେ ବାଜିବାମାତ୍ରେ କ୍ଷତ ହେବାର ଆଶଙ୍କା ରହିଛି। ତେଣୁ କାନ ପୋଛିବା ଲାଗି କାନ ଭିତରେ ଇୟରବଡ୍‌କୁ ନ ରଗଡି ଧୀରେ ଧୀରେ ପୋଛନ୍ତୁ, ଯେପରି କାନ ଭିତରର ଚର୍ମ ବା ତ୍ୱଚା ରାମ୍ପି ହୋଇ କଷ୍ଟ ଅନୁଭବ ହେବ ନାହିଁ।
- ଇଅରବଡ୍‌ରେ କାନ ସଫା କରିବା ବେଳେ କେବେକେବେ ମଳି ବାହାରିବା ପରିବର୍ତ୍ତେ ଭିତରକୁ ଠେଲି ହୋଇଯାଇଥାଏ, ଯାହାକି ପରଦା ପାଖରେ ଜମା ହୋଇ କମ୍ ଶୁଭିବା କିମ୍ବା କାନ ଭିତରେ ହ୍ୱିସିଲ୍ ମାରିବା ଭଳି ଶୁଭିଥାଏ। ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ।
- କାନକୁ ସଫା ରଖିବା ଆଳରେ ଅଧିକ ଥର କିମ୍ବା ପ୍ରତିଦିନ ସଫା କରନ୍ତୁ ନାହିଁ। କାରଣ ଏପରି କରିବା ଦ୍ୱାରା ବାହାର ମଳି ଭିତରକୁ ଯିବାରେ ଅବରୋଧ କରିବା ଲାଗି କାନ ଭିତରେ ଥିବା ଅଠାଳିଆ ଅଂଶ ଛାଡ଼ିଯାଇଥାଏ ଏବଂ ଧୂଳି ସହଜରେ ଭିତରକୁ ଯାଇଥାଏ। ଫଳରେ ଇନ୍‌ଫେକ୍ସନ୍ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।
- କେବେକେବେ ଅଜାଣତରେ କାନ ଭିତରେ ଇୟରବଡ୍‌ରୁ କିଛି ତୁଳା ରହିଯାଇଥାଏ। ପରେ ଗାଧୋଇବା ଭୁଲରେ କାନ ଭିତରକୁ ପାଣି ପଶିଗଲେ ତୁଳା ତାହାକୁ ଶୋଷିନିଏ, ଫଳରେ ଫଙ୍ଗାଲ ଇନ୍‌ଫେକ୍ସନ ହୋଇ କାନ ଭିତରେ ଘା' ହେବା ସହ ବିନ୍ଧା ହୋଇଥାଏ।
- କେବେକେବେ କାନ ସଫା ବେଳେ ପରଦାରେ କ୍ଷତ ହୋଇ ରକ୍ତସ୍ରାବ ହେବା କିମ୍ବା ଫାଟିଯିବା ଭଳି ସମସ୍ୟା ଉପୁଜିଥାଏ, ଯାହାକି ନା କେବଳ କଷ୍ଟଦାୟକ ବରଂ ଏହି ସାମାନ୍ୟ ଅସତର୍କତା ଯୋଗୁ କେବେକେବେ ଶ୍ରବଣ ଶକ୍ତି ହରାଇବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରେ ନାହିଁ।
- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅପରିଷ୍କାର କାଠି, ପୁରୁଣା କିମ୍ବା ପୂର୍ବରୁ ବ୍ୟବହୃତ ଇଅରବଡ୍‌ରେ ଆଦୌ କାନ ସଫା କରନ୍ତୁ ନାହିଁ। ଏହାଦ୍ୱାରା ମଳି ଯାଇ କାନ ଭିତରେ ଇନ୍‌ଫେକ୍ସନ କରାଇଥାଏ।
- କାନ ସଫା କରିବା ଲାଗି ଏଣୁ ତେଣୁ ତେଲ ପକାନ୍ତୁ ନାହିଁ। କାନ ସଫା କରିବା ବେଳେ କୌଣସି ଅସୁବିଧା ହେଲେ ମନ ଇଚ୍ଛା ଇୟର ଡ୍ରପ୍ ନ ପକାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।



## ଜାଣନ୍ତୁ ଦୁନିଆ

# ରୁଦ୍ରାକ୍ଷ

ଆମ ଦେଶରେ ରୁଦ୍ରାକ୍ଷ ମାଳିକୁ ଏକ ଧାର୍ମିକ ପ୍ରତୀକ ଭାବେ ଗ୍ରହଣ କରାଯାଏ। ଏହାକୁ ପିନ୍ଧିଲେ ଏକ ସକାରାତ୍ମକ ଶକ୍ତି ମିଳିବା ସହ ବିଭିନ୍ନ ଶାରୀରିକ ସମସ୍ୟାରୁ ମଧ୍ୟ ଉପଶମ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଜାଣିବା ଏହି ମାଳି ସମ୍ପର୍କରେ କିଛି ରୋଚକ ତଥ୍ୟ...



- ରୁଦ୍ରାକ୍ଷ ଶବ୍ଦଟି ଦୁଇଟି ସଂସ୍କୃତ ଶବ୍ଦ ରୁଦ୍ର ଅର୍ଥାତ୍ ଶିବ ଏବଂ ଅକ୍ଷ ଅର୍ଥାତ୍ ଆଖି ଶବ୍ଦରୁ ଆସିଛି। କିମ୍ବଦନ୍ତୀ ଅନୁଯାୟୀ ଥରେ ମହାଦେବ ଧ୍ୟାନ କରୁଥିବା ସମୟରେ ତାଙ୍କ ଆଖିରୁ ଲୁହ ଝରିଥିଲା, ଯାହା ମାଟିରେ ପଡ଼ିବା ପରେ ରୁଦ୍ରାକ୍ଷ ଗଛ ଉଠିଥିଲା। ସେବେଠୁ ଏହାକୁ ମହାଦେବଙ୍କ ପ୍ରତୀକ ଭାବେ ଗ୍ରହଣ କରାଯାଇଛି।
- ମହାଦେବଙ୍କ ଗଳାରେ ଏହା ଶୋଭା ପାଉଥିବାରୁ ଏହାକୁ ଶିବଭକ୍ତମାନେ ହାତରେ ଏବଂ ଗଳାରେ ଧାରଣ କରିଥା'ନ୍ତି।
- ଏକ ମୁଖୀରୁ ଆରମ୍ଭ ହୋଇ ଚଉଦ ମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷ ବିଭିନ୍ନ ପ୍ରକାରର ରହିଛି। ପ୍ରତ୍ୟେକ ରୁଦ୍ରାକ୍ଷର ମହତ୍ତ୍ୱ ଏବଂ ଏହାକୁ ନେଇ ବୀଜମନ୍ତ୍ର ମଧ୍ୟ ଭିନ୍ନ ଭିନ୍ନ। ସେହିପରି ଆକାର ଅନୁଯାୟୀ ଏହାକୁ ୩ ପ୍ରକାରରେ ବିଭକ୍ତ କରାଯାଇଛି ଯଥା– ବଡ଼ ବା ଅଁଳା ଆକାରର, ମଧ୍ୟମ ବା କୋଳି ଆକାରର ଏବଂ କ୍ଷୁଦ୍ର ବା ଚଣା ଆକାରର। ଭକ୍ତମାନେ ନିଜ ପସନ୍ଦ ଆକାରର ରୁଦ୍ରାକ୍ଷ ଧାରଣ କରିଥା'ନ୍ତି।
- ରୁଦ୍ରାକ୍ଷକୁ ପୁରାତନ ଯୁଗରେ ମୁନି ଋଷିମାନେ ପୂଜା କରିବା ବ୍ୟତୀତ ଖାଦ୍ୟ ଏବଂ ପାନୀୟ ପଦାର୍ଥର ଶୁଦ୍ଧତା ପରୀକ୍ଷା କରିବାକୁ ବ୍ୟବହାର କରୁଥିଲେ। ସେମାନେ ଜଙ୍ଗଲରେ ବୁଲୁଥିବା ସମୟରେ କୌଣସି ସ୍ଥାନରୁ ପାଣି ପିଇବା ପୂର୍ବରୁ ଏହା ବିଷାକ୍ତ କି ନୁହେଁ ଜାଣିବା ଲାଗି ସେଥିରେ ରୁଦ୍ରାକ୍ଷ ବୁଡ଼ାଉଥିଲେ। ଯଦି କ୍ଲକ୍ ୱାଇଜ୍ ବୁଲିଲା ତେବେ ପାଣି ଶୁଦ୍ଧ ଏବଂ ଆଣ୍ଟି କ୍ଲକ୍ ୱାଇଜ୍ ବୁଲିଲେ ପାଣି ବିଷାକ୍ତ ବୋଲି ଜାଣିପାରୁଥିଲେ।



- ସାଧାରଣତଃ ୧୦୮ଟି ରୁଦ୍ରାକ୍ଷଯୁକ୍ତ ମାଳା ଲୋକ ପିନ୍ଧିଥା'ନ୍ତି। କେହି କେହି ଏହାଠାରୁ କମ୍ ବି ବ୍ୟବହାର କରିଥା'ନ୍ତି। ତେବେ ଗୋଟିଏ ମାଳାରେ ସର୍ବନିମ୍ନ ୮୪ଟି ରୁଦ୍ରାକ୍ଷ ରହିବା ଦରକାର।
- ଏହି ମାଳା ପିନ୍ଧିଲେ ଏହାର ସୁଫଳ ପାଇବା ଲାଗି ଆମିଷ ନ ଖାଇବା, ଘରଦ୍ୱାର ସଫା ରଖିବା, ନିଶା ସେବନଠୁ ଦୂରେଇ ରହିବା, ବଡ଼ଙ୍କୁ ସମ୍ମାନ ଦେବା ଭଳି ବିଭିନ୍ନ ଦିଗକୁ ନେଇ କେତେକ ନିୟମ ରହିଛି।
- କୁହାଯାଏ, ରୁଦ୍ରାକ୍ଷ ସବୁବେଳେ ଭଲପିନ୍ଧିବା ଦରକାର। ଅର୍ଥାତ୍ ଭଙ୍ଗା, ପୋକଖିଆ ରୁଦ୍ରାକ୍ଷ ପିନ୍ଧିବା ଠିକ୍ ନୁହେଁ। ହେଲେ ଏହାକୁ ପିନ୍ଧିବା ପୂର୍ବରୁ ଶିବଲିଙ୍ଗ ସହ ଏହାର ଅଭିଷେକ କରିବା ଦରକାର।
- ରୁଦ୍ରାକ୍ଷ ପିନ୍ଧିବା ଦ୍ୱାରା ଈଶ୍ୱରକୃପା ମିଳିଥାଏ ଏବଂ ସକାରାତ୍ମକ ଶକ୍ତି ମିଳିଥାଏ। କେବଳ ଏତିକି ନୁହେଁ, ଏହା ବିଭିନ୍ନ ଚର୍ମରୋଗ, ସ୍ନାୟୁ ରୋଗ, ରକ୍ତଚାପ ଆଦି ସମସ୍ୟା ବି ଦୂର କରିଥାଏ।





# ୩୩,୦୦୦କୋଟିରେ ପହଞ୍ଚିଛି ଗ୍ରାମୀଣ ବ୍ୟବସାୟ

ଭୁବନେଶ୍ୱର,୨୫।୧୧ (ଅଭୟ ଦାଶ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକ ଉତ୍ପାଦ ସଙ୍ଗଠନ (ଏଫ୍‌ପିଓ) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ମାଧ୍ୟମରେ ଦେଶର କୃଷକ, ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବାର ଦାୟିତ୍ୱ ନେଇଛନ୍ତି ବୋଲି ଶନିବାର ନାବାର୍ଡ ପକ୍ଷରୁ ଆୟୋଜିତ 'ଷ୍ଟେଟ୍ ଲେଭଲ କନ୍‌କ୍ଳେଭ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନାବାର୍ଡ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଏଫ୍‌ପିଓ ଓ ଏସ୍‌ଏଚ୍‌ଜିଙ୍କର ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ସଶକ୍ତୀକରଣ କରିବା ଲକ୍ଷ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନ ଏହା କହିଛନ୍ତି। ଆମ ଦେଶର ଗ୍ରାମୀଣ ବିକାଶ ଏବଂ ସଶକ୍ତୀକରଣରେ ନାବାର୍ଡର ବିଶେଷ ଭୂମିକା ରହିଆସିଛି। ଏପରିକି ଓଡ଼ିଶାର ଗ୍ରାମାଞ୍ଚଳରେ ଆର୍ଥିକ ବ୍ୟବସାୟ ପାଇଁ ୨୦୧୪ରେ ୧୩,୦୦୦ କୋଟି ଟଙ୍କା ବ୍ୟୟବରାଦ ହେଉଥିବା ବେଳେ ୨୦୨୩ରେ ଉକ୍ତ ଆର୍ଥିକ ପ୍ରବନ୍ଧନ ଅଢେଇ ଗୁଣା ବୃଦ୍ଧି ପାଇ ୩୩,୦୦୦କୋଟି ଟଙ୍କାରେ ପହଞ୍ଚିଛି। ବିଶେଷକରି ଏଫ୍‌ପିଓ ଏବଂ ଏସ୍‌ଏଚ୍‌ଜିଙ୍କୁ କମ୍ ସୁଧରେ ତଥା ନାମକୁ ମାତ୍ର ଋଣ ପ୍ରଦାନ କରିବା ବହୁତ ସହଜ ହୋଇଛି। କେନ୍ଦ୍ର ସରକାର ଏସ୍‌ଏଚ୍‌ଜିମାନଙ୍କୁ ୧୧% ସୁଧରେ ଋଣ ଦେଉଥିବା ବେଳେ ଉକ୍ତ ଋଣର ୭% କେନ୍ଦ୍ର ସରକାର ପରିଶୋଧ କରୁଥିବା ବେଳେ ରାଜ୍ୟ ସରକାର ୪% ସୁଧ ପରିଶୋଧ କରୁଛନ୍ତି। ଅପରପକ୍ଷରେ ଋଣ ନେଉଥିବା ଏସ୍‌ଏଚ୍‌ଜି ଗ୍ରୁପ୍‌ଗୁଡ଼ିକ ବ୍ୟବସାୟକୁ ବଢାଇ ସ୍ୱାବଲମ୍ବୀ ହେବା ପାଇଁ ଋଣ ଅର୍ଥ ଉପଯୋଗ କରିବା ପାଇଁ ପ୍ରଧାନ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାରରେ ଗରିବ, ମହିଳା, ଚାଷୀ ପ୍ରାଥମିକତାରେ ଅଛନ୍ତି। ଓଡ଼ିଶାରେ ପ୍ରତି ବର୍ଷ ୩୩ଲକ୍ଷ ଚାଷୀଙ୍କ ପରିବାରକୁ ପିଏମ୍ କିଷାନ ସମ୍ମାନ ନିଧିରେ ୬ ହଜାର ଟଙ୍କା ଲେଖାଏ ଦିଆଯାଉଛି। ଫସଲ ବୀମା ବାବଦରେ ୫ହଜାର କୋଟି ମିଳୁଛି। ଏହି ଅବସରରେ ଏଫ୍‌ପିଓ ତଥା ଏସ୍‌ଏଚ୍‌ଜିର ମାଆ ଭଉଣୀମାନଙ୍କୁ ସେମାନଙ୍କର ବ୍ୟବସାୟ ବଢ଼ାଇବା ପାଇଁ ପ୍ରଧାନ ନାବାର୍ଡ ପକ୍ଷରୁ ଋଣ ପ୍ରଦାନ କରିଥିଲେ।




**ଏଫ୍‌ପିଓ ଏବଂ ଏସ୍‌ଏଚ୍‌ଜିଙ୍କ ଦକ୍ଷତା ବୃଦ୍ଧି ପାଇଁ ନାବାର୍ଡର ରାଜ୍ୟସ୍ତରୀୟ ସମ୍ମିଳନୀ**

# ବିଜିୟୁର ୬ଷ୍ଠ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୨୫।୧୧

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ୬ଷ୍ଠ ସମାବର୍ତ୍ତନ ଉତ୍ସବ ଶନିବାର ବିଶ୍ୱବିଦ୍ୟାଳୟର ଭୁବନେଶ୍ୱର କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ବିଜିୟୁର ୨୦୨୧-୨୩ ବ୍ୟାଚ୍‌ର ସ୍ନାତକୋତ୍ତର ଏବଂ ୨୦୨୦-୨୩ ବ୍ୟାଚ୍‌ର ସ୍ନାତକ ଛାତ୍ରୀଛାତ୍ରମାନଙ୍କ ପାଇଁ ଉକ୍ତ ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଜିୟୁର ମ୍ୟାନେଜମେଣ୍ଟ, କମ୍ୟୁନିକେଶନ, କମର୍ସ, ସୋସିଆଲ ସାଇନ୍ସ ଏବଂ ଲ'ବିଭାଗର କୃତୀ ଛାତ୍ରୀଛାତ୍ରମାନଙ୍କୁ ଡିଗ୍ରୀ ଏବଂ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲାବେଳେ ମହିନ୍ଦ୍ରା ଡିଫେନ୍ସ ଆଣ୍ଡ୍ ଏରୋସ୍ପେସ୍‌ର ଅଧ୍ୟକ୍ଷ ପ୍ରକାଶ ଶୁକ୍ଲା ଏବଂ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ସମ୍ମାନଜନକ ଡି. ଲିଟ୍ ଉପାଧି ପ୍ରଦାନ କରାଯାଇଛି। ସେହିଭଳି ବିର୍ଲା ଏକାଡେମି ଅଫ୍ ଆର୍ଟ ଆଣ୍ଡ୍ କଲ୍‌ଚର ଏବଂ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଅଧ୍ୟକ୍ଷା ଜୟଶ୍ରୀ ମୋହତା ସମାବର୍ତ୍ତନ ଉତ୍ସବରେ ସଭାପତିତ୍ୱ କରିଥିଲେ। ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁକ୍ଲା ଅଭିନନ୍ଦନ ଜଣାଇବା ସହ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ମଧ୍ୟରେ ଆବଶ୍ୟକ ହେଉଥିବା ସନ୍ତୁଳନକୁ ବଜାୟ ରଖିବା ଉପରେ ଶୁକ୍ଲା ଗୁରୁତ୍ୱାରୋପ କରିଥିଲେ। ଏପରିକି ଏକ ଟିମ୍ ମଧ୍ୟରେ କାର୍ଯ୍ୟ କରିବାର ପ୍ରାଧାନ୍ୟକୁ ଜଣେ ଅନୁଭବ କରିବା ସହ ସଂସ୍ଥାର ନିର୍ଭରଯୋଗ୍ୟ ବ୍ୟକ୍ତି ରୂପେ ପାରଦର୍ଶିତା ଲାଭ କରିବା ଉଚିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ବିଜିୟୁର ଭିସି ପ୍ରଫେସର ପି.ପି.ମାଥୁର ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ସହ ବିଶ୍ୱବିଦ୍ୟାଳୟର ସଫଳତା ଆଦି ବିଷୟରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ବିଜିୟୁର ବୋର୍ଡ ଅଫ୍ ଗଭର୍ନର୍ସ ଏବଂ ବୋର୍ଡ ଅଫ୍ ମ୍ୟାନେଜମେଣ୍ଟର ସଦସ୍ୟ, ଫାକଲ୍ଟି, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

**ରାଜ୍ୟ ଖବର**

# 'କୌଣସି କାମ ମନୋବଳଠାରୁ ବଡ଼ ନୁହେଁ'




ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ, ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୫।୧୧(ଅସମାପିକା ସାହୁ)

ଯୁବଶକ୍ତି ହେଉଛି ଏକବିଂଶ ଶତାବ୍ଦୀର ଭାରତ ବିକାଶର ପ୍ରେରଣାର ଉତ୍ସ। ଯୁବଗୋଷ୍ଠୀଙ୍କ ନିକଟରେ ସର୍ଜନା ଓ ପରିକଳ୍ପନା, ନିଷ୍ପତ୍ତି ନେବାର ଶକ୍ତି ଏବଂ କାମ କରିବାର ଜିଦ୍ ରହିଛି। ଏହି ତିନୋଟି ଯାହା ନିକଟରେ ରହିଛି, ସେ ସବୁ କାମରେ ସଫଳତା ହାସଲ କରିଥାଏ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶନିବାର କିସ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ଗୁରୁତ୍ୱ ସବୁଠୁ ଉପରେ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ କହିଥିଲେ, କୌଣସି କାମ ମନୋବଳଠାରୁ ବଡ଼ ନୁହେଁ। ଯଦି ନିଜ ଭିତରେ ଦୃଢ଼ ମନୋବଳ ଓ ପ୍ରବଳ ଇଚ୍ଛାଶକ୍ତି ରହିଛି, ତେବେ ଯେ କୌଣସି କାମରେ ସଫଳତା ହାସଲ କରିହେବ।

**କିସ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ**

- **ବିଶ୍ୱଭୂଷଣ ହରିଚନ୍ଦନ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କୁ ଡକ୍ଟରେଟ୍ ଡିଗ୍ରୀ**
- **ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପଦକ, ୩୦୨ଜଣଙ୍କୁ ମିଳିଲା ଡିଗ୍ରୀ ସାର୍ଟିଫିକେଟ**

ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ଦେଇ ନୀତି ଆୟୋଗର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ ଜ୍ଞାନକୁ ସମାଜ ଓ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ଗ୍ରହଣ କରି କହିଲେ, ସମାଜର ଅବହେଳିତ, ଦଳିତ ଓ ନିଷ୍ପେଷିତଙ୍କ ପାଇଁ ଛାତ୍ରୀଛାତ୍ରଙ୍କର ଗୁରୁ ଦାୟିତ୍ୱ ରହିଛି। ସେଥିପାଇଁ ସେମାନଙ୍କ ନିକଟରେ ସବୁବେଳେ ଠିଆ ହୋଇ ସହଯୋଗର ହାତ ବଢ଼ାଇବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଋଷିକେଶ ପରମାର୍ଥ ନିକେତନ ଆଶ୍ରମର ଅଧ୍ୟକ୍ଷ ତଥା ଆଧ୍ୟାତ୍ମିକ ମୁଖ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଡକ୍ଟରେଟ୍ ଡିଗ୍ରୀ ଗ୍ରହଣ କରି କହିଲେ, ଛାତ୍ରୀଛାତ୍ର ମେଡାଲ ଜିତନ୍ତୁ, ସମସ୍ତଙ୍କ ପାଇଁ ମଡେଲ ହୁଅନ୍ତୁ। ସିଙ୍ଗାପୁର ମନିଟାରି ଅଥରିଟିର ମୁଖ୍ୟ ଫିନ୍‌ଟେକ୍ ଅଫିସର ତଥା ସିଙ୍ଗାପୁର ବୋର୍ଡ ଅଫ୍ ଇଲେଭାଣ୍ଟିର ଅଧ୍ୟକ୍ଷ ସ୍ୱପ୍ନେନ୍ଦୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାରତୀୟ ସଙ୍ଗୀତଜ୍ଞ ତଥା ତିନିଥର ଗ୍ରାମୀ ପୁରସ୍କାର ବିଜେତା ରିକି କେଜ୍ ଯୋଗଦେଇଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣପଦକ, କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ୩୦୨ ସ୍ନାତକୋତ୍ତର, ଏମ୍‌ଫିଲ୍, ପିଏଚ୍.ଡି. ଡିଗ୍ରୀରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଉତ୍ସବରେ କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ସତ୍ୟ ଏସ୍. ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ କୁଳପତି ପ୍ରଫେସର ଦୀପକ କୁମାର ବେହେରା ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ ଓ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର୍. ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରେଭେନ୍ସାକୁ ଏ++

କଟକ,୨୫।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡେଶନ କାଉନସିଲ (ନାକ୍) ପକ୍ଷରୁ ଏ ++ ମାନ୍ୟତା ପ୍ରଦାନ କରାଯାଇଛି। ରାଜ୍ୟର ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ରେଭେନ୍ସା ଏହି ମାନ୍ୟତା ପାଇଛି। ୨୦୧୬ରେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ପ୍ରଥମ ଥର ନାକ୍ ଟିମ୍ ପରିଦର୍ଶନ କରିବା ପରେ 'ଏ' ମାନ୍ୟତା ମିଳିଥିଲା। ଚଳିତବର୍ଷ ନାକ୍ ଟିମ୍ ଅନୁଧ୍ୟାନ କରିବା ପରେ 'ଏ++' ମାନ୍ୟତା ମିଳିପାରିଛି।

ସୂଚନାଯୋଗ୍ୟ, ଗତ ୨୦ରୁ ୨୨ତାରିଖ ୩ ଦିନ ଧରି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନାକ୍ ଟିମ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟ ଯାଞ୍ଚ କରାଯାଇଥିଲା। ନାକ୍ ଟିମ୍‌ର ଅଧ୍ୟକ୍ଷ ପ୍ରଫେସର ଦୀପକ କୁମାର ଶର୍ମା, କୋଅର୍ଡିନେଟର ପ୍ରଫେସର ବିଜୟ ଫୁଲାରୀ, ସଦସ୍ୟ ପ୍ରଫେସର ଅରିନ୍ଦମ ଗୁପ୍ତା, ପ୍ରଫେସର ଏସ୍‌ଆର ଜ୍ୟୋତି କିସ୍‌ପୋଟ୍ଟା, ପ୍ରଫେସର ମୈଥିଳୀ କେଥାଭାରପୁ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗ ବୁଲିବା ସହ ଯାଞ୍ଚ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ, ଏକାଡେମିକ୍ ବ୍ଲକ, ଲାଇବ୍ରେରୀ, ହଷ୍ଟେଲ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ଯାଞ୍ଚ କରିଥିଲେ। ସେହିପରି ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ୨୨ତାରିଖରେ ଅନୁଧ୍ୟାନ ପରେ ନାକ୍ ଟିମ୍ ଅଧ୍ୟକ୍ଷ ଦୀପକ ଶର୍ମା କୁଳପତି ସଞ୍ଜୟ ନାୟକଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଗୁରୁବାର ୟୁଜିସି ପକ୍ଷରୁ 'ଏ++' ଗ୍ରେଡ୍ ଘୋଷଣା କରାଯାଇଛି। ମୋଟ ୪ ପଏଣ୍ଟରୁ ରେଭେନ୍ସାକୁ ୩.୫୮ ପଏଣ୍ଟ ମିଳିଛି। ପୂର୍ବରୁ ୨୦୧୬ରେ ନାକ୍ ପକ୍ଷରୁ କରାଯାଇଥିବା ସର୍ଭେରେ ୩.୧୧ ପଏଣ୍ଟ ସହ ମାନ୍ୟତା ମିଳିଥିଲା। ଶନିବାର 'ଏ++' ନାକ୍ ମାନ୍ୟତା ମିଳିବାପରେ ବିଶ୍ୱବିଦ୍ୟାଳୟ ପରିସରରେ ଖୁସିର ଲହରି ଖେଳିଯାଇଛି। ଭିତ୍ତିଭୂମି, ଗବେଷଣା, ନିଯୁକ୍ତି ସୁଯୋଗ ଆଦିରେ ଉନ୍ନତମାନର ସୁବିଧା ଥିବାରୁ ସବୁ କ୍ଷେତ୍ରରେ ରେଭେନ୍ସାକୁ ଭଲ ପଏଣ୍ଟ ମିଳିଛି। ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଛି। କୁଳପତି ଏବଂ ଅନ୍ୟ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ରମାନେ ବାଜା ବଜାଇ ଖୁସି ମନାଇଛନ୍ତି। ଏନେଇ ପିଜି କାଉନ୍‌ସିଲ୍ ଚେୟାରମ୍ୟାନ ଲୁସି ସାମନ୍ତ କହିଛନ୍ତି, ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ ଭାବରେ ରେଭେନ୍ସାକୁ ଏ++ ମାନ୍ୟତା ମିଳିଛି। ଏହା କେବଳ ରେଭେନ୍ସା ପାଇଁ ନୁହେଁ ବରଂ ଓଡ଼ିଶାବାସୀଙ୍କ ଲାଗି ଖୁସିର ବିଷୟ। ୨୦୧୬ରେ ଆମକୁ ନାକ୍ 'ଏ' ମାନ୍ୟତା ମିଳିଥିଲା। କୋଭିଡ୍ ସମୟରେ ସମସ୍ତ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା। ଏହା ସତ୍ତ୍ୱେ ବିଶ୍ୱବିଦ୍ୟାଳୟରେ ସବୁ କ୍ଷେତ୍ରରେ ସୁଧାର ଆସିଥିବାରୁ ଆମକୁ 'ଏ++' ମାନ୍ୟତା ମିଳିଥିବାରୁ ସମସ୍ତେ ଗୌରାବନ୍ୱିତ ମନେ କରୁଛୁ ବୋଲି ସାମନ୍ତ କହିଛନ୍ତି।




- **୨୦୧୬ରେ ମିଳିଥିଲା ନାକ୍ ମାନ୍ୟତା**
- **ରାଜ୍ୟର ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ**

# କନ୍ଧମାଳର ଝିଅ କ୍ରିଷ୍ଣା ପାଇଲେ ସ୍ୱର୍ଣ୍ଣପଦକ



ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ ଅବସରରେ କ୍ରିଷ୍ଣା।

ଘଣ୍ଟାପଡ଼ା,୨୫।୧୧(ପ୍ରଭାତ କୁମାର ସାହୁ)

ସମ୍ବଲପୁର ଜିଲା ବୁର୍ଲା ଭିସୁଟ୍‌ର ୧୫ ତମ ସମାବର୍ତ୍ତନ ଉତ୍ସବ ଅବସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା କନ୍ଧମାଳ ଅଞ୍ଚଳର ଝିଅ କ୍ରିଷ୍ଣା ମହାପାତ୍ର ସ୍ନାତକୋତ୍ତରରେ ବିଶ୍ୱବିଦ୍ୟାଳୟ ଟପ୍ପର ଭାବେ ସ୍ୱର୍ଣ୍ଣ ପଦକ ପାଇ ବୌଦ୍ଧ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। କ୍ରିଷ୍ଣା ହେଉଛନ୍ତି କନ୍ଧମାଳ ହାଇସ୍କୁଲରେ କାର୍ଯ୍ୟରତ ତଥା ଶ୍ରୀରାମ ମନ୍ଦିରର ପୂଜକ ରଘୁନାଥ ମହାପାତ୍ରଙ୍କ ଝିଅ। ପିଲାଦିନରୁ ଜଣେ ମେଧାବୀ ଛାତ୍ରୀ ଭାବେ ଜଣାଶୁଣା କ୍ରିଷ୍ଣା କନ୍ଧମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ମାଟ୍ରିକ ପାସ୍ କରି ଆଉ ପଛକୁ ଫେରିନାହାନ୍ତି। ସେ ସୋନପୁରର ସୁକାନ୍ତି ଏକାଡେମୀ ଆବାସିକ ମହାବିଦ୍ୟାଳୟରୁ ବିଜ୍ଞାନରେ ଯୁକ୍ତ ଦୁଇ ଓ ପରେ ଫିଜିକ୍ସ ଅନର୍ସରେ ସେହି କଲେଜରୁ କଲେଜ ଟପ୍ପର ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ। ସୁକାନ୍ତି ଏକାଡେମୀରୁ ଡିଗ୍ରୀ ପାସ୍ ପରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରୁ ଫିଜିକ୍ସରେ ଟପ୍ପର ହୋଇ ନିକଟରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସ୍ୱର୍ଣ୍ଣ ପଦକରେ ସମ୍ମାନିତ ହୋଇଛନ୍ତି। ସ୍ୱର୍ଣ୍ଣପଦକ ପାଇ ସେ ନିଜକୁ ଗୌରବାନ୍ୱିତ ମନେ କରିଛନ୍ତି। ମାଆ ବାପାଙ୍କ ପ୍ରେରଣା, ଅଧ୍ୟାପକ, ପ୍ରଫେସର ଏବଂ ଗୁରୁଜନଙ୍କ ଆଶୀର୍ବାଦରୁ ସେ ଏହି ସଫଳତା ପାଇଥିବା କହିଛନ୍ତି। ଆଗକୁ ଓଡିଶା ପ୍ରଶାସନିକ ଅଧିକାରୀ ହେବା ତାଙ୍କର ଲକ୍ଷ୍ୟ ବୋଲି ସେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। କ୍ରିଷ୍ଣା ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣପଦକ ଗ୍ରହଣ କରିବା ଖବର ପ୍ରଚାରିତ ହେବା ପରେ ବୌଦ୍ଧ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ପ୍ରଶାସନ, ସାଙ୍ଗ ଏବଂ ଶୁଭେଚ୍ଛୁମାନଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

**ବୁର୍ଲା ଭିସୁଟ୍‌ର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ**

# ଫସିଥିବା ଶ୍ରମିକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ପ୍ରାର୍ଥନା

ସୁନ୍ଦରଗଡ଼,୨୫।୧୧(ଜୟ ନାରାୟଣ ମେଣ୍ଟୁଲି)

ଉତ୍ତରାଖଣ୍ଡ ଉତ୍ତରକାଶୀଠାରେ ଟନେଲରେ ଫସିଥିବା ୪୧ ଜଣ ଶ୍ରମିକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ଶନିବାର ସନ୍ଧ୍ୟାରେ ଭେଡ଼ାବାହାଲ କଲେଜ ଛକଠାରେ ଭାଜପା ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ଚନ୍ଦ୍ରଭାନୁ ଜୁରାଙ୍କ ନେତୃତ୍ୱରେ ଶତାଧିକ ଯୁବକ କ୍ୟାଣ୍ଡେଲ୍ ଜଳାଇ ପ୍ରାର୍ଥନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶୁଭମ୍ ବାରିକ, ରୁପେଶ ନାଏକ, ଶୁଭେନ୍ଦୁ ନାଏକ, ରଜତ ନାଏକ, ସୀତାରାମ ହାତୀ, ଆକାଶ ପଟେଲ, ହରି ଗଉଡ, ରାଜ ମହାନନ୍ଦିଆ, ଲିଙ୍କନ ପ୍ରଧାନ, ରିତିକ ନାଏକ, ରଞ୍ଜିତ ନାଏକ, ବଷ୍ଟି ତାଜନ, ପ୍ରମୋଦ ତାଜନ, ପୁରୁଷୋତ୍ତମ କର୍ସେଲ, ହିମାଂଶୁ ନାଏକଙ୍କ ସମେତ ଶତାଧିକ ଯୁବକ ଉପସ୍ଥିତ ଥିଲେ।

# ୨୨୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଅମରପାଲି,୨୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଫୁଲାସ୍ଥିତ ମାହେଶ୍ୱରୀ ଉଚ୍ଚ ବିଦ୍ୟାପୀଠରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଜ୍ଞାନ ମେଳାରେ ୨୨୨ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଶିକ୍ଷାବିତ ଶ୍ରୀଧର ବାଗ ଯୋଗ ଦେଇଥିଲେ। ବାଗବର ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ ସଭା ପରିଚାଳନା କରିଥିଲେ। ଶ୍ରେଷ୍ଠ ବିବେଚିତ ୧୬ଟି ପ୍ରକଳ୍ପକୁ ଜିଲାସ୍ତରରେ ଭାଗ ନେବାକୁ ଚୟନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଂଶଗ୍ରହଣ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ସ୍ୱୟମ୍ଭୁନାଥ ଖଣ୍ଡଗିରି, ସଭାପତି ଗୁପ୍ତେଶ୍ୱର ଅମାତ, ସ୍ଥାନୀୟ ସରପଞ୍ଚ ଶ୍ରୀୟା କର୍ମୀ, ବ୍ଲକ ବିଜ୍ଞାନ ସଂଯୋଜକ ଗୌରୀ ଶଙ୍କର ପୂଜାହାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଅଭିମନ୍ୟୁ ବଗର୍ତ୍ତି ସଭା ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟ ସ୍ତର ସୁରଭିରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ବିଶ୍ୱରୂପା ସାହୁ, ଶୁଭମ ମେହେର, ଗୁରୁ ହୃଷିକେଶ ଦାସଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ମନୀଷ କୁମାର ପଣ୍ଡା, ହେମଲତା ମଲ୍ଲିକ, କେଶବ କୁମାର ଦାଶ, ଦେବାନନ୍ଦ ପଧାନ ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ସମ୍ପାଦକ ସଚ୍ଚିଦାନନ୍ଦ ବେହେରାଙ୍କ ସମେତ ବ୍ଲକର ସମସ୍ତ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ବିଚାରକମାନେ ପ୍ରକଳ୍ପର ମୂଲ୍ୟାଙ୍କନ କରୁଛନ୍ତି।

**ଉଫୁଲା ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା**

# ବିକଶିତ ଭାରତ ସଂକଳ୍ପ ଯାତ୍ରା

ସୋନପୁର,୨୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ଶନିବାର ଆରମ୍ଭ ହୋଇଛି। ଉଲୁଣ୍ଡା ବ୍ଲକର ମୁଣ୍ଡୋଘାଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ଯୋଗଦାନ କରି ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ୨୦ ଗୋଟି ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ୧୨ଜଣ ହିତାଧିକାରୀଙ୍କୁ ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରା ଯାଇଥିଲା। ରାଷ୍ଟ୍ରର ବିକାଶ ଓ ସଂହତିକୁ ନେଇ ଏକ ସାମୂହିକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଏକ ସ୍ୱତନ୍ତ୍ର ଭ୍ୟାନ୍‌ରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳତାର ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ସେହିପରି ଭ୍ୟାନ୍ ଯୋଗେ ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ ପ୍ରସାରିତ ହୋଇଥିଲା। ମୁଣ୍ଡୋଘାଟ ସରପଞ୍ଚ କେଶନ ଜଗଦଲାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରିସ୍ମା ବେଗ୍ରା ଯୋଗଦେଇ କେନ୍ଦ୍ର ସରକାରଙ୍କ ଫ୍ଲାଗସିପ୍ ଯୋଜନାର ଲାଭ ନେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଜଳ ଜୀବନ ମିଶନ, ଆୟୁଷ୍ମାନ ଭାରତ ଯୋଜନା, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଗରିବୀ କଲ୍ୟାଣ ଯୋଜନା, ପିଏମ୍ ଆବାସ, ପିଏମ୍ ପ୍ରଣାମ ଯୋଜନା ଓ ୟୁରିଆ ସାର ସବ୍‌ସିଡି ଆଦି ଯୋଜନା ସମ୍ବନ୍ଧରେ ସାଧାରଣ ଜନତାକୁ ସଚେତନ କରାଯାଇଥିଲା। ବିକଶିତ ଭାରତ ସଙ୍କଳ୍ପ ଯାତ୍ରାରେ ସାମିଲ ହୋଇଥିବା ହିତାଧିକାରୀ ମିତା ଛନ୍ଦ, ସୀମାଞ୍ଜଳି ଜଗଦଲା ପ୍ରମୁଖ ଗ୍ରାମୀଣ ମହିଳା ସରକାରଙ୍କ ଯୋଜନା ଉପରେ ମତ ରଖିଥିଲେ। ଶିଶୁ କଳାକାରମାନେ ଲୋକ ନୃତ୍ୟ ପରିବେଷଣ କରିଥିଲେ। ଆସନ୍ତା ଜାନୁୟାରୀ ୧୯ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ୧୦୯ ଗ୍ରାମ ପଞ୍ଚାୟତରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଜଣାପଡିଛି।




ବିକାଶ, ସଂହତିକୁ ନେଇ ଅଧିକାରୀ ଓ ଲୋକପ୍ରତିନିଧି ସାମୂହିକ ଶପଥ ପାଠ କରୁଛନ୍ତି।

**ଦିଗନ୍ତଜ୍ୟୋତି ବିଜେଡି ଢେଙ୍କାନାଳ ଜିଲା ସାଧାରଣ ସମ୍ପାଦକ**

ଭୁବନେଶ୍ୱର,(ଅନୀଲ ଦାସ): ଢେଙ୍କାନାଳ ଜିଲା ବିଜେଡି କମିଟି କର୍ମକର୍ତ୍ତା ନିଯୁକ୍ତିରେ କେତେକ ସଂଶୋଧନ କରାଯାଇଛି । ଶନିବାର ଏ ନେଇ ବିଜେଡି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଶିଶିର କୁମାର ବେହେରାଙ୍କ ସ୍ଥାନରେ ଦିଗନ୍ତଜ୍ୟୋତି ପଟ୍ଟନାୟକଙ୍କୁ ବିଜେଡି ଢେଙ୍କାନାଳ ଜିଲା କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଥିବା ବେଳେ କାମାକ୍ଷା ନଗର ବ୍ଲକ ସଭାପତି ଲଳିତ ସାହୁଙ୍କ ସ୍ଥାନରେ ପ୍ରଭାସ ରଞ୍ଜନ ମିଶ୍ରଙ୍କୁ ନିଯୁକ୍ତି ଦେଇଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଆଦିଦେବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ସ୍ୱାଭିମାନର ସହ ଯୁବ ସମାଜ ସ୍ୱାବଲମ୍ବୀ ହେଉ: ଧର୍ମେନ୍ଦ୍ର

## ରାଜ୍ୟସ୍ତରୀୟ ଯୁବ ମହୋତ୍ସବ-୨୦୨୩ ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୧୧(ଅନୀଲ ଦାସ)

ଓଡ଼ିଆ ଯୁବ ସମାଜର ଆବଶ୍ୟକତା ହେଉଛି ସମ୍ମାନ ଓ ସ୍ୱାଭିମାନର ସହ ସ୍ୱାବଲମ୍ବୀ ହେବା। ଏଥିପାଇଁ ପରିଶ୍ରମ କରିବା ଦରକାର। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ-୨୦୨୩କୁ ଶନିବାର ଉଦ୍‌ଘାଟନକରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଆମର ଜାତି, ଭାଷାକୁ ଅକ୍ଷୁର୍ଣ୍ଣ ରଖିବା ଭଳି ଭାବନା ଯୁବକଙ୍କ ମନରେ ତିଆରି କରିବାକୁ ପଡ଼ିବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଆରମ୍ଭ ହୋଇଥିବା 'ମାଇଁ ଭାରତ' ସଂଗଠନ ବିକଶିତ ଭାରତର ନିର୍ମାଣରେ ଯୁବଶକ୍ତିଙ୍କୁ ଏକଜୁଟ କରିବାର ବଡ଼ ସୁଯୋଗ ଦେଇଛି ।

ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଯୁବତୀ ଯୁବକଙ୍କୁ ବିକଶିତ ଭାରତ ପାଇଁ ପଞ୍ଚପ୍ରାଣର ସଂକଳ୍ପ ପାଠ କରାଇଥିଲେ । ଏଥିସହ ସେ କହିଛନ୍ତି, ଆଜିର ଯୁବପିଢ଼ିଙ୍କ କାନ୍ଧରେ ହିଁ ଦେଶ ଚରମ ବୈଭବକୁ ପହଞ୍ଚିବ । ଏଥିଲାଗି ଦାସତ୍ୱ ଓ ବିଦେଶୀ ମାନସିକତାକୁ ଦୂର କରିବାକୁ ହେବ। ଦେଶର କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରିବାକୁ ହେବ । ନାଗରିକ ଭାବେ କେବଳ ଅଧିକାର ନୁହେଁ ବରଂ ସମାଜର କର୍ତ୍ତବ୍ୟ ଓ ଦାୟିତ୍ୱ ନେବାକୁ ପଡ଼ିବ । ଚାକିରି କରିବା ପାଇଁ ନୁହେଁ, ଚାକିରି ଦେବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ସେ କହିଛନ୍ତି, ଏବେ ସାଧାରଣ ପରିବାରର ପିଲାମାନେ ଏବେ ଅପାର ସମ୍ଭାବନାର ହିମାଳୟ ପର୍ବତର ଶିଖର ଛୁଇଁଛନ୍ତି। ବଲାଙ୍ଗୀରର ୱିଙ୍ଗ୍ କମାଣ୍ଡର ନିଖିଲ ରଥ ମିଶନ 'ଗଗନଯାନ'ର ଅଂଶ ହୋଇଛନ୍ତି। ଓଡ଼ିଆ ବୈଜ୍ଞାନିକ ସୁସ୍ମିତା ମହାନ୍ତିଙ୍କ ନାଁ ଫୋର୍ବ୍ସ ପତ୍ରିକାରେ ସ୍ଥାନ ପାଇଛି। ଓଡ଼ିଆ ତଥା ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଗବେଷଣା କରୁଥିବା ପ୍ରତୀକ ପଟ୍ଟନାୟକ ହୁଅନ୍ତୁ କି ଉଦ୍ୟୋଗୀ ମିନୁଶ୍ରୀ ମଧୁସ୍ମିତା କିମ୍ବା ୱିକିପିଡିଆରେ ସମ୍ପାଦନା କରୁଥିବା ସଂଗ୍ରାମ ସେନାପତି ହୁଅନ୍ତୁ ସମସ୍ତେ ନିଜ ବଳରେ ଆଗକୁ ବଢ଼ିଛନ୍ତି । ଯାଜପୁର ଜିଲା କୋରେଇ ଅଞ୍ଚଳର ଦେବବ୍ରତ, ସ୍ମୃତିରଞ୍ଜନ, ରଶ୍ମିରଞ୍ଜନ, ଶୁଭକାନ୍ତ ଓ ଜ୍ଞାନରଞ୍ଜନ କରୋନା ସମୟରେ ଲୋକମାନେ କୋଭିଡ୍ ପରୀକ୍ଷା କରୁ ନ ଥିବା ବେଳେ ଏହାର ସମାଧାନ ଚିନ୍ତା କରି ସେମାନେ ଏକ ଭିଡିଓ ତିଆରି କରି ସମାଜରେ ସଚେତନତା ସୃଷ୍ଟି କରିଥିଲେ ।

୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ । ଆଗାମୀ ୨୦୩୬ ଓ ୨୦୪୭ ପାଇଁ ଗାଁରୁ ରାଜ୍ୟ ପର୍ଯ୍ୟନ୍ତ ମୋର ଦାୟିତ୍ୱ କ'ଣ, ତା' ଉପରେ ବିଚାର କରି ଯୁବବର୍ଗମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଚିତ୍ରାଙ୍କନ, କବିତା ଲେଖନୀ, ବକ୍ତୃତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ମୋବାଇଲ ଫଟୋଗ୍ରାଫି ଭଳି ନୂଆ ପ୍ରତିଯୋଗିତା ଯୋଡ଼ାଯାଇଥିବାରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ଖୁସିବ୍ୟକ୍ତ କରିଥିଲେ।



# ରାଜସ୍ଥାନରେ ୭୦% ମତଦାନ

ଜୟପୁର,୨୫।୧୧(ପି.ଟି.)

ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ ଶନିବାର ମତଦାନ ଶେଷ ହୋଇଛି। କାଁଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ଭୋଟଗ୍ରହଣ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା। ୭୦.୧୫ ପ୍ରତିଶତ ଭୋଟିଂ ହୋଇଥିବା ଜଣାପଡ଼ିଛି। ୧୯୯ ଆସନ ଲାଗି ୫୧,୦୦୦ରୁ ଊର୍ଦ୍ଧ୍ୱ ବୁଥ୍‌ରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଏପରିକି ଭୋଟକେନ୍ଦ୍ର ମଧ୍ୟରେ ଲାଇନ୍‌ରେ ଥିବା ଲୋକମାନଙ୍କୁ ୬ଟା ପରେ ମଧ୍ୟ ମତଦାନ ପାଇଁ ଅନୁମତି ଦିଆଯାଇଥିଲା। ୨୦୧୮ରେ ୭୪ ପ୍ରତିଶତରୁ ଅଧିକ ମତଦାନ ହୋଇଥିବାବେଳେ ଏଥର ମଧ୍ୟ ଅନୁରୂପ ଭୋଟିଂ ହୋଇଥିବା ଆଶା କରାଯାଉଛି। ସବୁ ଅଞ୍ଚଳରୁ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ମତଦାନ ହାର ସ୍ପଷ୍ଟ ହେବ। ଡିସେମ୍ବର ୩ରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ସୂଚନାଯୋଗ୍ୟ, ଶ୍ରୀଗଙ୍ଗାନଗରର କରନପୁର ଆସନରେ କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ସେଠାରେ ନିର୍ବାଚନ ବନ୍ଦ ରହିଛି। ୧୯୯ ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତାରେ ୧,୮୬୨ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବାବେଳେ ୫.୨୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସାରା ରାଜ୍ୟରେ ୧.୭୦ ଲକ୍ଷ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଏହା ସତ୍ତ୍ୱେ ଡିଗ ଜିଲାର କମାନ ଅନ୍ତର୍ଗତ ଏକ ଗ୍ରାମରେ ଟେକାମାଡ଼ ଯୋଗୁ ଜଣେ ପୋଲିସ କର୍ମଚାରୀଙ୍କ ସହ ୨ ଜଣ ଆହତ ହୋଇଛନ୍ତି। ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ୧୨ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲା। ସେହିପରି ସିକରର ଫତେପୁର ଅଞ୍ଚଳରେ ଭୋଟକେନ୍ଦ୍ର ବାହାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଜଣେ ଯବାନ ଆହତ ହୋଇଛନ୍ତି। ପୋଲିସ ୫-୭ ଜଣଙ୍କୁ ଅଟକ ରଖିଥିବା ଫତେପୁର ଡିଏସ୍‌ପି କହିଛନ୍ତି। ଢୋଲପୁର ଜିଲାର ବେରି ଆସନ ଅନ୍ତର୍ଗତ ଏକ ବୁଥ୍ ବାହାରେ ଗଣ୍ଡଗୋଳ ବେଳେ ଦୁଇଟି ଗାଡ଼ି ଭାଙ୍ଗିଯାଇଛି। ଟୋଙ୍କ ଜିଲାର ଉନିଆରାରେ ୪୦/୫୦ ଲୋକ ଏକ ବୁଥ୍‌ରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ସୁରକ୍ଷା ବଳର ହସ୍ତକ୍ଷେପ ଯୋଗୁ ସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା।

# ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ରାଜ୍ୟ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି : ଭାଜପା

ଭୁବନେଶ୍ୱର,୨୫।୧୧(ଅନିଲ ଦାସ)

ଓଡ଼ିଆ 'ଫିଲ୍ମ ଇଣ୍ଡଷ୍ଟ୍ରି' ଉପରେ ୨୦ହଜାର ପରିବାର ନିର୍ଭର କରୁଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରିନାହାନ୍ତି। ଏପରି କି ସେମାନଙ୍କ ଓଡ଼ିଆ ଫିଲ୍ମର ପ୍ରଚାର ପ୍ରସାର ଲାଗି କୌଣସି ବ୍ୟବସ୍ଥା ହେଉ ନାହିଁ । ଅପରପକ୍ଷେ ରାଜ୍ୟ ସରକାର ଓଡ଼ିଆ ଫିଲ୍ମ କଳାକାରଙ୍କୁ ଗୁରୁତ୍ୱ ନ ଦେଇ ବଲିଉଡ୍ କଳାକାରଙ୍କୁ କୋଟି କୋଟି ଟଙ୍କାଦେଇ ଓଡ଼ିଶାକୁ ଆଣୁଛନ୍ତି। କିନ୍ତୁ ନିଜର କଳାକାର ଓ ଫିଲ୍ମ ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି ବୋଲି ବିଧାୟକ ମୋହନ ମାଝୀ କହିଛନ୍ତି। ରାଜ୍ୟର ସମସ୍ତ ବ୍ଲକରେ ପ୍ରେକ୍ଷାଳୟ ନିର୍ମାଣ ଲାଗି ପ୍ରତିଶ୍ରୁତି ଦିଆଯାଇଥିଲେ ବି ଅଦ୍ୟାବଧି ଚଳଚ୍ଚିତ୍ର ଶିଳ୍ପକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ରାଜ୍ୟର ଏକମାତ୍ର କଳିଙ୍ଗ ଷ୍ଟୁଡିଓକୁ ଲିଜ୍‌ସୂତ୍ରରେ ଅନ୍ୟ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଇଛି। ଚଳଚ୍ଚିତ୍ର ଓ ପ୍ରେକ୍ଷାଳୟ ନିର୍ମାଣ ତଥା ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ ଉଦ୍ଦିଷ୍ଟ 'ଚଳଚ୍ଚିତ୍ର ବିକାଶ ନିଗମ'ର କେବଳ ଶାସକ ଦଳ ନେତାଙ୍କ ଥଇଥାନ କେନ୍ଦ୍ର ପାଲଟିଛି। ବର୍ତ୍ତମାନ ସୁଦ୍ଧା କଳାକାର କଲ୍ୟାଣ ବୋର୍ଡ କାହିଁକି ଗଠନ କରାଯାଇ ନାହିଁ ବୋଲି ମୋହନ ପ୍ରଶ୍ନ କରିଛନ୍ତି। ଲୋୟର ପିଏମ୍‌ଜିଠାରେ ଧାରଣା ଦେଇଥିବା ସିନେ କଳାକାର, ଚଳଚ୍ଚିତ୍ର ନିର୍ମାଣ ସହ ସମ୍ପୃକ୍ତ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ଭାଜପାର ଏକ ପ୍ରତିନିଧି ଦଳ ଭେଟିଥିଲେ। ଏଥିରେ ରାଜ୍ୟ ଉପସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କେ.ନାରାୟଣ ରାଓ, ସୁକାନ୍ତ ନାୟକ, ସୂର୍ଯ୍ୟବଂଶୀ ସୁରଜ, ନବ କିଶୋର ମାଝୀ, ବୁଡାନ ମୁର୍ମୁ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ପିଙ୍କି ପ୍ରଧାନ, ସୁଜିତ ଦାସ ପ୍ରମୁଖ ସାମିଲ ଥିଲେ।

# କ୍ଷମତାକୁ ଆସିଲେ ରାଜ୍ୟରେ ଜାତିଭିତ୍ତିକ ଜନଗଣନା : କଂଗ୍ରେସ

ଭୁବନେଶ୍ୱର,୨୫।୧୧(ଅନିଲ ଦାସ)

୨୦୨୪ରେ କଂଗ୍ରେସ ସରକାର ଗଢ଼ିଲେ ଓଡ଼ିଶାରେ ନିଶ୍ଚିତ ଜାତିଭିତ୍ତିକ ଜନଗଣନା କରାଯିବ। ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟାଳୟରେ ଆୟୋଜିତ ସାଙ୍ଗଠନିକ ସଭାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏହା କହିଛନ୍ତି। କଂଗ୍ରେସ ଦଳ ଓବିସି ବର୍ଗର ନ୍ୟାଯ୍ୟ ଅଧିକାର ପାଇଁ ସଂଗ୍ରାମ କରିବାକୁ ସଙ୍କଳ୍ପବଦ୍ଧ। ୨୦୦୫ରେ ଉପା ସରକାର ଅମଳରେ ୯୩ତମ ସମ୍ବିଧାନ ସଂଶୋଧନ କରାଯାଇ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗରେ ନାମଲେଖା ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଓଡ଼ିଶା ସରକାର ଶିକ୍ଷା କ୍ଷେତ୍ରରେ ନାମ ଲେଖାପାଇଁ ଓବିସି ବର୍ଗଙ୍କୁ ସଂପୂର୍ଣ୍ଣ ଭାବେ ଉପେକ୍ଷା କରିଛନ୍ତି। ରାଜ୍ୟରେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଓବିସି ବର୍ଗର ଜନସାଧାରଣ ଥିବାବେଳେ ଚାକିରି କ୍ଷେତ୍ରରେ ରାଜ୍ୟ ସରକାର ଏଥିପାଇଁ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଏହି ବର୍ଗ ପାଇଁ ଉପହାସ ବୋଲି ଶରତ କହିଛନ୍ତି । ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆବର୍ଗ(ଓବିସି) ବିଭାଗର ନବନିଯୁକ୍ତ ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଚାଉଳିଆ କହିଛନ୍ତି, ଓବିସିଙ୍କ ପ୍ରତି କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର କରୁଥିବା ଅବିଚାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇବାକୁ ହେବ। ରାଜ୍ୟ ସରକାର ଓବିସି କମିଶନର ରିପୋର୍ଟକୁ ସାର୍ବଜନୀନ କରନ୍ତୁ ବୋଲି ସେ କହିଛନ୍ତି। ଏଥିରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଗଣେଶ୍ୱର ବେହେରା, ପଞ୍ଚାନନ କାନୁନ୍‌ଗୋ, ସୁରେଶ କୁମାର ରାଉତରାୟ, ମାନସ ଚୌଧୁରୀ, ସସ୍ମିତା ବେହେରା ପ୍ରମୁଖ ଓବିସି ବର୍ଗର ନ୍ୟାଯ୍ୟ ଦାବି, ସରକାରୀ ଉଦାସୀନତା ଓ ଦଳୀୟ ସଂଗଠନର ଦୃଢ଼ତା ଉପରେ ଆଲୋକପାତ କରିଥିଲେ। ଶେଷରେ ବିଧୁଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।













# Classified Everyday
**0674-2580101, 2549949**



**MATRIMONIAL**

**BRIDE WANTED**

Karan boy 45, Class-1 officer PM- 2.5 Lakh. 'SUHAG' 9938199964, 9090486408. D- 1849

Highly educated, Beautiful, fair with good permanent Govt./ Private Job, humble Christ-believer bride is required for a Bhubaneswar settled, highly qualified permanent job software engineer, handsome, fair ht. 5'11'' 30, parent well established in BBSR. Contact: 9437281290, 7077549777. D-1473

**GROOM WANTED**

42 ବର୍ଷ, Central water housing commission ଅଛନ୍ତି। 60,000/-, Divorcee ଝିଅପାଇଁ ଚାକିରିଆ କିମ୍ବା ବ୍ୟବସାୟିକ ବରପାତ୍ର ଆବଶ୍ୟକ। 8455853154. D-1848

ବୟସ 35 RI ଚାକିରି Divorce ଏକୁଟିଆ ରହୁଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75308

28 ବୟସ, ଅବିବାହିତା ଖଣ୍ଡାୟତ Govt. ଚାକିରି କରୁଥିବା କନ୍ୟାଙ୍କ ପାଇଁ Married / Unmarried Divorce ବରପାତ୍ର ଆବଶ୍ୟକ। 9040185433. D-1879

Searching Kaibarta Groom for very fair Kaibarta Bride. Contact Brother (IAS Faculty in Delhi), Mob-9990161440. D-1876



**REAL ESTATE**

**SALE**

Residential cum commercial plot 3250sft. 6KM from Phulnakhara, 11KM from BBSR, gharabari with compound wall. 7809525452. D-75064

Duplex sale and plot sale near AIIMS Hospital Bhubaneswar. 9777433701. D-75273

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75270

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

**Land for sale at Balasore. Plot 340, Khata 198, Village Sahupada, Sardarpal, Sanamalaka, 82 Decimals near Balasore Baripada National- Highway Five and Residential Plot 655, Khata 353 near Harihat Village Sindhia, Balasore Town, 19 Decimals. Please contact - 7656861995, 8984692488.** D-71695

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-1735

2634sqft. stitibangharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରିହେବ – **9437205314, 9937513595.** D-75265

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



700sqft. (First Floor) for rent at Ruchika Market, Baramunda, Bhubaneswar (Only Office Purposes), Contact: 9556030485, 8249064183. D-75501



**Relax, Refresh your body, Mind at Saikrupa Spa with best therapies. 8984068077.** D-1873

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

Newly healthcare benefited SPA experience therapist in Bhubaneswar. Contact: 9938843929. D-75170

**Email** ମାଧ୍ୟମରେ କ୍ଲାସିଫାଏଡରୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**AFFIDAVIT**

I, Sujata Mohapatra, W/o Arun Kumar Mahapatra, resident of Jaunliapati, Choudhury Bazar, PO- Telenga Bazar, Dist.- Cuttack, Odisha declare by this affidavit No- 11543 Dt 24.11.2023 before the Executive Magistrate, Sadar Cuttack, that now onwards I shall be known as Sujata Mohapatra for all future purposes. D-1880

By an affidavit before the Notary Koraput, I Racheal Raykumari Thomas, D/o Mr. Malaimopathil John Thomas, resident of Hatpoda, Mathalput, Damonjodi, Koraput District State that I am Known and Called as Racheal Raykumari Thomas and Raykumari Thomas. That I do declare that Racheal Raykumari Thomas and Raykumari Thomas is one and same person and refer to my self only. D-1878

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ନିଶାକର ଦାସ**

ଇନ୍ଦରପା, ମଣିଜଙ୍ଗା, ଜଗତ୍‌ସିଂହପୁର

ତୁମର ଆବର୍ତ୍ତମାନରେ ପ୍ରତି ମୁହୂର୍ତ୍ତରେ ଆଶୀର୍ବାଦ ସବୁ ବେଳେ ଆମ ଉପରେ ରହିଥାଉ। ଆପଣଙ୍କ ଆତ୍ମା ଅମରତ୍ୱ ପ୍ରାପ୍ତ ହେଉ। ମା' ଶାରଳାଙ୍କ ନିକଟରେ ଏତିକି ପ୍ରାର୍ଥନା ।

**ଶୋକସନ୍ତପ୍ତ: ହତଭାଗ୍ୟ- ପୁଅ: ଦେବାଶିଷ, ବୋହୂ: ଅରୁପମା, ଝିଅ: ସେଲୀ, ଝିଲି, ଜୁଲି, ଜ୍ୱାଇଁ: ଡଃ ସୁରେନ୍ଦ୍ର ନାଥ ମହାପାତ୍ର, ନାତି/ନାତୁଣୀ: ସୁପ୍ରିୟା ଶୁଭମ୍, ସୋନାଲି, ସୋମୁ, ଅଙ୍କୁଲ୍, ଆୟୁଷ, ଆରୋଭି, ରୁଦ୍ର, ବନ୍ଧୁ ଓ ପରିବାରବର୍ଗ ।**

ଧ-୧୮୮୨

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ମୁସଲମାନ ନ ଥିବା ଗାଁରେ ପୀରବାବାଙ୍କ ପୀଠ

ବାଲେଶ୍ୱର-ଭଦ୍ରକ ଜିଲା ସୀମାନ୍ତବର୍ତ୍ତୀ ବରଦା ଗ୍ରାମର ସାଳନ୍ଦୀ ନଦୀକୂଳରେ ଶୋଭାବର୍ଦ୍ଧନ କରୁଛି ୩ଶହ ବର୍ଷର ମନସୁର ବାବାଙ୍କ ସମାଧିପୀଠ ବା ମଜାର। ଖଇରା ସଦର ମହକୁମାରୁ ଦୂରତା ୨୦କି.ମି. ହୋଇଥିବା ବେଳେ ଭଦ୍ରକ ସହରରୁ ଦୂରତା ପାଖାପାଖି ୧୩କି.ମି.। ଏହି ପୀଠକୁ ଲୋକେ ପୀରବାବାଙ୍କ ପୀଠ ଭାବେ ସମ୍ବୋଧନ କରିଥାନ୍ତି। ଏହି ଗ୍ରାମରେ ଜଣେ ହେଲେ ମୁସଲିମ ପରିବାର ନ ଥାଇ ମଧ୍ୟ ଜଣେ ସନ୍ଥଙ୍କ ମଜାର ଶୋଭାପାଉଛି ।।

ଏହି ଗ୍ରାମରେ ଆରାଧ୍ୟା ଦେବୀ ଭାବେ ବହୁ ପ୍ରାଚୀନ ବରଦାୟିନୀ ମା' ଭଗବତୀଙ୍କ ପୀଠ ରହିଛି। ଏଣୁ ଉଭୟ ସମ୍ପ୍ରଦାୟଙ୍କ ସଂସ୍କୃତି ଓ ପରମ୍ପରା ବହନ କରୁଥିବା ଏହି ୨ ପୀଠ ପାଇଁ ବରଦାକୁ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିବାକୁ ଉଭୟ ସମ୍ପ୍ରଦାୟର ବ୍ୟକ୍ତିମାନେ ଦାବି କରିଛନ୍ତି । ମଜାର ସ୍ଥାପନା ପଛରେ ଥିବା ପ୍ରବାଦ ଅନୁଯାୟୀ ଅନ୍ୟୂନ ୩ଶହ ବର୍ଷ ତଳେ ଜଣେ ସାଧୁ ବା ଫକୀର ଏହି ରାସ୍ତା ଦେଇଯାଉଥିବା ବେଳେ ଯୋଗକୁ ସାଳନ୍ଦୀ ନଦୀ ତୀରରେ କୋଚିଲା ଗଛରେ ଆଚ୍ଛାଦିତ ଥିବା ଏହି ସ୍ଥାନରେ କିଛି ସମୟ ପାଇଁ ରହିଥିଲେ। ପରେ ସାଧୁ ଜଣକ ନିଜକୁ ଧ୍ୟାନସ୍ଥ କରିଥିଲେ ମଧ୍ୟ ଦେହାନ୍ତ ହୋଇଯାଇଥିଲା। ସାମାଧିସ୍ଥଳରେ ବାବାଙ୍କର ଏକ ଆସ୍ଥାନ ନିର୍ମାଣ କରି ସ୍ଥାନୀୟ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ। ୧୯୭୦ ମସିହା ପର୍ଯ୍ୟନ୍ତ ହିନ୍ଦୁ ପୂଜକମାନେ ପୂଜାର୍ଚ୍ଚନା କରୁଥିଲେ। ଶେଷ ପୂଜକ ଭାବେ ମଧୁସୂଦନ ମହାନ୍ତି ବାବାଙ୍କର ପୂଜା କରୁଥିଲେ। ହେଲେ ବାବା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ବୋଲି ସ୍ୱପ୍ନାଦେଶ ହେବା ପରେ ସେହିଦିନଠାରୁ ମୁସଲିମ ଧର୍ମପୀଠ ଭାବେ ପ୍ରସିଦ୍ଧି ଲାଭ କରିଛି ଏବଂ କାଜିମଦାରମାନଙ୍କ ଦ୍ୱାରା ପୂଜା କରାଯାଇଆସୁଛି। କାଳକ୍ରମେ ଏହା ଭଦ୍ରକ ଚଉଦ ମହଲାର ସରକାରଙ୍କ ବାବାଙ୍କ ତତ୍ତ୍ୱାବଧାନରେ ରହିଛି। ପ୍ରତି ଗୁରୁବାର ଭକ୍ତ ବା ଜାହିରିନମାନେ ଅଧିକ ସଂଖ୍ୟାରେ ନମାଜ ପାଠ ଓ ଚାଦର ଚଢାଇବାକୁ ଆସିଥାନ୍ତି। ଉର୍ସ ପର୍ବରେ ଦେଶବିଦେଶର ବିଭିନ୍ନ କୋଣ ଅନୁକୋଣରୁ ମୌଲାନା ଓ ଶ୍ରଦ୍ଧାଳୁମାନେ ଏଠାକୁ ଯୋଗଦେବାକୁ ଆସିଥାନ୍ତି। କୌଣସି ବ୍ୟକ୍ତିର ଚୋରି କିମ୍ବା ଜିନିଷପତ୍ର ହଜିଗଲେ ସେମାନେ ପୀରବାବାଙ୍କ ପୀଠକୁ ଆସି ଇଟା ବାନ୍ଧି ଦରଖାସ୍ତ କଲେ ଜିନିଷପତ୍ର ମିଳିଯାଇଥାଏ ବୋଲି ବିଶ୍ୱାସ ରହିଛି। ଏହିଭଳି ଭାବେ ବହୁ ଉଦାହରଣ ରହିଛି ବୋଲି ଭଦ୍ରକ ପୁରୁଣା ବଜାରର ଜାକିର ହୁସେନ ସାହା କହିଛନ୍ତି। ୧୯୮୯ରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଉଭୟ ସମ୍ପ୍ରଦାୟ ପକ୍ଷରୁ ଭବିଷ୍ୟତରେ ଅଶାନ୍ତିର ବାତବରଣ ରୋକିବାକୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏଠାକାର ଜମିବାଡି ଉଭୟ ପକ୍ଷଙ୍କ ମଧ୍ୟରେ କ୍ରୟ ବିକ୍ରୟ କରାଯାଇପାରିବ ନାହିଁ। ମିରଜା ମୌସୁମୀ ଏବେ ପୀଠର ଖାଜିମଦାର ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଏହି ପୀଠ ଉଭୟ ସମ୍ପ୍ରଦାୟର ବିଶ୍ୱାସର ପ୍ରତୀକ ବୋଲି କହିଛନ୍ତି ।


ଶ୍ରଦ୍ଧାଳୁମାନେ ପୀରବାବାଙ୍କୁ ଆରଧନା କରୁଛନ୍ତି ।

– ଉତ୍କଳବନ୍ଧୁ ପଣ୍ଡା, ଖଇରା



























# ଜଗା ୟୁନାଇଟେଡ୍ ଚାମ୍ପିୟନ



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

## ଶରଣକୁଳ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

**ଶରଣକୁଳ,୨୫।୧୧(ଦୀପକ କର)**

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ୍ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୬୨ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟରେ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଜଗା ୟୁନାଇଟେଡ ବନାମ ଭୁବନେଶ୍ୱର ଏ.ଜି. ରିକ୍ରିଏଶନ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗା ୟୁନାଇଟେଡ ୫-୩ ଗୋଲରେ ବିଜୟ ଲାଭ କରିଥିଲା।

ଖେଳର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ଥିଲା। ଜଗା ୟୁନାଇଟେଡ୍‌ର ସଲା ଡିପ୍ ମ୍ୟାଚ୍‌ର ୨୩, ୩୧, ୩୩ ତମ ମିନିଟ୍‌ରେ ୩ଟି ଗୋଲ ସ୍କୋର କରି ଦଳକୁ ୩-୦ ଗୋଲରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୩୧ମିନିଟ୍‌ରେ ଏ.ଜି. ରିକ୍ରିଏଶନ କ୍ଲବର ଖେଳାଳି ପପୁ ମାଝି, ୩୩ ତମ ମିନିଟରେ ଅର୍ପଣ ଲାକ୍ରା ଓ ଅନ୍ୟତମ ଖେଳାଳି ଡି.ଶ୍ରୀନାଥ ୩ଟି ଗୋଲ ଦେଇ ଖେଳକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। କିନ୍ତୁ ଜଗା ୟୁନାଇଟେଡ୍‌ର ଆୟାନ ମିସ୍ତ୍ରୀ ଏହାପରେ ୨ଟି ସ୍କୋର କରିଥିଲେ। ଶେଷରେ ୫-୩ଗୋଲରେ ଜଗା ୟୁନାଇଟେଡ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା।

ଅନୁଷ୍ଠାନର ସଭାପତି ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର, ମୁଖ୍ୟବକ୍ତା ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ ଓ ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଓ ସଂଯୁକ୍ତା ପଡ଼ିହାରୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜଗା ୟୁନାଇଟେଡ୍‌ର ଖେଳାଳି ଆୟାନ ମିସ୍ତ୍ରୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା ଓ ରନରଅପ୍ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ।

ଶନିବାର ମ୍ୟାଚକୁ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ଜ୍ୟୋତିରଞ୍ଜନ ସ୍ୱାଇଁ, ଶଶିକାନ୍ତ ଦାସିଆ, ପ୍ରସନ୍ନ କୁମାର ନାୟକ ଲାଇନରେ ସହାୟତା କରିଥିଲେ। ଟୁର୍ନାମେଣ୍ଟକୁ ଆସୋସିଏଶନ୍‌ର ଉପସଭାପତି ବିକ୍ରମ କୁମାର ଦାଶ, ବୈକୁଣ୍ଠ ନାଥ ସିଠ ଓ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ଯୋଗେନ୍ଦ୍ର ନାଥ ପ୍ରଧାନ, କୋଷାଧ୍ୟକ୍ଷ ଶିବ ପ୍ରସାଦ ପୁଷ୍ପପାଳକ ପ୍ରମୁଖ ପରିଚାଳନା କରିଥିଲେ।

# ଆଶୀର୍ବାଦଙ୍କ ଶତକରେ ଓଡ଼ିଶା ଦୃଢ଼

**ଭୁବନେଶ୍ୱର,୨୫।୧୧(ସରୋଜ ଜେନା)**

୧୯ ବର୍ଷରୁ କମ୍ ସର୍ବଭାରତୀୟ କୁଚ୍‌ବିହାର ଟ୍ରଫିରେ ଓଡ଼ିଶାର ଆଶୀର୍ବାଦ ସ୍ୱାଇଁଙ୍କ ଦୃଢ଼ ବ୍ୟାଟିଂ। ଆଶୀର୍ବାଦ ଅପରାଜିତ ଶତକ ହାସଲ କରିଥିବା ବେଳେ ବରୋଦା ବିପକ୍ଷ ମ୍ୟାଚ୍‌ରେ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଓଡ଼ିଶା ୭ ଉଇକେଟ ହରାଇ ୨୭୩ ରନ୍ କରିଛି। ଭଦୋଦରାର ମୋତିବାଗ କ୍ରିକେଟ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚରେ ଓଡ଼ିଶା ହାତରେ ୩ ଉଇକେଟ ବାକି ଥାଇ ୩୬ ରନ୍ ପଛରେ ରହିଛି। ଅପରାଜିତ ୧୪୨ ରନ୍‌ର ଇନିଂସ ଖେଳିଥିବା ଆଶୀର୍ବାଦ ୨୩୬ ବଲ୍ ଖେଳି ୧୭ ଚୌକା ଓ ୨ ଛକା ମାରିଛନ୍ତି। ଶ୍ରୀୟାଂଶୁ ପଟ୍ଟନାୟକ ୧୯୮ ବଲ୍ ଖେଳି ୫ ଚୌକା ସହ ୬୮ ରନ୍ କରିଥିଲେ। ବରୋଦା ପକ୍ଷରୁ ଉତ୍ସବରାଜ ଚୁଡାସ୍ମା ଓ ଏଚ୍. ବି. ବୈଭବ ଦୁଇଟି ଲେଖାଏ ଉଇକେଟ ନେଇଛନ୍ତି।

ପ୍ରଥମ ଦିନ ବରୋଦା ୩୦୬/୯ରେ ଇନିଂସ ଘୋଷଣା କରିଥିଲା। ନିତ୍ୟ ଜେ ପାଣ୍ଡ୍ୟା ୧୨୫ ଓ ଉତ୍ସବରାଜ ଚୁଡାସ୍ମା ୧୦୮ ରନ୍ ସ୍କୋର କରିଥିଲେ। ଓଡ଼ିଶା ପକ୍ଷରୁ ସମ୍ବିତ ବେଜା ୫ ଉଇକେଟ ନେଇଥିଲେ।















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ